- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

BHUBANESWAR | ◆VOLUME- 44 ◆ISSUE-33 ◆MONDAY ◆27 JULY 2026 ◆PAGE-12 ◆₹ 7.00

◆ବର୍ଷ-୪୪ ◆ସଂଖ୍ୟା-୩୩ ◆ସୋମବାର ◆୨୭ ଜୁଲାଇ ୨୦୨୬ ◆ପୃଷ୍ଠା-୧୨ ◆ଟ.୭.୦୦




## ଗ୍ଲାସ୍‌ଗୋ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ଭାରତର ପଦକ ଅଭିଯାନ

# ମୀରାବାଇ ଆଣିଲେ ପ୍ରଥମ ସ୍ୱର୍ଣ୍ଣ

■ ଗ୍ଲାସଗୋ, ୨୬।୭ (ଏଜେନ୍ସି): ମହାନ ଭାରୋତ୍ତୋଳିକା ମୀରାବାଈ ଚାନୁ ସ୍କଟଲାଣ୍ଡ ରାଜଧାନୀ ଗ୍ଲାସଗୋଠାରେ ଚାଲିଥିବା ରାଜ୍ୟଗୋଷ୍ଠୀ କ୍ରୀଡ଼ାର ୨୩ତମ ସଂସ୍କରଣରେ ଭାରତ ପାଇଁ ପ୍ରଥମ ସ୍ୱର୍ଣ୍ଣିମ ସଫଳତା ଆଣିଛନ୍ତି। ରବିବାର ଅନୁଷ୍ଠିତ ମହିଳା ୪୮ କିଗ୍ରା ଓଜନବର୍ଗରେ ମୀରାବାଈ ଏହି ସଫଳତା ପାଇଛନ୍ତି। ଏଥିରେ ମୀରାବାଈ ମୋଟ୍ ୧୯୦ କିଗ୍ରା ଭାର ଉଠାଇ ପୋଡିୟମର ପ୍ରଥମ ସ୍ଥାନ ଅଧିକାର କରିଥିଲେ। ଯେଉଁଥିରେ ସେ ସ୍ନାଚରେ ରେକର୍ଡ ୮୫ କ୍ରିଗା ଓ କ୍ଲିନ ଆଣ୍ଡ ଜର୍କରେ ୧୦୫ କିଗ୍ରା ଭାର ସଫଳତାର ସହ ଉଠାଇଥିଲେ। ରାଜ୍ୟଗୋଷ୍ଠୀ କ୍ରୀଡ଼ା ଇତିହାସରେ ୩୧ ବର୍ଷୀୟା ମୀରାବାଈଙ୍କ ଏହା ହେଉଛି ହ୍ୟାଟ୍ରିକ ସ୍ୱର୍ଣ୍ଣ ପଦକ ସଫଳତା। ଏଥିପୂର୍ବରୁ ୨୦୧୮ ଗୋଲ୍ଡକୋଷ୍ଟ ଓ ୨୦୨୨ ବର୍ମିଂହାମ ସଂସ୍କରଣରେ ମଧ୍ୟ ସେ ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଥିଲେ। ରାଜ୍ୟଗୋଷ୍ଠୀ କ୍ରୀଡ଼ା ଇତିହାସରେ ମୀରାବାଈ ୩ଟି ସ୍ୱର୍ଣ୍ଣ ଓ ଗୋଟିଏ ରୌପ୍ୟ (୨୦୧୪) ସହ ମୋଟ୍ ୪ଟି ପଦକ ବିଜୟୀ ହୋଇଛନ୍ତି। ମୀରାବାଈଙ୍କ ସ୍ୱର୍ଣ୍ଣିମ ସଫଳତା ସହ ଭାରତ ଚଳିତ ଗ୍ଲାସଗୋ ରାଜ୍ୟଗୋଷ୍ଠୀ କ୍ରୀଡ଼ାର ପଦକ ତାଲିକାରେ ୭ମ ସ୍ଥାନକୁ ଉଠିଛି। ଯେଉଁଥିରେ ଗୋଟିଏ ଲେଖାଏ ସ୍ୱର୍ଣ୍ଣ, ରୌପ୍ୟ ଓ କାଂସ୍ୟ ପଦକ ସାମିଲ ରହିଛି। ମୀରାବାଈଙ୍କ ପୂର୍ବରୁ ରବିବାର ଅପରାହ୍ନରେ ରିଷିକାନ୍ତ ସିଂ ପୁରୁଷ ୬୦ କିଗ୍ରା ଭାରୋତ୍ତୋଳନରେ ରୌପ୍ୟ ପଦକ ବିଜୟୀ ହୋଇଥିଲେ। ସେହିଭଳି ଶୁକ୍ରବାର ରାତିରେ ପାରା ଶକ୍ତିଉତ୍ତୋଳକ ଝାଣ୍ଟୁ କୁମାର କାଂସ୍ୟ ପଦକ ସଫଳତା ଆଣିଥିଲେ। ଯାହାକି ଭାରତ ପାଇଁ ପ୍ରଥମ ପଦକ ଥିଲା।

# ଅଧରପଣା ପାଇ ତୃପ୍ତ ହେଲେ ଅଶରୀରୀ



## ଆଜି ଚତୁର୍ଦ୍ଧାମୂର୍ତ୍ତିଙ୍କ ନୀଳାଦ୍ରି ବିଜେ

■ ପୁରୀ, ୨୬।୭ (ସମିସ): ଅନ୍ତିମ ପର୍ଯ୍ୟାୟରେ ଶ୍ରୀଗୁଣ୍ଡିଚା ଯାତ୍ରା। ରତ୍ନସିଂହାସନକୁ ଯିବା ପାଇଁ ପ୍ରସ୍ତୁତ ହେଲେଣି ଦାରୁବିଗ୍ରହ। ସୋମବାର ନୀଳକନ୍ଦରକୁ ବିଜେ କରିବେ ମହାପ୍ରଭୁ। ଏହାର ଅବ୍ୟବହିତ ପୂର୍ବରୁ ରବିବାର ସିଂହଦ୍ୱାର ସମ୍ମୁଖ ତିନିରଥ ଉପରେ ସମ୍ପନ୍ନ ହୋଇଛି ଅଧରପଣା ନୀତି। ରଥାରୂଢ଼ ଠାକୁରଙ୍କ ସମ୍ମୁଖରେ ଭଙ୍ଗାଯାଇଛି ୯ଟି ଅଧରପଣା ହାଣ୍ଡି। ମହାପ୍ରଭୁଙ୍କ ଏହି ଅନନ୍ୟ ନୀତି ଦେଖିବା ପାଇଁ ସିଂହଦ୍ୱାର ସମ୍ମୁଖରେ ଜମିଥିଲା ଭକ୍ତଙ୍କ ଭିଡ଼। ତେବେ ରାତି ୮ଟା ମଧ୍ୟରେ ଏହି ନୀତି ସରିବାକୁ ସମୟ ନିର୍ଘଣ୍ଟ ହୋଇଥିଲା। କିନ୍ତୁ ୧ ଘଣ୍ଟା ୪୨ ବିଳମ୍ବରେ ଶେଷ ହୋଇଥିଲା ଅଧରପଣା ନୀତି। ରାତି ୯ଟା ୪୨ରେ ନନ୍ଦିଘୋଷ ରଥରେ ଶେଷ ଅଧରହାଣ୍ଡି ଭାଙ୍ଗିଥିଲା। ରବିବାର ଆଷାଢ଼ ଶୁକ୍ଳ ଦ୍ୱାଦଶୀ ▶ପୃଷ୍ଠା-୭



## ଇଣ୍ଡିଆନ୍ ଆଇଡଲ୍ ସିଜନ ୧୬


# ଚମକିଲେ ଜ୍ୟୋତିର୍ମୟୀ

■ ମୁମ୍ବାଇ, ୨୬।୭ (ଏଜେନ୍ସି): ପୁଣି ଜାତୀୟ ସ୍ତରରେ ଚମକିଲେ ଓଡ଼ିଆ ଝିଅ। ଦେଶର ଲୋକପ୍ରିୟ ସଙ୍ଗୀତଭିତ୍ତିକ ରିଅଲିଟି ଶୋ 'ଇଣ୍ଡିଆନ୍ ଆଇଡଲ୍ ସିଜନ ୧୬'ର ଗ୍ରାଣ୍ଡ ଫିନାଲେରେ ଓଡ଼ିଶାର ପ୍ରତିଭାବାନ ଗାୟିକା ଜ୍ୟୋତିର୍ମୟୀ ନାୟକ ବିଜୟୀ ହୋଇ ରାଜ୍ୟ ପାଇଁ ଗୌରବ ଆଣିଛନ୍ତି। ଦୀର୍ଘ ୧୦ ମାସର ସଙ୍ଗୀତ ଯାତ୍ରା ପରେ ଆୟୋଜିତ ଭବ୍ୟ ଫିନାଲେରେ ଦେଶର ବିଭିନ୍ନ ରାଜ୍ୟର ୫ଜଣ ପ୍ରତିଭାଶାଳୀ ପ୍ରତିଯୋଗୀଙ୍କୁ ପଛରେ ପକାଇ ଜ୍ୟୋତିର୍ମୟୀ ଓଡ଼ିଶାରୁ ପ୍ରଥମ ଇଣ୍ଡିଆନ୍ ଆଇଡଲ୍ ଟ୍ରଫି ବିଜୟିନୀ ହୋଇଛନ୍ତି। ଜ୍ୟୋତିର୍ମୟୀ ବାଲେଶ୍ୱର ଜିଲ୍ଲା ନୀଳଗିରି ବ୍ଲକ୍ ଜଡ଼ିଦା ପଞ୍ଚାୟତର ବାଉଁଶନାଳ ଗ୍ରାମର ଝିଅ। ଜ୍ୟୋତିର୍ମୟୀଙ୍କ ବିଜୟ ଓଡ଼ିଶାର ▶ପୃଷ୍ଠା-୭

## କେନ୍ଦ୍ର ସରକାରଙ୍କ ପରୀକ୍ଷା ସଂସ୍କାର

# ଗଠନ ହେଲା ଟାସ୍କଫୋର୍ସ

## ନେତୃତ୍ୱ ନେବେ ନନ୍ଦନ ନିଲେକାନି



### ପେପର ଲିକ୍ ବିରୋଧରେ କଠୋର ଆଇନ

### ୧୦ ବର୍ଷ ଜେଲ୍ ଓ ୧୦ କୋଟି ପର୍ଯ୍ୟନ୍ତ ଜରିମାନା

### ଆଜି ଲୋକସଭାରେ ଆସିବ ସଂଶୋଧନ ବିଲ୍

■ ନୂଆଦିଲ୍ଲୀ, ୨୬।୭ (ଏଜେନ୍ସି): ନିଟ୍ ପରୀକ୍ଷା ବିଭ୍ରାଟ ପରିପ୍ରେକ୍ଷୀରେ କକ୍ରୋଚ୍ ଜନତା ପାର୍ଟିର ଆନ୍ଦୋଳନ ପରେ କେନ୍ଦ୍ର ସରକାରଙ୍କ ଚେତା ପଶିଛି। ଆନ୍ଦୋଳନକାରୀଙ୍କ ଦାବି ଆଗରେ ମୁଣ୍ଡ ନୁଆଁଇ କେନ୍ଦ୍ର ଶିକ୍ଷା ମନ୍ତ୍ରୀଙ୍କ ଇସ୍ତଫା ସହିତ ଅନେକ କାର୍ଯ୍ୟାନୁଷ୍ଠାନ ପରେ ପରୀକ୍ଷା ବ୍ୟବସ୍ଥାରେ ସଂସ୍କାର ପାଇଁ କେନ୍ଦ୍ର ସରକାର ଆଜି ଏକ ଟାସ୍କ ଫୋର୍ସ ଗଠନ କରିଛନ୍ତି। ଏହାସହିତ ପ୍ରଶ୍ନପତ୍ର ଲିକ୍ ବିରୋଧରେ କଠୋର ଆଇନ ପାଇଁ ଆସନ୍ତାକାଲି ଲୋକସଭାରେ ଏକ ସଂଶୋଧନ ବିଲ ଆଗତ କରିବାକୁ ମଧ୍ୟ ଘୋଷଣା କରିଛନ୍ତି। ପ୍ରଶ୍ନପତ୍ର ଲିକ୍‌ରେ ଦୋଷୀଙ୍କୁ ୧୦ ବର୍ଷ ଜେଲ୍ ଏବଂ ୧୦ କୋଟି ଟଙ୍କା ପର୍ଯ୍ୟନ୍ତ ଜୋରିମାନା ଲାଗି ଏହି ବିଲରେ ବ୍ୟବସ୍ଥା ରହିଛି।

ପରୀକ୍ଷା ପରିଚାଳନା ପଦ୍ଧତିକୁ ଅଧିକ ସ୍ୱଚ୍ଛ, ବିଶ୍ୱସନୀୟ ଏବଂ ପ୍ରଯୁକ୍ତିବିଦ୍ୟା-ଭିତ୍ତିକ କରିବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ଯେଉଁ ଉଚ୍ଚସ୍ତରୀୟ ଟାସ୍କ ଫୋର୍ସ ଗଠନ କରିଛନ୍ତି, ତାହାର ନେତୃତ୍ୱ ନେବେ ଇନଫୋସିସ୍‌ର ସହ-ପ୍ରତିଷ୍ଠାତା ନନ୍ଦନ ନିଲେକାନି। ▶ପୃଷ୍ଠା-୭

## ଛାତ୍ରଛାତ୍ରୀଙ୍କ ଉପରେ ପୁଲିସ ବର୍ବରତା

# ସରକାରଙ୍କୁ ଘେରିବାକୁ ବିରୋଧୀଙ୍କ ପ୍ରସ୍ତୁତି

■ ନୂଆଦିଲ୍ଲୀ, ୨୬।୭ (ଏଜେନ୍ସି): ନିଟ୍ ପ୍ରଶ୍ନପତ୍ର ଲିକ୍ ବିରୋଧରେ ଆନ୍ଦୋଳନ କରୁଥିବା ଛାତ୍ରଛାତ୍ରୀଙ୍କ ଉପରେ ଦିଲ୍ଲୀ ପୁଲିସର ଅମାନୁଷିକ କାର୍ଯ୍ୟାନୁଷ୍ଠାନକୁ ନେଇ ସାରା ଦେଶରେ ଆକ୍ରୋଶ ବୃଦ୍ଧି ପାଇଛି। କଂଗ୍ରେସ ନେତୃତ୍ୱାଧୀନ ବିରୋଧୀ ଦଳଗୁଡ଼ିକ ଏହି ଘଟଣାରେ ପ୍ରଧାନମନ୍ତ୍ରୀଙ୍କ କ୍ଷମା ପ୍ରାର୍ଥନା ଏବଂ ଦାୟୀ ପୁଲିସ ଅଧିକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି।

ଲୋକସଭାରେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହଙ୍କୁ ଏକ ଚିଠି ଲେଖି ଜୁଲାଇ ୨୦ରେ ଦିଲ୍ଲୀରେ ହୋଇଥିବା ପୁଲିସର "ବର୍ବର ଆକ୍ରମଣ' ପାଇଁ ଜବାବ ମାଗିଛନ୍ତି। ଶାନ୍ତିପୂର୍ଣ୍ଣ ଭାବେ ଆନ୍ଦୋଳନ କରୁଥିବା ଛାତ୍ରଛାତ୍ରୀଙ୍କ ବିରୋଧରେ ପେଲେଟ୍ ଗନ୍ ଭଳି ମାରାତ୍ମକ ଅସ୍ତ୍ର ବ୍ୟବହାର ପାଇଁ ଗୃହମନ୍ତ୍ରୀ ଅନୁମତି ଦେଇଥିଲେ କି ବୋଲି ପ୍ରଶ୍ନ କରିଛନ୍ତି। ରାହୁଲ ଗାନ୍ଧୀ ସାହିଲ ଲୋଚାବ ନାମକ ଜଣେ ୧୯ ବର୍ଷୀୟ ଛାତ୍ରଙ୍କୁ ଗଣମାଧ୍ୟମ ସମ୍ମୁଖରେ ଉପସ୍ଥାପନ କରି ପେଲେଟ୍ ଗନ୍ ମାଡ଼ରେ ତାଙ୍କର ଗୋଟିଏ ଆଖିର ଦୃଷ୍ଟିଶକ୍ତି ନଷ୍ଟ ହେବାକୁ ଥିବା ବିଷୟରେ କହିଛନ୍ତି। ଛାତ୍ରଛାତ୍ରୀଙ୍କ ଉପରେ ପୁଲିସର ବର୍ବରତା ନେଇ ରାହୁଲଙ୍କ ନେତୃତ୍ୱରେ କଂଗ୍ରେସ ଲୋକସଭାରେ ସରକାରଙ୍କୁ ଘେରିବାକୁ ଯୋଜନା କରିଥିବା ସୂଚନା ମିଳିଛି। କଂଗ୍ରେସ ସଭାପତି ମଲ୍ଲିକାର୍ଜୁନ ଖାଡଗେ କହିଛନ୍ତି ଯେ, ଏବେ ପ୍ରଧାନମନ୍ତ୍ରୀଙ୍କ କ୍ଷମା ମାଗିବା ପାଳି ଏବଂ ଛାତ୍ରଛାତ୍ରୀଙ୍କ ଉପରେ ଲାଠିଚାର୍ଜ ତଥା ପେଲେଟ୍ ଗନ୍ ବ୍ୟବହାର କରିଥିବା ବ୍ୟକ୍ତିଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ▶ପୃଷ୍ଠା-୭

## ଅବପାତ ଘନୀଭୂତ

# ଆହୁରି ୪୮ ଘଣ୍ଟା ବର୍ଷା

■ ଭୁବନେଶ୍ୱର, ୨୬।୭ (ସମିସ): ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ ଘନୀଭୂତ ହୋଇ ଅବପାତର ରୂପନେଇଛି। ଏହା ପ୍ରଭାବରେ ରାଜ୍ୟର ଅଧିକାଂଶ ସ୍ଥାନରେ ବର୍ଷା ଲାଗି ରହିଛି। ବିଶେଷ କରି ଉତ୍ତର ଓଡ଼ିଶାରେ ବର୍ଷାର ପ୍ରଭାବ ସବୁଠୁ ଅଧିକ ରହିଥିବା ବେଳେ

## ଆଜି ୩ ଜିଲ୍ଲାରେ ସ୍କୁଲ ଛୁଟି

ଆହୁରି ଦୁଇ ଦିନ ଏହି ସ୍ଥିତି ଜାରି ରହିବ ବୋଲି ପାଣିପାଗ ବିଭାଗ ଆକଳନ କରିଛି। ଏପରିକି କିଛି ଅଞ୍ଚଳରେ ପ୍ରବଳରୁ ଅତି ପ୍ରବଳ ବର୍ଷା ସମ୍ଭାବନା ହେବାର ରହିଛି। ଏହାକୁ ଦୃଷ୍ଟିରେ ରଖି ଜଗତସିଂହପୁର, ମୟୂରଭଞ୍ଜ ଓ କେନ୍ଦ୍ରାପଡ଼ା ଜିଲ୍ଲା ପ୍ରଶାସନ ସମସ୍ତ ସରକାରୀ ଓ ବେସରକାରୀ ସ୍କୁଲକୁ ଛୁଟି ଘୋଷଣା କରିଛନ୍ତି। ▶ପୃଷ୍ଠା-୭

# ବଜ୍ରପାତ ନେଲା ୩ ଚାଷୀଙ୍କ ଜୀବନ

■ କାମାକ୍ଷାନଗର/ରାଜବରହମପୁର, ୨୬।୭ (ସମିସ): ରବିବାର ଅପରାହ୍ନରେ ବଜ୍ରପାତରେ ୩ଜଣଙ୍କ ଜୀବନ ଯାଇଛି। ଢେଙ୍କାନାଳ ଜିଲ୍ଲା କାମାକ୍ଷାନଗର ଥାନା ଅଞ୍ଚଳର ବିଲ କାମ ବେଳେ ବଜ୍ରପାତରେ ବାପ-ପୁଅଙ୍କ ମୃତ୍ୟୁ ଘଟିଥିବା ବେଳେ ବାଲେଶ୍ୱର ଜିଲ୍ଲ ନୀଳଗିରି ବ୍ଲକ୍ ଅଞ୍ଚଳର ଜଣେ ଚାଷୀଙ୍କ ଜୀବନ ଯାଇଛି। କାମାକ୍ଷାନଗର ଥାନା ବାଲିପଡ଼ା ଗ୍ରାମର ସନ୍ତୋଷ ଦେହୁରୀ ଓ ତାଙ୍କ ପୁଅ ସତ୍ୟନାରାୟଣ ରବିବାର ଅପରାହ୍ନରେ ଧାନ ରୋଇବାକୁ ବିଲକୁ ଯାଇଥିବା ବେଳେ ବଜ୍ରପାତ ହୋଇଥିଲା। ଫଳରେ ଉଭୟ ବିଲ ଭିତରେ ଟଳି ପଡ଼ିଥିଲେ। ନିକଟରେ ଥିବା କିଛି ▶ପୃଷ୍ଠା-୭




# ସିଜେପି ପରେ ଇଜେପି

### ୧୦୦% ପେଟ୍ରୋଲ ଚୟନ ବିକଳ୍ପ ଦାବି

### କାର ଉପରେ ଇଥାନଲ୍ ଇନ୍ଧନର ପରୀକ୍ଷା ନିରୀକ୍ଷା ନ ହେଉ

■ ନୂଆଦିଲ୍ଲୀ, ୨୬।୭ (ଏଜେନ୍ସି): ନିଟ୍ ପରୀକ୍ଷା ପତ୍ର ଲିକ୍ ପରେ ଏବେ ଗାଡ଼ିର ଇନ୍ଧନ ଟାଙ୍କିକୁ ନେଇ ଚିନ୍ତିତ ଦେଶର ସାଧାରଣ ଜନତା। ଲୋକଙ୍କ ଏହି ସମସ୍ୟାକୁ ନଜରରେ ରଖି କକ୍ରୋଚ୍ ଜନତା ପାର୍ଟି (ସିଜେପି) ପଦାଙ୍କ ଅନୁସରଣ କରି, ସୋସିଆଲ ମିଡିଆ ପ୍ଲାଟଫର୍ମ ଏକ୍ସ'ରେ 'ଇ-୨୦ ଜନତା ପାର୍ଟି' (ଇଜେପି) ନାମକ ଏକ ନୂତନ ଗ୍ରୁପ ଉଭା ହୋଇଛି। ଏହା ଏବେ ସରକାରଙ୍କ ନିକଟରେ ଇଥାନଲ୍-ମିଶ୍ରିତ ପେଟ୍ରୋଲ ପରିବର୍ତ୍ତେ ୧୦୦% ପେଟ୍ରୋଲ ବାଛିବାର ବିକଳ୍ପ ଦାବି କରୁଛି। ଇ-୨୦ ପେଟ୍ରୋଲକୁ ନେଇ ସାରା ଦେଶରେ ବିବାଦ ମଧ୍ୟରେ ଏହି ନୂଆ ସୋସିଆଲ ମିଡିଆ ଗ୍ରୁପ ସୃଷ୍ଟି ହୋଇଛି। କାରଣ ବର୍ତ୍ତମାନ ଦେଶରେ ଅନେକ ବ୍ୟବହାରକାରୀ ଇ-୨୦ ପେଟ୍ରୋଲ ବ୍ୟବହାର ଦ୍ୱାରା ଗାଡ଼ି ମାଇଲେଜ୍ ସହିତ ଯାନ୍ତ୍ରିକ ତ୍ରୁଟିର ସମ୍ମୁଖୀନ ହେଉଥିବା ଅଭିଯୋଗ କରିଛନ୍ତି।

ଇଜେପିର ଦାବି ହେଉଛି, ଲୋକମାନଙ୍କୁ ସରକାରଙ୍କ ଦ୍ୱାରା ନିର୍ଦ୍ଦେଶିତ ଇ-୨୦ ଇଥାନଲ୍ ମିଶ୍ରଣ ଇନ୍ଧନ ବ୍ୟବହାର ପରିବର୍ତ୍ତେ ୧୦୦% ପେଟ୍ରୋଲ ବାଛିବାର ▶ପୃଷ୍ଠା-୭

# ଚାଉଳ ପୋକମରା ଔଷଧ ଗନ୍ଧରେ ୨ ଶିଶୁ ମୃତ

## ମା' ଅସୁସ୍ଥ

■ ଭାପୁର, ୨୬।୭ (ସମିସ): ଚାଉଳରେ ପୋକ ନ ହେବା ପାଇଁ ପୋକମରା ଔଷଧ ଦିଆଯାଇଥିଲା। ସେହି ଗନ୍ଧରେ ଗୋଟିଏ ପରିବାରର ଦୁଇ ଶିଶୁଙ୍କ ମୃତ୍ୟୁ ହୋଇଥିବା ବେଳେ ମା' ମଧ୍ୟ ଅସୁସ୍ଥ ହୋଇପଡ଼ିଛନ୍ତି। ନୟାଗଡ଼ ଜିଲ୍ଲା ଫତେଗଡ଼ ଥାନା ବାଉଁଶବାଟୀ ପଞ୍ଚାୟତ କଇଁଥପୋଖରୀ ଗ୍ରାମରେ ଶନିବାର ଘଟିଛି ଏହି ଅଘଟଣ। ଗ୍ରାମର ଯଦୁ ସାହୁଙ୍କ ସ୍ତ୍ରୀ ରୁବି ସାହୁ ଚାଉଳ ପୋକ ମାରିବା ପାଇଁ ପୋକମରା ଔଷଧ ଆଣି ଘରେ ରଖିଥିଲେ। ପୋକମରା ଔଷଧକୁ କଣାକରି ଘରେ ରଖିଥିବା ବେଳେ କବାଟ ଝରକା ଦେଇ ଏସି ଲଗାଇ ଦୁଇ ପୁଅ ଝିଅଙ୍କୁ ଧରି ଶୁକ୍ରବାର ରାତିରେ ରୁବି ଶୋଇଯାଇଥିଲେ। ପୋକମରା ଔଷଧ ଗନ୍ଧରେ ରୁବିଙ୍କର ବାନ୍ତି ହେବାପରେ ଦୁଇବର୍ଷର ପୁଅ ▶ପୃଷ୍ଠା-୭

## ୧୦୪୦ ନିୟୁତ ୟୁନିଟ୍ ଉତ୍ପାଦନ ପାଇଁ ୧୦୮୩ ନିୟୁତ ୟୁନିଟ୍ ବିଜୁଳି ଖର୍ଚ୍ଚ

# କାହା ସ୍ୱାର୍ଥରେ ବ୍ୟୟହେବ ୪ ହଜାର କୋଟି ?

### ବିବାଦୀୟ କମ୍ପାନୀ ସହ ଚୁକ୍ତିକୁ ନେଇ ଅଡୁଆରେ ସରକାର

### ବୁଝାମଣାକୁ ନେଇ ପ୍ରଶ୍ନ ଉଠାଇଲେ ଶକ୍ତି ସମୀକ୍ଷକ ଓ ବିରୋଧୀ

■ ଭୁବନେଶ୍ୱର, ୨୬।୭ (ସମିସ): ସ୍ୱଚ୍ଛ ଓ ସବୁଜ ବିଦ୍ୟୁତ ଉତ୍ପାଦନ ପାଇଁ ଶୁକ୍ରବାର ଓଡ଼ିଶା ଜଳ ବିଦ୍ୟୁତ୍ ନିଗମ ଲିମିଟେଡ୍ (ଓଏଚପିସି) ମେଘା ଇଞ୍ଜିନିୟରିଂ ଆଣ୍ଡ ଇନଫ୍ରା ଷ୍ଟ୍ରକଚର ଲିମିଟେଡ୍ (ଏମଇଆଇଏଲ) ସହିତ ଆନୁଷ୍ଠାନିକ ଭାବେ ଏକ ଚୁକ୍ତିନାମା ପତ୍ର (ଲେଟର ଅଫ ଇଣ୍ଟେଣ୍ଟ) ସ୍ୱାକ୍ଷର କରିଛି। ଶକ୍ତି ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ବିଶାଳ ଦେବଙ୍କ ଉପସ୍ଥିତିରେ ଅପର ଇନ୍ଦ୍ରାବତୀ ପମ୍ପଡ୍ ଷ୍ଟୋରେଜ୍ ପ୍ରକଳ୍ପ ନିର୍ମାଣ (ପିଏସପି) କରିବା ପାଇଁ ଉକ୍ତ ଚୁକ୍ତିନାମାଟି ସ୍ୱାକ୍ଷର ହୋଇଛି। ପ୍ରକଳ୍ପଟିକୁ ନିର୍ମାଣ କରିବା ପାଇଁ କେନ୍ଦ୍ରୀୟ ବିଦ୍ୟୁତ ପ୍ରାଧିକରଣ (ସିଇଏ) ୩୧୬୦ କୋଟି ଟଙ୍କା ଅନୁମୋଦନ କରିଛନ୍ତି। ଏହି ଅର୍ଥରେ ଅପର ଇନ୍ଦ୍ରାବତୀ ପିଏସପିରେ ୧୫୦ ମେଗାୱାଟ କ୍ଷମତା ବିଶିଷ୍ଟ ୪ଟି ଜେନେରେଟର ସ୍ଥାପନ ହେବ ବୋଲି କୁହାଯାଇଛି। ମାତ୍ର ସରକାରଙ୍କ ଏହି ଚୁକ୍ତିକୁ ନେଇ ପ୍ରଶ୍ନ ଉଠାଇଛନ୍ତି ରାଜ୍ୟର ଶକ୍ତି ସମୀକ୍ଷକ ଓ ବିରୋଧୀ ରାଜନୈତିକ ଦଳ। ଅନ୍ୟ ରାଜ୍ୟରେ ବିବାଦୀୟ ଓ ଖିଲାପୀ ସଂସ୍ଥା ସହ ବୁଝାମଣା କରିବାକୁ ସରକାର କାହିଁକି ଆଗ୍ରହ ପ୍ରକାଶ କଲେ ବୋଲି ସେମାନେ ପ୍ରଶ୍ନ କରିଛନ୍ତି।

ଅନୁସନ୍ଧାନରୁ ଜଣାପଡ଼ିଛି ଯେ ଓଡ଼ିଶା ବିଦ୍ୟୁତ ନିୟାମକ ଆୟୋଗରେ ଓଏଚପିସି ଦାଖଲ କରିଥିବା ସତ୍ୟପାଠ ଅନୁସାରେ ପ୍ରକଳ୍ପରୁ ବାର୍ଷିକ ୧ ହଜାର ୪୦ ନିୟୁତ ୟୁନିଟ ବିଦ୍ୟୁତ ଉତ୍ପାଦନ ଲକ୍ଷ୍ୟ ଥିବା ବେଳେ ସେଥିପାଇଁ ୧ ହଜାର ୨୮୩ ନିୟୁତ ୟୁନିଟ ବ୍ୟବହାର ହେବ। ଅର୍ଥାତ ପ୍ରକଳ୍ପରୁ ଯେତିକି ବିଦ୍ୟୁତ ଉତ୍ପାଦନ ହେବ ତାହା ଠାରୁ ଅଧିକ ୨୪୩ ନିୟୁତ ୟୁନିଟ ପ୍ରକଳ୍ପରେ ଖର୍ଚ୍ଚ ହେବ। ▶ପୃଷ୍ଠା-୭

## ଅଖିଳେଶଙ୍କୁ ମେଣ୍ଟ ପାଇଁ ପ୍ରସ୍ତାବ ଦେଲେ ଓୱେସୀ

ନୂଆଦିଲ୍ଲୀ,୨୬।୭(ଏଜେନ୍ସି): ଉତ୍ତରପ୍ରଦେଶ ବିଧାନସଭା ନିର୍ବାଚନକୁ ନଜରରେ ରଖି ଏଆଇଏମ୍ଆଇଏମ୍ ମୁଖ୍ୟ ଅସଦୁଦ୍ଦିନ ଓୱେସୀ ସମାଜବାଦୀ ପାର୍ଟି (ଏସ୍‌ପି) ସଭାପତି ଅଖିଳେଶ ଯାଦବଙ୍କୁ ମେଣ୍ଟର ପ୍ରସ୍ତାବ ଦେଇଛନ୍ତି। ମୋରାଦାବାଦର ଏକ ସଭାରେ ଭାଷଣ ଦେଇ ସେ କହିଛନ୍ତି, ବିଜେପିକୁ ପୁଣିଥରେ କ୍ଷମତାକୁ ଆସିବାରୁ ରୋକିବା ପାଇଁ



ସେ ସମାଜବାଦୀ ପାର୍ଟି ସହ ମିଶି କାମ କରିବାକୁ ପ୍ରସ୍ତୁତ। ଓୱେସୀ କହିଛନ୍ତି, 'ମୁଁ ପୂର୍ବରୁ ମଧ୍ୟ କହିଛି ଏବଂ ପୁଣି କହୁଛି, ଉତ୍ତରପ୍ରଦେଶରେ ବିଜେପି ପୁଣି ସରକାର ଗଠନ କରୁ ବୋଲି ଆମେ ଚାହୁଁନାହୁଁ। ମୁଁ ହାତ ମିଳାଇବାକୁ ପ୍ରସ୍ତୁତ, ମେଣ୍ଟ କରିବାକୁ ପ୍ରସ୍ତୁତ। ଏବେ ଆଲୋଚନା କରନ୍ତୁ, କିନ୍ତୁ ନିର୍ବାଚନ ସରିବା ପରେ ଯେପରି କାନ୍ଦିବେ ନାହିଁ।' ବିଜେପି ପକ୍ଷରୁ ଲାଗୁଥିବା 'ବି-ଟିମ୍' ଅଭିଯୋଗକୁ ଖଣ୍ଡନ କରି ସେ କହିଛନ୍ତି, ଏଆଇଏମ୍ଆଇଏମ୍‌ର ସଂଗ୍ରାମ କୌଣସି ଧର୍ମ ବିରୋଧରେ ନୁହେଁ, ବରଂ ସମ୍ମାନ, ଅଧିକାର ଓ ନ୍ୟାୟ ପାଇଁ। ଅଖିଳେଶ ଯାଦବଙ୍କ ସହ ବସି ଅଧିକାର ଓ ନ୍ୟାୟର ପ୍ରସଙ୍ଗରେ ଆଲୋଚନା କରିବାକୁ ସେ ପ୍ରସ୍ତୁତ ବୋଲି ମଧ୍ୟ କହିଛନ୍ତି। ତେବେ ଏଆଇଏମ୍ଆଇଏମ୍ ସହ ମେଣ୍ଟ କରିବା ନେଇ ସମାଜବାଦୀ ପାର୍ଟି କୌଣସି ପ୍ରତିକ୍ରିୟା ଦେଇନାହିଁ। ଉଭୟ ଦଳ ସମାନ ଭୋଟ୍ ବ୍ୟାଙ୍କକୁ ଲକ୍ଷ୍ୟ କରୁଥିବାରୁ ଏହି ପ୍ରସ୍ତାବ ଉପରେ ଏସ୍‌ପି କିପରି ନିଷ୍ପତ୍ତି ନେବ, ତାହା ରାଜନୈତିକ ମହଲରେ ଚର୍ଚ୍ଚାର ବିଷୟ ପାଲଟିଛି।

## ଆଉ ନିର୍ବାଚନ ଲଢ଼ିବେନି ସିଦ୍ଧରମୈୟା

ବେଙ୍ଗାଲୁରୁ,୨୬।୭(ଏଜେନ୍ସି): କର୍ଣ୍ଣାଟକର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବରିଷ୍ଠ କଂଗ୍ରେସ ନେତା ସିଦ୍ଧରମୈୟା ୨୦୨୮ ମସିହାରେ ହେବାକୁ ଥିବା ବିଧାନସଭା ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରିବେ ନାହିଁ ବୋଲି ଘୋଷଣା କରିଛନ୍ତି। ବୟସାଧିକ୍ୟ, ସ୍ୱାସ୍ଥ୍ୟଗତ ସମସ୍ୟା ଏବଂ ରାଜନୀତିରେ ବୃଦ୍ଧି ପାଉଥିବା ଦୁର୍ନୀତିକୁ କାରଣ ଦର୍ଶାଇ ସେ ଏହି ନିଷ୍ପତ୍ତି ନେଇଛନ୍ତି। ସୋସିଆଲ ମିଡିଆ 'ଏକ୍ସ'ରେ ପୋଷ୍ଟ କରି ୭୯ ବର୍ଷୀୟ ଏହି ନେତା



ଜଣାଇଛନ୍ତି ଯେ, ଆଗାମୀ ନିର୍ବାଚନ ସମୟକୁ ତାଙ୍କୁ ୮୧-୮୨ ବର୍ଷ ହୋଇଥିବ। ଶରୀର ପୂର୍ବ ଭଳି ସହାୟତା ଦେଉନଥିବାରୁ ଏବଂ ଆଜିକାଲିର ନିର୍ବାଚନୀ ରାଜନୀତି ଅତ୍ୟନ୍ତ କଳୁଷିତ ହୋଇଯାଇଥିବାରୁ ସେ କୌଣସି ନିର୍ବାଚନୀ ପଦବୀ ପାଇଁ ଲଢ଼ିବେ ନାହିଁ। ତେବେ ସେ ପ୍ରତ୍ୟକ୍ଷ ନିର୍ବାଚନରୁ ଓହରି ଗଲେ ମଧ୍ୟ ସକ୍ରିୟ ରାଜନୀତିରେ ରହି ଜନସାଧାରଣଙ୍କ ସେବା ଓ ସେମାନଙ୍କ ସ୍ୱର ହୋଇ କାର୍ଯ୍ୟ କରିବା ଜାରି ରଖିବେ।

## ପଞ୍ଜାବ ଶିକ୍ଷାମନ୍ତ୍ରୀଙ୍କ ଇସ୍ତଫା ଦାବିକଲା ବିଜେପି

ଚଣ୍ଡିଗଡ଼,୨୬।୭(ଏଜେନ୍ସି): କେନ୍ଦ୍ରୀ ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଇସ୍ତଫା ପରେ ପଞ୍ଜାବରେ ପେପର ଲିକ୍ ପ୍ରସଙ୍ଗକୁ ନେଇ ରାଜନୀତି ତୀବ୍ର ହୋଇଛି। ବିଜେପି ପଞ୍ଜାବର ଶିକ୍ଷାମନ୍ତ୍ରୀ ହରଜୋତ ସିଂହ ବୈନ୍ସଙ୍କ ଇସ୍ତଫା ଦାବି କରିଥିବାବେଳେ ମୁଖ୍ୟମନ୍ତ୍ରୀ ଭଗବନ୍ତ ମାନ ଏହି ଅଭିଯୋଗକୁ ସମ୍ପୂର୍ଣ୍ଣ ଖଣ୍ଡନ କରିଛନ୍ତି। ବିଜେପି ମୁଖପାତ୍ର ପ୍ରଦୀପ ଭଣ୍ଡାରୀ ଓ ପଞ୍ଜାବ କଂଗ୍ରେସ ସଭାପତି ଅମରିନ୍ଦର ସିଂହ ରାଜା ୱାରିଂ ପଞ୍ଜାବରେ ପିଏସ୍‌ଇବି ପରୀକ୍ଷା, ପିଏସ୍‌ଟିଇଟି, ନାଏବ ତହସିଲଦାର ଓ ଅନ୍ୟାନ୍ୟ ନିଯୁକ୍ତି ପରୀକ୍ଷାରେ ପେପର ଲିକ୍ ଏବଂ ଅନିୟମିତତା ଘଟିଥିବା ଅଭିଯୋଗ କରି ଶିକ୍ଷାମନ୍ତ୍ରୀଙ୍କ ନୈତିକ ଦାୟିତ୍ୱରେ ଇସ୍ତଫା ଦାବି କରିଛନ୍ତି। ଏହାର ଜବାବରେ ଭଗବନ୍ତ ମାନ କହିଛନ୍ତି, ଗତ ସାଢେ ଚାରି ବର୍ଷରେ ପଞ୍ଜାବରେ ଗୋଟିଏ ବି ପେପର ଲିକ୍ ହୋଇନାହିଁ। କେବଳ ଦୁଇଟି ସ୍ଥାନରେ ନକଲ ଉଦ୍ୟମ ଧରାପଡ଼ିଥିଲା ଏବଂ ୧୦ ମିନିଟ୍ ମଧ୍ୟରେ କାର୍ଯ୍ୟାନୁଷ୍ଠାନ ନିଆଯାଇଥିଲା। ସେ କହିଛନ୍ତି, ପେପର ଲିକ୍ ନେଇ ବିରୋଧୀଙ୍କ ଅଭିଯୋଗ ଭିତ୍ତିହୀନ ଓ ଭୁଲ୍ ପ୍ରଚାର। ଆମ୍ ଆଦମୀ ପାର୍ଟି ମଧ୍ୟ ବିଜେପି ଓ କଂଗ୍ରେସ ଉପରେ ମିଥ୍ୟା ଅଭିଯୋଗ କରି ଲୋକଙ୍କୁ ବିଭ୍ରାନ୍ତ କରିବାର ଚେଷ୍ଟା କରୁଥିବା ଅଭିଯୋଗ ଆଣିଛି।

## ନିର୍ବାଚନ ଲଢ଼ିବା ବୟସ ୨୧ କରିବାକୁ ତେଲଙ୍ଗାନାର ପ୍ରସ୍ତାବ

ହାଇଦରାବାଦ,୨୬।୭(ଏଜେନ୍ସି): ଲୋକସଭା ଓ ବିଧାନସଭା ନିର୍ବାଚନ ଲଢ଼ିବା ପାଇଁ ସର୍ବନିମ୍ନ ବୟସ ସୀମାକୁ ୨୫ ବର୍ଷରୁ ୨୧ ବର୍ଷକୁ ହ୍ରାସ କରିବା ପ୍ରସ୍ତାବ ଆଣିବାକୁ ତେଲଙ୍ଗାନା ସରକାର ନିଷ୍ପତ୍ତି ନେଇଛନ୍ତି। ମୁଖ୍ୟମନ୍ତ୍ରୀ ରେବନ୍ତ ରେଡ୍ଡୀ କହିଛନ୍ତି, ଅଗଷ୍ଟ ପ୍ରଥମ ସପ୍ତାହରେ ବିଧାନସଭା ଓ ବିଧାନ ପରିଷଦର ସ୍ୱତନ୍ତ୍ର ଅଧିବେଶନ ଡକାଯାଇ ଏହି ପ୍ରସ୍ତାବ ପାରିତ କରାଯିବ। ପରେ ଏହାକୁ କେନ୍ଦ୍ର ସରକାରଙ୍କ ଅନୁମୋଦନ ପାଇଁ ପଠାଯିବ। ନିଟ୍ ପ୍ରଶ୍ନପତ୍ର ଲିକ୍‌କୁ ନେଇ ହାଇଦରାବାଦରେ ଆୟୋଜିତ ଏକ କ୍ୟାଣ୍ଡେଲ୍ ରାଲିରେ ଯୋଗଦେଇ ରେବନ୍ତ ରେଡ୍ଡୀ କହିଛନ୍ତି, ଦେଶର ପ୍ରାୟ ୩୦ ପ୍ରତିଶତ ଜନସଂଖ୍ୟା ଯୁବବର୍ଗ ହୋଇଥିଲେ ମଧ୍ୟ ଲୋକସଭାରେ ସେମାନଙ୍କ ପ୍ରତିନିଧିତ୍ୱ ୧ ପ୍ରତିଶତରୁ କମ୍। ସେ କହିଛନ୍ତି, ୨୧ ବର୍ଷ ବୟସର ଯୁବକମାନେ ଆଇଏଏସ୍, ଆଇପିଏସ୍, ମେୟର ଓ ଜିଲ୍ଲା ପରିଷଦ ସଭାପତି ହୋଇପାରୁଥିବାବେଳେ ବିଧାୟକ କିମ୍ବା ସାଂସଦ ହେବାର ସୁଯୋଗ ମଧ୍ୟ ପାଇବା ଉଚିତ୍। ମୁଖ୍ୟମନ୍ତ୍ରୀ କହିଛନ୍ତି, ଏହି ପରିବର୍ତ୍ତନ ପାଇଁ ସମ୍ବିଧାନ ସଂଶୋଧନ ଆବଶ୍ୟକ।

# ଇନ୍‌ଷ୍ଟା ବଦଳାଇଲା ଆନ୍ଦୋଳନର ଧାରା



ନୂଆଦିଲ୍ଲୀ, ୨୬।୭ (ଏଜେନ୍ସି):

ଦୀର୍ଘଦିନ ଧରି ଦେଶର ଯୁବପିଢ଼ିକୁ ସାମାଜିକ ଗଣମାଧ୍ୟମ ଓ ମୋବାଇଲ୍ ଫୋନ୍‌ରେ ବ୍ୟସ୍ତ ରହୁଥିବା ଏକ ଅସଚେତନ ଗୋଷ୍ଠୀ ଭାବେ ଦେଖାଯାଉଥିଲା। କିନ୍ତୁ ନିଟ୍ ପରୀକ୍ଷା ବିଭ୍ରାଟ ପ୍ରତିବାଦରେ ଯନ୍ତରମନ୍ତରରେ ହୋଇଥିବା ଆନ୍ଦୋଳନ ।।ସେହି ଦୃଷ୍ଟିକୋଣକୁ ବଦଳାଇଛି। ବିନା ରାଜନୀତି ଏବଂ ବିନା ସଂଗଠନରେ ସମାଜରେ ସଂସ୍କାର ଲାଗି ଇନଷ୍ଟାଗ୍ରାମ ସାମାଜିକ ଗଣମାଧ୍ୟମ କିପରି ଅସ୍ତ୍ର ରୂପେ ବ୍ୟବହାର ହୋଇପାରିବ, ତାହାର ଉଦାହରଣ ସୃଷ୍ଟି କରିଛି ଯନ୍ତର ମନ୍ତର ଆନ୍ଦୋଳନ। ବେକାର ଯୁବଗୋଷ୍ଠୀକୁ ପ୍ରଧାନ ବିଚାରପତି ଅସରପା ସହ ତୁଳନା କରିବା ପରେ ଆମେରିକାରେ ରହୁଥିବା ଭାରତୀୟ ଯୁବକ ଅଭିଜିତ ଦିପକେ ଏହାକୁ ତାଙ୍କର ଇନଷ୍ଟାଗ୍ରାମରେ ବ୍ୟଙ୍ଗାତ୍ମକ ଭାବେ ପୋଷ୍ଟ କରିଥିଲେ। ଦେଶର ବେକାର ଓ ଅଳସୁଆ ଯୁବ ଗୋଷ୍ଠୀକୁ ନେଇ ବ୍ୟଙ୍ଗାତ୍ମକ ଭାବେ କକ୍ରୋଚ ଜନତା ପାର୍ଟି ଗଠନ କଥା କହିଥିଲେ। ତାଙ୍କର ଏହି ବ୍ୟଙ୍ଗ ଭାରତୀୟ ଯୁବପିଢ଼ିକୁ ଏମିତି ଛୁଇଁଲା ଯେ ଇନଷ୍ଟାରେ ଯେମିତି ବିସ୍ଫୋରଣ ହେବାକୁ ଲାଗିଲା। ଚାହୁଁଚାହୁଁ କକ୍ରୋଚ ପାର୍ଟିର ଇନଷ୍ଟା ପେଜରେ ଫଲୋଅର ସଂଖ୍ୟା ୨୨ ନିୟୁତ ଟପିଗଲା। ଦୀର୍ଘ ଦିନ ଧରି ନିଜ ମନ ଭିତରେ ଚାପି ରଖିଥିବା ଅସନ୍ତୋଷକୁ ଯୁବ ଗୋଷ୍ଠୀ ମେମେ, ବ୍ୟଙ୍ଗ ଏବଂ ରିଲ୍ସ ଜରିଆରେ ପ୍ରକାଶ କରିବାକୁ ଲାଗିଲେ। କକ୍ରୋଚ୍ ପାର୍ଟିର ଇନଷ୍ଟା ପେଜ୍ ହଟାଇବା ଲାଗି ଉଦ୍ୟମ ଏହାକୁ ଆହୁରି ଲୋକପ୍ରିୟ କରିଥିଲା। ନିଟ୍ ପରୀକ୍ଷା ବିଭ୍ରାଟର ପ୍ରତିବାଦ ଲାଗି ଆନ୍ଦୋଳନ ଉଦ୍ଦେଶ୍ୟରେ ଅଭିଜିତ୍ ଜୁନ୍ ୬ ତାରିଖରେ ଦିଲ୍ଲୀରେ ପଦାର୍ପଣ କରିବା ସମୟରେ ସେ ଭାବିନଥିଲେ ଯେ ତାଙ୍କର ଏହି ଛୋଟ ବ୍ୟଙ୍ଗରୁ ଏତେ ବଡ଼ ଆନ୍ଦୋଳନ ହେବ। ସରକାର ମଧ୍ୟ ବୋଧହୁଏ ଏପରି କଳ୍ପନା କରିନଥିଲେ। ଯନ୍ତର ମନ୍ତରରେ ଆରମ୍ଭ ହୋଇଥିବା ଆନ୍ଦୋଳନକୁ ବିଶେଷ ଗଣମାଧ୍ୟମରେ ବିଶେଷ ଗୁରୁତ୍ୱ ଦିଆଯାଇନଥିଲା। ତେବେ ଇନଷ୍ଟାଗ୍ରାମ ଜରିଆରେ ଯନ୍ତର ମନ୍ତରରେ ଯୁବଗୋଷ୍ଠୀକୁ ଏକାଠି କରିବା ଲାଗି ଉଦ୍ୟମ ଆରମ୍ଭ ହୋଇଥିଲା। ପାରମ୍ପରିକ ଗଣମାଧ୍ୟମ ବଦଳରେ କକ୍ରୋଚ୍ ପାର୍ଟି ଯୁବଗୋଷ୍ଠୀକୁ ଏକାଠି ଓ ଶୃଙ୍ଖଳିତ କରିବା ଲାଗି ଇନଷ୍ଟାଗ୍ରାମର ସହାୟତା ନେଇଥିଲେ। ଇନଷ୍ଟା ଜରିଆରେ ସ୍ଲୋଗାନ ଓ ପ୍ରତିବାଦର ଯୋଜନା ପ୍ରସ୍ତୁତ କରାଯିବା ସହିତ ଆନ୍ଦୋଳନର ରୂପରେଖ ଏହି ଇନଷ୍ଟା ଜରିଆରେ କରାଯାଇଥିଲା।

**ଜେନ୍-ଜି ଆନ୍ଦୋଳନରୁ ୬ଟି ବଡ଼ ଶିକ୍ଷା**

ଏଥିରୁ ୬ଟି ଶିକ୍ଷା ମିଳିଲା। ପ୍ରଥମଟି ହେଲା ଯେଉଁ ସାମାଜିକ ଗଣମାଧ୍ୟମକୁ ବ୍ୟର୍ଥ ବୋଲି କୁହାଯାଉଥିଲା, ତାହାହିଁ ସଂଗଠିତ ହେବାର ମୁଖ୍ୟ ହାତିଆର ପାଲଟିଲା। ଇନଷ୍ଟାଗ୍ରାମ୍ ଭିଡିଓ, ମିମ୍ ଏବଂ ୟୁଟ୍ୟୁବ୍ ପ୍ରସାରଣ ଜରିଆରେ କୌଣସି ରାଜନୈତିକ ଦଳ ଅପେକ୍ଷା ଅଧିକ ଦ୍ରୁତ ଗତିରେ ତଥ୍ୟ ପହଞ୍ଚିପାରିଲା। କୌଣସି ବଡ଼ ନେତା ନୁହଁନ୍ତି, ବରଂ ଭବିଷ୍ୟତକୁ ନେଇ ଚିନ୍ତିତ ସାଧାରଣ ଛାତ୍ରମାନେ ଏହାର ନେତୃତ୍ୱ ନେଇଥିଲେ। ଦ୍ୱିତୀୟଟି ହେଲା ।।ଯେ ଶିକ୍ଷା ହିଁ ମୁଖ୍ୟ ପ୍ରସଙ୍ଗ ବୋଲି ଜଣାପଡ଼ିଲା। ତୃତୀୟଟି ହେଲା ଜନମତକୁ ସର୍ବଦା ଅସ୍ୱୀକାର କରି ଶାସନ ଚାଲିପାରିବ ନାହିଁ। ଚତୁର୍ଥଟି ହେଲା ବ୍ୟକ୍ତିକେନ୍ଦ୍ରିକ ନୁହେଁ, ଗୋଷ୍ଠୀଗତ ନେତୃତ୍ୱ ମଧ୍ୟ ସଫଳ ହୋଇପାରେ। ଶାନ୍ତିପୂର୍ଣ୍ଣ ଓ ଶୃଙ୍ଖଳିତ ଆନଦୋଳନ ଦ୍ୱାରା ଦେଶର ଶାସକବର୍ଗଙ୍କୁ ଶୁଣିବାକୁ ବାଧ କରାଯାଇପାରିବ, ତାହା ଏହି ସଂଗ୍ରାମ ପ୍ରମାଣିତ କରିଛି। ମୁଖ୍ୟସ୍ରୋତର ଗଣମାଧ୍ୟମ ଏହି ବିଦ୍ରୋହକୁ ପ୍ରଥମେ ପ୍ରାଧାନ୍ୟ ଦେଇନଥିଲେ ମଧ୍ୟ ସାମାଜିକ ଗଣମାଧ୍ୟମ ଓ ଡିଜିଟାଲ୍ ମାଧ୍ୟମ ଜରିଆରେ ଏହି ସ୍ୱର ଦେଶବ୍ୟାପୀ ପହଞ୍ଚିପାରିଲା। ଛୋଟ ଛୋଟ ଭିଡିଓ ସନ୍ଦେଶ ଦ୍ୱାରା ମଧ୍ୟ ଦେଶର ରାଜନୈତିକ ଚିନ୍ତାଧାରାକୁ ବଦଳାଯାଇପାରିବ, ତାହା ସ୍ପଷ୍ଟ ହୋଇଯାଇଛି।

# ୭୨ ଘଣ୍ଟାରେ ବଦଳିଗଲା ସମୀକରଣ

ନୂଆଦିଲ୍ଲୀ, ୨୬।୭(ଏଜେନ୍ସି): କେନ୍ଦ୍ରୀୟ ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଇସ୍ତଫା ଦେଶର ରାଜନୈତିକ ଓ ଶିକ୍ଷା କ୍ଷେତ୍ରରେ ବଡ଼ ଚର୍ଚ୍ଚାର ବିଷୟ ପାଲଟିଛି। ପ୍ରଶ୍ନପତ୍ର ଲିକ୍ ପରେ ଶିକ୍ଷାମନ୍ତ୍ରୀ ଇସ୍ତଫା ଦେବାକୁ ଇଚ୍ଛା ପ୍ରକାଶ କରିଥିଲେ ହେଁ କେନ୍ଦ୍ର ସରକାର ତାହାକୁ ଗ୍ରହଣ କରିବାକୁ ରାଜି ନ ଥିଲେ। ମାତ୍ର ଶେଷ ମୁହୂର୍ତ୍ତରେ ତାଙ୍କ ଇସ୍ତଫା ରାଷ୍ଟ୍ରପତି ଗ୍ରହଣ କରିଛନ୍ତି। ଏହାପରେ ଯନ୍ତରମନ୍ତର ସମେତ ଉତ୍ତରପ୍ରଦେଶ, ବିହାର, ପଞ୍ଜାବ ଓ ଅନ୍ୟରାଜ୍ୟରେ ଛାତ୍ର ଆନ୍ଦୋଳନ ପ୍ରତ୍ୟାହାର ହୋଇଛି।

ଜାତୀୟସ୍ତରର କିଛି ଗଣମାଧ୍ୟମ ରିପୋର୍ଟ ଅନୁସାରେ ୨୨ ତାରିଖ ରାତିରେ ଧର୍ମେନ୍ଦ୍ରଙ୍କ ଇସ୍ତଫା ଗ୍ରହଣ ନିଷ୍ପତ୍ତି ନିଆଯାଇଥିଲା। ସେହିଦିନ ରାତିରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ଗୃହମନ୍ତ୍ରୀ ଅମିତ ଶାହ, ଦୁଇ କେନ୍ଦ୍ରମନ୍ତ୍ରୀ ଜେ.ପି.ନଡ୍ଡା ଓ ଜିତେନ୍ଦ୍ର ସିଂହଙ୍କ ସହ ଆର୍‌ଏସ୍‌ଏସ୍ ସରକାର୍ଯ୍ୟବାହୀ ଦତ୍ତାତ୍ରେୟ ହସବୋଲେ, ସହ ସରକାର୍ଯ୍ୟବାହୀ ଅରୁଣ କୁମାର ଓ କୃଷ୍ଣ ଗୋପାଳଙ୍କ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ହୋଇଥିଲା। ବିଜେପି କାର୍ଯ୍ୟାଳୟ ଓ ସଂଘ କାର୍ଯ୍ୟାଳୟ ପରିବର୍ତ୍ତେ ଅନ୍ୟତ୍ର ଅନୁଷ୍ଠିତ ଏହି ବୈଠକରେ ବିସ୍ତୃତ ଭାବରେ ଛାତ୍ର ଆନ୍ଦୋଳନ ସମ୍ପର୍କରେ ଆଲୋଚନା ହୋଇଥିଲା। ଏହି ଗୋପନ ବୈଠକରେ ପ୍ରଧାନମନ୍ତ୍ରୀ ନିଜେ ଛାତ୍ରଛାତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ବାର୍ତ୍ତା ପ୍ରସାରିତ କରିବେ ଓ ଦ୍ୱିତୀୟଟି ହେଉଛି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଇସ୍ତଫା ଦେବେ ବୋଲି ନିଷ୍ପତ୍ତି ହୋଇଥିବା କୁହାଯାଉଛି। ତଦନୁସାରେ ବିଳମ୍ବିତ ରାତିରେ ପ୍ରଧାନମନ୍ତ୍ରୀ ଇନ୍‌ଷ୍ଟାଗ୍ରାମ ପୋଷ୍ଟରେ ଛାତ୍ରଛାତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଭିଡ଼ିଓ ଅପଲୋଡ଼ କରିଥିଲେ। କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ରଙ୍କ ଇସ୍ତଫା ସଂକ୍ରାନ୍ତରେ ପ୍ରଧାନମନ୍ତ୍ରୀ ଓ ଗୃହମନ୍ତ୍ରୀଙ୍କଠାରୁ ସବୁଜ ସଙ୍କେତ ପାଇବା ପରେ ନଡ୍ଡା ଓ ଜିତେନ୍ଦ୍ର ସିଂହ ଆଲୋଚନା ପ୍ରସ୍ତାବକୁ ଗ୍ରହଣ କରି କନ୍‌ଷ୍ଟିଚ୍ୟୁସନ କ୍ଲବରେ ଦୁଇ ଛାତ୍ର ନେତାଙ୍କ ସହ ଆଲୋଚନା କରିଥିଲେ ବୋଲି କୁହାଯାଉଛି।

ଅନ୍ୟଏକ ସୂତ୍ରରୁ ମିଳିଥିବା ଖବର ଅନୁଯାୟୀ କକ୍ରୋଚ୍ ପାର୍ଟି ଆନ୍ଦୋଳନ ଆରମ୍ଭ ହେବାଦିନ ଠାରୁ

**ଦୁଇଥର ପ୍ରତ୍ୟାଖ୍ୟାନ ହୋଇଥିଲା ଧର୍ମେନ୍ଦ୍ରଙ୍କ ଇସ୍ତଫା**



ଧର୍ମେନ୍ଦ୍ର ଇସ୍ତଫା ଦେବାକୁ ଚାହିଁଥିଲେ। ମାତ୍ର ସରକାର ସମସ୍ୟାର ସମାଧାନ ଓ ଶିକ୍ଷା କ୍ଷେତ୍ରରେ ସଂସ୍କାର ଆଣିବାକୁ ପ୍ରାଥମିକତା ଦେଇ ତାଙ୍କୁ ଦାୟିତ୍ୱରେ ରହିବାକୁ କହିଥିଲେ। ତେଣୁ ସରକାର ଶିକ୍ଷା ସଚିବଙ୍କୁ ବିଦା କରିବା ସହିତ ରାତାରାତି ଏନଟିଏର ୪୭ ଜଣ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିଲେ। କିନ୍ତୁ ଏହାର କକ୍ରୋଚ୍ ପାର୍ଟି ନେତାଙ୍କୁ ସନ୍ତୁଷ୍ଟ କରିପାରିନଥିଲା।

ସେମାନେ ଜଣାଇଦେଇଥିଲେ ଯେ ଧର୍ମେନ୍ଦ୍ର ଇସ୍ତଫା ନଦେଲେ ସେମାନେ ପ୍ରଧାନମନ୍ତ୍ରୀଙ୍କର ଇସ୍ତଫା ଦାବି କରିବେ। ଏଥିପାଇଁ ସେମାନେ ସରକାରଙ୍କୁ ୭୨ ଘଣ୍ଟାର ସମୟ ଦେବା ସହିତ ଚେତାବନୀ ଦେଇଥିଲେ ଯେ ଏହି ସମୟ ମଧ୍ୟରେ ସେମାନଙ୍କ ଦାବି ପୂରଣ ନହେଲେ ସେମାନେ ପୁଣି 'ସଂସଦ ଚଲୋ' ଭଳି ବୃହତ୍ ପ୍ରତିବାଦ ଯାତ୍ରା ବାହାର କରିବେ। ଏହାକୁ ନେଇ ସରକାର ଅଡୁଆରେ ପଡ଼ିଯାଇଥିଲେ।

ଗୁଇନ୍ଦା ବିଭାଗ ମଧ୍ୟ ରିପୋର୍ଟ ଦେଇଥିଲା ଯେ ଜୁଲାଇ ୨୦ କାର୍ଯ୍ୟାନୁଷ୍ଠାନ ପରେ ଆନ୍ଦୋଳନକାରୀ ପ୍ରତିକ୍ରିୟାଶୀଳ ହୋଇପଡ଼ିଛନ୍ତି। ଯନ୍ତର ମନ୍ତରରେ ଭିଡ଼ ବଢ଼ିବାରେ ଲାଗିଛି। ଏହାସହିତ ଦେଶସାରା ଆନ୍ଦୋଳନ ମଧ୍ୟ ବ୍ୟାପିବାରେ ଲାଗିଛି। ଏଭଳି ସ୍ଥଳରେ ଆନ୍ଦୋଳନକାରୀ ପୁଣି ସଂସଦ ଆଡ଼କୁ ଆସିଲେ ପରିସ୍ଥିତି ଅସମ୍ଭାଳ ହୋଇପଡ଼ିବ। ଗୁଇନ୍ଦା ରିପୋର୍ଟ ଏବଂ କକ୍ରୋଚ୍ ପାର୍ଟିର ଜିଦ୍ ଯୋଗୁଁ ଧର୍ମେନ୍ଦ୍ରଙ୍କ ଇସ୍ତଫା ଗ୍ରହଣ କରିବାକୁ ସ୍ଥିର କରିଥିଲେ। ପ୍ରଧାନମନ୍ତ୍ରୀଙ୍କ ସୁପାରିସ ପରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଧର୍ମେନ୍ଦ୍ରଙ୍କ ଇସ୍ତଫାପତ୍ର ଗ୍ରହଣ କରିଥିଲେ।

## ଏହା କେବଳ ଆରମ୍ଭ ମାତ୍ର: ଅଭିଜିତ୍

ନୂଆଦିଲ୍ଲୀ,୨୬।୭(ଏଜେନ୍ସି): ନିଟ୍ ପ୍ରଶ୍ନପତ୍ର ପ୍ରକାଶ ବିବାଦକୁ ନେଇ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଇସ୍ତଫା ଦେବା ଏବଂ ସରକାର ଅନ୍ୟ ଦାବିଗୁଡ଼ିକୁ ମାନିନେବା ପରେ କକ୍ରୋଚ୍ ଜନତା ପାର୍ଟି (ସିଜେପି) ନିଜର ଆନ୍ଦୋଳନ ପ୍ରତ୍ୟାହୃତ କରିଛି। ଏହି ସଫଳତା ପରେ ପାର୍ଟିର ସଂସ୍ଥାପକ ତଥା ୩୦ ବର୍ଷୀୟ ଅଭିଜିତ୍ ଦୀପକେ ସାମାଜିକ ଗଣମାଧ୍ୟମରେ ଏକ ଭିଡିଓ ବାର୍ତ୍ତା ଜାରି କରି ସମସ୍ତ ସମର୍ଥକଙ୍କୁ ଧନ୍ୟବାଦ ଜଣାଇବା ସହ ଏହାକୁ 'କେବଳ ଆରମ୍ଭ' ବୋଲି ଆଖ୍ୟା ଦେଇଛନ୍ତି। ଆନ୍ଦୋଳନର ୩୭ ଦିନ ଅତ୍ୟନ୍ତ କଷ୍ଟକର ଥିଲା ବୋଲି ଦୀପକେ ପ୍ରକାଶ କରିଛନ୍ତି। ଦୀର୍ଘ ଦିନ ପରେ ଆଜି ସକାଳେ କୌଣସି ଚିନ୍ତା ନଥାଇ ଶାନ୍ତିରେ ଶୋଇ ଉଠିଥିବା କଥା ସେ କହିଛନ୍ତି। ଟାଇଫଏଡ୍‌ରେ ପୀଡ଼ିତ ଥିବା ସତ୍ତ୍ୱେ ଦୀପକେ ଯନ୍ତରମନ୍ତରରେ ଏକାଠି ହୋଇଥିବା ସମସ୍ତ ଯୁବପିଢ଼ି ଓ ଦେଶବାସୀଙ୍କୁ କୃତଜ୍ଞତା ଜଣାଇଛନ୍ତି। ଏହାସହ ସମାଲୋଚକଙ୍କୁ ଉତ୍ତର ଦେଇ ସେ କହିଛନ୍ତି ଯେ ସମାଲୋଚନା ହିଁ ସେମାନଙ୍କୁ ଭୁଲ ସୁଧାରିବାକୁ ଏବଂ ଆନ୍ଦୋଳନକୁ ସଫଳ କରିବାରେ ସାହାଯ୍ୟ କରିଛି। ଚଳିତ ବର୍ଷ ମେ' ମାସରେ ଏକ ବ୍ୟଙ୍ଗାତ୍ମକ



ପ୍ରତିକ୍ରିୟାରୁ ଆରମ୍ଭ ହୋଇଥିବା ଏହି 'କକ୍ରୋଚ୍ ଜନତା ପାର୍ଟି' କମ୍ ସମୟ ମଧ୍ୟରେ ଦେଶର ଲକ୍ଷ ଲକ୍ଷ ଜେନ୍-ଜି (ଯୁବପିଢ଼ି)ଙ୍କୁ ଗୋଟିଏ ମଞ୍ଚରେ ଏକାଠି କରିପାରିଥିଲା। ସରକାରଙ୍କ ପ୍ରତିଶ୍ରୁତି ପରେ ବିକ୍ଷୋଭ ଶେଷ ହୋଇଛି। ତେବେ ସିଜେପିର ଆଗାମୀ ଯାତ୍ରା ଏତିକିରେ ସରିନାହିଁ ଏବଂ ଆଗକୁ ଏହା ଦେଶର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ମୁଦ୍ଦା ତଥା ସମସ୍ୟା ଉପରେ କାର୍ଯ୍ୟ କରିବ ବୋଲି ଦୀପକେ ସ୍ପଷ୍ଟ କରିଛନ୍ତି।

## ନିଟ୍ ପ୍ରତିବାଦ ମାମଲାରେ ତେଜ ପ୍ରତାପ ଗିରଫ

ପାଟନା/କୋଲକାତା, ୨୬।୭ (ଏଜେନ୍ସି): ନିଟ୍ ପ୍ରଶ୍ନପତ୍ର ଲିକ୍ ବିରୋଧୀ ପ୍ରତିବାଦରେ ସମ୍ପୃକ୍ତି

**ପ୍ରତିଶ୍ରୁତି ସତ୍ତ୍ୱେ ଗିରଫଦାରୀ, କୋଲକାତାରେ ଚଢ଼ଉ**

ଅଭିଯୋଗରେ ବିହାରର ପୂର୍ବତନ ମନ୍ତ୍ରୀ ଏବଂ ଜନଶକ୍ତି ଜନତା ଦଳ (ଜେଜେଡି) ମୁଖ୍ୟ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ଲାଲୁ ପ୍ରସାଦ ଯାଦବଙ୍କ ବଡ଼ ପୁଅ ତେଜ ପ୍ରତାପ ଯାଦବଙ୍କୁ ପୁଲିସ ଗିରଫ କରିଛି। ଜୁଲାଇ ୨୫ ସନ୍ଧ୍ୟାରେ ପାଟନାର ଏକ ମଲ୍‌ରୁ ତାଙ୍କୁ



ଗିରଫ କରାଯାଇଥିଲା, ଯେତେବେଳେ ଏଫ୍‌ଆଇଆର୍ ପରଦିନ ରୁଜୁ ହୋଇଥିଲା। ପୁଲିସ ଅଭିଯୋଗ କରିଛି ଯେ, ତେଜ ପ୍ରତାପଙ୍କ କାର୍ଯ୍ୟକଳାପ ଯୋଗୁଁ ନିଟ୍ ପ୍ରତିବାଦ ଉଗ୍ର ହୋଇ ସରକାରୀ ସମ୍ପତ୍ତିର କ୍ଷତି ଘଟିଥିଲା। ତାଙ୍କୁ ରବିବାର ଅଦାଲତରେ ହାଜର କରାଯିବା ପରେ ନ୍ୟାୟିକ ହେପାଜତକୁ ପଠାଯାଇଛି। ଜନ ସୁରାଜ ପାର୍ଟିର ସଂସ୍ଥାପକ ପ୍ରଶାନ୍ତ କିଶୋର ଅଭିଯୋଗ କରିଛନ୍ତି ଯେ, ତାଙ୍କୁ ସମର୍ଥନ କରିଥିବାରୁ ତେଜ ପ୍ରତାପଙ୍କୁ ଗିରଫ କରାଯାଇଛି। ସେପଟେ କେନ୍ଦ୍ର ସରକାରଙ୍କ ପ୍ରତିଶ୍ରୁତି ସତ୍ତ୍ୱେ ପଶ୍ଚିମବଙ୍ଗରେ ପୁଲିସ କାର୍ଯ୍ୟାନୁଷ୍ଠାନ ଜାରି ରଖିଛି ଓ ୧୪ ଜଣଙ୍କୁ ଗିରଫ କରିଛି।

## ୧୩ ଦିନ ପରେ ଆକ୍ରମଣ ସ୍ଥଗିତ ରଖିଲେ ଟ୍ରମ୍ପ



ନୂଆଦିଲ୍ଲୀ,୨୬।୭(ଏଜେନ୍ସି): ଇରାନ ଉପରେ କ୍ରମାଗତ ୧୩ ଦିନ ଧରି ଚାଲିଥିବା ସାମରିକ ଆକ୍ରମଣକୁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ସାମୟିକ ଭାବେ ସ୍ଥଗିତ ରଖିଛନ୍ତି। କୂଟନୈତିକ ଆଲୋଚନା ପାଇଁ ସୁଯୋଗ ସୃଷ୍ଟି କରିବା ଏବଂ ପେଣ୍ଟାଗନ୍‌ରେ ମିସାଇଲ୍ ସଂରକ୍ଷଣ ହ୍ରାସ ପାଇବା ଏହି ନିଷ୍ପତ୍ତିର ମୁଖ୍ୟ କାରଣ ବୋଲି କୁହାଯାଉଛି। ଟ୍ରମ୍ପଙ୍କ ଅନୁସାରେ, ସାମରିକ ଆକ୍ରମଣର ସୀମା ପହଞ୍ଚିସାରିଛି ଏବଂ ଏବେ ଶାନ୍ତିପୂର୍ଣ୍ଣ ଆଲୋଚନା ମାଧ୍ୟମରେ ସମାଧାନ ବାହାର କରିବା ଆମେରିକାର ମୁଖ୍ୟ ଲକ୍ଷ୍ୟ। ମଧ୍ୟପ୍ରାଚ୍ୟରେ ମୁତୟନ ଆମେରିକୀୟ ସେନା ପାଖରେ 'ପାଟ୍ରିଓଟ୍' ଆକାଶ ପ୍ରତିରକ୍ଷା ମିସାଇଲ୍‌ର ଅଭାବ ଦେଖାଦେଇଛି। ନିକଟରେ ୧,୨୦୦ରୁ ଅଧିକ ମିସାଇଲ୍ ବ୍ୟବହାର ହୋଇସାରିଥିବାରୁ ଅଧିକ ଆକ୍ରମଣ କଲେ ଯୁଦ୍ଧାସ୍ତ୍ରର ଘୋର ଅଭାବ ହେବ ବୋଲି ପେଣ୍ଟାଗନ୍ ଅଧିକାରୀମାନେ ଚେତାବନୀ ଦେଇଥିଲେ। ଉପରାଷ୍ଟ୍ରପତି ଜେଡି ଭାନ୍ସ ଏବଂ ସାମରିକ ନେତାମାନେ ଯୁଦ୍ଧକୁ ବ୍ୟାପକ ନକରିବା ପାଇଁ ଟ୍ରମ୍ପଙ୍କୁ ପରାମର୍ଶ ଦେଇଥିଲେ।

**ସରିଗଲା କ୍ଷେପଣାସ୍ତ୍ର ?**

ହର୍ମୁଜ୍ ପ୍ରଣାଳୀ ପୁନର୍ବାର ଖୋଲିବା ପାଇଁ ଓମାନର ଏକ ପ୍ରତିନିଧି ଦଳ ତେହରାନ୍‌ରେ ପହଞ୍ଚି ଆଲୋଚନା ଆରମ୍ଭ କରିଛନ୍ତି। ଯଦିଓ ବର୍ତ୍ତମାନ ପାଇଁ ଆକ୍ରମଣ ସ୍ଥଗିତ ରହିଛି, ତଥାପି ଆମେରିକା ନିଜର ସାମରିକ ବିକଳ୍ପ ସମ୍ପୂର୍ଣ୍ଣ ବନ୍ଦ କରିନାହିଁ। କୂଟନୈତିକ ଆଲୋଚନା ବିଫଳ ହେଲେ ଆମେରିକା ପୁନର୍ବାର ସାମରିକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିପାରେ ବୋଲି ହ୍ୱାଇଟ୍ ହାଉସ୍ ସ୍ପଷ୍ଟ କରିଛି।

## ଚୀନରେ ବାତ୍ୟା 'ନୋଉଲ୍' ତାଣ୍ଡବ

ବେଜିଂ,୨୬।୭(ଏଜେନ୍ସି): ଚୀନର ଦକ୍ଷିଣ ଗୁଆଙ୍ଗଡୋଙ୍ଗ ପ୍ରଦେଶରେ ରବିବାର ଟାଇଫୁନ୍ ତଥା ବାତ୍ୟା 'ନୋଉଲ୍' ସ୍ଥଳଭାଗ ଛୁଇଁବା ପରେ ପ୍ରବଳ ବର୍ଷା ଓ ଝଡ଼ ପବନ ଯୋଗୁଁ ବ୍ୟାପକ କ୍ଷୟକ୍ଷତି



**ଆକସ୍ମିକ ବନ୍ୟାରେ ୧୦ ମୃତ, ଶହ ଶହ ବିମାନ, ଟ୍ରେନ୍ ବାତିଲ୍**

ଘଟିଛି। ଗାନସୁ ପ୍ରଦେଶରେ ଆକସ୍ମିକ ବନ୍ୟାରେ ଅତିକମରେ ୧୦ ଜଣଙ୍କ ମୃତ୍ୟୁ ହୋଇଥିବାବେଳେ ଦକ୍ଷିଣ ଚୀନରେ ପରିବହନ ବ୍ୟବସ୍ଥା ବ୍ୟାହତ ହୋଇଛି। ହୁଇଝୋଉ ସହର ନିକଟରେ ଘଣ୍ଟାପ୍ରତି ୧୬୨ କିଲୋମିଟର ବେଗର ପବନ ସହ ଟାଇଫୁନ୍ ସ୍ଥଳଭାଗ ଅତିକ୍ରମ କରିଥିଲା। ଏହା ପରେ ୪୧୦ରୁ ଅଧିକ ବିମାନ ଓ ୧୫୦ଟି ହାଇସ୍ପିଡ୍ ଟ୍ରେନ୍ ସେବା ବାତିଲ୍ କରାଯାଇଥିଲା। ହଂକଂରେ ୨୮ଟି ଅସ୍ଥାୟୀ ଆଶ୍ରୟକେନ୍ଦ୍ର ଖୋଲାଯାଇଛି। ଚୀନ ସରକାର ଗୁଆଙ୍ଗଡୋଙ୍ଗରେ ଲେଭେଲ-୪ ଜାତୀୟ ବିପର୍ଯ୍ୟୟ ରିଲିଫ୍ ବ୍ୟବସ୍ଥା ଲାଗୁ କରିଥିବାବେଳେ ଫୁଜିଆନ୍, ଜିଆଙ୍ଗସି, ହେନାନ୍, ହୁବେଇ, ହୁନାନ୍ ଓ ଗୁଆଙ୍ଗସି ପ୍ରଦେଶରେ ମଧ୍ୟ ଜରୁରୀ ପଦକ୍ଷେପ ଗ୍ରହଣ କରାଯାଇଛି।

## ଶତ୍ରୁ ଷଡ଼ଯନ୍ତ୍ରର ଜବାବ ଦେବାକୁ ଭାରତୀୟ ସେନା ପ୍ରସ୍ତୁତ

ଦ୍ରାସ,୨୬।୭(ଏଜେନ୍ସି):

କାର୍ଗିଲ ବିଜୟ ଦିବସର ୨୭ତମ ବାର୍ଷିକୀ ଅବସରରେ ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂହ ଶନିବାର ଲଦାଖର ଦ୍ରାସସ୍ଥିତ କାର୍ଗିଲ ଯୁଦ୍ଧ ସ୍ମାରକରେ ପୁଷ୍ପମାଲ୍ୟ ଅର୍ପଣ କରି ବୀର ଶହୀଦମାନଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି। 'ଶୌର୍ଯ୍ୟ ସନ୍ଧ୍ୟା' କାର୍ଯ୍ୟକ୍ରମରେ ଯୋଗଦେଇ ସେ କହିଛନ୍ତି, ଭାରତ ବିରୋଧରେ ଅନୁପ୍ରବେଶ ଓ ପ୍ରକ୍ସି ଯୁଦ୍ଧର ଷଡ଼ଯନ୍ତ୍ର ଏବେ ବି ଜାରି ରହିଛି, କିନ୍ତୁ ଦେଶର ସଶସ୍ତ୍ର ବାହିନୀ ପ୍ରତ୍ୟେକ ଚ୍ୟାଲେଞ୍ଜର ମୁକାବିଲା ପାଇଁ ସମ୍ପୂର୍ଣ୍ଣ ପ୍ରସ୍ତୁତ। ରାଜନାଥ ସିଂହ କହିଛନ୍ତି, ସରକାର ସଶସ୍ତ୍ର ବାହିନୀର ଆଧୁନିକୀକରଣକୁ ସର୍ବାଧିକ ପ୍ରାଥମିକତା ଦେଉଛନ୍ତି। ଅତ୍ୟାଧୁନିକ ଅସ୍ତ୍ରଶସ୍ତ୍ର, ପ୍ରଶିକ୍ଷଣ ଓ ନବସୃଜନ ମାଧ୍ୟମରେ ଭାରତୀୟ ସେନାକୁ ବିଶ୍ୱର ସର୍ବଶ୍ରେଷ୍ଠ ସେନାରେ ପରିଣତ କରିବା ଲକ୍ଷ୍ୟ ରହିଛି। ସେ କହିଛନ୍ତି, 'ଭାରତ ନବସୃଜନର ନୂଆ ନୂଆ ପଥ ଖୋଜୁଛି। ଯଦି କୌଣସି ଶତ୍ରୁ ଭାରତର ସୁରକ୍ଷାକୁ କ୍ଷତି ପହଞ୍ଚାଇବାକୁ ଚେଷ୍ଟା କରେ, ତାହାର ଉଚିତ୍ ଜବାବ ଦେବା ପାଇଁ ଆମର ସଶସ୍ତ୍ର ବାହିନୀ ସର୍ବଦା ପ୍ରସ୍ତୁତ।' ପ୍ରତିରକ୍ଷାମନ୍ତ୍ରୀ ସେନାରୁ 'ବଡ଼ା ଖାନା' ପରମ୍ପରାର ପ୍ରଶଂସା କରି କହିଛନ୍ତି, ଏହା ଅଧିକାରୀ



ଓ ଯବାନଙ୍କ ମଧ୍ୟରେ ଏକତା ଓ ଦଳଗତ ଭାବନାକୁ ମଜବୁତ କରେ। ସେ ଦ୍ରାସରେ ଯବାନମାନଙ୍କ ସହ ଭୋଜନ ମଧ୍ୟ କରିଥିଲେ।

## ରଡ୍ କାରଖାନାରେ ବିସ୍ଫୋରଣ; ୪ ଶ୍ରମିକ ମୃତ

ସିଲଚର,୨୬।୭(ଏଜେନ୍ସି): ଆସାମର କାଛାର ଜିଲ୍ଲାର ଏକ ରଡ୍ ନିର୍ମାଣ କାରଖାନାରେ ରବିବାର ଘଟିଥିବା ଭୟଙ୍କର ବିସ୍ଫୋରଣରେ ଅତିକମରେ ୪ ଜଣ ଶ୍ରମିକଙ୍କ ମୃତ୍ୟୁ ଘଟିଥିବାବେଳେ ଅନେକ ଶ୍ରମିକ ଆହତ ହୋଇଛନ୍ତି। ଉଧାରବନ୍ଦ ଥାନା ଅନ୍ତର୍ଗତ ପାଙ୍ଗ୍ରାମ ସ୍ଥିତ କେଡେ ଗ୍ଲୋବାଲ୍ ଇନଫ୍ରାଷ୍ଟ୍ରକଚର୍ ଏଲଏଲପି କାରଖାନାରେ ପୂର୍ବାହ୍ନ ପ୍ରାୟ ୧୧.୩୦ଟାରେ ଏହି ବିସ୍ଫୋରଣ ଘଟିଥିଲା। ପ୍ରାଥମିକ ତଦନ୍ତ ଅନୁଯାୟୀ, ଗ୍ୟାସ ସିଲିଣ୍ଡର ବିସ୍ଫୋରଣ ଯୋଗୁଁ ଏହି ଦୁର୍ଘଟଣା ଘଟିଥିବା ସନ୍ଦେହ କରାଯାଉଛି। ତେବେ ପ୍ରକୃତ କାରଣ ଜଣାପଡ଼ିନାହିଁ। ଘଟଣା ପରେ ପୁଲିସ, ଉଦ୍ଧାରକାରୀ ଦଳ ଓ ସ୍ଥାନୀୟ ପ୍ରଶାସନ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର ଓ ରିଲିଫ୍ କାର୍ଯ୍ୟ ଆରମ୍ଭ କରିଥିଲେ। ଆହତମାନଙ୍କୁ ନିକଟସ୍ଥ ହସ୍ପିଟାଲକୁ ପଠାଯାଇଛି। କାରଖାନା ଭିତରେ ଆହୁରି ଶ୍ରମିକ ଥିବା ଆଶଙ୍କା କରାଯାଉଥିବାରୁ ମୃତକଙ୍କ ସଂଖ୍ୟା ବଢ଼ିପାରେ ବୋଲି ଅଧିକାରୀମାନେ କହିଛନ୍ତି।



## ପ୍ରଶାସନିକ ବିଳମ୍ବର କରୁଣ ପରିଣତି

# ଭତ୍ତା ପାଇବାର ଦିନକ ଆଗରୁ ଆଖି ବୁଜିଲେ ଦିବ୍ୟାଙ୍ଗ ଶିଶୁ

ଥୁଆମୂଳ ରାମପୁର,୨୬।୭(ସମିସ): କଳାହାଣ୍ଡି ଜିଲ୍ଲା ଥୁଆମୂଳ ରାମପୁର ବ୍ଲକ୍ ଅଧୀନ ଅଡ୍ରୀ ପଞ୍ଚାୟତର ଟାଙ୍ଗରୀ ଗ୍ରାମର ଏକ ଘଟଣା ଏବେ ପ୍ରଶାସନିକ ଅବ୍ୟବସ୍ଥାକୁ ପଦାରେ ପକାଇଛି। ଉକ୍ତ ଗ୍ରାମର ଜନ୍ମରୁ ଭିନ୍ନକ୍ଷମ ଥିବା ସୁନୀଲ(୭)ଙ୍କୁ ପ୍ରାୟ ଦୁଇବର୍ଷ ପୂର୍ବରୁ ୮୦ ପ୍ରତିଶତ ଭିନ୍ନକ୍ଷମ ପ୍ରମାଣପତ୍ର ମିଳିଥିଲା। ନିୟମ ଅନୁଯାୟୀ ସେ ସାମାଜିକ ସୁରକ୍ଷା ଭତ୍ତା ପାଇବାକୁ ଯୋଗ୍ୟ ହୋଇଥିଲେ ମଧ୍ୟ ବାରମ୍ବାର ପଞ୍ଚାୟତ ଓ ବ୍ଲକ୍ କାର୍ଯ୍ୟାଳୟ ଦୌଡ଼ିବା ପରେ ମଧ୍ୟ ତାଙ୍କୁ ଭତ୍ତା ମିଳି ନ ଥିଲା। ଏହି ଘଟଣାକୁ ନେଇ ଗତ ମେ'୨୫ରେ 'ସକାଳ' ଖବରକାଗଜରେ ଖବର ପ୍ରକାଶ ପାଇଥିଲା। ଏହାପରେ ଜୁଲାଇ ୨ ତାରିଖରେ ପ୍ରଶାସନ ପକ୍ଷରୁ ସୁନୀଲଙ୍କ ଭତ୍ତା ମଞ୍ଜୁର କରାଯାଇଥିଲା। କିନ୍ତୁ ଦୁଃଖର ବିଷୟ, ସରକାରୀ ସହାୟତା ହାତକୁ ଆସିବା ପୂର୍ବରୁ ୩ ତାରିଖରେ ସୁନୀଲଙ୍କ ମୃତ୍ୟୁ ଘଟିଛି। ଫଳରେ ଜଣେ ଯୋଗ୍ୟ ହିତାଧିକାରୀ ଜୀବନ୍ତ ଅବସ୍ଥାରେ ସରକାରୀ ସହାୟତାର ସୁଫଳ ପାଇପାରିଲେ ନାହିଁ। ସୁନୀଲଙ୍କ ବାପା ଉଦେ ମାଝୀ ଜଣେ ଅତି ଗରିବ ଆଦିବାସୀ ପରିବାରର ହୋଇଥିବାରୁ ପୁଅର ଚିକିତ୍ସା ଓ ଦେଖାଶୁଣା କରିବାରେ ଅନେକ କଷ୍ଟ ସହିଥିଲେ। ଯଦି ସମୟରେ ଭତ୍ତା ମିଳିଥାନ୍ତା, ପରିବାରକୁ କିଛି ଆର୍ଥିକ ସହାୟତା ମିଳିପାରିଥାନ୍ତା ବୋଲି ସ୍ଥାନୀୟ ଲୋକମାନେ କହିଛନ୍ତି। ଏହି ଘଟଣା ସାମାଜିକ ସୁରକ୍ଷା ଯୋଜନା କାର୍ଯ୍ୟକାରିତାରେ ହେଉଥିବା ବିଳମ୍ବ ଓ ପ୍ରଶାସନିକ ଅବହେଳାକୁ ପଦାରେ ପକାଇଛି। ଦୁର୍ଗମ ଅଞ୍ଚଳର ଅନେକ ଯୋଗ୍ୟ ଭିନ୍ନକ୍ଷମ, ବୃଦ୍ଧ ଓ ଅସହାୟ ହିତାଧିକାରୀ ବର୍ଷ ବର୍ଷ ଧରି ଭତ୍ତା ପାଇଁ ଅପେକ୍ଷା କରୁଥିବା ବେଳେ, କେତେକ କ୍ଷେତ୍ରରେ ସହାୟତା ମିଳିବା ପୂର୍ବରୁ ସେମାନଙ୍କ ଜୀବନ ଦୀପ ଲିଭିଯାଉଛି। ସ୍ଥାନୀୟ ବୁଦ୍ଧିଜୀବୀ ଓ ସାଧାରଣ ଲୋକ ପ୍ରଶାସନକୁ ଏପରି ଘଟଣାରୁ ଶିକ୍ଷା ନେଇ ସମସ୍ତ ଯୋଗ୍ୟ ହିତାଧିକାରୀଙ୍କ ଆବେଦନର ତୁରନ୍ତ ଯାଞ୍ଚ କରି ସମୟମଧ୍ୟରେ ଭତ୍ତା ପ୍ରଦାନ କରିବା ସହ ଦୁର୍ଗମ ଅଞ୍ଚଳରେ ସାମାଜିକ ସୁରକ୍ଷା ଯୋଜନାର କାର୍ଯ୍ୟକାରିତାକୁ ଅଧିକ ସକ୍ରିୟ କରିବାକୁ ଦାବି କରିଛନ୍ତି। ସୁନୀଲଙ୍କ ମୃତ୍ୟୁ କେବଳ ଗୋଟିଏ ପରିବାରର ଦୁଃଖ ନୁହେଁ, ବରଂ ପ୍ରଶାସନିକ ବିଳମ୍ବର ଏକ କଠୋର ବାସ୍ତବତାକୁ ସାମ୍ନାକୁ ଆଣିଛି।

# ୭ ଦିନରେ ଗଣଶିକ୍ଷା ମନ୍ତ୍ରୀଙ୍କ ଇସ୍ତଫା ନ ଦେଲେ ଓଡ଼ିଶା ବନ୍ଦ

ଭୁବନେଶ୍ୱର,୨୬।୭(ସମିସ): ରାଜ୍ୟକୁ ପୁଣି ଫେରିଛି ପୁସ୍ତକ ତ୍ରୁଟି ପ୍ରସଙ୍ଗ। ଜେନ-ଜି ଆନ୍ଦୋଳନ ଯୋଗୁଁ କିଛି ଦିନ ହେବ ଏହି ଚର୍ଚ୍ଚିତ ପ୍ରସଙ୍ଗ ଥମିଯାଇଥିବା ବେଳେ ପୁଣି ଏହି ପ୍ରସଙ୍ଗରେ ସରକାରଙ୍କୁ ଘେରିବାକୁ ବିରୋଧୀ ଉଦ୍ୟମ ଆରମ୍ଭ କରିଛନ୍ତି। ଏମିତି କି ୭ ଦିନ ମଧ୍ୟରେ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଇସ୍ତଫା ନ ଦେଲେ ରାସ୍ତାକୁ ମଧ୍ୟ ଜେନ-ଜୀ ଆନ୍ଦୋଳନ ଆରମ୍ଭ ହେଲେ ଆନ୍ଦୋଳନର ସବୁ ଖର୍ଚ୍ଚ କଂଗ୍ରେସ ବହନ କରିବ । ଜେନ୍-ଜୀ ଆନ୍ଦୋଳନ ପରେ ବିଜେପିର କାଉଣ୍ଟଡାଉନ୍ ଆରମ୍ଭ ହୋଇଯାଇଛି ଏବଂ ସରକାରର ପତନ ଏବେ ସୁନିଶ୍ଚିତ। ବିଜେପି ସରକାର ଗରିବଙ୍କ ପାଇଁ ଥିବା ଯୋଜନାକୁ ବନ୍ଦ କରିଦେଇଛି ଏବଂ ଯୁବ ସମାଜକୁ ଅଣଦେଖା କରିଛି। ଯୁବକମାନେ

## ରାସ୍ତାକୁ ଓହ୍ଲାଇବ କଂଗ୍ରେସ, ଜୋରଦାର ହେବ ଆନ୍ଦୋଳନ

ଓହ୍ଲାଇବା ପାଇଁ କଂଗ୍ରେସ ଧମକ ଦେଇଛି। ଏହି ପ୍ରସଙ୍ଗରେ ଓଡ଼ିଶା ବନ୍ଦ ଡାକରା ଦିଆଯିବା ସହ ରାଜରାସ୍ତାରେ ଜୋରଦାର ଲଢ଼େଇ ହେବ ବୋଲି ଦଳ କହିଛି।

ନିଟ୍ ପେପର ଲିକ୍ ଓ ଏହାକୁ ନେଇ ଆନ୍ଦୋଳନ ପରେ ରବିବାର କେନ୍ଦ୍ରଶିକ୍ଷା ମନ୍ତ୍ରୀ ଇସ୍ତଫା ଦେଇଛନ୍ତି। ଏହାପରେ ନୂଆ ଶିକ୍ଷାମନ୍ତ୍ରୀ ଦାୟିତ୍ୱ ପ୍ରହ୍ଲାଦ ଯୋଶୀ ନେଇଛନ୍ତି । ପୂର୍ବ କେନ୍ଦ୍ରମନ୍ତ୍ରୀଙ୍କ ଇସ୍ତଫା ପରେ ରାଜ୍ୟ ଗଣଶିକ୍ଷାମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ଇସ୍ତଫା ଦାବି ଜୋର୍ ଧରିଛି। ପିସିସି ସଭାପତି ଭକ୍ତ ଚରଣ ଦାସ କହିଛନ୍ତି, ରାଜ୍ୟରେ ଗଣଶିକ୍ଷା ମନ୍ତ୍ରୀ ଇସ୍ତଫା ଦେବା ଉଚିତ। ରାଜ୍ୟରେ ଆଜି ନିଜ ହକ୍ ପାଇଁ ସ୍ୱର ଉତ୍ତୋଳନ କରୁଛନ୍ତି। ପିଲାମାନଙ୍କ ଉପରେ ହେଉଥିବା ଅତ୍ୟାଚାର ଏବଂ ଶିକ୍ଷା ବ୍ୟବସ୍ଥାରେ ଅବ୍ୟବସ୍ଥାକୁ ନେଇ ସାରା ଦେଶରେ ବିଜେପି ବିରୋଧରେ ଅସନ୍ତୋଷ ବଢ଼ିବାରେ ଲାଗିଛି। କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ପରି ରାଜ୍ୟ ଗଣଶିକ୍ଷା ମନ୍ତ୍ରୀ ମଧ୍ୟ ନୈତିକତା ଦୃଷ୍ଟିରୁ ତୁରନ୍ତ ଇସ୍ତଫା ଦେବା ଉଚିତ ବୋଲି ଭକ୍ତ ଦାସ କହିଛନ୍ତି। ସେ ସରକାରଙ୍କୁ ଏକ ସପ୍ତାହର ସମୟ ଦେଇ କହିଛନ୍ତି ଯେ, ଯଦି ଆଗାମୀ ୭ ଦିନ ଭିତରେ ଗଣଶିକ୍ଷା ମନ୍ତ୍ରୀ ଇସ୍ତଫା ନଦିଅନ୍ତି, ତେବେ ଆଗାମୀ ଦିନରେ ଓଡ଼ିଶା ବନ୍ଦ କରାଯିବ ବୋଲି ସେ କହିଛନ୍ତି।

## ବିଇଡି କଲେଜରେ ନିଯୁକ୍ତି ଦୁର୍ନୀତି

# ଯୋଗ୍ୟ ହେବାକୁ ୧୬୦ ଅଧ୍ୟାପକଙ୍କ ଆବେଦନ

ଭୁବନେଶ୍ୱର, ୨୬।୭(ସମିସ): ଏମ୍‌ଇଡି ଯୋଗ୍ୟତା ନ ଥାଇ ବିଇଡି କଲେଜରେ ନିଯୁକ୍ତି ପାଇଥିବା ଅଯୋଗ୍ୟ ଅଧ୍ୟାପକଙ୍କ ତାଲିକା ଉଚ୍ଚଶିକ୍ଷା ବିଭାଗ ପାଖରେ ପହଞ୍ଚିଛି। ପ୍ରାୟ ୧୬୦ରୁ ଅଧିକ ଅଧ୍ୟାପକ ଏମ୍‌ଇଡି କରିବାକୁ ବିଭାଗ ପାଖରେ ଇଚ୍ଛାପତ୍ର ଦାଖଲ କରିଛନ୍ତି। ସମସ୍ତ ଅଯୋଗ୍ୟ ଅଧ୍ୟାପକଙ୍କୁ ଏମ୍‌ଇଡି ପଢ଼ାଇବାକୁ ଯୋଜନା ହୋଇଥିବାବେଳେ ଦିବାକର ପଟ୍ଟନାୟକ ଇଷ୍ଟିଚ୍ୟୁଟ୍ ଇନ୍ ଆଡଭାନସଡ୍ ଏଜୁକେସନ୍ କଲେଜର ୪ ଜଣ, କୋରାପୁଟ୍‌ସ୍ଥିତ ଡିଏଡି ଶିକ୍ଷକ ଶିକ୍ଷା ମହାବିଦ୍ୟାଳୟର ୫ ଜଣ ମଧ୍ୟ ଏମ୍‌ଇଡି କରିବାକୁ ନିଜର ଇଚ୍ଛାପତ୍ର ଅଧ୍ୟକ୍ଷଙ୍କ ମାଧ୍ୟମରେ ଉଚ୍ଚଶିକ୍ଷା ବିଭାଗକୁ ପ୍ରଦାନ କରିଛନ୍ତି। ପ୍ରାୟ ୧୬୦ରୁ ଅଧିକ ଅଧ୍ୟାପକ ଏମ୍‌ଇଡି କରିବାକୁ ଇଚ୍ଛାପତ୍ର ଦାଖଲ କରିଥିବାରୁ ଏହି ସମସ୍ତ ଅଧ୍ୟାପକ ଅଯୋଗ୍ୟ ବୋଲି ଏକ ପ୍ରକାର ସ୍ପଷ୍ଟ ହୋଇଛି। ଅପରପକ୍ଷରେ ଶିକ୍ଷକ ନିଯୁକ୍ତି ଦୁର୍ନୀତିକୁ ଘୋଡ଼ାଇବା ପାଇଁ ଅଧିକାରୀମାନେ ଆଉ ଏକ ସରଳ ଉପାୟ ବାହାର କରିଛନ୍ତି। ଆଉ ସରକାରୀ ଚିଠି ନୁହେଁ, ବରଂ ହ୍ୱାଟସ୍‌ଆପ୍ ମାଧ୍ୟମରେ ନିର୍ଦ୍ଦେଶ ଦେଉଛନ୍ତି। ଶିକ୍ଷକ ଶିକ୍ଷା ବିଭାଗରେ ଥିବା ଜଣେ ଅଧିକାରୀ ଏ ସଂକ୍ରାନ୍ତ ସମସ୍ତ ଚିଠି ଓ ଦ୍ୱନ୍ଦର ସ୍ପଷ୍ଟିକରଣ ହ୍ୱାଟସ୍‌ଆପ୍ ମାଧ୍ୟମରେ ରଖୁଛନ୍ତି। ଏପରିକି କୌଣସି ତଥ୍ୟ ଓ ନିର୍ଦ୍ଦେଶ ଯେପରି ବାହାରକୁ ନ ଯାଏ, ସେଥିପାଇଁ ତାଗିଦ କରୁଥିବା ମଧ୍ୟ ଅଭିଯୋଗ ହୋଇଛି। ଏତେ ପରିମାଣର ଅଧ୍ୟାପକ ଏମ୍‌ଇଡି କରିବାକୁ ଯିବା ପରେ ଶିକ୍ଷାନୁଷ୍ଠାନଗୁଡ଼ିକରେ ଶିକ୍ଷକ ସଙ୍କଟ ହେବ। ସେହି ଅନୁସାରେ ଏନ୍‌ସିଟିଇ ବିଇଡି କଲେଜଗୁଡ଼ିକର ସ୍ୱୀକୃତି ପ୍ରତ୍ୟାହାର କରିବାର ଆଶଙ୍କା ସୃଷ୍ଟି ହୋଇଛି।

ଅପରପକ୍ଷରେ ଏମ୍‌ଇଡି କରିବା ପାଇଁ ଅଧ୍ୟାପକଙ୍କ ଇଚ୍ଛାପତ୍ର ମାଗିବାକୁ ଉଚ୍ଚଶିକ୍ଷା ବିଭାଗର ଆତ୍ମଘାତୀ ପଦକ୍ଷେପ ବୋଲି ଶିକ୍ଷାବିତମାନେ ମତବ୍ୟକ୍ତ କରିଛନ୍ତି। ଅଧ୍ୟାପକଙ୍କ ଶିକ୍ଷାଗତ ଯୋଗ୍ୟତା ସମ୍ପର୍କରେ ଏନ୍‌ସିଟିଇ ରିପୋର୍ଟ ମାଗିଥିବାବେଳେ ଏବେ ସରକାର ଆଉ ଲୁଚାଇ ପାରିବେ ନାହିଁ। ବରଂ ଏମ୍‌ଇଡି କରି ନ ଥିବା ଅଯୋଗ୍ୟ ଅଧ୍ୟାପକଙ୍କ ତାଲିକା ସରକାର ନ ଦେଲେ ଅଧିକ ଅଡୁଆରେ ଛନ୍ଦି ହେବେ। ପୂର୍ବରୁ କିପରି ଅଯୋଗ୍ୟ ଅଧ୍ୟାପକଙ୍କ ତାଲିକା ଦେଇ ସ୍ୱୀକୃତି ହାତେଇଥିଲେ, ତାକୁ ନେଇ ଏନ୍‌ସିଟିଇ ଅଧିକ କଠୋର ହେବା ସହ ରାଜ୍ୟ ସରକାର ଓ ଉଚ୍ଚଶିକ୍ଷା ବିଭାଗ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ନେଇପାରେ ବୋଲି ମଧ୍ୟ ଆଶଙ୍କା ପ୍ରକାଶ ପାଇଛି।


- ବଲାଙ୍ଗିରରୁ ସର୍ବାଧିକ ୧୧, ବ୍ରହ୍ମପୁରରେ ୪ ଓ କୋରାପୁଟ୍‌ରେ ୫
- ଚିଠି ପ୍ରଘଟ ଆଶଙ୍କା; ହ୍ୱାଟସ୍‌ଆପ୍‌ରେ ନିର୍ଦ୍ଦେଶ ଦେଉଛନ୍ତି ଅଧିକାରୀ
- ଇଚ୍ଛାପତ୍ର ମାଗିବା ଉଚ୍ଚଶିକ୍ଷା ବିଭାଗ ପାଇଁ ହୋଇପାରେ ଆତ୍ମଘାତୀ

ରାଜ୍ୟର ଏକାଧିକ ବିଇଡି କଲେଜର ମାନ୍ୟତା ରଦ୍ଦ ହେବାର ଆଶଙ୍କା ଦୃଢ଼ୀଭୂତ ହୋଇଛି।

ଉଚ୍ଚଶିକ୍ଷା ବିଭାଗ ଗତ ୨୧ ତାରିଖରେ ଏମ୍‌ଇଡି କରି ନଥିବା ଅଧ୍ୟାପକଙ୍କ ତାଲିକା ମାଗିବା ସହ ୨୪ ତାରିଖ ମଧ୍ୟରେ ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଥିଲା। ତଦନୁଯାୟୀ ବଲାଙ୍ଗିର ଶିକ୍ଷକ ଶିକ୍ଷା ମହାବିଦ୍ୟାଳୟ ପକ୍ଷରୁ ୧୧ ଜଣ ଅଧ୍ୟାପକଙ୍କ ସମ୍ମତି ପତ୍ର ଦାଖଲ କରାଯାଇଛି। ସେହିପରି ବ୍ରହ୍ମପୁରସ୍ଥିତ

# ଆଜିଠୁ +୩ ପାଠପଢ଼ା ଆରମ୍ଭ

ଭୁବନେଶ୍ୱର, ୨୬।୭(ସମିସ): ଆସନ୍ତାକାଲି ଅର୍ଥାତ୍ ସୋମବାର ଠାରୁ ରାଜ୍ୟର ସମସ୍ତ ସରକାରୀ, ସରକାରୀ ଅନୁଦାନପ୍ରାପ୍ତ ଓ ବେସରକାରୀ ମହାବିଦ୍ୟାଳୟରେ +୩ ପାଠପଢ଼ା ଆରମ୍ଭ ହେବ। ନାମଲେଖା ପ୍ରକ୍ରିୟା ସରି ନ ଥିବାବେଳେ ପ୍ରଥମ ଦୁଇଟି ରାଉଣ୍ଡରେ ନାମଲେଖାଇ ସାରିଥିବା ପିଲାମାନେ ପ୍ରଥମ ଦିନରୁ ନିୟମିତ ଶ୍ରେଣୀରେ ଯୋଗଦେବେ। ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଏଥିପାଇଁ ସମସ୍ତ ପ୍ରସ୍ତୁତି କରାଯାଇଛି। ପ୍ରଥମ ଦିନରୁ ଉପସ୍ଥାନ ଓ ପାଠପଢ଼ାକୁ ଗୁରୁତ୍ୱ ଦେବାକୁ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦିଆଯାଇଛି। ସୂଚନାଯୋଗ୍ୟ, ଚଳିତବର୍ଷ ସମୁଦାୟ ୧୦୫୫ଟି କଲେଜରେ ପ୍ରାୟ ୨ ଲକ୍ଷ ୮୭ ହଜାର ସିଟ୍ ଥିବାବେଳେ ୨ ଲକ୍ଷ ୩୭ ହଜାର ୨ଶହ ଜଣ ଛାତ୍ରଛାତ୍ରୀ ଆବେଦନ କରିଛନ୍ତି। ଆସନ୍ତା ୨୯ ତାରିଖରେ ତୃତୀୟ ରାଉଣ୍ଡ ନାମଲେଖା ପାଇଁ ମେଧା ତାଲିକା ପ୍ରକାଶ ପାଇବ।




# ସାତକୋଶିଆ ଅଭୟାରଣ୍ୟର ଅସୁରକ୍ଷିତ ପ୍ରଥମ ପ୍ରହରୀ





ଅନୁଗୋଳ,୨୬ ।୭ (ସମିସ):

ଖଜୁରୀ ଗଛର କି ଗୁଣ ଗାଇବି, ମୂଳରୁ ପାହାଚ ପାହାଚ। ଏହି ଓଡ଼ିଆ ଢଗଟି ସାତକୋଶିଆ ଅଭୟାରଣ୍ୟର ବନ ବିଭାଗ ପାଇଁ ବେଶ୍ ପ୍ରଯୁଜ୍ୟ। ବିଭାଗର କିଛି ଦାୟିତ୍ୱହୀନ ଅଧିକାରୀଙ୍କ ପାଇଁ ସର୍ବଦା ସାତକୋଶିଆ ଅଭୟାରଣ୍ୟ ଓ ସାତକୋଶିଆବାସୀ ଅବହେଳିତ, ଉପେକ୍ଷିତ ଓ ଜର୍ଜରିତ। ପ୍ରକୃତିର ଅପରୂପ ସୌନ୍ଦର୍ଯ୍ୟରେ ଭରପୂର ସାତକୋଶିଆ ଅଭୟାରଣ୍ୟ। ସୁଉଚ୍ଚ, ସବୁଜିମା ଘେରା ପାହାଡ଼କୁ କାଟି ବୋହିଯାଉଥିବା ମହାନଦୀର ନୀଳ ଓ ଅଥଳ ଜଳରାଶି, ଘଞ୍ଚ ଜଙ୍ଗଲ, ବହୁ ମୂଲ୍ୟବାନ ବୃକ୍ଷରାଜିରେ ପରିପୂର୍ଣ୍ଣ ଏହି ଅଞ୍ଚଳ। ବିଭିନ୍ନ ପ୍ରକାରର ବନ୍ୟଜନ୍ତୁ, ପକ୍ଷୀ, ସରୀସୃପ, କୀଟପତଙ୍ଗ ଇତ୍ୟାଦିରେ ଭରପୂର ସାତକୋଶିଆ ଅଭୟାରଣ୍ୟ। ଦେଶ, ବିଦେଶ ତଥା ରାଜ୍ୟରେ ଥିବା ସବୁ ଅଭୟାରଣ୍ୟରୁ ସରକାର ଓ ସ୍ଥାନୀୟ ବାସିନ୍ଦାଙ୍କ ମିଳିତ ସହଯୋଗରେ ପ୍ରଚୁର ମାତ୍ରାରେ ରାଜସ୍ୱ ଆଦାୟ ହେଉଥିଲେ ମଧ୍ୟ ସାତକୋଶିଆରେ ଏହାର ବିପରୀତ ସ୍ଥିତି। ସବୁର ସମ୍ଭାବନା ଥାଇ ମଧ୍ୟ ସାତକୋଶିଆ ଶ୍ରୀହୀନ। ସତେଯେପରି ଏହାର ଉନ୍ନତି ଅସମ୍ଭବ। ବନ ବିଭାଗରର ଖାମଖିଆଲ ନୀତି ଯୋଗୁଁ ସାତକୋଶିଆ ଓ ଏହାର ଅଧିବାସୀଙ୍କ ଜୀବନ ଅଭିଶପ୍ତ ପାଲଟିଛି। ବିଭାଗର କେଉଁ ଗୁଣକୁ ନେଇ ଚର୍ଚ୍ଚା କରିବା ଅବା ଖବରକାଗଜରେ ଲେଖିବା, ଖବରକାଗଜର ପୃଷ୍ଠା ସରିଗଲେ ବି ବନ ବିଭାଗ ଅଧିକାରୀଙ୍କ ଦୁର୍ନୀତିର ଚିଠା ଶେଷ ହେବ ନାହିଁ। ତେବେ ସାତକୋଶିଆ ଅଭୟାରଣ୍ୟର ପ୍ରଥମ ପ୍ରହରୀ ବା ୱାଚର ବୋଲି କୁହାଯାଏ, ଯେଉଁ ମାନେ କି ସ୍ଥାନୀୟ ବାସିନ୍ଦା ଓ ସେଥି ମଧ୍ୟରୁ ଅଧିକାଂଶ ଆଦିବାସୀ ସଂପ୍ରଦାୟର। ଖରାବର୍ଷା, ଶୀତକାକର, ଦିନରାତି ଧରି ଜୀବନକୁ ପାଣି ଛଡ଼ାଇ ଅଭୟାରଣ୍ୟକୁ ଜଗି ରହିଥାନ୍ତି ଏମାନେ। କିନ୍ତୁ ବିଡ଼ମ୍ବନାର ବିଷୟ ଯେ ମାସ ମାସ ଧରି ଦରମା ଗଣ୍ଡାକ ମିଳୁ ନାହିଁ। ଆଜି ତାରିଖରେ ମଧ୍ୟ ବିଗତ ଚାରି ମାସ ହେଲାଣି ଦରମା ପାଇନାହାନ୍ତି ୩୦୧ ଜଣ ସାତକୋଶିଆ ଅଭୟାରଣ୍ୟର ୱାଚର୍ ମାନେ। ଘଞ୍ଚଜଙ୍ଗଲରେ ଚାଲି ଚାଲି, ହାତରେ ଖଣ୍ଡିଏ ବାଡି, ଓ ଭଙ୍ଗା ଟର୍ଚ୍ଚ ଲାଇଟ୍ ଟିଏ ଧରି ରାତ୍ରିରେ ପହରା ଦିଅନ୍ତି, ପାଦରେ ବିନା ଜୋତା, ବିନା ୟୁନିଫର୍ମରେ ସାଧାସିଧା କପଡା ପିନ୍ଧି କର୍ତ୍ତବ୍ୟ କରୁଥିବାର ଆମ ନଜରକୁ ଆସିବାରୁ, ଆମେ କିଛି ୱାଚାରଙ୍କ ସହିତ ବାର୍ତ୍ତାଳାପ କରି ଜାଣିବାକୁ ପାଇଲୁ ଯେ, ୨,୩ ବର୍ଷରେ ଗୋଟିଏ ହଳ ଜୋତା ଓ କପଡା ଦିଆଯାଇଥାଏ ୱାଚର୍ ମାନଙ୍କୁ। ଜଙ୍ଗଲରେ ବୁଲି ଲେ ହୁଏତ ୬ମାସ ବି ଯାଉ ନ ଥିବ ଏହି ଜୋତା ଓ କପଡା ହଳେ। ସାତକୋଶିଆ ବନଖଣ୍ଡର ବିଗତ ଅଧିକାରୀଙ୍କଙ୍କ ସମୟରେ, ଏକ ବର୍ଷ ତଳେ ଯାହା ଶେଷ ଥର ପାଇଁ ହଳେ ଜୋତା ଓ ହଳେ କପଡା ପାଇଥିଲେ, ହେଲେ ନୂତନ ଅଧିକାରୀ ଆସିବା ପରେ ବିଭାଗ ତରଫରୁ କିଛି ବି ସାହାଯ୍ୟ ପାଇ ନାହାନ୍ତି। ସାହାଯ୍ୟ ପାଇବା ତ ଦୂରର କଥା,ଦୀର୍ଘ ଚାରିମାସର ଦରମା ମିଳି ନାହିଁ କାହାକୁ। ଯେହେତୁ ୱାଚର୍ମାନଙ୍କ ନିଯୁକ୍ତି ଚୁକ୍ତି ଭିତ୍ତିକ ଓ "ପ୍ରତ୍ୟୁଷ ସର୍ଭିସ ପ୍ରୋଭାଇଡର' ନାମକ ଏକ ଘୋରୋଇ ସଂସ୍ଥା ଦ୍ୱାରା ପରିଚାଳିତ, ତେଣୁ ଏହି ଜଙ୍ଗଲ ଜଗୁଆଳିମାନେ କେବେ ବି ସଠିକ୍ ଦରମା ଓ ଅନ୍ୟାନ୍ୟ ସୁବିଧା ପାଇପାରୁନାହାନ୍ତି। କିନ୍ତୁ ଦୈନିକ ୧୦କିମି ଦୂରତାକୁ ପାଦରେ ଚାଲି ଚାଲି ଜଙ୍ଗଲ ଭିତରେ ବୁଲି ତଦାରଖ କରିବା, ବନ୍ୟ ଜନ୍ତୁଙ୍କୁ ସୁରକ୍ଷା ଦେବା, ଜଙ୍ଗଲରୁ କାଠ ଚୋରି ରୋକିବା, ଖରାଦିନେ ଜଙ୍ଗଲକୁ ନିଆଁ ଦାଉରୁ ରକ୍ଷା କରିବା ଆଦି ଅନେକ ଗୁରୁ ଦାୟିତ୍ୱ ନିର୍ବାହ କରିଥାନ୍ତି ଏମାନେ।

ଉଲ୍ଲେଖଯୋଗ୍ୟ ଯେ ଅଭୟାରଣ୍ୟ ଭିତରେ ବନ ବିଭାଗର ସମସ୍ତ କର୍ମଚାରୀ, ଉପରିସ୍ଥ ଅଧିକାରୀଙ୍କଠାରୁ ଆରମ୍ଭ କରି ତଳଶ୍ରେଣୀର କର୍ମଚାରୀ ପର୍ଯ୍ୟନ୍ତ ସମସ୍ତେ ଦୈନିକ ନିର୍ଦ୍ଧାରିତ ଦୂରତା ପାଦରେ ଚାଲିବାର ସରକାରୀ ନିୟମ ରହିଥିଲେ ମଧ୍ୟ, ବଡ଼ବାବୁମାନେ ତାହା ନ କରି ଶୀତତାପ ନିୟନ୍ତ୍ରିତ ଗାଡ଼ିରେ ବୁଲି ମଜା ନିଅନ୍ତି। ବେଶ୍ ମୋଟା ଅଙ୍କର ଦରମା ଓ ଅନ୍ୟାନ୍ୟ ସରକାରୀ ସୁବିଧା ପାଉଥିବା, ଦୁର୍ନୀତିରେ ଲିପ୍ତ ଥିବା (ଜନସାଧାରଣଙ୍କ ଅଭିଯୋଗ ଅନୁଯାୟୀ) ବନ ବିଭାଗରର ବଡ଼ବାବୁମାନେ କେବେ ଚିନ୍ତା ବି କରନ୍ତି ନାହିଁ ଏହି ଗରିବ, ଆଦିବାସୀ ୱାଚର୍ମାନଙ୍କ ପେଟପାଟଣା କଥା। ମାସକୁ ମାତ୍ର ୧୦ ହଜାର ଟଙ୍କା ଦରମା ପାଉଥିବା ଏହି କର୍ମଚାରୀମାନେ ମାସ ମାସ ଧରି ବିନା ଦରମାରେ କିପରି ପରିବାର ପ୍ରତିପୋଷଣ କରୁଥିବେ, ଭାବିଲା ବେଳକୁ ଲୋମ ଟାଙ୍କୁରି ଉଠେ। ଏତିକିରେ ଦୁଃଖ ସରେନାହିଁ ଏହି ବନ ବିଭାଗର ଏହି ଅସ୍ଥାୟୀ କର୍ମଯୋଦ୍ଧା ମାନଙ୍କର ।ଜଙ୍ଗଲରେ କେତେବେଳେ ହାତୀ, ତ କେତେବେଳେ ବିଷଧର ସାପ ଓ ଅନ୍ୟାନ୍ୟ ହିଂସ୍ର ଜୀବଜନ୍ତୁଙ୍କ ସହ ସାମ୍ନାସାମ୍ନି ହେବାକୁ ପଡ଼ିଥାଏ। ଅନେକ ସମୟରେ ଜୀବନ ମଧ୍ୟ ଯାଏ ଅକାଳରେ। ଏଇ ବିଗତ କିଛିଦିନ ତଳେ ସାତକୋଶିଆ ଅଭୟାରଣ୍ୟ ଅନ୍ତର୍ଗତ ଜଗନ୍ନାଥପୁର ଗ୍ରାମ ଠାରେ ହାତୀ ଆକ୍ରମଣରେ ଜଣେ ୱାଚର୍ ପ୍ରାଣ ହରାଇ ଥିବାବେଳେ, ଅନ୍ୟ ଜଣେ ଗୁରୁତର ଆହତ ହୋଇ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେରେ ଭର୍ତ୍ତି ହୋଇଥିଲେ। ଗ୍ରାମବାସୀଙ୍କ ଅଭିଯୋଗ ଅନୁସାରେ, ଖୋଦ୍ ବନବିଭାଗର ଜଣେ ଅସ୍ଥାୟୀ କର୍ମଚାରୀ କର୍ତ୍ତବ୍ୟ କରୁଥିବା ସମୟରେରେ ହାତୀ ଆକ୍ରମଣରେ ମୃତ୍ୟୁ ବରଣ କରିଥିଲେ ବି, ସାତକୋଶିଆ ଅଭୟାରଣ୍ୟର ବନ ବିଭାଗରର ବନଖଣ୍ଡ ଅଧିକାରୀ ଓ ଆଞ୍ଚଳିକ ମୁଖ୍ୟ ବନଖଣ୍ଡ ପ୍ରବନ୍ଧକ ଘଟଣା ସ୍ଥଳକୁ ନ ଆସି, ଜଣେ ତାଙ୍କ ତଳ ସ୍ତରର କର୍ମଚାରୀଙ୍କୁ ଉକ୍ତ ଉତ୍ତେଜନା ପ୍ରବଣ ସ୍ଥଳକୁ ପଠାଇଥିଲେ। ଘଟଣାସ୍ଥଳ ଠାରୁ ମାତ୍ର ୨୫,୩୦ କିମି ଦୂରରେ ଅନୁଗୋଳ ଜିଲ୍ଲାର ସଦର ମହକୁମା ଠାରେ ରହି, ଜଣକା ୨/୪ଟା ଅତ୍ୟାଧୁନିକ ସୁବିଧା ସୁଯୋଗ ଥିବା ଗାଡ଼ି ଥାଇ ମଧ୍ୟ, ସ୍ଥାନୀୟ ଲୋକଙ୍କୁ ସାମ୍ନା କରିବାର ଭୟରେ ଆସି ନ ଥିବାର ଅଭିଯୋଗ ହୁଏ। ବନଖଣ୍ଡ ଅଧିକାରୀ ସାତକୋଶିଆ ଅଭୟାରଣ୍ୟକୁ କାଁ ଭାଁ ଆସୁଥିବା ଅଭିଯୋଗ ହୁଏ। ବିଭାଗର ବଡ଼ବାବୁ ମାନେ, ମାଟି ଚୋରୀ ଠାରୁ ଆରମ୍ଭ କରି କାଠ ଚୋରୀ ଓ ଅନ୍ୟାନ୍ୟ ଦୁର୍ନୀତିରେ ଲିପ୍ତ ଥିବାର ସଂଘାତିକ ଅଭିଯୋଗ ହେଉଥିବା ବେଳେ, ନିଜେ ଅସୁରକ୍ଷିତ ଥିବା ସାତକୋଶିଆର ଏହି ରକ୍ଷକ ମାନେ, ଯେଉଁ ମାନଙ୍କ ପାଇଁ ଆଜି ସାତକୋଶିଆ ଅଭୟାରଣ୍ୟ କିଛି ମାତ୍ରା ସୁରକ୍ଷିତ ଅଛି, ଆଗକୁ ଅଭୟାରଣ୍ୟକୁ କିପରି ସୁରକ୍ଷା ପ୍ରଦାନ କରିପାରିବେ ତାହା ଏକ ବଡ ପ୍ରଶ୍ନବାଚୀ। ଶୁଣାଯାଉଛି ଯେ ସରକାର, ମାତ୍ର ୧୦ହଜାର ଟଙ୍କା ଦରମା ଠିକ୍‌ରେ ପାଇପରୁନଥିବା ଏହି ୱାଚର୍ ମାନଙ୍କୁ କାମରୁ ହଟାଇ, ଭବିଷ୍ୟତରେ ଅଭୟାରଣ୍ୟଗୁଡ଼ିକର ସୁରକ୍ଷା ନିମନ୍ତେ ଅବସରପ୍ରାପ୍ତ ସାମରିକ କର୍ମଚାରୀଙ୍କୁ ମାସିକ ୩୦ ହଜାରରୁ ଉର୍ଦ୍ଧ୍ୱ ଟଙ୍କା ଦରମା ଦେଇ ନିଯୁକ୍ତି ପ୍ରଦାନ କରିବେ, ତେଣୁ ଏହି ଅସ୍ଥାୟୀ ୱାଚର୍ମାନଙ୍କ ଭବିଷ୍ୟତ ମଧ୍ୟ କ'ଣ? ଏଥି ନିମନ୍ତେ ୱାଚର୍ମାନେ ସରକାରଙ୍କ ଦୃଷ୍ଟି ଆକର୍ଷଣ କରି ଯଥାଶୀଘ୍ର ଉଚିତ୍ ପଦକ୍ଷେପ ନେବାକୁ ଦାବି କରିଛନ୍ତି। ବିଭାଗ ତରଫରୁ ଏମାନଙ୍କୁ ଖରା, ବର୍ଷା ପାଇଁ ଛତା, ବର୍ଷକୁ ଦୁଇହଳ ଜୋତା, ଦୁଇହଳ ପୋଷାକ, ଉତ୍ତମ ମାନର ଟର୍ଚ୍ଚ ଲାଇଟ୍, ହାତରେ ଧରିବା ପାଇଁ ଇଲେକ୍ଟ୍ରି ବାଡ଼ି ଇତ୍ୟାଦି ଦେବାକୁ ଦାବି କରିଛନ୍ତି।

- ସାତକୋଶିଆକୁ ସୁରକ୍ଷା ଦେବେ କିପରି?
- ଜୀବନକୁ ପାଣି ଛଡ଼ାଇ ସୁରକ୍ଷା ଦେଉଛନ୍ତି ଜନସାଧାରଣ
- ବିଳାସପୂର୍ଣ୍ଣ ଜୀବନ ବିତାଉଛନ୍ତି ବିଭାଗର ଉଚ୍ଚ ଅଧିକାରୀ
- ୱାଚରମାନଙ୍କୁ ମାସମାସ ଧରି ଦିଆଯାଉନାହିଁ ପ୍ରାପ୍ୟ

## ଶ୍ରୀଜୀଉଙ୍କ ସୁନାବେଶ ଓ ସାଂସ୍କୃତିକ କାର୍ଯ୍ୟକ୍ରମ

- ଦର୍ଶନ କଲେ ଶତାଧିକ ଶ୍ରଦ୍ଧାଳୁ



ବଥାଁରପାଳ,୨୬ ।୭ (ସମିସ): ବଥାଁରପାଳ ପଞ୍ଚ ଶ୍ରୀକ୍ଷେତ୍ରରେ ଶ୍ରୀଜୀଉମାନଙ୍କ ସୁନାବେଶ ଅନୁଷ୍ଠିତ ହୋଇଛି। ଶ୍ରୀଜୀଉମାନେ ଜନ୍ମବେଦିରେ ୭ ଦିନ ରହିବା ପରେ ଦଶାମୀ ତିଥିରେ ବାହୁଡ଼ା ଯାତ୍ରା ଅନୁଷ୍ଠିତ ହୋଇଥିଲା। ଶନିବାର ପବିତ୍ର ଏକାଦଶୀ ତିଥିରେ ଶ୍ରୀଜୀଉମାନଙ୍କ ସମସ୍ତ ନୀତିକାନ୍ତି ପରେ ଅପରାହ୍ନ ୪ଟାରେ ତିନିଦିଅଁଙ୍କୁ ସୁନାବେଶ କରାଯାଇଥିଲା। ସୁନା ମୁକୁଟ, କୁଣ୍ଡଳ ସହ ସମସ୍ତ ସ୍ୱର୍ଣ୍ଣ ଅଳଙ୍କାରରେ ସଜ୍ଜିତ କରାଯାଇଥିଲା। ସୁନାବେଶ ଦେଖିବା ପାଇଁ ପଞ୍ଚଗଡ଼ ଓ ଆଖପାଖ ଗ୍ରାମର ଶହ ଶହ ଶ୍ରଦ୍ଧାଳୁ ଛୁଟି ଆସିଥିଲେ। ସୁରକ୍ଷା ପାଇଁ ପୁଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା। ବ୍ଲକର ବିଭିନ୍ନ ସ୍କୁଲର ଛାତ୍ରଛାତ୍ରୀଙ୍କୁ ନେଇ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ଆକର୍ଷଣୀୟ ଭାବେ ପାଳନ ହେବ ଗଜାନନଙ୍କ ପୂଜା



ପାଲଲହଡ଼ା,୨୬ ।୭ (ସମିସ): ଗଣେଶ ପୂଜାକୁ ଶୃଙ୍ଖଳିତ, ସୁରକ୍ଷିତ ଓ ଆକର୍ଷଣୀୟ ଭାବେ ପାଳନ କରିବା ପାଇଁ ଶନିବାର ପାଲଲହଡ଼ାରେ କେନ୍ଦ୍ରୀୟ ଗଣେଶ ପୂଜା କମିଟି ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ଜିଲ୍ଲା ଯୋଜନା କମିଟି ଅଧ୍ୟକ୍ଷ ତଥା ପାଲଲହଡ଼ା ବିଧାୟକ ଅଶୋକ ମହାନ୍ତି ମୁଖ୍ୟଅତିଥି ଭାବେ ଯୋଗଦେଇ ପୂଜା ଆୟୋଜନର ବିଭିନ୍ନ ଦିଗ ସମ୍ପର୍କରେ ଆଲୋଚନା କରିଥିଲେ। ପାଲଲହଡ଼ା ଅଞ୍ଚଳର ପ୍ରାୟ ୧୦ ପୂଜା କମିଟିର ସଭାପତି ଓ କର୍ମକର୍ତ୍ତା ଉପସ୍ଥିତ ରହି ପୂଜାର ସୁପରିଚାଳନା ସମ୍ପର୍କରେ ନିଜ ମତାମତ ରଖିଥିଲେ। ପୂଜା ପାଇଁ ଆବଶ୍ୟକ ସମସ୍ତ ସରକାରୀ ଅନୁମତି, ନିରବଚ୍ଛିନ୍ନ ବିଦ୍ୟୁତ୍ ଯୋଗାଣ, ପୁଲିସ ପ୍ରଶାସନର ସହଯୋଗ, ଯାତାୟାତ ଓ ଟ୍ରାଫିକ୍ ବ୍ୟବସ୍ଥା, ମେଳଣ ଏବଂ ବିସର୍ଜନ କାର୍ଯ୍ୟକ୍ରମକୁ କିପରି ଶୃଙ୍ଖଳିତ ଭାବେ ସମ୍ପନ୍ନ କରାଯିବ ସେ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଆସନ୍ତା ସେପ୍ଟେମ୍ବର ୧୪ରୁ ଗଣେଶ ପୂଜା ଆରମ୍ଭ ହେବ। ଦୀର୍ଘ ୧୦ ଦିନ ଧରି ପୂଜା ପାଳନ ପରେ ୨୪ ତାରିଖ ବିସର୍ଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ପ୍ରତ୍ୟେକ ପୂଜା କମିଟି ନିଜ ମେଢ଼ର ଶୃଙ୍ଖଳା ଓ ସୁରକ୍ଷା ବ୍ୟବସ୍ଥା ପ୍ରତି ସମ୍ପୂର୍ଣ୍ଣ ଦାୟିତ୍ୱବାନ ରହିବେ। କୌଣସି ପୂଜା କମିଟି ପକ୍ଷରୁ ବିଶୃଙ୍ଖଳା ସୃଷ୍ଟି କିମ୍ବା ଆଇନ ଉଲ୍ଲଂଘନ ହେଲେ ପ୍ରଶାସନ ପକ୍ଷରୁ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ବୈଠକରେ ନିଷ୍ପତ୍ତି ହୋଇଛି। ବୈଠକରେ ଡେପୁଟି କଲେକ୍ଟର ବିଦୁସ୍ମିତା ସାହୁ, ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଶୋଭିତ କୁମାର ବିଶି, ଥାନା ଅଧିକାରୀ ପ୍ରଦୀପ ମହାନ୍ତ, ସାଂସଦ ପ୍ରତିନିଧି ଲିଙ୍ଗରାଜ ଦାସ, ଆଇନଜୀବୀ ତନ୍ମୟ ସାହୁ, ସୁଶୀଳ ସାମଲ, ଆଶିଷ ସାମଲ ପ୍ରମୁଖ ଉପସ୍ଥିତ ଥିଲେ।

## ଭାଲୁ ଆକ୍ରମଣରେ ଯୁବକ ଗୁରୁତର

ବଇଣ୍ଡା,୨୬ ।୭ (ସମିସ): ଅନୁଗୋଳ ଜିଲ୍ଲା କିଶୋରନଗର ବ୍ଲକ ବାମୁର ରେଞ୍ଜ ଆମ୍ବପାଳ ନିକଟ ପଦ୍ମପୁର ଅଞ୍ଚଳରେ ଭାଲୁ ଆକ୍ରମଣରେ ସେହି ଗ୍ରାମର ଦୁଷ୍ମନ୍ତ ବେହେରା ଗୁରୁତର ଆହାତ ହୋଇଛନ୍ତି। ଗ୍ରାମବାସୀ ତାଙ୍କୁ ଉଦ୍ଧାର କରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଛନ୍ତି। ରବିବାର ସକାଳେ ଦୁଷ୍ମନ୍ତ ନିକଟସ୍ଥ ପଡ଼ିଆକୁ ଛତୁ ସଂଗ୍ରହ କରିବାକୁ ଯାଇଥିବା ବେଳେ ଭାଲୁ ଆକ୍ରମଣ କରିଥିଲା।

## କଂଗ୍ରେସ ପକ୍ଷରୁ ମହମବତି ପଦଯାତ୍ରା, ସତ୍ୟାଗ୍ରହ



ଅନୁଗୋଳ,୨୬ ।୭ (ସମିସ): ରବିବାର ସନ୍ଧ୍ୟାରେ ଅନୁଗୋଳ ଜିଲ୍ଲା କଂଗ୍ରେସ ପକ୍ଷରୁ ଜିଲ୍ଲା ସଭାପତି ସୁନୀଲ କୁମାର ପ୍ରଧାନଙ୍କ ନେତୃତ୍ୱରେ ମହମବତି ପଦଯାତ୍ରା ସ୍ଥାନୀୟ କଂଗ୍ରେସ ଭବନରୁ ବାହାରି ମହାତ୍ମା ଗାନ୍ଧୀ ପାର୍କ ପାଖକୁ ଯାଇଥିଲା। ପଦଯାତ୍ରାରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଶିକ୍ଷା ଅବ୍ୟବସ୍ଥାକୁ ନେଇ ବିଭିନ୍ନ ସ୍ଲୋଗାନ ଦେଇଥିଲେ। ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ସମ୍ମୁଖରେ ମହମବତି ଧାରଣା ଦିଆଯାଇଥିଲା। କାର୍ଯ୍ୟକ୍ରମରେ ଶିକ୍ଷା ଓ ପରୀକ୍ଷା ପରିଚାଳନାରେ ସୁଧାର ଆଣିବା, ଜନ୍ତରମନ୍ତରରେ ଆନ୍ଦୋଳନକାରୀ ଛାତ୍ରଛାତ୍ରୀଙ୍କ ଉପରେ ପୁଲିସର ଦମନଲୀଳା ପାଇଁ କ୍ଷମା ପ୍ରାର୍ଥନା ଓ ସେମାନଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ନ ହେବା ପାଇଁ ଆନୁଷଙ୍ଗିକ ଘୋଷଣା ସହ ଓଡ଼ିଶାର ପାଠ୍ୟପୁସ୍ତକରେ ୨୨୦୦ରୁ ଅଧିକ ତ୍ରୁଟି ପାଇଁ ରାଜ୍ୟ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ଇସ୍ତଫା ଦାବି କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ତପନ ପ୍ରଧାନ, ନୀଳକଣ୍ଠ ନାଏକ, ଚିତ୍ତରଞ୍ଜନ ନାଏକ, ଗୋପାଳ ଚନ୍ଦ୍ର ନାଥ, ବଳବୀର ସିଂ, ବିନୋଦ ମାଝୀ ରାକେଶ ମିଶ୍ର, ପ୍ରଦ୍ୟୁମ୍ନ ସାହୁ, ଅରୂପ ସାମଲ, ଅଶୋକ ନାଏକ, ମାନିନୀ ପ୍ରଧାନ, ସୁଦୀପ ମିଶ୍ର, ପ୍ରଶାନ୍ତ ବିଶ୍ୱାଳ, ସଂଗ୍ରାମ ବେହେରା, ସୌମ୍ୟରଞ୍ଜନ ଦାସ, ରାକେଶ ରୋହନ ସାହୁ ପ୍ରମୁଖ ଯୋଗଦେଇଥିଲେ।

## ଭବିଷ୍ୟତ ପିଢ଼ି ପାଇଁ ବର ଚାରା ରୋପଣ

ଅନୁଗୋଳ,୨୬ ।୭ (ସମିସ): ଭାରତରେ ବରଗଛର ଧାର୍ମିକ, ସାଂସ୍କୃତିକ ଓ ସାମାଜିକ କ୍ଷେତ୍ରରେ ବିଶେଷ ଭୂମିକା ଥିବାବେଳେ, ଆୟୁର୍ବେଦ ଔଷଧ ଓ ପରିବେଶ, ପ୍ରକୃତି ପାଇଁ ଏହା ଅତି ଗୁରୁତ୍ୱପୂର୍ଣ୍ଣ। ଏହି ବିଶାଳ ଦେବବୃକ୍ଷ ମଣିଷ ସମାଜ, ଜୀବଜନ୍ତୁ, ସରୀସୃପ, ପକ୍ଷୀ, କୀଟପତଙ୍ଗ ଓ ଅନେକ ବନ୍ୟପ୍ରାଣୀଙ୍କ ପ୍ରାକୃତିକ ଆଶ୍ରୟ ଓ ଆବାସସ୍ଥଳ। ବୈଜ୍ଞାନିକ ଦୃଷ୍ଟିକୋଣରୁ ପ୍ରାଣବାୟୁ ଅମ୍ଳଜାନ ଅହରହ ପ୍ରଦାନ କରୁଥିବା ଏହି ବୃକ୍ଷ ଆମ ସମସ୍ତଙ୍କ ପାଇଁ ଅତ୍ୟନ୍ତ ମୂଲ୍ୟବାନ। ଏସବୁ ଜାଣିବା ପରେ ଆମେ ଆମ ଭବିଷ୍ୟତ ପିଢ଼ିକୁ ବିଷବଳୟ ଭିତରୁ ଅମୃତମୟ ସବୁଜ ପୃଥିବୀ ପାଇଁ ସଚେତନ ହୋଇ ବହୁଳ ସଂଖ୍ୟାରେ ବରଗଛ ଲଗାଇ ବଡ଼ ହେବା ଯାଏଁ ଯତ୍ନ ନେବାକୁ ଶୁକ୍ରବାର 'ରାଉତାଳ ବରବୁରି' ଚାରାରୋପଣ କାର୍ଯ୍ୟକ୍ରମରେ ମତ ପ୍ରକାଶ ପାଇଛି। ୨୦୨୪ରୁ ପରିବେଶଧର୍ମୀ ଅନୁଷ୍ଠାନ 'ସାଥୀ ପରିବାର' ପକ୍ଷରୁ ଆଗାମୀ ୨୦ ବର୍ଷ ମଧ୍ୟରେ ୧୦ ହଜାର ବର ଚାରା ରୋପଣ ଅଭିଯାନ ଆରମ୍ଭ ହୋଇଥିଲା। ଏହି କ୍ରମରେ ଶୁକ୍ରବାର ରାଉତାଳ ଗ୍ରାମବାସୀ ଏବଂ ସାଥୀ ପରିବାର ମିଳିତ ଆୟୋଜନରେ 'ରାଉତାଳ ବରବୁରି' କାର୍ଯ୍ୟକ୍ରମ ଜରିଆରେ ଗୋଟିଏ ସ୍ଥାନରେ ୫୦ଟି ବର ଚାରା ରୋପଣ କରାଯାଇଛି। ମୁଖ୍ୟଅତିଥି ଭାବେ ଅନୁଗୋଳ ବନଖଣ୍ଡ ଅଧିକାରୀ ନୀତୀଶ କୁମାର ଯୋଗଦେଇ ଚାରା ରୋପଣ କରିବା ସହ ନୂତନ ଜଙ୍ଗଲ ସୃଷ୍ଟି ଓ ସଂରକ୍ଷିତ ଜଙ୍ଗଲକୁ ସୁରକ୍ଷା ଦେବାକୁ ଗ୍ରାମବାସୀଙ୍କ ସହଯୋଗ ଲୋଡ଼ିଥିଲେ। ସାଥୀ ପରିବାର ମୁଖ୍ୟ ପରାମର୍ଶଦାତା ସୁଶାନ୍ତ ତ୍ରିପାଠୀ ସଭା ପରିଚାଳନା କରିଥିବା ବେଳେ ଅନୁଗୋଳ ବନାଞ୍ଚଳ ଅଧିକାରୀ ଉଦ୍ଧବ ବେହେରା, ଗ୍ରାମ ସଭାପତି ନିରଞ୍ଜନ ସାହୁ, ଆର୍ଯ୍ୟଭଟ୍ଟ ଶିକ୍ଷାନୁଷ୍ଠାନ ଅଧ୍ୟକ୍ଷ ବିନୋଦ ବିହାରୀ ମାଝୀ, ବନପାଳ ଅଭିମନ୍ୟୁ ମାଝୀ, ବନରକ୍ଷୀ ପ୍ରିୟତମା ସାହୁ, ଅନୁଗୋଳ ଆଞ୍ଚଳିକ ସ୍ୱେଚ୍ଛାସେବୀ ସଂଗଠନର କର୍ମକର୍ତ୍ତା, ଗ୍ରାମର ବୟୋଜ୍ୟେଷ୍ଠ ବ୍ୟକ୍ତି ପବିତ୍ର ସାହୁ ଓ ଅରବିନ୍ଦ ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ପରିବେଶ ସୁରକ୍ଷା ସମ୍ବନ୍ଧୀୟ ନିଜ ବିଚାର ରଖିଥିଲେ। ଗ୍ରାମର ମହିଳା ପରିବେଶ ସୁରକ୍ଷା ସମିତି ସଦସ୍ୟା ସମୂହ, ରାଧାମୋହନ ଯୁବଗୋଷ୍ଠୀର ସଦସ୍ୟ, ଗ୍ରାମବାସୀ, ସାଥୀ ପରିବାର ସଦସ୍ୟ ଏବଂ ଆର୍ଯ୍ୟଭଟ୍ଟ ଶିକ୍ଷାନୁଷ୍ଠାନ ଛାତ୍ରମାନେ କାର୍ଯ୍ୟକ୍ରମରେ ସାମିଲ ହୋଇ ବର ଚାରା ରୋପଣ କରିଥିଲେ।

## କାର୍ଗିଲ ବିଜୟ ଦିବସରେ କବିତା ଆବୃତ୍ତି ସମାରୋହ

ଅନୁଗୋଳ,୨୬ ।୭ (ସମିସ): କାରଗିଲ ବିଜୟ ଦିବସରେ ସ୍ଥାନୀୟ ଜିଲ୍ଲା ସଂସ୍କୃତି ପାଠାଗାରରେ ସହିଦ ମାନସ ରଞ୍ଜନ ସ୍ମୃତି ପରିଷଦ ପକ୍ଷରୁ ଦେଶାତ୍ମବୋଧକ କବିତା ଆବୃତ୍ତି ପ୍ରତିଯୋଗିତା ଆୟୋଜିତ ହୋଇଛି। ଅନୁଗୋଳ ଅତିରିକ୍ତ ଏସ୍‌ପି ରାଜୀବ ଲୋଚନ ପଣ୍ଡା ମୁଖ୍ୟଅତିଥି ରୂପେ ଯୋଗଦେଇ ସୀମା ସୁରକ୍ଷା ହେଉ କି କୌଣସି ପ୍ରାକୃତିକ ବିପର୍ଯ୍ୟୟ, ସବୁଥିରେ ଭାରତୀୟ ଯବାନଙ୍କ ଭୂମିକା ପ୍ରଶଂସନୀୟ ବୋଲି ପ୍ରକାଶ କରିଥିଲେ। କାର୍ଗିଲ ଯୁଦ୍ଧରେ ପାକିସ୍ତାନର ପରାଜୟ ଏବଂ ଏହି ଯୁଦ୍ଧରେ ଅନୁଗୋଳର ମାନସ ରଞ୍ଜନ ସାହୁ କିଭଳି ସହିଦ ହୋଇଥିଲେ ସେ ବିଷୟରେ ବିଚାରକ ତଥା ସମ୍ମାନିତ ଅତିଥି ଭାବେ ଯୋଗଦେଇଥିବା ବରିଷ୍ଠ କବି ଅୟସ୍କାନ୍ତ ମହାପାତ୍ର ଏବଂ ଓଡ଼ିଶା ରାଜ୍ୟ ଆଇନଜୀବୀ ସଂଘର ସହ ଅଧ୍ୟକ୍ଷ ଭୂପେଶ ଚନ୍ଦ୍ର ପ୍ରଧାନ ପ୍ରକାଶ କରିଥିଲେ। ଶମ୍ଭୁନାଥ ନାଏକ, ମଞ୍ଚ ସଂଯୋଜନା କରିଥିବା ବେଳେ ଜୟନ୍ତ କର ଧନ୍ୟବାଦ ଦେଇଥିଲେ।



ସାଇଶ୍ରୀ ପ୍ରଧାନ, ତୃପ୍ତିମୟୀ ବିଶ୍ୱାଳ ଏବଂ ଅସିତ୍ କୁମାର ପଟ୍ଟନାୟକଙ୍କୁ ପୁରସ୍କୃତ କରାଯାଇଥିଲା। ବିଶ୍ୱରଞ୍ଜନ ପଟ୍ଟନାୟକ ସୁବ୍ରତ ତ୍ରିପାଠୀ, ସୁଶାନ୍ତ ସେଠୀ ଏବଂ ସତ୍ୟସୁନ୍ଦର ଦାସ ପ୍ରତିଯୋଗିତା ପରିଚାଳନାରେ ସହଯୋଗ କରିଥିଲେ।

## ନାବାଳିକାକୁ ଅପହରଣ; ଦୁଇ ଗିରଫ

ତାଳଚେର,୨୬ ।୭ (ସମିସ): ତାଳଚେର ବିକ୍ରମପୁର ଥାନା ଅଞ୍ଚଳର ଜଣେ ୬ଷ୍ଠ ଶ୍ରେଣୀ ଛାତ୍ରୀଙ୍କୁ ଅପହରଣ ଘଟଣାରେ ପୁଲିସ ଦୁଇଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ବିଶ୍ୱଜିତ୍ ନାଏକ (୧୯) ଓ ତାଙ୍କ ସହଯୋଗୀ ଗୋପାଳ ନାଏକ। ଅଭିଯୋଗ ଅନୁଯାୟୀ, ବିଶ୍ୱଜିତ୍ ନାବାଳିକାକୁ ଏକତରଫା ପ୍ରେମ କରୁଥିଲେ। ସେ ତାଙ୍କୁ ବିଭିନ୍ନ ପ୍ରଲୋଭନ ଦେଖାଇଥିଲେ ମଧ୍ୟ ନାବାଳିକା ଏଥିରେ ସମ୍ମତ ହୋଇ ନ ଥିଲେ। ଶନିବାର ବିଶ୍ୱଜିତ ଗୋପାଳଙ୍କ ସହଯୋଗରେ ନାବାଳିକାଙ୍କୁ ଏକାକୀ ପାଇ ଜୋରଜବରଦସ୍ତ ଅପହରଣ କରିନେଇଥିଲେ। ଏ ନେଇ ନାବାଳିକାଙ୍କ ପରିବାର ଲୋକେ ଥାନାରେ ଅଭିଯୋଗ କରିବା ପରେ ପୁଲିସ୍ ତଦନ୍ତ କରି ନାବାଳିକଙ୍କୁ ଉଦ୍ଧାର କରିବା ସହ ଦୁଇ ଅପହର୍ତ୍ତାଙ୍କୁ ଗିରଫ କରିଛି।

### ଦୁଇ ପୁସ୍ତକ ଉନ୍ମୋଚିତ

## ପବିତ୍ର ମୋହନ ପ୍ରଧାନଙ୍କୁ ଭାରତରତ୍ନ ପ୍ରଦାନ ଦାବି

କଣିହାଁ,୨୬ ।୭ (ସମିସ):

ଅନୁଗୋଳ ଜିଲ୍ଲା କଣିହାଁ କୋଇଲା କ୍ଷେତ୍ର କାର୍ଯ୍ୟାଳୟର ସଭାଗୃହରେ ରବିବାର ବିଶିଷ୍ଟ ହିନ୍ଦୀ ସାହିତ୍ୟିକ ତଥା କଣିହାଁ କୋଇଲା କ୍ଷେତ୍ର ପ୍ରବନ୍ଧକ ଇଂ. ଦୀନେଶ କୁମାର ମାଳିଙ୍କ ରଚିତ 'ପବିତ୍ର ମୋହନ ପ୍ରଧାନ: ଭାରତରତ୍ନ କେ ଦାବିଦାର' ଏବଂ ଶିକ୍ଷାବିତ ସୁଧାକର ସାହୁଙ୍କ ଧାର୍ମିକ ଗ୍ରନ୍ଥ 'ଜ୍ଞାନାମୃତ'ର ଉନ୍ମୋଚନ ଉତ୍ସବ ଅନୁଷ୍ଠିତ ହୋଇଛି। କଣିହାଁ କୋଇଲା କ୍ଷେତ୍ରର ମହାପ୍ରବନ୍ଧକ ନରେଶ ସିଂହ ରାଣାଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ପ୍ରଫେସର ଶାନ୍ତନୁ କୁମାର ସର ମୁଖ୍ୟଅତିଥି ଓ ପ୍ରଫେସର ବିଶ୍ୱରଞ୍ଜନ ପ୍ରଧାନ ମୁଖ୍ୟବକ୍ତା ଭାବେ ଯୋଗଦେଇ ପୁସ୍ତକ ଦୁଇଟିର ସମୀକ୍ଷା କରିଥିଲେ।

ବକ୍ତାମାନେ କହିଥିଲେ ଯେ ସ୍ୱାଧୀନତା ସଂଗ୍ରାମୀ ପବିତ୍ର ମୋହନ ପ୍ରଧାନଙ୍କ ପରି ନିଷ୍କଳଙ୍କ, ଚରିତ୍ରବାନ ଓ ଜନଦରଦୀ ନେତା ବିରଳ। ତାଙ୍କ ଆତ୍ମଜୀବନୀ 'ମୁକ୍ତିପଥେ ସୈନିକ' ଓଡ଼ିଶାର ସ୍ୱାଧୀନତା ଇତିହାସର ଏକ ଅମୂଲ୍ୟ ଦଲିଲ। ଜଣେ ସ୍ୱାଧୀନତା ସଂଗ୍ରାମୀ ଭାବେ ତାଙ୍କ ଅବଦାନ ଓ ବୀରତ୍ୱ ସବୁଦିନ ପାଇଁ ଇତିହାସରେ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇ ରହିବ। ତେଣୁ ଦଳମତ ନିର୍ବିଶେଷରେ ସମସ୍ତ ସ୍ତରରୁ ତାଙ୍କୁ 'ଭାରତରତ୍ନ' ସମ୍ମାନ ପ୍ରଦାନ ପାଇଁ ଦାବି ଉଠିବା ଉଚିତ ବୋଲି ମତ ପ୍ରକାଶ କରିଥିଲେ। କବି ଓ ଗାଳ୍ପିକ ତଥା କଳାପାଟ ତଳଗଡ଼ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ସିଦ୍ଧି ପ୍ରସାଦ ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ ସଭାରେ ଡ. ପୂର୍ଣ୍ଣଚନ୍ଦ୍ର ପ୍ରଧାନ, ଶିକ୍ଷାବିତ ସୁଧାକର ସାହୁ, ଶିଶୁ ସାହିତ୍ୟିକ ବିଭୂତିଭୂଷଣ ସ୍ୱାଇଁ, ଅଧ୍ୟାପକ ଧନେଶ୍ୱର ସାହୁ, ଶିକ୍ଷକ ବିଜୟ କୁମାର ପ୍ରଧାନ ଓ ଶ୍ରୀକାନ୍ତ କୁମାର ମିଶ୍ର ପ୍ରମୁଖ ଅତିଥି ଭାବେ ଯୋଗଦେଇ ନିଜ ମତବ୍ୟକ୍ତ କରିଥିଲେ। ଇଂ. ମାଳିଙ୍କ ସାହିତ୍ୟ ସାଧନା ଓ ଐତିହାସିକ ବ୍ୟକ୍ତିତ୍ୱଙ୍କ ଜୀବନୀକୁ ପୁସ୍ତକ ଆକାରରେ ଲିପିବଦ୍ଧ କରିବାର ଉଦ୍ୟମକୁ ଅତିଥିମାନେ ପ୍ରଶଂସା କରିଥିଲେ।



## କାରଗିଲ ବିଜୟ ଦିବସରେ ରକ୍ତଦାନ ଶିବିର



କିଶୋରନଗର,୨୬ ।୭ (ସମିସ): କାରଗିଲ ବିଜୟ ଦିବସରେ ଆଠମଲ୍ଲିକ ଉପଖଣ୍ଡରେ ଅବସରପ୍ରାପ୍ତ ଅର୍ଦ୍ଧସାମରିକ ବାହିନୀ ପକ୍ଷରୁ ଗଠିତ ପଞ୍ଚଧାରା ଭେଟେରାନ୍ସ ଆସୋସିଏସନ ପକ୍ଷରୁ ରବିବାର ବଇଣ୍ଡା କଲ୍ୟାଣମଣ୍ଡପରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଛି। ଏଥିରେ ସମୁଦାୟ ୩୨ ୟୁନିଟ ରକ୍ତ ସଂଗ୍ରହ କରାଯାଇଛି। ସଂଗଠନର ସଭାପତି ପ୍ରମୋଦ କୁମାର ପ୍ରଧାନ,ସମ୍ପାଦକ ସୁକାନ୍ତ କୁମାର ରଣା ଓ ସଂଗଠନର ଆଇନ ପରାମର୍ଶ ଦାତା ଆଇନଜୀବୀ ସଞ୍ଜୟ କୁମାର ପ୍ରଧାନ ଶିବିରକୁ ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମକୁ ଅତିଥିଭାବେ ଅନୁଗୋଳ ଓକିଲସଂଘ ସଭାପତି ଦିଲ୍ଲୀପ କୁମାର ସାହୁ, ଆଠମଲ୍ଲିକ ଓକିଲସଂଘ ସଭାପତି ସୁଶାନ୍ତ କୁମାର ମହାପାତ୍ର, ଅବସରପ୍ରାପ୍ତ ପୁଲିସ ଅଧିକାରୀ ଅର୍ଜୁନ କୁମାର ସାହୁ, ଆଠମଲ୍ଲିକ ଓକିଲସଂଘ ଉପସଭାପତି ଉଗ୍ରସେନ ସେଠୀ, ଆଇନଜୀବୀ ପ୍ରତାପ କୁମାର ପ୍ରଧାନ, ମାଧବ ଚନ୍ଦ୍ର ସାହୁ, ପ୍ରେମାନନ୍ଦ ସାହୁ ପ୍ରମୁଖ ଅତିଥିଭାବେ ଯୋଗଦେଇ କାରଗିଲ ସହିଦଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିବା ସହ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ଆଠମଲ୍ଲିକ ଏନଏସି, ବ୍ଲକ ଓ କିଶୋରନଗର ବ୍ଲକ ଅଞ୍ଚଳରୁ ୫୦ରୁ ଊର୍ଦ୍ଧ୍ୱ ସଂଗଠନର ସଭ୍ୟ ସହଯୋଗ କରିଥିଲେ।

## ଜାତୀୟ ରାଜପଥରେ ଭାଙ୍ଗିପଡ଼ିଛି ଗଛ

- ଦୁର୍ଘଟଣାକୁ ଆମନ୍ତ୍ରଣ କରୁଛି ବିଭାଗ

ତାଳଚେର ସହର,୨୬ ।୭ (ସମିସ): ଲଘୁଚାପ ଜନିତ ଲଗାଣ ବର୍ଷା କାରଣରୁ ଅନୁଗୁଳ ଜିଲ୍ଲା ଗୋଡିବନ୍ଧ ଛକ ଠାରୁ ତାଳଚେର ପର୍ଯ୍ୟନ୍ତ ଯାଇଥିବା ୧୪୯ ନମ୍ବର ଜାତୀୟ ରାଜପଥର ବଙ୍ଗାରୁ ପୋଲ ପାଖରେ ଗୋଟିଏ ବଡ ଗଛ ଭାଙ୍ଗି ରାସ୍ତା ଉପରେ ପଡ଼ିଛି। ଯାହାଦ୍ୱାରା ଲୋକମାନେ ଯିବା ଆସିବା ପାଇଁ ବେଶ୍ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଗଛଟି ଦୁଇଦିନ ଧରି ରାସ୍ତା ଉପରେ ପଡ଼ି ରହିଥିଲେ ମଧ୍ୟ ବିଭାଗ ଏଥିପ୍ରତି ଦୃଷ୍ଟି ଦେଉନି କିମ୍ବା କୌଣସି ପଦକ୍ଷେପ ଗ୍ରହଣ କରୁନାହିଁ। ଗଛଟି ରାସ୍ତାର ମଝି ପର୍ଯ୍ୟନ୍ତ ମାଡ଼ି ରହିଥିବା ବେଳେ ଗୋଡ଼ିବନ୍ଧ ଆଡୁ ତାଳଚେର ଅଭିମୁଖେ ଯାଉଥିବା ଲୋକେ ସମ୍ମୁଖରୁ ଆସୁଥିବା ଗାଡ଼ିଗୁଡ଼ିକୁ ଦେଖିପାରୁ ନାହାନ୍ତି। ଫଳରେ ଦୁର୍ଘଟଣା ଘଟିବା ଆଶଙ୍କାକୁ ଏଡ଼ାଇ ଦିଆଯାଇ ନ ପାରେ। ବିଭାଗ ଏଥିପ୍ରତି ତତ୍ପର ହୋଇ ଶୀଘ୍ର ରାସ୍ତାରୁ ଗଛ କାଟି ସମସ୍ୟା ଦୂର କରିବାକୁ ଦାବି ହେଉଛି।



## ଛାତ୍ରୀଛାତ୍ରମାନେ କଠିନ ପରିଶ୍ରମ କରିବାକୁ ପରାମର୍ଶ

ବଇଣ୍ଡା,୨୬ ।୭ (ସମିସ): କିଶୋରନଗର ବ୍ଲକ ବଇଣ୍ଡା ଜନତା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଗୁରୁବାର +୨ ପ୍ରଥମ ବର୍ଷ କଳା ଓ ବିଜ୍ଞାନ ବିଭାଗର ନବାଗତ ଛାତ୍ରଛାତ୍ରୀଙ୍କ ସ୍ୱାଗତ ଉତ୍ସବ ଓ ଓରିଏଣ୍ଟେସନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଅଧ୍ୟାପିକା ସୁମିତ୍ରା ସ୍ୱାଇଁ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଅଧ୍ୟାପକ ଅସିତ କୁମାର ଜେନା ସ୍ୱାଗତ ଭାଷଣ ଦେଇଥିଲେ। ଅଧ୍ୟକ୍ଷ ପ୍ରଶାନ୍ତ ଖମାରି ମୁଖ୍ୟଅତିଥି ଭାବେ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଶୃଙ୍ଖଳିତ ହେବାକୁ ପରାମର୍ଶ ଦେଇଥିଲେ। କଠିନ ପରିଶ୍ରମ କଲେ ସଫଳତାର ଶୀର୍ଷରେ ପହଞ୍ଚିବେ ବୋଲି କହିଥିଲେ। ଅଧ୍ୟାପକ ଚନ୍ଦ୍ରଶେଖର ସିଂ ପାଠ୍ୟକ୍ରମ ଓ ଶ୍ରେଣୀଗୃହ ସମ୍ପର୍କରେ ସୂଚନା ଦେଇଥିଲେ। ନିରଞ୍ଜନ ଦାଶ ନାମଲେଖା ପ୍ରକ୍ରିୟା ଓ ନିୟମାବଳୀ ଏବଂ ରାଜେଶ କୁମାର ବାଘ ପାଠାଗାର ନିୟମ ବିଷୟରେ ସୂଚନା ଦେଇଥିଲେ। ସେହିପରି ତରଣୀସେନ ସାହୁ କାର୍ଯ୍ୟାଳୟ ପ୍ରକ୍ରିୟା ଓ ବୃତ୍ତି, ଲିପୁ ସେନାପତି ଆଣ୍ଟି ରାଗିଂ ଓ ପୋଷାକପତ୍ରର ନିୟମ, ଦୀପକ କୁମାର ବେହେରା ରେଡ୍‌କ୍ରସ୍ ବିଷୟରେ ଛାତ୍ରଛାତ୍ରୀଙ୍କୁ ଅବଗତ କରିଥିଲେ। ଅଧ୍ୟାପିକା ନିବେଦିତା ହରୋ ଛାତ୍ରଛାତ୍ରୀଙ୍କୁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଗରିମା ରକ୍ଷା ଓ ସୁନାଗରିକ ହେବା ପାଇଁ ଶପଥପାଠ କରାଇଥିଲେ। ଡ. କାଳିଆ ସେଠୀ କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ଶୁଭ୍ରଶଶି ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

● ନୂତନ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ ଓ ବାସଗୃହ

## ଉଦ୍‌ଘାଟନକୁ ମାସେ ପୂରିନି, ଛାତରୁ ବାହାରୁଛି ପାଣି

ଗରଦପୁର, ୨୬।୭(ସମିସ): ନୂତନ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ ଓ ବାସଗୃହ ଉଦ୍‌ଘାଟନକୁ ମାସେ ପୂରିନି, ହେଲେ ଛାତରୁ ପାଣି ବୋହିଲାଣି। ଏଭଳି ଏକ ନଗ୍ନ ଚିତ୍ର ଗରଦପୁର ତହସିଲ ଅଧୀନରେ ଥିବା ବେଡାରୀ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟରେ ଦେଖିବାକୁ ମିଳିଛି। ଗତ ସରକାରଙ୍କ ସମୟରେ ଏହି ନୂତନ କାର୍ଯ୍ୟାଳୟ ଓ ବାସଗୃହ ନିର୍ମାଣ ନିମନ୍ତେ ସେତେବେଳେ ମନ୍ତ୍ରୀ ଥିବା ଅତନୁ ସବ୍ୟସାଚୀ ନାୟକଙ୍କ ପ୍ରଚେଷ୍ଟାରେ ସରକାର ୧ କୋଟି ୩୨ ଲକ୍ଷ ଟଙ୍କା ମଞ୍ଜୁର କରିଥିଲେ। ଏହି ନୂତନ କାର୍ଯ୍ୟାଳୟ ଓ ବାସଗୃହର ୨୦୨୩ରେ କେବଳ ଫାଉଣ୍ଡେସନ ତିଆରି ହୋଇଥିଲା। ଏହାର କିଛିଦିନ ପରେ ସରକାର ବଦଳିବା ଓ ବିଧାୟକ ବଦଳିବା ପରେ ଏହାର କାର୍ଯ୍ୟ ମନ୍ଥର ଗତିରେ ଚାଲି ଚଳିତ ବର୍ଷ ଜୁନ୍ ୧୯ ତାରିଖରେ ଜିଲ୍ଲାପାଳ ରଘୁନାଥ ଆର. ଆୟାରଙ୍କ ଉପସ୍ଥିତିରେ ସ୍ଥାନୀୟ ବିଧାୟକ ଅରବିନ୍ଦ ମହାପାତ୍ର ଉକ୍ତ କାର୍ଯ୍ୟାଳୟ ଓ ବାସଗୃହକୁ ଉଦଘାଟନ କରିଥିଲେ। ତେବେ କାର୍ଯ୍ୟାଳୟ ଛାତରୁ ପାଣି ବୋହୁଥିବା ନେଇ ଦେଖିବାକୁ ମିଳିଛି। ସରକାର ଜନସାଧାରଣଙ୍କ ପଇସାରୁ ଏତେ ଟଙ୍କା ବ୍ୟୟ କରିଥିଲେ ମଧ୍ୟ ଉକ୍ତ ଟଙ୍କା ପାଣିରେ ପଡ଼ିବା ନେଇ ଆଶଙ୍କା ସୃଷ୍ଟି ହୋଇଛି। ନୂତନ କାର୍ଯ୍ୟାଳୟର ଏପରି ଦୟନୀୟ ଅବସ୍ଥା ଦେଖି ଅଞ୍ଚଳବାସୀଙ୍କ ମନରେ କ୍ଷୋଭ ପ୍ରକାଶ ପାଇବା ସହ ଯଦି ଏହାର ନିରାକରଣ କରା ନ ଯାଏ, ତାହାହେଲେ କାର୍ଯ୍ୟାଳୟରେ ଜମିବାଡ଼ି କାଗଜପତ୍ର ନଷ୍ଟ ହେବାର ଯଥେଷ୍ଟ ସମ୍ଭାବନା ରହିଥିବା ନେଇ ଅଭିଯୋଗ ହେଉଛି। ଠିକାଦାରଙ୍କ ମନମାନୀ ଓ ନିମ୍ନମାନର କାର୍ଯ୍ୟ ଯୋଗୁଁ ଆଗାମୀ ଦିନରେ ଆହୁରି ହୀନସ୍ତା ଜନସାଧାରଣ ଭୋଗି ପାରନ୍ତି ବୋଲି ଉକ୍ତ କାର୍ଯ୍ୟାଳୟ ଉପରେ ନିର୍ଭର କରୁଥିବା ବେଡାରୀ, ପଦ୍ମପୁର ଓ ପାଟକୁରା ପଞ୍ଚାୟତବାସୀ କହିଛନ୍ତି। ଏ ସମ୍ପର୍କରେ ତହସିଲଦାର ଅମିତ ହୋତାଙ୍କୁ ପଚାରିବାରୁ ଏହାର ଅନୁଧ୍ୟାନ କରାଯାଇ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଛନ୍ତି।

## କାଟଣାବଣିଆ ସାମାଜିକ ସଂଗଠନର ଫଳ ଚାରା ବଣ୍ଟନ

ରାଜକନିକା, ୨୬।୭(ସମିସ): ବାହୁଡ଼ା ଯାତ୍ରା ଅବସରରେ ରାଜକନିକା ବ୍ଲକ କାଟଣାବଣିଆ ପଞ୍ଚାୟତ ସାମାଜିକ ସଂଗଠନ ପକ୍ଷରୁ ପ୍ରତ୍ୟେକ ଘରେ ଫଳଚାରା ଯୋଗାଇ ଦେବାକୁ ପ୍ରୟାସ ଆରମ୍ଭ ହୋଇଛି। ବାଜପୁରଠାରେ ଅନୁଷ୍ଠିତ ଚାରା ବଣ୍ଟନ କାର୍ଯ୍ୟକ୍ରମ ସଂଗଠନର ସଭାପତି ଶତ୍ରୁଘ୍ନ ସୂତାର, ସମ୍ପାଦକ ଦିଗମ୍ବର ପ୍ରଧାନ ଓ



କୋଷାଧ୍ୟକ୍ଷ ଧନୁର୍ଜୟ ଦାସଙ୍କ ମିଳିତ ସଂଯୋଜନାରେ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବିଶିଷ୍ଟ ଅତିଥି ଭାବେ ଅବସରପ୍ରାପ୍ତ ଶିକ୍ଷକ ମୁରଲୀଧର ଦାସ, ଶିକ୍ଷକ ନାରାୟଣ ବେହେରା, ଶିବାନନ୍ଦ ରାଉତ, ପ୍ରସନ୍ନ ପତି, ପ୍ରମୋଦ ସୂତାର, ବିପିନ ବିହାରୀ ମହାନ୍ତି, ଚନ୍ଦନ ବିଶ୍ୱାଳ ଓ ସଦ୍ୟପ୍ରସନ୍ନ ରାଉତ ପ୍ରମୁଖ ଯୋଗଦେଇ ପ୍ରତି ପରିବାରର ସଦସ୍ୟଙ୍କୁ ଗୋଟିଏ ଗୁଆ ଓ ଗୋଟିଏ ଜାମୁଡୋଳ ଗଛ ଚାରା ପ୍ରଦାନ କରିଥିଲେ। କାଟଣାବଣିଆ ପଞ୍ଚାୟତର ସବୁ ଘରେ ଏହି ଚାରା ପହଞ୍ଚାଇବା ସହ ସମସ୍ତ ଅନୁଷ୍ଠାନକୁ ୨୦ଟି ଚାରା ଯୋଗାଇ ଦେବାକୁ ସଂଗଠନ ପକ୍ଷରୁ ହେଉଥିବା ପ୍ରୟାସକୁ ସାଧାରଣରେ ପ୍ରଶଂସା କରାଯାଇଛି।

## ଶତାୟୁ ସ୍ୱାଧୀନତା ସଂଗ୍ରାମୀ ବିମ୍ବାଧର ମୁଦୁଲିଙ୍କ ଶୋକସଭା

ଡେରାବିଶ, ୨୬।୭(ସମିସ): ଶତାୟୁ ସ୍ୱାଧୀନତା ସଂଗ୍ରାମୀ ବିମ୍ବାଧର ମୁଦୁଲି (୧୦୩)ଙ୍କ ଗତ ୨୩ ତାରିଖରେ କଟକ ବଡ଼ ମେଡିକାଲ୍‌ରେ ବିୟୋଗ ହୋଇଯାଇଛି। କାଉପଡ଼ା ପଞ୍ଚାୟତସ୍ଥ ନିଜ ଜନ୍ମ ମାଟି ନିଳିକଣା ଶ୍ମଶାନରେ ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ବିମ୍ବାଧରଙ୍କ ସ୍ମୃତି ଉଦ୍ଦେଶ୍ୟରେ ରବିବାର ଅଳାବାଙ୍କଠାରେ ଏକ ଶୋକସଭା ଅନୁଷ୍ଠିତ ହୋଇଥିଲା। ବରିଷ୍ଠ ଆଇନଜୀବୀ ବିଜୟ ପରିଡ଼ାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ



ଡେରାବିଶ ବ୍ଲକର ପୂର୍ବତନ ଅଧ୍ୟକ୍ଷ ସରୋଜ କାନ୍ତ ସାହୁ, ଅଧ୍ୟାପକ ପ୍ରଭାକର ସାମଲ, ଗାନ୍ଧୀ ପଦଯାତ୍ରା ସ୍ମୃତି ପରିଷଦ ସମ୍ପାଦକ ରାଜେଶ ପଣ୍ଡା, ସାମାଜିକ କର୍ମୀ ଲକ୍ଷ୍ମୀକାନ୍ତ ମହାପାତ୍ର, ଶିକ୍ଷାବିତ୍ ବିଧାନ ସାମଲ, ପ୍ରମୋଦ ବେହେରା ଓ କରୁଣାକର ସ୍ୱାଇଁ, ଆଇନଜୀବୀ ବିଧୁଭୂଷଣ ମହାପାତ୍ର ଯୋଗଦେଇ ସ୍ୱର୍ଗତ ମୁଦୁଲିଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ଦେଇଥିଲେ। କାଉପଡ଼ା ସରପଞ୍ଚ ପ୍ରତାପ ବେହେରା, ପୂର୍ବତନ ସରପଞ୍ଚ ଦାମୋଦର ବେହେରା, ସାମାଜିକ କର୍ମୀ ଅଭିମନ୍ୟୁ ରାଉତ, ମରୁତ ସ୍ୱାଇଁ, ଶିକ୍ଷାବିତ୍ ଈଶ୍ୱର ପୃଷ୍ଟି, ଦୀପକ ଓଝା, ରମେଶ ସ୍ୱାଇଁ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ମୁଦୁଲିଙ୍କ ଉଦ୍ଦେଶ୍ୟରେ ଭାବପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହ ବିମ୍ବାଧରଙ୍କ ତ୍ୟାଗପୂତ ଜୀବନ ଓ ଗାନ୍ଧୀଙ୍କ ଜୀବନାଦର୍ଶ ବିଷୟରେ ଯୁବଛାତ୍ରଙ୍କୁ ସଚେତନ କରାଇବା ପାଇଁ ଯେଉଁ ଉଦ୍ୟମ ତାହା ସବୁଦିନେ, ସବୁସମୟରେ ଯୁବପିଢ଼ିଙ୍କ ପାଇଁ ପ୍ରେରଣାର ଉତ୍ସ ହୋଇ ରହିବ ବୋଲି କହିଥିଲେ। ଆସନ୍ତା ଅଗଷ୍ଟ ୩ ତାରିଖ ସୋମବାର ସ୍ୱର୍ଗତ ମୁଦୁଲିଙ୍କ ଦ୍ୱାଦଶାହ ତିଥିରେ ଜିଲ୍ଲାସ୍ତରୀୟ ସ୍ମୃତିଚାରଣ ସଭା ପାଇଁ ଏକ ସ୍ମୃତି କମିଟି ଗଠନ କରାଯାଇଥିଲା। ଏଥିରେ ୧୫ ଜଣ ବୁଦ୍ଧିଜୀବୀଙ୍କୁ ନେଇ ଏକ ସ୍ମୃତି କମିଟି ଗଠନ କରାଯାଇଛି। ଆଜି ସଭା ପୂର୍ବରୁ ଦୁଇମିନିଟ୍ ନିରବ ପ୍ରାର୍ଥନା କରାଯାଇଥିଲା।

## ସମାଜସେବୀ ଅଜୟ ରାଉତଙ୍କୁ ଶ୍ରଦ୍ଧାଞ୍ଜଳି

ପଟ୍ଟାମୁଣ୍ଡାଇ, ୨୬।୭(ସମିସ): ବଲୁରିଆ ପଞ୍ଚାୟତ ରଘୁନାଥଜୀଉପାଟଣା ଗ୍ରାମର ବିଶିଷ୍ଟ ସମାଜସେବୀ, ରାୟପୁର ଓଡ଼ିଆ ସମାଜର ପ୍ରତିଷ୍ଠାତା, ଗ୍ରାମ ସପ୍ତା କମିଟି ସଭାପତି ଅଜୟ ରାଉତଙ୍କ ଏକାଦଶାହରେ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ଚିତ୍ତରଞ୍ଜନ ମଲ୍ଲିକଙ୍କ ସଂଯୋଜନାରେ ଆୟୋଜିତ ଶ୍ରଦ୍ଧାଞ୍ଜଳି ସଭାରେ ଦୈତାରୀ ନାୟକ ମେମୋରିଆଲ ଟ୍ରଷ୍ଟ



ସଭାପତି ଭଗବାନ ରାଉତ, ସମ୍ପାଦକ ରଞ୍ଜିତ ରାଉତ, ପଟ୍ଟାମୁଣ୍ଡାଇ କଲେଜ ପଦାର୍ଥ ବିଜ୍ଞାନ ବିଭାଗ ମୁଖ୍ୟ ପ୍ରାଧ୍ୟାପକ ରମେଶ ସାହୁ, ଦେବରାୟ ସମ୍ବରସିଂହ କଲେଜ ଅଧ୍ୟାପକ ନୃସିଂହ ଚରଣ ସ୍ୱାଇଁ, ଶିକ୍ଷାବିତ ପାର୍ଥସାରଥୀ ଦାଶ, ଦିଲ୍ଲୀପ ଖଣ୍ଡାୟୀ, ରବୀନ୍ଦ୍ର ରାଉତ, ରମେଶ ସାହୁ, ଏଲଆଇସି ଅଭିକର୍ତ୍ତା ରଞ୍ଜିତ ପାତ୍ର ପ୍ରମୁଖ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେଇ ଦିବଂଗତ ସମାଜସେବୀ ଶ୍ରୀ ରାଉତଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। କାଶୀନାଥ ରାଉତଙ୍କ ମାର୍ଗଦର୍ଶନରେ ଅନୁଷ୍ଠିତ କାର୍ଯ୍ୟକ୍ରମ ଆରମ୍ଭରେ ସଙ୍ଗୀତଜ୍ଞ ସୁଧାଂଶୁ ଦାସ ଭଜନ ପରିବେଷଣ କରିଥିବାବେଳେ ପଣ୍ଡିତ ଗଣେଶ ଚନ୍ଦ୍ର ଶତପଥି ଗୀତା ପାଠ କରିଥିଲେ। ଅମୀୟ ରାଉତ ଧନ୍ୟବାଦ ଦେଇଥିଲେ।

ତୁଳସୀକ୍ଷେତ୍ରରେ ଘୋଷଯାତ୍ରା

# ରଘୁନାଥ ବେଶରେ ଝଲସିଲେ ତିନିଠାକୁର

କେନ୍ଦ୍ରାପଡ଼ା, ୨୬।୭(ସମିସ)



ତୁଳସୀକ୍ଷେତ୍ରର ଆରାଧ୍ୟ ଦେବତା ମହାପ୍ରଭୁ ସିଦ୍ଧ ଶ୍ରୀବଳଦେବଜୀଉଙ୍କ ବାର୍ଷିକ ଘୋଷଯାତ୍ରାର ଅନ୍ତିମ ପର୍ବ ନୀଳାଦ୍ରି ବିଜେ ଅବସରରେ ରବିବାର ଅନୁଷ୍ଠିତ ହୋଇଥିବା ଦୁର୍ଲ୍ଲଭ ରଘୁନାଥ ବେଶ ଶ୍ରଦ୍ଧାଳୁଙ୍କୁ ଭକ୍ତିମୟ ପରିବେଶରେ ବିମୋହିତ କରିଥିଲା। ମହାପ୍ରଭୁ ବଳଦେବଜୀଉଙ୍କ ସହ ପ୍ରଭୁ ଜଗନ୍ନାଥ ଓ ଦେବୀ ସୁଭଦ୍ରା ପ୍ରାୟ ୩ରୁ କ୍ୱିଣ୍ଟାଲ ଚାନ୍ଦି ଅଳଙ୍କାରରେ ସୁସଜ୍ଜିତ ହୋଇ ଭକ୍ତଙ୍କୁ ଦିବ୍ୟ ଦର୍ଶନ ଦେଇଛନ୍ତି।

ଦୀର୍ଘ ୯ ଦିନର ଘୋଷଯାତ୍ରା ସମାପ୍ତ କରି ଶ୍ରୀଜୀଉମାନେ ରତ୍ନ ସିଂହାସନକୁ ବିଜେ କରିବା ପୂର୍ବରୁ ମଧ୍ୟାହ୍ନରୁ ରଘୁନାଥ ବେଶରେ ସଜ୍ଜିତ ହୋଇଥିଲେ। ଚାନ୍ଦିର ଧନୁ, ତୀର, କିରୀଟ, ବାହୁବନ୍ଧ, କୁଣ୍ଡଳ ଓ ବିଭିନ୍ନ ଅଳଙ୍କାରରେ ତିନି ଠାକୁରଙ୍କ ରୂପ ଅତ୍ୟନ୍ତ ମନୋହର ଦେଖାଯାଉଥିଲା। ଦୁର୍ଲ୍ଲଭ ଏହି ବେଶ ଦର୍ଶନ ପାଇଁ ଦିନତମାମ ଶ୍ରଦ୍ଧାଳୁଙ୍କ ଭିଡ଼ ଲାଗି ରହିଥିଲା। ତୁଳସୀକ୍ଷେତ୍ରରେ ପୁରୀ ଶ୍ରୀମନ୍ଦିର ପରି ସୁନାବେଶ ପ୍ରଚଳିତ ନ ଥିବାବେଳେ ରଘୁନାଥ ବେଶର ସ୍ୱତନ୍ତ୍ର ପରମ୍ପରା ରହିଛି। ପୂର୍ବରୁ ସୋଲ ଓ ଫୁଲରେ ଅଳଙ୍କାର ପ୍ରସ୍ତୁତ କରି ଏହି ବେଶ କରାଯାଉଥିଲା। ସମୟକ୍ରମେ ଚାନ୍ଦିର ଅଳଙ୍କାର ବ୍ୟବହାର ବଢ଼ିଥିବାବେଳେ ଚଳିତବର୍ଷ ବିପୁଳ ପରିମାଣର ଚାନ୍ଦିରେ ଏହି ବେଶ ଅଧିକ ଆକର୍ଷଣୀୟ ହୋଇଥିଲା। ରଘୁନାଥ ବେଶରେ ହନୁମାନ, ଜାମ୍ବବାନ, ନଳ, ନୀଳ ପ୍ରମୁଖ ପାର୍ଶ୍ୱଦେବତାଙ୍କ ପୂଜା ମଧ୍ୟ ସମ୍ପନ୍ନ ହୋଇଥିଲା। ରାତିରେ ବଡ଼ଧୂପ ନୀତି ପରେ ବିଭୀଷଣ ପୂଜା ଅନୁଷ୍ଠିତ ହୋଇ ଶ୍ରୀଜୀଉମାନଙ୍କ ନୀଳାଦ୍ରି ବିଜେ ନୀତି ସମ୍ପାଦିତ ହୋଇଥିଲା। ଲୋକ ବିଶ୍ୱାସ ଅନୁଯାୟୀ, ରଥାରୂଢ଼ ମହାପ୍ରଭୁଙ୍କ ରଘୁନାଥ ବେଶ ଦର୍ଶନ କଲେ କୋଟିଜନ୍ମର ପୁଣ୍ୟ ଲାଭ ହେବା ସହ ପାପକ୍ଷୟ ହୁଏ। ଏହି ଆସ୍ଥାକୁ ନେଇ ଚଳିତବର୍ଷ ମଧ୍ୟ ଜିଲ୍ଲା ତଥା ରାଜ୍ୟର ବିଭିନ୍ନ ସ୍ଥାନରୁ ହଜାର ହଜାର ଭକ୍ତ ତୁଳସୀକ୍ଷେତ୍ରରେ ପହଞ୍ଚି ମହାପ୍ରଭୁଙ୍କ ଦିବ୍ୟ ରୂପ ଦର୍ଶନ କରି ଆଧ୍ୟାତ୍ମିକ ଆନନ୍ଦ ଲାଭ କରିଥିଲେ।

## ବେଲାରପୁରରେ ଘୋଷଯାତ୍ରା

ଡେରାବିଶ, ୨୬।୭(ସମିସ): ଡେରାବିଶ ବ୍ଲକ ରଘୁଦେଇପୁର ପଞ୍ଚାୟତ ଅନ୍ତର୍ଗତ ବେଲାରପୁରରେ ଶ୍ରୀଗୁଣ୍ଡିଚା ତିଥି ଅବସରରେ ଆରମ୍ଭ ହୋଇଥିବା ନବଦିନାତ୍ମକ ଘୋଷଯାତ୍ରା ଶନିବାର ସନ୍ଧ୍ୟାରେ ଶେଷ ହୋଇଛି। ଏକାଦଶୀ ତିଥି ଥିବାରୁ ସନ୍ଧ୍ୟାରେ ଶ୍ରୀଜୀଉଙ୍କୁ ସୁନାବେଶ କରାଯାଇଥିଲା। ପରେ ବିଳମ୍ବିତ ରାତିରେ ରଥାରୁଢ଼ ଶ୍ରୀଜୀଉଙ୍କୁ ଗୋଟି ପହଣ୍ଡିରେ ଅଣାଯାଇ ସିଂହାସନରେ ବିଜେ କରାଯାଇଥିଲା। ଏହି ଯାତ୍ରା ଦେଖିବା ପାଇଁ ବ୍ଲକ ଅଞ୍ଚଳର ବିଭିନ୍ନ ପ୍ରାନ୍ତରୁ ଶତାଧିକ ଶ୍ରଦ୍ଧାଳୁଙ୍କ ଭିଡ଼ ଲାଗି ରହିଥିଲା। ଏହି କାର୍ଯ୍ୟକ୍ରମକୁ ରତ୍ନାକର ସାହୁଙ୍କ ସମେତ ଗ୍ରାମବାସୀ ପରିଚାଳନା କରିଥିଲେ।



## ଦାଣ୍ଡିସାହିରେ ଚତୁର୍ଦ୍ଧାମୂର୍ତ୍ତିଙ୍କ ନିଆରା ବାହୁଡ଼ା ଯାତ୍ରା

ପଟ୍ଟାମୁଣ୍ଡାଇ, ୨୬।୭(ସମିସ): ପଟ୍ଟାମୁଣ୍ଡାଇ ବ୍ଲକ ଦାଣ୍ଡିସାହି ଗ୍ରାମର ଲକ୍ଷ୍ମୀନାରାୟଣ ପୂଜା କମିଟି ଆନୁକୂଲ୍ୟରେ ନିଆରା ଢଙ୍ଗରେ ପୂଜକ, ବେଦଜ୍ଞ ପଣ୍ଡିତ ଓ ଶତାଧିକ ଶିଶୁଙ୍କ ଦ୍ୱାରା ପ୍ରଭୁ ଶ୍ରୀଜଗନ୍ନାଥ, ବଳଭଦ୍ର, ମା' ସୁଭଦ୍ରାଙ୍କ ପବିତ୍ର ବାହୁଡା ଯାତ୍ରା ଆୟୋଜନ କରାଯାଇଥିଲା। ପଣ୍ଡିତ ଦେବରାଜ ପାଢ଼ୀ, ଦେବ ଶର୍ମା, ପଣ୍ଡିତ ଅରୁଣ କୁମାର ପାଢ଼ୀ, ପଣ୍ଡିତ ପାର୍ଥସାରଥୀ ପାଢ଼ୀ, ପଣ୍ଡିତ ରାଜେନ୍ଦ୍ର ପାଢ଼ୀ, ପୂଜକ



ଧର୍ମେନ୍ଦ୍ର ପାଢ଼ୀ, ଜିତେନ୍ଦ୍ର ପାଢ଼ୀ ପ୍ରମୁଖ ପ୍ରଭୁଙ୍କ ସକାଳ ନୀତି ସମ୍ପନ୍ନ କରି ବାହୁଡା ଯାତ୍ରା ଆରମ୍ଭ କରିଥିଲେ। ପ୍ରଭୁଙ୍କ ଏହି ବାହୁଡା ଯାତ୍ରାରେ ମନ୍ଦିର ପରିଚାଳନା କମିଟିର ସୁଧାଂଶୁ ପ୍ରଧାନ, ପ୍ରଦୀପ ଦାସ, ସୁବାସ ଦାସ, ରାଜେଶ ପ୍ରଧାନ, ସରୋଜ ପ୍ରଧାନ, ଜ୍ୟୋତି ରଞ୍ଜନ ପ୍ରଧାନ, ବିନୋଦ ପାଢ଼ୀ, ଅଧ୍ୟାପକ ନିହାର ସୁତାର, ସୁଶୀଲ ପ୍ରଧାନ, ଶୋଭିତ ପ୍ରଧାନ, ହୃତିକ ପ୍ରଧାନ, ପ୍ରଭାତ ପ୍ରଧାନ, ଦୀପକ ପ୍ରଧାନ, ଜୀବନ ସାହୁ ପ୍ରମୁଖ ବହୁ ମାନ୍ୟଗଣ୍ୟ ବ୍ୟକ୍ତି, ଶହ ଶହ ଶ୍ରଦ୍ଧାଳୁ ଯୋଗଦେଇ ରଥ ଟାଣିବା ସହିତ ପ୍ରଭୁ ଶ୍ରୀଜଗନ୍ନାଥ, ବଳଭଦ୍ର ଓ ମା' ସୁଭଦ୍ରାଙ୍କ ଆଶୀର୍ବାଦ ଭିକ୍ଷା କରିଥିଲେ।

## କଳଦିଆରେ ରଥଯାତ୍ରା ସମ୍ପନ୍ନ

ଆଳି, ୨୬।୭(ସମିସ): ଆଳି ବ୍ଲକ ଅଧୀନ ନମୌଜା ଅଞ୍ଚଳର କଳଦିଆରେ ରଥଯାତ୍ରା ସମ୍ପନ୍ନ ହୋଇଛି। ରଥ ଶନିବାର ସନ୍ଧ୍ୟାରେ ଚକଡ଼ା ଲାଗିଛି। ଶନିବାର ଅପରାହ୍ନରେ ଶ୍ରୀଜୀଉଙ୍କୁ ରଥାରୂଢ଼ କରାଇ ଶ୍ରୀଜୀଉଙ୍କ ମୁଖ୍ୟ ପୂଜକ କ୍ଷୀରୋଦ କୁମାର ଦାଶଙ୍କ ଦ୍ୱାରା ସ୍ୱତନ୍ତ୍ର ପୂଜାର୍ଚ୍ଚନା ପରେ ରଥଟଣା କାର୍ଯ୍ୟ ଆରମ୍ଭ ହୋଇଥିଲା। ପ୍ରତିକୂଳ ପାଗ ସତ୍ତ୍ୱେ ହଜାର ହଜାର ଭକ୍ତ ହରିବୋଲ ହୁଳହୁଳି ଧ୍ୱନି ଦେଇ ରଥଟାଣି ମନ୍ଦିର ସମ୍ମୁଖରେ ପହଞ୍ଚାଇ ଥିଲେ। ରଥରେ ସନ୍ଧ୍ୟା ଆଳତି ଦେଖିବା ପାଇଁ ଭକ୍ତଙ୍କ ଭିଡ଼ ଲାଗି ରହିଥିଲା। ଗତକାଲି ସନ୍ଧ୍ୟାରେ ସମସ୍ତ ନୀତିକାନ୍ତି ପରେ ରଥାରୂଢ଼ ଶ୍ରୀଜୀଉଙ୍କ ପବିତ୍ର ଏକାଦଶୀ ତିଥି ପାଳନ କରାଯାଇଥିଲା। ଏ ଅବସରରେ ଶ୍ରୀଜୀଉଙ୍କୁ ସୁନା ବେଶ କରାଯିବା ସହିତ ପୋଡ଼ପିଠା ଭୋଗ ଲାଗି କରାଯାଇଥିଲା। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ଆଳି ଥାନା ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। କଳଦିଆ ଗ୍ରାମରେ ହେଉଥିବା ଏହି ରଥଯାତ୍ରା ଆଜିକୁ ଶହେ ବର୍ଷ ତଳୁ ଆରମ୍ଭ ହୋଇଥିଲା। ଯାହାକି ପୁରୀସ୍ଥ ମାଦଳା ପାଞ୍ଜିରେ ବର୍ଣ୍ଣିତ ହୋଇଥିବା ମଧ୍ୟ



ମୁଖ୍ୟ ପୂଜକ ଉଲ୍ଲେଖ କରିଥିଲେ। ୧୦୦ ବର୍ଷ ପୂର୍ତ୍ତି ଉପଲକ୍ଷେ ଚଳିତ ବର୍ଷ ପୁରୀରୁ ରଥ କାଠ ଅଣାଯାଇ ନୂତନ ରଥ ନିର୍ମାଣ କରାଯାଇଥିଲା। ଶ୍ରୀଜଗନ୍ନାଥ ସେବକମାନେ ଆଜିକୁ ୯ ଦିନ ଧରି ଶ୍ରୀଜୀଉଙ୍କ ସମସ୍ତ ନୀତିକାନ୍ତି କରିଥିଲେ।

## ସାମ୍ବାଦିକ ଦୀପକ ନାୟକଙ୍କୁ ସମ୍ବର୍ଦ୍ଧନା

ଆଳି, ୨୬।୭(ସମିସ): କେନ୍ଦ୍ରାପଡ଼ାର ଆରାଧ୍ୟ ଦେବତା ବଳଦେବଜୀଉଙ୍କ ପବିତ୍ର ବାହୁଡ଼ା ଯାତ୍ରା ଅବସରରେ କ୍ଷତ୍ରୀୟ ଖଣ୍ଡାୟତ ମହାସଂଘ କେନ୍ଦ୍ରାପଡ଼ା ଜିଲ୍ଲା ଦ୍ୱାରା ବଡ଼ଦାଣ୍ଡରେ ଏକ ବିଶେଷ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି



କାର୍ଯ୍ୟକ୍ରମରେ ଦିନ ତମାମ ଆଗନ୍ତୁକ ୫ ହଜାରରୁ ଉର୍ଦ୍ଧ୍ୱ ଭକ୍ତଙ୍କ ପାଇଁ ଅନ୍ନ ପ୍ରସାଦର ବ୍ୟବସ୍ଥା କରାଯାଇଥିଲା। ଏଥିସହିତ ବିଭିନ୍ନ କ୍ଷେତ୍ରରେ ପ୍ରତିଭାବାନ ବ୍ୟକ୍ତିତ୍ୱଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏ ପରିପ୍ରେକ୍ଷୀରେ ଆଳି ବ୍ଲକର ଯୁବ ସାମ୍ବାଦିକ ଦୀପକ କୁମାର ନାୟକଙ୍କୁ ତାଙ୍କର ନିର୍ଭିକ ସାମ୍ବାଦିକତା ଓ ନିରବଚ୍ଛିନ୍ନ କାର୍ଯ୍ୟଦକ୍ଷତା ପାଇଁ ସମ୍ବର୍ଦ୍ଧିତ କରାଯାଇଥିଲା। ସମାଜରେ ସତ୍ୟର ଆଲୋକ ବିସ୍ତାର କରୁଥିବା ଯୁବ ସାମ୍ବାଦିକଙ୍କ ସହ ବିଭିନ୍ନ କ୍ଷେତ୍ରରେ ବହୁ ପ୍ରତିଭାଙ୍କୁ ସମ୍ବର୍ଦ୍ଧିତ କରିବା ପାଇଁ ଆଜି ଏଠାରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଆଳି ରାଜା ତଥା କ୍ଷତ୍ରୀୟ ଖଣ୍ଡାୟତ ମହାସଂଘ ରାଜ୍ୟ ଉପଦେଷ୍ଟା ବ୍ରଜକେଶରୀ ଦେବ ଯୋଗ ଦେଇଥିଲେ। ମହାସଂଘର ଜିଲ୍ଲା ସଭାପତି ଶରତ ବେହୁରା, ରାଜ୍ୟ ଆବାହକ ସୁଧାଂଶୁ ବେହୁରା, ଜିଲ୍ଲା ଉପଦେଷ୍ଟା ଧନେଶ୍ୱର ରାଉତ, ସଂଯୋଜକ ଚନ୍ଦନ ପରିଡ଼ା, କାଯ୍ୟକାରୀ ସଭାପତି ଗୋଲେଖ ପଢ଼ିଆରୀ, ଜିଲ୍ଲା ସମ୍ପାଦକ ସୁମନ୍ତ ରାଉତ ପ୍ରମୁଖ ଉପସ୍ଥିତ ଥିଲେ। ମଞ୍ଜୁଲତା ବେହେରା, ସହଦେବ ସିଂ, ମିନତୀ ମହାନ୍ତି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

● ଜିଲ୍ଲାପାଳଙ୍କ ନିର୍ଦ୍ଦେଶକୁ ବିଡିଓଙ୍କ ବେଖାତିର

## ୪୯ ଦିନ ପରେ ବି କାର୍ଯ୍ୟକାରୀ ହେଲାନି ପିଇଓ ବଦଳି ନିର୍ଦ୍ଦେଶ

ମହାକାଳପଡ଼ା, ୨୬।୭ (ସମିସ): ମହାକାଳପଡ଼ା ବ୍ଲକରେ ତିନିବର୍ଷରୁ ଅଧିକ ଦିନ ଧରି କାର୍ଯ୍ୟରତ ଥିବା ପାଞ୍ଚଜଣ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ (ପିଇଓ)ଙ୍କ ବଦଳି ନେଇ ଜାରି ହୋଇଥିବା ଜିଲ୍ଲାପାଳଙ୍କ ନିର୍ଦ୍ଦେଶ ଏ ପର୍ଯ୍ୟନ୍ତ କାର୍ଯ୍ୟକାରୀ ହୋଇ ନ ଥିବାରୁ ପ୍ରଶ୍ନ ଉଠିଛି। ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପକ୍ଷରୁ ଜାରି ହୋଇଥିବା ଚିଠି ନଂ ୯୫୬ ଅନୁସାରେ ସୁକୁମାର ମଣ୍ଡଳ, ବିଭୁରଞ୍ଜନ ସାହୁ, ପ୍ରକାଶ ମଲ୍ଲିକ, ମୃତ୍ୟୁଞ୍ଜୟ ରାଉତ ଓ ଚନ୍ଦନ କୁମାର ଦାସଙ୍କୁ ଅନ୍ୟ ବ୍ଲକକୁ ବଦଳି କରାଯାଇଥିଲା। ସେମାନଙ୍କ ସ୍ଥାନରେ ସ୍ୱାଗତିକା ବେହେରା, ଧର୍ମାନନ୍ଦ ବେହେରା, ନିରୋଦ ସ୍ୱାଇଁ, ପ୍ରଭାତ ମଲ୍ଲିକ ଓ ସ୍ମୃତିରେଖା ମହାନ୍ତିଙ୍କୁ ମହାକାଳପଡ଼ା ବ୍ଲକରେ ଯୋଗଦେବା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା। ଏହି ଆଦେଶରେ ୧୦ ଜୁନ ସୁଦ୍ଧା ସମ୍ପୃକ୍ତ ଅଧିକାରୀଙ୍କୁ ରିଲିଭ୍ କରି ରିପୋର୍ଟ ଦାଖଲ କରିବାକୁ ବିଡିଓଙ୍କୁ କୁହାଯାଇଥିଲା। ତେବେ ଅଭିଯୋଗ ହେଉଛି, ଆଦେଶ ଜାରି ହେବାର ୪୯ ଦିନ ବିତିଯାଇଥିଲେ ମଧ୍ୟ ସମ୍ପୃକ୍ତ ପିଇଓଙ୍କୁ ଏପର୍ଯ୍ୟନ୍ତ ରିଲିଭ୍ କରାଯାଇନାହିଁ। ଏହାକୁ ନେଇ ସାଧାରଣ ଲୋକ ଓ ବିଭିନ୍ନ ମହଲରେ ଚର୍ଚ୍ଚା ଜୋର ଧରିଛି। ସୂଚନା ଅଧିକାର କର୍ମୀ ସୁବ୍ରତ ସେଠୀଙ୍କ କହିବା ଅନୁଯାୟୀ, ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ବଦଳି ଆଦେଶ କାର୍ଯ୍ୟକାରୀ ନ ହେବାର କାରଣ ପ୍ରଶାସନ ସ୍ପଷ୍ଟ କରିବା ଆବଶ୍ୟକ। ସେ ବାହ୍ୟ ଚାପ ଥିବା ସନ୍ଦେହ ପ୍ରକାଶ କରି ଘଟଣାର ନିରପେକ୍ଷ ତଦନ୍ତ ଦାବି କରିଛନ୍ତି। ଅନ୍ୟପକ୍ଷରେ କେତେକ କର୍ମଚାରୀ ନାମ ପ୍ରକାଶ ନ କରିବା ସର୍ତ୍ତରେ ଦାବି କରିଛନ୍ତି ଯେ, ବଦଳି ହୋଇଥିବା କେତେକ ଅଧିକାରୀଙ୍କ ବିରୋଧରେ ପୂର୍ବରୁ ବିଭିନ୍ନ ଅଭିଯୋଗ ରହିଥିବାବେଳେ ସେମାନଙ୍କୁ ବ୍ଲକରେ ରଖିବା ପାଇଁ ବିଭିନ୍ନ ସ୍ତରରେ ପ୍ରୟାସ ଚାଲିଥିବା କଥା ଶୁଣିବାକୁ ମିଳୁଛି। ଏହି ଦାବିର ସ୍ୱାଧୀନ ସତ୍ୟାପନ ହୋଇପାରିନାହିଁ। ଏ ସମ୍ପର୍କରେ ମହାକାଳପଡ଼ା ବ୍ଲକ ପ୍ରଶାସନ କିମ୍ବା ଭାରପ୍ରାପ୍ତ ବିଡିଓଙ୍କ ପ୍ରତିକ୍ରିୟା ମିଳିପାରିନାହିଁ। କେବେ ବିଡିଓ ମହାଶୟ ପିଇଓଙ୍କୁ ରିଲିଭ କରିବେ, ତାହା ଦେଖିବାକୁ ବାକି ରହିଲା।

## ଅଧ୍ୟାପକଙ୍କ ଅକାଳ ବିୟୋଗ

ଡେରାବିଶ, ୨୬।୭(ସମିସ): ଡେରାବିଶ ବ୍ଲକ ଦାନପୁର ପଞ୍ଚାୟତ ଅନ୍ତର୍ଗତ କେଶରପୁର ଗ୍ରାମର ଅଧ୍ୟାପକ ଅଭିମନ୍ୟୁ ଦାସ (୫୭)ଙ୍କ ପୁରୀ ରଥଦାଣ୍ଡରେ ମା' ସୁଭଦ୍ରାଙ୍କ ରଥ ଟାଣୁଥିବା ସମୟରେ ଅସୁସ୍ଥ ହୋଇପଡ଼ି ପରଲୋକ ଘଟଣା ଅଞ୍ଚଳରେ ଶୋକର ଛାୟା ଖେଳାଇ ଦେଇଛି। ସ୍ୱର୍ଗତ ଦାସ ବିଜେପି କଲେଜରେ ଅଧ୍ୟାପକ ଭାବେ କାର୍ଯ୍ୟରତ ଥିଲେ। ବାହୁଡ଼ା ଦିନ ସେ ପୁରୀ ରଥଯାତ୍ରାକୁ ଯାଇ ମା' ସୁଭଦ୍ରାଙ୍କ ରଥ ଟାଣୁଥିବା ସମୟରେ ଅସୁସ୍ଥତା ଅନୁଭବ କରିବାରୁ ତାଙ୍କୁ ପ୍ରଥମେ ଅସ୍ଥାୟୀ ସ୍ୱାସ୍ଥ୍ୟ ଶିବିର ଓ ପରେ ପୁରୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ପରଦିନ ଶବ ବ୍ୟବଚ୍ଛେଦ କରାଯାଇ ମର ଶରୀରକୁ ନିଜ ଜନ୍ମସ୍ଥାନ କେଶରପୁରକୁ ଅଣାଯାଇ ଗ୍ରାମ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ତାଙ୍କର ନାବାଳକ ପୁଅ ଏସ୍‌ଏ ଶ୍ୟାମସୁନ୍ଦର ମୁଖାଗ୍ନି ଦେଇଥିଲେ। ସ୍ୱର୍ଗତ ଦାସଙ୍କର ପତ୍ନୀ ସସ୍ମିତା ଦାସ ଜଣେ ଶିକ୍ଷୟିତ୍ରୀ ଭାବେ କାର୍ଯ୍ୟରତ ଅଛନ୍ତି।

## ବିଶ୍ୱ ଲୁଣା ଜଙ୍ଗଲ ଦିବସ

ରାଜନଗର, ୨୬।୭(ସମିସ): ରାଜନଗର ବନଖଣ୍ଡ ଅଧୀନସ୍ଥ ଭିତରକନିକା ଜାତୀୟ ଉଦ୍ୟାନ ଅନ୍ତର୍ଗତ କନିକା ରେଞ୍ଜ ପରିସରରେ ବିଶ୍ୱ ଲୁଣା ଜଙ୍ଗଲ ଦିବସ ପାଳିତ ହୋଇଯାଇଛି। ବନଖଣ୍ଡ ଅଧିକାରୀ ଭରଦରାଜ ଗାଁଓକରଙ୍କର ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଆରସିସିଏଫ ପିଆର ଥର୍ନାରୀ, ମୁଖ୍ୟବକ୍ତା ଭାବେ ଉପଜିଲ୍ଲାପାଳ ଅରୁଣ ନାୟକ, ଡିସିଏଫ ସମ୍ୟକ ସାମନ୍ତରାୟ, ସହକାରୀ ବନ ସଂରକ୍ଷକ ଗଗନବିହାରୀ ମଲ୍ଲିକ ପ୍ରମୁଖ ଯୋଗଦେଇ ଲୁଣା ଜଙ୍ଗଲର ସୁରକ୍ଷା ଜନସାଧାରଣଙ୍କ ସହଯୋଗ ଓ ସହଭାଗିତାରେ କରିହେବ ବୋଲି ମତବ୍ୟକ୍ତ କରିଥିଲେ। ଗବେଷକ ପ୍ରସନ୍ନ ନାୟକଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ନେଚର୍ସ କ୍ଲବର ସ୍ୱେଚ୍ଛାସେବୀ ବିରଜାପ୍ରସାଦ ପତି ଓ ନାଗାନାରାୟଣ ହାଇସ୍କୁଲର ଛାତ୍ରୀ ତୃପ୍ତିପ୍ରିୟଦର୍ଶନୀ ବାରିକ ଲୁଣା ଜଙ୍ଗଲର ଉପକାରିତା ସମ୍ପର୍କରେ କହିଥିଲେ। ଶିକ୍ଷକ ଓମପ୍ରକାଶ ବାରିକ ଜନଜୀବନ ସୁରକ୍ଷାରେ ଲୁଣା ଜଙ୍ଗଲ ଭୂମିକା ଉପରେ କବିତା ପାଠ କରିଥିଲେ। ଲୁଣାଜଙ୍ଗଲ ସୃଷ୍ଟି ପାଇଁ ଜମି ଦାନ କରିଥିବା ଗୋରାଚାନ୍ଦ ଦାସ, ଦିଲ୍ଲୀପ କୁମାର ମଣ୍ଡଳ ଓ କାହ୍ନୁଚରଣ ଦାସଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପୂର୍ବରୁ ବିଦ୍ୟାଳୟ ସ୍ତରରେ ବରିଷ୍ଠ ଓ କନିଷ୍ଠ ବର୍ଗରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ କରାଯାଇଥିବା ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। କନିକା ରେଞ୍ଜର କାର୍ଯ୍ୟନିର୍ବାହୀ ରେଞ୍ଜ ଅଫିସର କପିଳେନ୍ଦ୍ର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

## ସାପ କାମୁଡ଼ାରେ ଯୁବ ଚାଷୀ ମୃତ

ଆଳି, ୨୬।୭(ସମିସ): ସାନଆଙ୍କୋ ଗ୍ରାମରେ ଆଜି ସାପ କାମୁଡ଼ାରେ ଜଣେ ଯୁବ ଚାଷୀ ପ୍ରଶାନ୍ତ ପ୍ରଧାନଙ୍କ ମୃତ୍ୟୁ ଘଟିଛି। ସେ ଚାଷ କାମ ନିମନ୍ତେ ବିଲକୁ ଯାଇଥିବାବେଳେ ସେଠାରେ ତାଙ୍କ ସାପ କାମୁଡ଼ି ଦେଇଥିଲା। ସାପ କାମୁଡ଼ିବା ପରେ ପ୍ରଶାନ୍ତ ଚିତ୍କାର କରିଥିଲେ। ତାଙ୍କୁ ଆଳି ମେଡିକାଲକୁ ନିଆଯାଇଥିଲେ ହେଁ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପରିବାର ପକ୍ଷରୁ ଆଳି ଥାନାରେ ଲିଖିତ ଭାବେ ଜଣାଇବା ପରେ ଆଳି ମେଡିକାଲରେ ପ୍ରଶାନ୍ତଙ୍କ ଶବ ବ୍ୟବଚ୍ଛେଦ କରାଯାଇ ପରିବାର ଲୋକଙ୍କୁ ମୃତଦେହ ହସ୍ତାନ୍ତର କରାଯାଇଥିବା ଜଣାପଡ଼ିଛି।



ଅସରାଏ ବର୍ଷାରେ ସ୍ଥିତି ବେହାଲ

# ରାସ୍ତାରେ ଜମୁଛି ପାଣି, ଲୋକେ ହନ୍ତସନ୍ତ

ଆଳି, ୨୬।୭(ସମିସ)

ସମ୍ପ୍ରତି ବର୍ଷା ଲାଗି ରହିଥିବାବେଳେ ପାଣି ନିଷ୍କାସନ ବ୍ୟବସ୍ଥା ନ ଥିବାରୁ ଗୋବିନ୍ଦପୁର ପଞ୍ଚାୟତର ୧ନଂ ଓ ୨ନଂ ୱାର୍ଡର ଲୋକେ ଜଳବନ୍ଦୀ ଜୀବନ ବିତାଉଛନ୍ତି। ଗ୍ରାମ ରାସ୍ତାକୁ ଢଳେଇ କରାଯାଇଥିଲେ ହେଁ ଦୁଇଫୁଟ ଉଚ୍ଚରେ ପାଣି ଲହଡ଼ି ଖେଳୁଛି। ଫଳରେ ସ୍ଥାନୀୟ ଲୋକେ ଦୟନୀୟ ଅବସ୍ଥା ଭୋଗ କରୁଛନ୍ତି। ପୂର୍ବରୁ ରାସ୍ତାର ଉଭୟ ପାର୍ଶ୍ୱ ସମତୁଲ ଥିବାରୁ ପାଣି ନିଷ୍କାସନ ସହଜରେ ହୋଇପାରୁଥିଲା। ରାସ୍ତାର ଡାହାଣ ପାର୍ଶ୍ୱ ବ୍ୟକ୍ତିଗତ ଜାଗା ହୋଇଥିବାରୁ ଜାଗା ମାଲିକ ମାଟି ପକାଇ ଉଚ୍ଚ କରିଦେବା କାରଣରୁ ପାଣି ନିଷ୍କାସନରେ ବାଧା ଉପୁଜିବା ସହିତ ରାସ୍ତା ସାରା ମାଟି ଓ କାଦୁଅ ଜମା ହୋଇରହୁଛି। ଫଳରେ ରାସ୍ତାରେ ଯାତାୟାତ ବେଳେ ସାଇକଲ, ବାଇକ୍ ଆରୋହୀ ଭାରସାମ୍ୟ ହରାଇ ଦୁର୍ଘଟଣାଗ୍ରସ୍ତ ହେଉଥିବା



ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ଏହି ରାସ୍ତା ଦେଇ ଦୈନିକ ଛାତ୍ରଛାତ୍ରୀ ସ୍କୁଲ ଓ କଲେଜକୁ ଯାତାୟାତ କରୁଛନ୍ତି। ଏତଦ୍‌ବ୍ୟତୀତ ପଞ୍ଚାୟତ କାର୍ଯ୍ୟାଳୟ, ପୋଷ୍ଟ ଅଫିସ, ପଶୁ ଚିକିତ୍ସାଳୟ, ସ୍କୁଲ, ହାଇସ୍କୁଲ, ବଜାର, ସ୍ୱାସ୍ଥ୍ୟକେନ୍ଦ୍ରକୁ ଯିବା ପାଇଁ ସ୍ଥାନୀୟ ଲୋକେ ଉକ୍ତ ରାସ୍ତା ଉପରେ ନିର୍ଭର କରନ୍ତି। ପାଣି ଜମି ରହୁଥିବାରୁ ମଶା, ମାଛି, ଲାଞ୍ଜୁଡା ପୋକଙ୍କ ବଂଶ ବୃଦ୍ଧି ପାଇବା ସହ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହୋଇଛି। ଏ ନେଇ ଗ୍ରାମବାସୀଙ୍କ ସହ ସ୍ଥାନୀୟ ସରପଞ୍ଚ ସୀମାରାଣୀ ମଳିକ ବିଡିଓ ଅବିନାଶ ବିଶ୍ୱଜିତ ସେଠୀଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ରାସ୍ତା ଦୁଇ ଫୁଟ ଉଚ୍ଚ ହେବା ସହ ବର୍ଷା ଜଳ ନିଷ୍କାସନ ହୋଇପାରିଲେ ସମସ୍ୟାର ସମାଧାନ ହୋଇପାରିବ ବୋଲି ଅଭିଯୋଗ କରିଛନ୍ତି। ତୁରନ୍ତ ରାସ୍ତା ଉଚ୍ଚ କରିବା ସହିତ ପାଣି ନିଷ୍କାସନ ବାଟ ଫିଟାଇବା ପାଇଁ ଗୋବିନ୍ଦପୁର ସରପଞ୍ଚ ସୀମାରାଣୀ ମଳିକ, ପୂର୍ବତନ ସରପଞ୍ଚ ପଦ୍ମାଳୟା ଧଳ, ନିଖିଲ ସାମଲ, ରଞ୍ଜନ ଧଳ, ଶିକ୍ଷକ ଗଦାଧର ପଢ଼ିହାରୀ, ପ୍ରଫୁଲ୍ଲ ପୃଷ୍ଟି, ଲିଟୁଆ ରାଉତ, ବିନୋଦ ରାଉତ, ଅକ୍ଷୟ ଦାସ ପ୍ରମୁଖ ଦାବି କରିଛନ୍ତି।

## ଦୁଇମାସ ହେଲା ମିଳୁନି ଭତ୍ତା, ଚିନ୍ତାରେ ଦିବ୍ୟାଙ୍ଗ ଚନ୍ଦନ

ମହାକାଳପଡ଼ା, ୨୬।୭ (ସମିସ): ସରକାର ଅସହାୟ, ଦିବ୍ୟାଙ୍ଗ ଓ ଦୁର୍ବଳ ବର୍ଗଙ୍କ ମୁହଁରେ ହସ ଫୁଟାଇବା ପାଇଁ ବିଭିନ୍ନ ସାମାଜିକ ସୁରକ୍ଷା ଯୋଜନା କରିଛନ୍ତି। ସେହି ଯୋଜନାର ସୁଫଳ ଯଦି ପ୍ରକୃତ ହିତାଧିକାରୀଙ୍କ ପାଖକୁ ସମୟରେ ନ ପହଞ୍ଚେ, ତେବେ ସେହି ଯୋଜନାର ମୂଲ୍ୟ କ'ଣ ବୋଲି ପ୍ରଶ୍ନ ଉଠିଛି। ଏଭଳି ଏକ ଦୁଃଖଦ ଚିତ୍ର ଦେଖିବାକୁ ମିଳିଛି ମହାକାଳପଡ଼ା ବ୍ଲକ ଦେଉଳପଡ଼ା ପଞ୍ଚାୟତ ଅନ୍ତର୍ଗତ ବାଙ୍କିଛନ୍ଦା ଗ୍ରାମରେ। ଏହି ଗ୍ରାମର ରଘୁନାଥ ପାଇଟାଳଙ୍କ ପୁଅ ଚନ୍ଦନ ପାଇଟାଳ ଜଣେ ୮୦ ପ୍ରତିଶତ ଦିବ୍ୟାଙ୍ଗ। ଶାରୀରିକ



ଅକ୍ଷମତା ଯୋଗୁଁ ସେ କୌଣସି ରୋଜଗାର କରିବାରେ ଅସମର୍ଥ। ପରିବାରର ଆର୍ଥିକ ସ୍ଥିତି ମଧ୍ୟ ଅତ୍ୟନ୍ତ ଦୟନୀୟ। ସରକାରଙ୍କ ଦିବ୍ୟାଙ୍ଗ ଭତ୍ତା ହିଁ ତାଙ୍କ ଜୀବନର ଏକମାତ୍ର ଆର୍ଥିକ ଆଶ୍ରୟ। ସେହି ଟଙ୍କାରେ ଔଷଧ, ଖାଦ୍ୟ ଓ ଅନ୍ୟାନ୍ୟ ଆବଶ୍ୟକତା ପୂରଣ ହେଉଥିଲା। କିନ୍ତୁ ଗତ ଜୁନ୍ ଓ ଜୁଲାଇ ମାସର ଭତ୍ତା ତାଙ୍କ ଖାତାକୁ ଆସିନାହିଁ। ଦୁଇମାସ ହେଲା ଭତ୍ତା ବନ୍ଦ ହୋଇଯିବାରୁ ଚନ୍ଦନ ଓ ତାଙ୍କ ପରିବାର ଆର୍ଥିକ ସଙ୍କଟ ଦେଇ ଗତି କରୁଛନ୍ତି। ପ୍ରତି ମାସ ଆରମ୍ଭରେ ଏକ ଆଶା ନେଇ ସେ ବ୍ୟାଙ୍କ ଖାତା ଯାଞ୍ଚ କରୁଛନ୍ତି। ପ୍ରତ୍ୟେକ ଥର ନିରାଶ ହୋଇ ଫେରିବାକୁ ପଡୁଛି। ଭତ୍ତା ନ ମିଳିବାରୁ ଆବଶ୍ୟକ ଔଷଧ କିଣିବା, ଦୈନନ୍ଦିନ ଖର୍ଚ୍ଚ ଚଳାଇବା ଓ ନିଜର ମୌଳିକ ଆବଶ୍ୟକତା ପୂରଣ କରିବା ମଧ୍ୟ କଷ୍ଟକର ହୋଇପଡ଼ିଛି। ଚନ୍ଦନଙ୍କ କହିଛନ୍ତି, ମୁଁ କାମ କରିପାରୁନି। ସରକାରଙ୍କ ଭତ୍ତା ହିଁ ମୋର ଏକମାତ୍ର ଭରସା। ଦୁଇ ମାସ ହେଲା ଟଙ୍କା ଆସିନି। ଏବେ ଔଷଧ କେମିତି କିଣିବି, ଘର କେମିତି ଚଳିବ, କିଛି ବୁଝିପାରୁନି। ଏବେ ପ୍ରଶ୍ନ ଉଠୁଛି ଜଣେ ୮୦ ପ୍ରତିଶତ ଦିବ୍ୟାଙ୍ଗ ଯୁବକଙ୍କ ଜୀବନ ସହ ଜଡ଼ିତ ଏହି ସହାୟତା ଦୁଇମାସ ଧରି କାହିଁକି ବନ୍ଦ ରହିଛି? ଏହା ପଛରେ କାହାର ଅବହେଳା? ଏହାର ଶୀଘ୍ର ତଦନ୍ତ କରି ଚନ୍ଦନ ପାଇଟାଳଙ୍କୁ ବକେୟା ଭତ୍ତା ପ୍ରଦାନ କରିବା ସହ ଭବିଷ୍ୟତରେ ଏଭଳି ଘଟଣା ଯେପରି ଆଉ ନ ଘଟେ, ସେଥିପାଇଁ ପ୍ରଶାସନ ଆବଶ୍ୟକ ପଦକ୍ଷେପ ନେବ ବୋଲି ସାଧାରଣରେ ଦାବି ହେଉଛି।

ସକାଳ
THE SAKALA

# ସମ୍ପାଦକୀୟ



ନିଜର ଦୁନିଆକୁ ଆବିଷ୍କାର କରିବା ଜୀବନର ପ୍ରଥମ ଲକ୍ଷ୍ୟ ଏବଂ ତାହାର ସାମଗ୍ରିକ କଲ୍ୟାଣ ପାଇଁ ପୂର୍ଣ୍ଣପ୍ରାଣରେ ନିଜକୁ ସମର୍ପଣ କରିବା ପ୍ରଥମ କର୍ତ୍ତବ୍ୟ।
-ଗୌତମ ବୁଦ୍ଧ

## ଗଣତନ୍ତ୍ରର ଐତିହାସିକ ବିଜୟ

ବିପର୍ଯ୍ୟସ୍ତ ଓ ଦୁର୍ନୀତିପୂର୍ଣ୍ଣ ଶିକ୍ଷା ବ୍ୟବସ୍ଥା ପ୍ରତିବାଦ ଏବଂ କେନ୍ଦ୍ର ଶିକ୍ଷା ମନ୍ତ୍ରୀଙ୍କ ଇସ୍ତଫା ଦାବିରେ କକ୍ରୋଚ୍ ଜନତା ପାର୍ଟି(ସିଜେପି) ପକ୍ଷରୁ ନୂଆଦିଲ୍ଲୀର ଯନ୍ତରମନ୍ତରଠାରେ ଚାଲିଥିବା ନିର୍ଣ୍ଣାୟକ ଆନ୍ଦୋଳନରେ ସିଜେପିର ଜିତାପଟ ହୋଇଛି। ଜେନ୍ ଜେଡ୍ ବର୍ଗର ଅହିଂସ ଓ ଅଟଳ ସଂକଳ୍ପ ଆଗରେ ଅପ୍ରତିହତ ମନେ ହେଉଥିବା କେନ୍ଦ୍ର ସରକାରଙ୍କ ଦମ୍ଭ ଭାଙ୍ଗିଛି। ସିଜେପିର ମୁଖ୍ୟ ଦାବି ଅନୁଯାୟୀ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଇସ୍ତଫା ଦେଇଛନ୍ତି। ଗତ ବାରବର୍ଷର ଅପ୍ରତିଦ୍ୱନ୍ଦ୍ୱୀ ଓ ଦୁର୍ଜେୟ ଘୋଷିତ କେନ୍ଦ୍ର ସରକାରଙ୍କ ମନ୍ତ୍ରିପରିଷଦର କୌଣସି ସଦସ୍ୟ ଜନତାଙ୍କ ଦାବି ଆଗରେ ମୁଣ୍ଡ ନୁଆଁଇ ଇସ୍ତଫା ଦେବା ଏହା ପ୍ରଥମ। ଇସ୍ତଫା ଦାବିକୁ ଟାଳିବାକୁ ସବୁମତେ ଉଦ୍ୟମ କରାଯାଇଥିଲେ ହେଁ ଛାତ୍ରଙ୍କ ଦୃଢ଼ ମନୋବଳ ଆଗରେ ତାହା ସମ୍ଭବ ହୋଇପାରିନାହିଁ। ତେଣୁ ରାଜନୈତିକ ବିଶେଷଜ୍ଞ ଓ ବୁଦ୍ଧିଜୀବୀମାନେ ଏହାକୁ କେବଳ ସିଜେପିର ବିଜୟ ନ କହି ଗଣତନ୍ତ୍ରର ବିଜୟ ଭାବେ ଅଭିହିତ କରିଛନ୍ତି।

ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥାରେ ଜନାଦେଶ ବଳରେ ଜନପ୍ରତିନିଧିମାନେ ନୀତି ନିର୍ଦ୍ଧାରଣ ପଦବୀ ମଣ୍ଡନ କରନ୍ତି। ଯଦି ନୀତି ନିର୍ଦ୍ଧାରକଙ୍କ କାର୍ଯ୍ୟାବଳୀ ଓ ନିଷ୍ପତ୍ତି ସାମୂହିକ ଜନସ୍ୱାର୍ଥରୁ ଦୂରେଇ ଯାଉଥିବାର ଅନୁଭବ ହୁଏ ତେବେ ଜନଅସନ୍ତୋଷ ସୃଷ୍ଟି ହେବା ସ୍ୱାଭାବିକ। କାର୍ଯ୍ୟାବଳୀ ଜନବିମୁଖୀ ହେଲେ ସମ୍ପୃକ୍ତ ନୀତି ନିର୍ଦ୍ଧାରକ ନିଜକୁ ସୁଧାରିବା କିମ୍ବା ଜନମତକୁ ସମ୍ମାନ ଦେଇ ନୈତିକତା ଦୃଷ୍ଟିରୁ ଇସ୍ତଫା ଦେବା ବିଧେୟ। ସ୍ୱାଧୀନୋତ୍ତର ଭାରତୀୟ ରାଜନୀତିରେ ଏଭଳି ଅନେକ ଉଦାହରଣ ରହିଛି। ଗଣତନ୍ତ୍ରର ମୂଳରୁ ଶୀର୍ଷ ପର୍ଯ୍ୟନ୍ତ ଜନାଦେଶ ଆଧାରିତ ହୋଇଥିବାରୁ ଜନମତକୁ ସମ୍ମାନ ଓ ଗ୍ରହଣ କରା ନ ଯିବ ବା କିପରି? ଯଦି ଏହା ନ ହୁଏ ତେବେ ଗଣତାନ୍ତ୍ରିକ ଉପାୟରେ ଏବଂ ଅହିଂସ ପ୍ରତିବାଦ ବା ଆନ୍ଦୋଳନ ଜରିଆରେ ଦାବି ହାସଲ କରିବାର ଅଧିକାର ଆମ ସମ୍ବିଧାନ ତା'ର ନାଗରିକମାନଙ୍କୁ ଦେଇଛି। ସିଜେପି ଆନ୍ଦୋଳନରେ ଗଣତନ୍ତ୍ରର ଏହି ମୌଳିକ ତତ୍ତ୍ୱ ସମ୍ପୂର୍ଣ୍ଣ ରୂପେ ଅନୁସୃତ ହୋଇଛି। ତେଣୁ ଆନ୍ଦୋଳନକାରୀଙ୍କ ସପକ୍ଷରେ ଯେଉଁ ଫଳାଫଳ ଆସୁଛି ତାହା ଜନସମୁଦାୟଙ୍କ ଉପଲବ୍ଧି ଏବଂ ସର୍ବୋପରି ସୁସ୍ଥ ଗଣତନ୍ତ୍ରର ବିଜୟ ସଞ୍ଜ୍ଞା ଧାରଣରେ ବୋଧହୁଏ ଦ୍ୱିରୁକ୍ତି ନାହିଁ।

ସିଜେପି ଆନ୍ଦୋଳନ ଆହୁରି ମଧ୍ୟ ପ୍ରମାଣ କରିଛି ଯେ ଗଣତନ୍ତ୍ରରେ ଗଣ ହିଁ ପ୍ରଭୁ ଏବଂ ସେମାନଙ୍କ ନିଷ୍ପତ୍ତି/ମତାମତ ହିଁ ସର୍ବଶେଷ। ଏହି ଶାସନ ବ୍ୟବସ୍ଥାରେ ଅହଂ, ସ୍ୱୈରଚାର, ଏକଚାଟିଆ ବା ମନମୁଖି ଆଭିମୁଖ୍ୟର କୌଣସି ସ୍ଥାନ ନାହିଁ। ଗତ ବାରବର୍ଷରେ ସିଏଏ ଓ କୃଷି ଆଇନ ପରି ଦୁଇଦୁଇଟି ଘଟଣାରେ କେନ୍ଦ୍ର ସରକାରଙ୍କ ମନମୁଖି ଶାସନ ପରାଭବର ସାମ୍ନା କରିଥିଲେ ମଧ୍ୟ କୌଣସି ମନ୍ତ୍ରୀ ଇସ୍ତଫା ଦେବାକୁ ପଡ଼ି ନଥିଲା କି କାହାକୁ ବରଖାସ୍ତ କରାଯାଇ ନଥିଲା। ଯାହା ବାରବର୍ଷରେ ଘଟି ନଥିଲା ତାହା ଜେନ୍ ଜେଡ୍ ଗୋଷ୍ଠୀ କରି ଦେଖାଇଲେ। ଏହା ପ୍ରମାଣ କଲା ଯେ ମନୋବଳ ଦୃଢ଼, ଲକ୍ଷ୍ୟ ସ୍ଥିର, ଆଭିମୁଖ୍ୟ ସ୍ୱଚ୍ଛ ଓ କାର୍ଯ୍ୟାବଳୀ ନିଃସ୍ୱାର୍ଥପର ହେଲେ ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥାରେ କିଛି ଅସମ୍ଭବ ନୁହେଁ କି କେହି ଦୁର୍ଜେୟ ନୁହନ୍ତି। ଅନେକ ପ୍ରାରମ୍ଭିକ ବାଧାବିଘ୍ନ ସତ୍ତ୍ୱେ ଶେଷରେ ଗଣତନ୍ତ୍ରର ହିଁ ବିଜୟ ହୁଏ।

ଯଦି କେନ୍ଦ୍ର ସରକାର ନିଜ ଅହଂକୁ ପରିହାର କରି ଗଣଦାବିକୁ ସ୍ୱୀକାର କରିବାରେ ଆଉ ଅଧିକ ବିଳମ୍ବ କରିଥା'ନ୍ତେ ତେବେ ସିଜେପିର ଆନ୍ଦୋଳନ ପ୍ରତିମୁହୂର୍ତ୍ତରେ ଆହୁରି ଅଧିକରୁ ଅଧିକ ଜନସମର୍ଥନ ଲାଭ କରି ବଳିଷ୍ଠ ହୋଇ ଜନ-ମହାସମୁଦ୍ରର ରୂପ ନେଇଥା'ନ୍ତା ଏବଂ ତା'ର ଲହରି ଓ ଗର୍ଜନ ସାରା ଦେଶରେ ବିକ୍ଷୋଭର ସୁନାମି ସୃଷ୍ଟି କରିଥା'ନ୍ତା। ତା' ପରେ ହୁଏତ ଆନ୍ଦୋଳନକୁ ପ୍ରତିହତ କରିବା ପାଇଁ ସେନା ମୁତୟନ କରିବାକୁ ପଡ଼ିଥା'ନ୍ତା, ଯାହା ବିଶ୍ୱ ଦରବାରରେ ସର୍ବବୃହତ୍ ଗଣତନ୍ତ୍ରକୁ ନିନ୍ଦିତ କରିଥା'ନ୍ତା। ହୁଏତ ବାଂଲାଦେଶ ଓ ନେପାଳ ଅନୁକ୍ରମରେ ଭାରତ ସରକାରଙ୍କୁ ମଧ୍ୟ ଇସ୍ତଫା ଦେବାକୁ ପଡ଼ିଥା'ନ୍ତା। ଏହାର ସୁଯୋଗ ନେଇ ବାହ୍ୟ ତତ୍ତ୍ୱ ଭାରତରେ ଅସ୍ଥିରତା, ହିଂସା ସୃଷ୍ଟି କରିବାରେ ଆଦୌ ପଶ୍ଚାତପଦ ହୋଇ ନ ଥା'ନ୍ତା। କିନ୍ତୁ ଦୂରଦର୍ଶୀ ଭାରତ ସରକାର ବିଜ୍ଞତାର ପରିଚୟ ଦେଇ ସ୍ଥିତି ଅଧିକ ବିଗିଡ଼ିବା ପୂର୍ବରୁ ବେଳ ହୁଁ ସିଜେପିର ଦାବିକୁ ଗ୍ରହଣ କରିନେଇଛନ୍ତି ଏବଂ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଇସ୍ତଫା ଦେଇଛନ୍ତି।

ସିଜେପି ଆନ୍ଦୋଳନର ଯୁଗାନ୍ତକାରୀ ବାର୍ତ୍ତା ହେଲା ବୁଦ୍ଧ ଓ ଗାନ୍ଧୀଙ୍କ ଭୂମିରେ ହିଂସାର ସ୍ଥାନ ନାହିଁ। ବାଂଲାଦେଶ ଓ ନେପାଳର ଜେନ୍ ଜେଡ୍ ଭଳି ହିଂସା ଉପାୟରେ ଦାବି ହାସଲ କରିବାର ପଥ ଉନ୍ମୁକ୍ତ ଥିଲେ ହେଁ ତାହାକୁ ଭାରତର ଜେନ୍ ଜେଡ୍ ପରିହାର କରି ଅହିଂସ ପଥକୁ ଚୟନ କରିଛନ୍ତି। ବିଶ୍ୱର ସର୍ବବୃହତ୍ ଗଣତାନ୍ତ୍ରିକ ରାଷ୍ଟ୍ରର ଏହି ଉପଲବ୍ଧି ସମଗ୍ର ବିଶ୍ୱ ପାଇଁ ଏକ ସକାରାତ୍ମକ ବାର୍ତ୍ତା। ଏହା ପୁଣି ଥରେ ପ୍ରମାଣିତ କରିଛି ଯେ ଗଣତନ୍ତ୍ର ହିଁ ସର୍ବୋତ୍କୃଷ୍ଟ ଶାସନ ବ୍ୟବସ୍ଥା ଏବଂ ଅହିଂସାର ମାର୍ଗ ହିଁ ଦାବି ହାସଲ କରିବାର ସର୍ବୋତ୍ତମ ବିକଳ୍ପ। ଭାରତର ଜେନ୍ ଜେଡ୍ ବର୍ଗ ଏହି ଆନ୍ଦୋଳନ ଜରିଆରେ ପୂର୍ବଜ ବରିଷ୍ଠ ଓ ଅଭିଜ୍ଞ ନେତୃବର୍ଗଙ୍କ ପାଇଁ ମଧ୍ୟ ଏକ ସନ୍ଦେଶ ଦେଇଛନ୍ତି। ସେମାନେ ଉଦାହରଣ ସୃଷ୍ଟି କରିଛନ୍ତି ଯେ ଦଳୀୟ ନୀତି ଓ ଆଦର୍ଶ ଯଦି ଜନସ୍ୱାର୍ଥ ସମ୍ବଳିତ ହୁଏ ତେବେ ଦଳ-ମତ-ଜାତି-ସମ୍ପ୍ରଦାୟ ନିର୍ବିଶେଷରେ ସାରା ଭାରତର ସମର୍ଥନ ମିଳିପାରିବ। ଆନ୍ଦୋଳନର ଆଗଧାଡ଼ିର କର୍ମକର୍ତ୍ତାମାନେ ଆହୁରି ମଧ୍ୟ ପ୍ରମାଣ କରିଛନ୍ତି ଯେ ସମସ୍ତେ ବିକ୍ରିଯୋଗ୍ୟ ନୁହନ୍ତି ଏବଂ ଭାରତରେ ଗଣତାନ୍ତ୍ରିକ ମୂଲ୍ୟବୋଧ ତଥାପି ବଞ୍ଚିଛି।

ସର୍ବୋପରି ଭାରତର ଗଣତନ୍ତ୍ର ସୁପ୍ତପ୍ରାୟ ବୋଲି ସୃଷ୍ଟି ହୋଇସାରିଥିବା ଧାରଣା ଯେ ନିରାଧାର ତାହା ସିଜେପି ଆନ୍ଦୋଳନରୁ ଅନୁଭୂତ ହୋଇଛି। ଗଣତନ୍ତ୍ର ପ୍ରତି ସୃଷ୍ଟି ହୋଇଥିବା ହତାଶା ମରୁରେ ସିଜେପି ଆନ୍ଦୋଳନ ସଞ୍ଜୀବନୀ ସଞ୍ଚାର କରିଛି। ଏହାକୁ ପରିପୁଷ୍ଟ କରିବା ପୂର୍ବଜ ଓ ଉତ୍ତରପିଢ଼ିଙ୍କ ଦାୟିତ୍ୱ। ●

## ଲକ୍ଷ୍ମୀ ପୁରାଣ: ନାରୀର ସ୍ୱାଧୀନ ସ୍ୱରର ଉଚ୍ଚାରଣ

**ଦୁର୍ଗାପ୍ରସାଦ ଆଚାର୍ଯ୍ୟ**

ନିକଟରେ ଓଡ଼ିଶା ସରକାର ବଳରାମ ଦାସଙ୍କ 'ଲକ୍ଷ୍ମୀ ପୁରାଣ'ର ଏକକୋଟି ସଂଶୋଧିତ ପ୍ରତିମୁଦ୍ରଣ ଓ ବିତରଣ କରିବା ସହ ସନ୍ଥକବିଙ୍କ ସ୍ମୃତିରେ 'ଲକ୍ଷ୍ମୀ ପୁରାଣ କରିଡର' ନିର୍ମାଣର ଘୋଷଣା କରିଛନ୍ତି। ଏହି ଘୋଷଣା ସ୍ୱାଭାବିକ ଭାବରେ ଭିନ୍ନଭିନ୍ନ ମହଲରେ ନାନା ବିଚାରବିମର୍ଶ ତଥା ବିତର୍କର ସୂତ୍ରପାତ କରିଛି। କେହି ଏହାକୁ ବର୍ତ୍ତମାନ ସରକାରଙ୍କ ଓଡ଼ିଆ ଅସ୍ମିତାର ପ୍ରତିଷ୍ଠା ଓ ସାଂସ୍କୃତିକ ପୁନର୍ଜାଗରଣ ପ୍ରତି ପ୍ରତିଶ୍ରୁତିବଦ୍ଧତାର ପ୍ରମାଣ ବୋଲି କହୁଥିବା ବେଳେ ଅନେକ ମଧ୍ୟ ଏହା ସଂପୂର୍ଣ୍ଣ ରାଜନୈତିକ ଉଦ୍ଦେଶ୍ୟ ପ୍ରଣୋଦିତ ଏବଂ ସେଥିପାଇଁ ଏକ ବିବଦମାନ ସରକାରୀ ପଦକ୍ଷେପ ବୋଲି କହୁଛନ୍ତି। ଏହି ସବୁ ପ୍ରତିକ୍ରିୟା ଖୁବ୍ ସ୍ୱାଭାବିକ ଅବଶ୍ୟ।

ତେବେ ଏହି ଚର୍ଚ୍ଚା, ବିଚାର ବିମର୍ଶ କିମ୍ବା ମତମତାନ୍ତର ସବୁର ଉତ୍ତେଜକ ଆବହାୱାରେ ଅତି ମହତ୍ତ୍ୱପୂର୍ଣ୍ଣ ମୌଳିକ ପ୍ରଶ୍ନ ପ୍ରାୟ ଅନୁଚ୍ଚାରିତ। ତାହା ହେଉଛି : ଆମେ ଏ ଦୀର୍ଘ ଚାରିଶହ ବର୍ଷ ଭିତରେ ଓଡ଼ିଆ ମନୀଷା-ସୃଷ୍ଟ ଏହି ଗ୍ରନ୍ଥଟିକୁ କ'ଣ ସତରେ କେବେ ଗଭୀରତାର ସହିତ ପଢ଼ିଛେ; ତା'ର ମୂଲ୍ୟାୟନ କରିବାର ପ୍ରଚେଷ୍ଟା କରିଛେ ନା କେବଳ ଭାକ୍ତିକ ବିହ୍ୱଳତା ପ୍ରଦର୍ଶନ କରି ତା'ର ଅର୍ଚ୍ଚନ, ବନ୍ଦନ କରିବାରେ ସନ୍ତୁଷ୍ଟ ରହିଛେ? ଏହା ସତ୍ୟ ଯେ ଆମେ 'ଲକ୍ଷ୍ମୀ ପୁରାଣ'କୁ ମୁଖ୍ୟତଃ ଏକ ଧାର୍ମିକ ଗ୍ରନ୍ଥ ଭାବରେ ଗ୍ରହଣ କରିଛେ ଏବଂ ତତ୍‌ସହିତ ଭିନ୍ନ ଭିନ୍ନ ଧର୍ମୀୟ ଓ ବୌଦ୍ଧିକ ବିଚାର-ଆଲୋଚନାର ମଞ୍ଚମାନଙ୍କରେ ପଞ୍ଚଦଶ ଶତାବ୍ଦୀର ଏହି ଧାର୍ମିକ ଗ୍ରନ୍ଥରେ ଜାତିଭେଦ ତଥା ଅସ୍ପୃଶ୍ୟତା-ବିରୋଧୀ ସ୍ୱର କେତେ ବିସ୍ମୟକର ଭାବରେ ସ୍ପଷ୍ଟ ଓ ତ୍ରୀବ ଥିଲା କହି ଖୁବ୍ ଗର୍ବ ଓ ଗୌରବ ଅନୁଭବ କରିଛେ। 'ଲକ୍ଷ୍ମୀ ପୁରାଣ'ର ଭାବବସ୍ତୁ ପ୍ରତି ଆମର ଏଇ ଆଭିମୁଖ୍ୟ ଆଦୌ ନିରାଧାର ନୁହେଁ।

ଏଥିରେ ଦ୍ୱିମତ ନାହିଁ ଯେ ଏହା ଏକ ଧାର୍ମିକ ଗ୍ରନ୍ଥ ହୋଇଥିଲେ ମଧ୍ୟ ଏହାର ଭାବବସ୍ତୁ ଦୃଷ୍ଟିରୁ ବିଚାର କଲେ ଏହା ହିନ୍ଦୁଧର୍ମ ବା ବ୍ରାହ୍ମଣ୍ୟ ଧର୍ମର ବର୍ଣ୍ଣବ୍ୟବସ୍ଥା-ବିରୋଧୀ ଗ୍ରନ୍ଥ ମଧ୍ୟ। ମାତ୍ର ଏହାର ବିଶେଷତ୍ୱ ଓ ଅନ୍ୟନତା ପ୍ରକୃତରେ କ'ଣ, ତାହା ସ୍ପଷ୍ଟ ହୋଇଥାଏ ଯେତେବେଳେ ଆମେ ଏହାକୁ ଏକ ସାହିତ୍ୟକୃତି ଭାବରେ ଗ୍ରହଣ କରି ବିଶ୍ୱ ସାହିତ୍ୟର ପ୍ରେକ୍ଷାପଟରେ ଏହାର ମୂଲ୍ୟାୟନ କରିଥାଉ। ସେତିକିବେଳେ ମଧ୍ୟ ସ୍ପଷ୍ଟ ହୋଇଥାଏ ଯେ ପ୍ରାଚୀନ ମଧ୍ୟଯୁଗୀୟ କାଳଖଣ୍ଡରେ ନାରୀ-ସ୍ୱାଧୀନତା ଓ ନାରୀ-ସାର୍ବଭୌମତାର ବାର୍ତ୍ତା ପ୍ରଦାନ କରୁଥିବା ସାହିତ୍ୟିକ ରଚନାମାନଙ୍କ ମଧ୍ୟରେ 'ଲକ୍ଷ୍ମୀ ପୁରାଣ'ର ସ୍ଥାନ ସ୍ୱତନ୍ତ୍ର। ନାରୀର ସ୍ୱାଧୀନ ନୈତିକ ସତ୍ତା, ସାମାଜିକ ନ୍ୟାୟ ଓ ମାନବୀୟ ସମତାର ଉଦ୍‌ଘୋଷଣା କରୁଥିବା ସାହିତ୍ୟିକ କୃତିମାନଙ୍କ ମଧ୍ୟରେ ଏହା ହେଉଛି ସର୍ବଶ୍ରେଷ୍ଠ।

ଏହି ସନ୍ଦର୍ଭରେ ସ୍ୱାଭାବିକ ଭାବରେ ପ୍ରଶ୍ନ ଉଠେ ଯେ ନାରୀର ସ୍ୱାଧୀନତା ବା ସ୍ୱାୟତ୍ତତା ସଂପର୍କିତ ଭାବବସ୍ତୁର ସ୍ପଷ୍ଟ ଆଭାସ ପ୍ରଥମେ କେଉଁ ପ୍ରାଚୀନ ସାହିତ୍ୟିକ ସୃଷ୍ଟିରେ ଉପଲବ୍ଧ? ଏ ପ୍ରଶ୍ନର ଉତ୍ତର ମିଳିଥାଏ ଦୁଇ ହଜାର ବର୍ଷ ତଳେ ରଚିତ ହୋଇଥିବା ବିଶ୍ୱର ପ୍ରାଚୀନତମ ନାରୀ କବିତା ସଂକଳନ 'ଥେରୀଗାଥା'ରୁ। ବହୁ ଐତିହାସିର ଏକମତ ଯେ ବୌଦ୍ଧ ସାହିତ୍ୟର ଏହି ଅତୁଳନୀୟ କୃତିରେ ପ୍ରଥମେ ପରିସ୍ଫୁଟିତ ହୋଇଥିଲା ନାରୀ ସ୍ୱାଧୀନତା କେନ୍ଦ୍ରିକ ଚେତନା ଓ ସ୍ୱର। 'ଥେରୀଗାଥା'ରେ ନାରୀ ପ୍ରଥମେ ନିଜ କଣ୍ଠରେ କହିଥିଲା - 'ମୋ ଜୀବନ ଏକାନ୍ତ ଭାବରେ ମୋର ଓ ମୋ ଜୀବନର ନିଷ୍ପତ୍ତି ମୁଁ ହିଁ ନେବି- ମୋ ସ୍ୱାଧୀନ ଇଚ୍ଛାରେ'।

ଏହି କବିତା ସଂକଳନରେ ବୌଦ୍ଧ ଭିକ୍ଷୁଣୀମାନେ ବାରମ୍ବାର ଘୋଷଣା କରିଛନ୍ତି- 'ଆମର ମୁକ୍ତି ଲୋଡ଼ା ପାରିବାରିକ ବନ୍ଧନସବୁରୁ। ଶିଶୁର କାନ୍ଦ ହେଉ କି ହସ ହେଉ, ସ୍ୱାମୀର ସୋହାଗ ହେଉ କି ଅବହେଳା ହେଉ, ଗୃହାଙ୍ଗନର ନିରାପତ୍ତା ହେଉ କି ପୁରୁଷମାନଙ୍କ ସହାୟତା ପ୍ରଦାନକାରୀ କୃପାଦୃଷ୍ଟି ହେଉ - ଏ ପ୍ରତ୍ୟେକଟି ଆମ ପାଇଁ ମୂଲ୍ୟହୀନ। କାରଣ ଆମେ ଆମର ଅନ୍ତର୍ସତ୍ତାର ସ୍ୱର ଶୁଣି ସାରିଛୁ। ଆମେ ସ୍ୱାଧୀନ ଓ ସ୍ୱଆୟତ୍ତାଧୀନ'। 'ଥେରୀଗାଥା'ର କବିତା ପାଠ କଲେ ସ୍ପଷ୍ଟ ଜଣାପଡ଼ିଥାଏ ଯେ ମାନବ ଇତିହାସରେ ପ୍ରଥମ ଥର ପାଇଁ ନାରୀ ନିଜ ଜୀବନର କାହାଣୀ ନିଜେ ଲେଖୁଛି; ସେ ଆଉ କାହାର କାହାଣୀର ପାତ୍ର ନୁହେଁ, ସେ ନିଜେ ନିଜ ଜୀବନର କଥକ।

'ଥେରୀଗାଥା'ର ସୃଷ୍ଟି ଠାରୁ ପ୍ରାୟ ପନ୍ଦରଶହ ବର୍ଷ ପରେ ପଞ୍ଚଦଶ ଶତାବ୍ଦୀର ଓଡ଼ିଆ ସନ୍ଥ କବି ବଳରାମ ଦାସ ଏମିତି ଏକ ନାରୀ-ଚରିତ୍ରର ମର୍ମସ୍ପର୍ଶୀ ଚିତ୍ରଣ



କଲେ, ଯିଏ କେବଳ ନିଜ ମୁକ୍ତିର କଥା କହିଲେ ନାହିଁ, - ସେ ସମାଜକୁ ବଦଳାଇବାର ଦାୟିତ୍ୱ ନିଜ କାନ୍ଧରେ ମଧ୍ୟ ନେଲେ। ଲକ୍ଷ୍ମୀ ଠାକୁରାଣୀ ହେଲେ ନାରୀ-ଚରିତ୍ରର ପ୍ରତିନିଧି। ପ୍ରଭୁ ବଳରାମ ଓ ପ୍ରଭୁ ଜଗନ୍ନାଥ ହେଲେ ପୁରୁଷ -ପ୍ରାଧାନ୍ୟ ପାରିବାରିକ ତଥା ସାମାଜିକ ବ୍ୟବସ୍ଥାର ପ୍ରତିଭୂ। ସାମାଜିକ ଅସମାନତା, ଜାତିବର୍ଣ୍ଣ ଆଧାରିତ ଭେଦଭାବ ତଥା ଅସ୍ପୃଶ୍ୟତାର ପୀଡ଼ନରୁ ମୁକ୍ତି ଖୋଜୁଥିବା ଆର୍ତ୍ତସ୍ୱରଟି ହେଲା ଶ୍ରୀୟା ଚଣ୍ଡାଳୁଣୀଙ୍କର।

'ଲକ୍ଷ୍ମୀ ପୁରାଣ'ର ଲକ୍ଷ୍ମୀ କିନ୍ତୁ 'ଥେରୀଗାଥା'ର ଭିକ୍ଷୁଣୀ ପରି ମୁକ୍ତି ଲୋଡ଼ି ନାହାନ୍ତି କୌଣସି ବନ୍ଧନରୁ, ବରଂ ବନ୍ଧନକୁ ସେ ଅଙ୍ଗୀକାର କରିଛନ୍ତି ଆପଣା ସର୍ତ୍ତରେ ଓ ଆପଣାର ସ୍ୱାଧୀନ ଇଚ୍ଛରେ। 'ଥେରୀଗାଥା' ର ନାରୀ ଗୃହ ତ୍ୟାଗ କରି ମୁକ୍ତି ବା ନିର୍ବାଣ ଖୋଜିଛନ୍ତି ବୁଦ୍ଧ-ପ୍ରଦର୍ଶିତ ମାର୍ଗରେ। ମା' ଲକ୍ଷ୍ମୀ ଗୃହତ୍ୟାଗ କରିଛନ୍ତି, କିନ୍ତୁ ପୁନଶ୍ଚ ଗୃହକୁ ଫେରିଆସିଛନ୍ତି ଆପଣାର ସର୍ତ୍ତରେ। 'ଥେରୀଗାଥା'ର ନାରୀ ଦୁଃଖର ନିର୍ବାପନର ମାର୍ଗ ଖୋଜିଛନ୍ତି; ମା' ଲକ୍ଷ୍ମୀ ଖୋଜିଛନ୍ତି ସମାଜରୁ ଅନ୍ୟାୟ, ଅସମାନତା ଓ ଭେଦଭାବର ନିର୍ବାପନର ମାର୍ଗ। 'ଥେରୀଗାଥା'ରେ ମୁକ୍ତିର ପଥ ସନ୍ନ୍ୟାସ; 'ଲକ୍ଷ୍ମୀ ପୁରାଣ'ରେ ମୁକ୍ତିର ପଥ ସାମାଜିକ ନ୍ୟାୟ ଓ ସମତା। ଏହି ସୂକ୍ଷ୍ମ ଅଥଚ ଗୁରୁତ୍ୱପୂର୍ଣ୍ଣ ପାର୍ଥକ୍ୟ ଯୋଗୁଁ କବି ବଳରାମ ବିଶ୍ୱ ସାହିତ୍ୟର ଇତିହାସରେ ଆଧୁନିକ ନାରୀବାଦ କହିଲେ ଏବେ ଆମେ ଯାହା ବୁଝୁଛେ, ତା'ର ସର୍ବପ୍ରଥମ ପଥିକୃତ୍ ସାହିତ୍ୟିକ। ତାଙ୍କରି ଲେଖନୀ ସୃଷ୍ଟ 'ଲକ୍ଷ୍ମୀ ପୁରାଣ' ନାରୀର ସ୍ୱାଧୀନତା ଓ ସ୍ୱାଧୀନେଚ୍ଛାର ସର୍ବଶ୍ରେଷ୍ଠ ଉଚ୍ଚାରଣ। ●

(ଅବସରପ୍ରାପ୍ତ ଇଂରାଜୀ ପ୍ରାଧ୍ୟାପ)
କୋଠିଆଁ ବାରଙ୍ଗ, ମୋ: ୯୮୫୩୩୫୫୧୦୭

## ପାଣିପାଗ ପୂର୍ବାନୁମାନ ଓ ଚାଷୀର ପ୍ରକୃତ ଆବଶ୍ୟକତା

**ପ୍ରଫେସର ସୁରେନ୍ଦ୍ରନାଥ ପଶୁପାଳକ**

ଜୁନ୍ ୨୦୨୬ ର ଶେଷ ସପ୍ତାହରେ ଓଡ଼ିଶାର ଅନେକ ଚାଷୀ ଏଭଳି ଏକ ପ୍ରଶ୍ନର ସମ୍ମୁଖୀନ ହେଉଛନ୍ତି, ଯାହା ପୂର୍ବ ପିଢ଼ିର ଚାଷୀମାନେ କଦାପି ଭାବି ନଥିଲେ। ୧୨ ଜୁନ୍‌ରେ ମୌସୁମୀ ଆଗମନ ହେବ ବୋଲି ଘୋଷଣା କରାଯାଇଥିଲେ ମଧ୍ୟ ଅନେକ ଚାଷୀ ସନ୍ଦେହରେ ଥିଲେ ଏବଂ ତଳିପକା କାମ ଆରମ୍ଭ କରିବାକୁ ସାହସ ବାନ୍ଧି ପାରି ନ ଥିଲେ। ଦଶନ୍ଧି ଦଶନ୍ଧି ଧରି ମୌସୁମୀ ଆସିଲେ ଚାଷ କାମ ଆରମ୍ଭ ହେଉଥିଲା। କିନ୍ତୁ ଏବେ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁର ବଦଳୁଥିବା ଆଚରଣ ଯୋଗୁଁ ଚାଷ କାର୍ଯ୍ୟର ଯୋଜନା କରିବା କଷ୍ଟକର ହୋଇପଡ଼ିଛି।



ଭାରତୀୟ ପାଣିପାଗ ବିଭାଗ ଦ୍ୱାରା ଘୋଷଣା କରାଯାଉଥିବା ମୌସୁମୀ ଆଗମନର ଅର୍ଥ କେବଳ ବାୟୁମଣ୍ଡଳରେ ମୌସୁମୀ ପ୍ରବାହ ସୃଷ୍ଟି ହେବାକୁ ବୁଝାଏ। ଏହା ଗ୍ୟାରେଣ୍ଟି ଦିଏ ନାହିଁ ଯେ ସବୁଆଡ଼େ ଭଲ ଓ ଚାଷ ଉପଯୋଗୀ ବର୍ଷା ହେବ। ୨୦୦୯ ଏବଂ ୨୦୧୫ ରେ ମୌସୁମୀ ଠିକ୍ ସମୟରେ ଆସିଥିଲା। କିନ୍ତୁ ପରେ ଦୀର୍ଘ ଦିନ ଧରି ମରୁଡ଼ି ସଦୃଶ ସ୍ଥିତି ଦେଖାଦେଇ ଚାଷ ଉଜାଡ଼ି ଦେଇଥିଲା। ୨୦୨୩ ରେ ମଧ୍ୟ ଶୀଘ୍ର ମୌସୁମୀ ଆସିବା ପରେ ବର୍ଷା ଗାଏବ ହୋଇଯାଇଥିଲା। ଓଡ଼ିଶାରେ ୧୨ ଜୁନ୍‌ରେ ମୌସୁମୀ ଛୁଇଁଥିଲେ ମଧ୍ୟ ୩୦ ତାରିଖ ଶେଷ ସୁଦ୍ଧା ଅନେକ ସ୍ଥାନରେ ଚାଷ ପାଇଁ ପର୍ଯ୍ୟାପ୍ତ ବର୍ଷା ହୋଇ ନ ଥିଲା।

ଚାଷୀଙ୍କୁ କେବଳ ମୌସୁମୀ ଆଗମନର ତାରିଖ ନୁହେଁ, ବରଂ 'କୃଷିଭିତ୍ତିକ ମୌସୁମୀ ପ୍ରତିଷ୍ଠା'ର ସୂଚନା ଦରକାର। ଏହାର ଅର୍ଥ ହେଉଛି - ବର୍ଷା କେବେଠାରୁ ନିୟମିତ ଓ ପର୍ଯ୍ୟାପ୍ତ ହେବ, ଯାହାଦ୍ୱାରା ଚାଷୀ ନିର୍ଭୟରେ ବିଲକୁ ଓହ୍ଲାଇପାରିବେ, ସମୁଦାୟ ବର୍ଷାର ପରିମାଣ କ'ଣ ଚାଷ ପାଇଁ ଯଥେଷ୍ଟ ଇତ୍ୟାଦି। ଆମେ ସାଧାରଣତଃ ମାସିକ କିମ୍ବା ଋତୁଭିତ୍ତିକ ସମୁଦାୟ ବର୍ଷାର ହିସାବ ଦେଖି ମୌସୁମୀ ଭଲ କି ମନ୍ଦ ଆକଳନ କରୁ। କିନ୍ତୁ ଫସଲ ପାଇଁ ପରିସଂଖ୍ୟାନ ନୁହେଁ, ବରଂ ଗଛ ବଢ଼ିବା ସମୟରେ ମାଟିରେ ରହୁଥିବା ଆର୍ଦ୍ରତା ଅଧିକ ଗୁରୁତ୍ୱପୂର୍ଣ୍ଣ। ୧୯୬୫ ଓ ୧୯୮୭ ଭଳି ବଡ଼ ମରୁଡ଼ି ବର୍ଷରେ ବର୍ଷାର ପରିମାଣ ବହୁତ କମ୍ ଥିଲା। କିନ୍ତୁ ୨୦୦୨, ୨୦୦୯, ୨୦୧୫, ୨୦୨୩ ଓ ୨୦୨୬ରେ ବର୍ଷାର ସମୁଦାୟ ପରିମାଣ ପ୍ରାୟ ସ୍ୱାଭାବିକ ଥିଲେ ମଧ୍ୟ ଦୀର୍ଘ ଦିନ ଧରି ବର୍ଷା ନହେବା ଯୋଗୁଁ ମାଟି ଶୁଖିଗଲା ଏବଂ ଫସଲ ନଷ୍ଟ ହେଲା। ଯଦି ଗୋଟିଏ ମାସରେ ମାତ୍ର ୨ ରୁ ୩ ଦିନ ପ୍ରବଳ ବର୍ଷା ହୋଇଯାଏ ଏବଂ ବାକି ଦିନଗୁଡ଼ିକ ଶୁଖିଲା ରହେ ତେବେ କାଗଜପତ୍ରରେ ବର୍ଷାର ପରିମାଣ ଠିକ୍ ଦେଖାଯିବ, କିନ୍ତୁ ତାହା ଫସଲ ପାଇଁ କ୍ଷତିକାରକ।

ଧାନ ଚାଷରେ ଗଜା ହେବା, କାନ୍ଦେଇବା, କେଣ୍ଡା ବାହାରିବା, ଫୁଲ ଆସିବା ଏବଂ ଧାନ କ୍ଷୀର ହେବା ସମୟରେ ପାଣିର ନିହାତି ଆବଶ୍ୟକତା ଥାଏ। ଏହି ଗୁରୁତ୍ୱପୂର୍ଣ୍ଣ ସମୟରେ ବର୍ଷା ନହେଲେ, ପରବର୍ତ୍ତୀ ସମୟରେ ପ୍ରବଳ ବର୍ଷା ହେଲେ ମଧ୍ୟ ତାହା ଫସଲକୁ ବଞ୍ଚାଇ ପାରିବ ନାହିଁ। ତେଣୁ ବର୍ଷାର ପରିମାଣ ଅପେକ୍ଷା ବର୍ଷାର ନିୟମିତତା ଅଧିକ ଜରୁରୀ। ଚାଷୀମାନଙ୍କୁ ପ୍ରକୃତରେ କେଉଁ ସୂଚନା ଦରକାର? ଏହାର ସହଜ ଉତ୍ତର ହେଉଛି 'ମାଟିର ଆର୍ଦ୍ରତା'। ମାଟିର ଆର୍ଦ୍ରତା ହିଁ ପାଣିପାଗ ଓ କୃଷିକୁ ପରସ୍ପର ସହ ଯୋଡ଼ିଥାଏ। ବର୍ଷା, ତାପମାତ୍ରା, ବାଷ୍ପୀଭବନ ଓ ପବନର ଗତିକୁ ଆଧାର କରି ଗଛର ଚେର ଥିବା ସ୍ଥାନରେ କେତେ ପାଣି ଅଛି, ତାହା ଉପରେ ଫସଲର ବୃଦ୍ଧି ନିର୍ଭର କରେ। ୨୦୦୨, ୨୦୦୯, ୨୦୧୫, ୨୦୨୩ ଏବଂ ଏହି ୨୦୨୬ ରେ କୃଷି କ୍ଷେତ୍ରରେ ସମସ୍ୟା କେବଳ ବର୍ଷାର ଅଭାବ ଯୋଗୁଁ ହୋଇନାହିଁ, ବରଂ ଦୀର୍ଘ ଦିନର ଶୁଖିଲା ପାଗ ଓ ଅଧିକ ତାପମାତ୍ରା ଯୋଗୁଁ ମାଟିର ଓଦାପଣ ଶୀଘ୍ର କମିଯିବା କାରଣରୁ ହୋଇଛି। ଏଭଳି ସ୍ଥିତିରେ କେବଳ ବର୍ଷାର ପରିସଂଖ୍ୟାନ ଚାଷର ପ୍ରକୃତ ଅବସ୍ଥା ଦର୍ଶାଇପାରେ ନାହିଁ।

ଆଧୁନିକ ଜଳସେଚନ ପରିଚାଳନାରେ ଦୁଇଟି ମୁଖ୍ୟ ପଦ୍ଧତି ବ୍ୟବହାର କରାଯାଉଛି। ପ୍ରଥମ ପଦ୍ଧତିରେ ମାଟିରୁ କେତେ ପରିମାଣର ପାଣି କମିଲେ ଫସଲ ଖରାପ ହେବ ତା'ର ଆକଳନ କରାଯାଏ ଏବଂ ଦ୍ୱିତୀୟ ପଦ୍ଧତିରେ ପ୍ରତିଦିନ ବାଷ୍ପୀଭବନ ଦ୍ୱାରା କେତେ ଜଳ ନଷ୍ଟ ହେଉଛି ଏବଂ ତାହା ବର୍ଷା ବା ଜଳସେଚନ ଦ୍ୱାରା କେମିତି ଭରଣା ହେଉଛି, ତା'ର ଦୈନିକ ହିସାବ ରଖାଯାଏ। ତେଣୁ ବର୍ତ୍ତମାନର ବଦଳୁଥିବା ମୌସୁମୀ ସ୍ଥିତିରେ ବର୍ଷାଭିତ୍ତିକ ଚାଷ ପାଇଁ ମଧ୍ୟ ମାଟିର ଆର୍ଦ୍ରତା ସମ୍ପର୍କିତ ଆଭିମୁଖ୍ୟ ପ୍ରାସଙ୍ଗିକ ହୋଇପଡ଼ିଛି। ଚାଷୀଙ୍କୁ ଠିକ୍ ସମୟରେ ଜଣାଇବା ଦରକାର ଯେ ସେମାନଙ୍କ ଜମିର ମାଟିରେ କେତେ ପରିମାଣର ଆର୍ଦ୍ରତା ଅଛି, ତାହା କେତେ ଶୀଘ୍ର ଶୁଖୁଛି ଏବଂ ଆଗକୁ ବର୍ଷା ଦ୍ୱାରା ତାହା ଭରଣା ହେବାର ସମ୍ଭାବନା କେତେ। ଏହା ଜାଣିଲେ ଯାଇ ଚାଷୀ ଠିକ୍ ସମୟରେ ସଠିକ୍ ଭାବେ ତଳି ପକାଇବା ବା ରୁଆ କାମ କରିପାରିବେ।

ବଦଳୁଥିବା ମୌସୁମୀ କାରଣରୁ ଚାଷୀଙ୍କୁ କେବଳ 'ମୌସୁମୀ ଆସିଲା କି ନାହିଁ' ଜାଣିବା ଯଥେଷ୍ଟ ନୁହେଁ। ବର୍ତ୍ତମାନ ଚାଷୀଙ୍କୁ ଦୁଇଟି ପ୍ରଶ୍ନର ଉତ୍ତର ଆବଶ୍ୟକ। ପ୍ରଥମଟି ହେଉଛି କୃଷିଭିତ୍ତିକ ମୌସୁମୀ ସ୍ଥିର ହେଲା କି? ଏବଂ ଦ୍ୱିତୀୟ, ଫସଲ ବଞ୍ଚାଇବା ପାଇଁ ମାଟିରେ ପ୍ରକୃତ ଆର୍ଦ୍ରତା ଅଛି କି? ଏହି ପ୍ରଶ୍ନଗୁଡ଼ିକର ଉତ୍ତର କେବଳ ମୌସୁମୀ ଆସିବାର ତାରିଖ କିମ୍ବା ବର୍ଷାର ସମୁଦାୟ ପରିମାଣରୁ ମିଳିପାରିବ ନାହିଁ। ଏଥିପାଇଁ କୃଷିଭିତ୍ତିକ ସୂଚକାଙ୍କ ଆବଶ୍ୟକ, ଯାହା ପାଣିପାଗ ସୂଚନାକୁ ଚାଷ କାର୍ଯ୍ୟର ସହଜ ନିଷ୍ପତ୍ତିରେ ବଦଳାଇପାରିବ। ଏହି ନୂତନ କୃଷି ସୂଚକାଙ୍କ କିଏ ପ୍ରସ୍ତୁତ କରିବ, କେମିତି ବିକାଶ କରାଯିବ ଏବଂ ଏହା କିଭଳି ଚାଷୀଙ୍କ ପାଖରେ ସହଜରେ ପହଞ୍ଚିପାରିବ ତାହା ହିଁ ଭାରତର ଆଗାମୀ ପିଢ଼ିର କୃଷି-ପାଣିପାଗ ପରାମର୍ଶ ସେବାର ଭବିଷ୍ୟତ ନିର୍ଦ୍ଧାରଣ କରିବ। ●

ଭୁବନେଶ୍ୱର
ମୋ:୭୭୩୫୩୭୪୯୭

## ନୀଳାଦ୍ରିବିଜେର ଲୀଳା ବୈଶିଷ୍ଟ୍ୟ

**ଡ. ଶରତ ଚନ୍ଦ୍ର ପରିଡ଼ା**

### ତତ୍ତ୍ୱ ଓ ତଥ୍ୟରେ ଶ୍ରୀଜଗନ୍ନାଥ

ଲୀଳାପୁରୁଷ ଶ୍ରୀଜଗନ୍ନାଥଙ୍କ 'ନୀଳାଦ୍ରିବିଜେ' ରଥଯାତ୍ରାର ଅଷ୍ଟମ ତଥା ଶେଷ ଚରଣ। ପ୍ରିୟ ଗୁଣ୍ଡିଚା ମଣ୍ଡପରେ ଜନ୍ମବେଦୀ ମହୋତ୍ସବ ଲୀଳା ଭିଆଇ ବାହୁଡ଼ାଦଶମୀରେ ନୀଳାଦ୍ରିକୁ ଫେରନ୍ତି ଶ୍ରୀମନ୍ଦିରର ଅଧିଷ୍ଠାତା ନୀଳାଦ୍ରିବିହାରୀ ନୀଳାଦ୍ରୀଶ ନୀଳଶୈଳଶିରୋମଣି।

ଲକ୍ଷ୍ମୀ ଠାକୁରାଣୀଙ୍କୁ ଛାଡ଼ି ଭଉଣୀକୁ ସାଥିରେ ଧରି ଘୋଷଯାତ୍ରାରେ ଶ୍ରୀଜଗନ୍ନାଥ ପଳାଇଥିବାରୁ ସେ ଦୋଷୀ। ଅଭିମାନିନୀ ଲକ୍ଷ୍ମୀ ନୀଳାଦ୍ରୀଶଙ୍କୁ ନୀଳାଦ୍ରି ପ୍ରବେଶ ନିଷେଧ କରିଦିଅନ୍ତି। ସିଂହଦ୍ୱାର ଦରଜାର କଂସା କବାଟ ବନ୍ଦ ଅର୍ଥାତ୍ 'କବାଟକୀଳା' ନୀତି ଅନୁଷ୍ଠିତ ହୁଏ। ଲକ୍ଷ୍ମୀଙ୍କ ପ୍ରାର୍ଥନାରେ ଇନ୍ଦ୍ର ପ୍ରବଳ ବର୍ଷାରେ ଭିଜାଇ ଦେବାରୁ ଶ୍ରୀଜଗନ୍ନାଥ ତିନ୍ତି ତିନ୍ତି ଥରିବାକୁ ଲାଗନ୍ତି। ଜଗତର ନାଥ ନିଜର ଅନିଚ୍ଛାକୃତ ଦୋଷ ସ୍ୱୀକାର କରି କ୍ଷମା ମାଗିବାର ସମ୍ବାଦ ଲକ୍ଷ୍ମୀ ଠାକୁରାଣୀଙ୍କ ପାଖରେ ପହଞ୍ଚେ। ଜଗଜ୍ଜନନୀଙ୍କ କ୍ରୋଧର ନିଆଁ ଶୀତଳ ହେବାରୁ ପତିଦେବତାଙ୍କୁ ଝିଙ୍ଗାସ ବଚନ କହିଥିବାରୁ ତାଙ୍କ ଛାତି ଫାଟିଗଲା ପରି ଲାଗେ। ଦ୍ୱାର ଖୋଲି ଦେବାକୁ କହି କାନ୍ଦିବାକୁ ଲାଗନ୍ତି।

ସିଂହଦ୍ୱାର ସିନା ଖୋଲିଗଲା, ହେଲେ ଜୟବିଜୟ ଦ୍ୱାର ବନ୍ଦ। ସେଠାରେ ଚିତ୍ତାକର୍ଷକ ଲକ୍ଷ୍ମୀନାରାୟଣ ବଚନିକା ପର୍ଯ୍ୟାୟ ଆରମ୍ଭ ହୁଏ। ପ୍ରଥମେ ମହାଲକ୍ଷ୍ମୀଙ୍କ ମନ ମୋହିବା ପାଇଁ ଶ୍ରୀଜଗନ୍ନାଥ ପୁରୁଷ ସୁଲଭ ଚାଟୁ ବାକ୍ୟ କହନ୍ତି: 'ନବ ଦିନ ମୋତେ ନବଯୁଗ ହେଲା ଶ୍ରୀମୁଖ ନଦେଖି ତୋର/ ଝୁଲି ଝୁଲି ଦେହ ଦୁର୍ବଳ ହେଲାଣି ପାଦ ନଚଳଇ ମୋର।' ଏତକ କହି ଆଉ ରୋଷ ନକରି ତାଙ୍କୁ କ୍ଷମା କରିଦେବା ପାଇଁ ପଦ୍ମାପ୍ରିୟଙ୍କ ପ୍ରାର୍ଥନା କରନ୍ତି। ଅନ୍ୟପକ୍ଷରେ ଲକ୍ଷ୍ମୀ ଠାକୁରାଣୀ ଜଗନ୍ନାଥଙ୍କ ଚାଟୁବାକ୍ୟ ଶୁଣି କଟୁ ବାକ୍ୟ ପ୍ରୟୋଗ କରିଛନ୍ତି: 'ଯାଅ ଯାଅ ଫେରି ନୀଳାଦ୍ରି ବିହାରୀ ଭଉଣୀକି ସଙ୍ଗେ ନିଅ/ ଛାଡ଼ି କରି ଗଲେ ଦୁଃଖ କରିବଟି ନନ୍ଦରାଜାର ଝିଅ।' ଶ୍ରୀଜଗନ୍ନାଥ କୈଫିୟତ୍ ଦେଇ ଯୁକ୍ତି ବାଢ଼ନ୍ତି :



'ଜ୍ୟେଷ୍ଠ ସହୋଦର ତୋର ଦେଢ଼ଶୁର ସେ ସଙ୍ଗତେ ଥିଲେ ଯେଣୁ/ ଏକଥା ଚିତ୍ତେ ବିଚାରିଣ ତୋତେ ସଙ୍ଗତେ ନନେଲି ତେଣୁ।'

ନାରୀମାନଙ୍କର ବସ୍ତ୍ରଆଭୂଷଣ ପ୍ରତି ଅହେତୁକ ଦୁର୍ବଳତା ଥିବା ଜଗତର ନାଥ ଭଲ ଭାବରେ ଜାଣି ମହାଲକ୍ଷ୍ମୀଙ୍କ ମନ ମୋହିବା ପାଇଁ ମନଲୋଭା ଉପହାର ସବୁ ଆଣିଛନ୍ତି। ପ୍ରାଣପ୍ରିୟା ପତ୍ନୀଙ୍କ ପାଇଁ ଦୁଦୁରା, ତାଡ଼କୀ, ଯବଦଣ୍ଡୀ, ସମ୍ବଲପୁରିଆ ବାଙ୍କ ଡେଉଁରିଆ, ଶୁଆବସା ନାକଗୁଣା, ଚିନାମାଳ, ହୃଦୟକୁ ପଦକ, ପାଦକୁ ବାଜେଣି, ହାତକୁ ବଳା, ମରକତ ଚୁଡ଼ି ଆଦି ନାନା ରତ୍ନ ଅଳଙ୍କାର ଓ କଳାମେଘୀ ଶାଢ଼ି ଭେଟି ଦେଇ କହନ୍ତି : 'ଫେଡ଼ ଫେଡ଼ କମଳିନୀ ଗୋ ଫେଡ଼ ଗୋ କବାଟ/ ତୁମ ପାଇଁ ଆଣିଛି ମୁଁ ଚିତ୍ରମେଘୀ ପାଟ।' ରତ୍ନାକର ସୁତା ଐଶ୍ୱର୍ଯ୍ୟଦାତ୍ରୀ ଲୋଭନୀୟ ବସ୍ତ୍ରାଳଙ୍କାରରେ ପ୍ରଲୁବ୍ଧ ନହୋଇ ବାପଘରର ବଡ଼ପଣ କଥା ମନେ ପକାନ୍ତି। ନିଜ ଭାଗ୍ୟକୁ ନିନ୍ଦନ୍ତି : 'ଧିକ ମୋ ଜୀବନ ମୋ ବାପା ବରୁଣ, କାହିଁ ଦେଲା ଏଠି ବାହା/ ଗେରସ୍ତ ବୋଲି ମୁଁ ଯା' ହାତ ଧରିଲି, କହେ ନାହିଁ ସିଏ ଆହା।' ଲକ୍ଷ୍ମୀ ଜଗନ୍ନାଥଙ୍କୁ ତାଚ୍ଛଲ୍ୟ କରି ସେସବୁ ଉପହାର ଗୋପୀମାନଙ୍କ ମନୋରଞ୍ଜନ ପାଇଁ ଦେବା ପାଇଁ କହନ୍ତି। ରାଗରେ ମଣିଷର ମର୍ମ କଥା କହି ହୋଇଯାଏ। ଗୁପ୍ତ ବୃନ୍ଦାବନ ଗୁଣ୍ଡିଚାମନ୍ଦିରର ରାସଲୀଳା କଥା ଲକ୍ଷ୍ମୀ ଭଲ ଭାବରେ ଜାଣନ୍ତି। ତାହା ମାଧୁର୍ଯ୍ୟଲୀଳାର ପୀଠସ୍ଥଳୀ ହୋଇଥିବାରୁ ସେଠାରେ ଐଶ୍ୱର୍ଯ୍ୟର ଦେବୀ ମହାଲକ୍ଷ୍ମୀଙ୍କ ପ୍ରବେଶ ନିଷେଧ। ମହାପ୍ରଭୁଙ୍କ ସକଳ ଅନୁନୟ ବିନୟ ଲକ୍ଷ୍ମୀ ନବୁଝିବାରୁ ସେ କଠୋର ହୋଇ ଚରମ ନିଷ୍ପତ୍ତି ଶୁଣାଇଛନ୍ତି: 'ମୁଁ ହିଁ ବୋଲି ତୋର ଦାଉ ସମ୍ଭାଳିଛି ଆଉ କେ ପାରନ୍ତା ସହି/ ଘର ଛାଡ଼ି କରି କଉପୀନ ମାରି ଯାଆନ୍ତାଣି ଯୋଗୀ ହୋଇ। ତୁମ୍ଭେ ଗୋ ଇନ୍ଦିରେ ସର୍ବଜନେ କୃପା କର/ ଚାଣ୍ଡାଳୁ ଦ୍ୱିଜଙ୍କ ସେବା କର ଅଙ୍ଗୀକାର। ସେହି ମହାଭାବ ମୁଁହି ରଥେ ପ୍ରଚାରିବି/ ନବଦିନ ଯାତ୍ରା ରଚି ଜଗତେ ତାରିବି। ଭକତବତ୍ସଳ ନାମ ମୋର ଏଣୁ ଖ୍ୟାତ/ଏଥକୁ ଗୋ ପଦ୍ମାଳୟା ଭାବ ତୁ ଉଚିତ।' ଏପରି ଭାଇବୋହୂ ଓ ସାନଭାଇଙ୍କ ଦାମ୍ପତ୍ୟ କଳହକୁ ଘରର ଗୁରୁଜନ ବଡ଼ଭାଇ ବଳରାମ ଶୁଣି କଡ଼ା ଅନୁଶାସନ ଶୁଣାଇଛନ୍ତି- ଏପରି ଖଡ଼ବଡ଼ ଆଉ ଥରେ ଶୁଣିଲେ ସେ ନିଶ୍ଚୟ ଜଗନ୍ନାଥଙ୍କୁ ଭିନ୍ନ କରିଦେବେ।

ଉଭୟଙ୍କ ଚେତା ପଶେ। କବାଟ ଉନ୍ମୋଚିତ ହୁଏ। ଲୀଳାମୟ ଶ୍ରୀଜଗନ୍ନାଥ 'ଭିତିରି ବିଜେ' କରନ୍ତି। ମା'ଲକ୍ଷ୍ମୀ ପ୍ରାଣପ୍ରିୟଙ୍କୁ ଦେଖି ଭାବପ୍ରବଣତାରେ ଲୁହ ଝରାଇ କ୍ଷମା ମାଗନ୍ତି। ଅନୁଷ୍ଠିତ ହୁଏ ପ୍ରତୀକ୍ଷିତ ମହାମିଳନ। ମୁଣ୍ଡ ସାଉଁଳେଇ ଗାଢ଼ ଆଲିଙ୍ଗନରେ ଚନ୍ଦ୍ରବଦନରେ ଚୁମା ଦିଅନ୍ତି। ଅନୁରାଗରେ ମିଳନର ମଧୁର ମୂର୍ଚ୍ଛନା ସୃଷ୍ଟି ହୁଏ। ଶଙ୍ଖ ହୁଳହୁଳି ମଧ୍ୟରେ ଗଇଁଠାଳ ଫିଟାଯାଇ ମହାସ୍ନାନ ମଙ୍ଗଳ ଆଳତି ପରେ ମହାପ୍ରଭୁ ମହାଲକ୍ଷ୍ମୀଙ୍କୁ ମିଷ୍ଟନୈବେଦ୍ୟ ରସଗୋଲା ଖୁଆଇ ଦିଅନ୍ତି। ଘଷା ବିଡ଼ିଆ ମଣୋହି ପରେ ଶ୍ରୀଜଗନ୍ନାଥ ରତ୍ନସିଂହାସନରେ ବିଜେ କରନ୍ତି।

ଶ୍ରୀଜଗନ୍ନାଥ ଓ ମହାଲକ୍ଷ୍ମୀ ଅର୍ଥାତ୍ ପ୍ରକୃତି ଓ ପୁରୁଷ ହେଉଛନ୍ତି କୋଟି କୋଟି ଦମ୍ପତିଙ୍କ ସାର୍ଥକ ପ୍ରତିନିଧି। ଏହି ଲୀଳା ପବିତ୍ର ପ୍ରେମପୂର୍ଣ୍ଣ ଓ ପ୍ରଗତିଶୀଳ ଦାମ୍ପତ୍ୟ ଜୀବନ ଧାରା। ରାଗ ଅନୁରାଗର ଏକ ମିଶ୍ରରାଗ। ଦାମ୍ପତ୍ୟ ଜୀବନରେ ସାମୟିକ ବିଚ୍ଛେଦର ଏହା ଏକ ଚମତ୍କାର ମାନବିକ ମୂଲ୍ୟାୟନ। ଗାର୍ହସ୍ଥ୍ୟ ଜୀବନରେ ଖଟା-ମିଠା, ବାଦ-ବିବାଦ ଓ ରାଗ-ରୁଷା ଅନ୍ତରାଳରେ ବହୁଥାଏ ସ୍ନେହ ମମତାର ଝର। ଅବୁଝାପଣକୁ ଆତ୍ମୀୟତାର ପୁଟ ଦେଇ ପରିଲେ ତାହା ହର୍ଷୋଲ୍ଲାସରେ ରୂପାନ୍ତରିତ ହୁଏ। ମାନବୀୟ ଜଗନ୍ନାଥ ଧର୍ମର ଏହା ହିଁ ଆଦର୍ଶ ଓ ଆଚରଣ। ସମସ୍ତ ଦାମ୍ପତ୍ୟ ଜୀବନ ପ୍ରୀତିଝରା, ମଧୁଭରା ଓ ଅପାସୋରା ହେଉ। ●

ଭୁବନେଶ୍ୱର, ମୋ: ୭୦୦୮୪୭୫୪୪୨



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## ହଷ୍ଟେଲ ଛାତ୍ରୀଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

# ମୃତଦେହ ରଖି ଆଶ୍ରମ ସ୍କୁଲ ଆଗରେ ଧାରଣା

ଉମରକୋଟ,୨୬।୭(ସମିସ): ନବରଙ୍ଗପୁର ଜିଲ୍ଲାର ଉମରକୋଟ ବ୍ଲକ ଅନ୍ତର୍ଗତ ଭାମିନି ଗ୍ରାମପଞ୍ଚାୟତର ବାଟିବେଡ଼ା ଆଶ୍ରମ ବିଦ୍ୟାଳୟର ଜଣେ ଛାତ୍ରୀଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର ହୋଇଛି। ମୃତ ଛାତ୍ରୀ ଜଣକ ହେଲେ ଜବା ସାନ୍ତା (୧୪)। ସେ ଅଷ୍ଟମ ଶ୍ରେଣୀରେ ପଢୁଥିଲେ ଏବଂ ବିଦ୍ୟାଳୟ ହଷ୍ଟେଲରେ ରହୁଥିଲେ। ଛାତ୍ରୀ ଜଣଙ୍କ ଘର ଉମରକୋଟ ବ୍ଲକର ସୁନାବେଡ଼ା ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ଦଲଦଲି ଗ୍ରାମରେ। ଏହି ଘଟଣା ଅଞ୍ଚଳରେ ତୀବ୍ର ପ୍ରତିକ୍ରିୟା ସୃଷ୍ଟି କରିଛି। ଏହାର ତଦନ୍ତ କ୍ଷତିପୂରଣ ଦାବିରେ ଲୋକେ ଶବକୁ ସ୍କୁଲ ଫାଟକ ଆଗରେ ରଖି ଆନ୍ଦୋଳନ କରିଥିଲେ।

ସୂଚନା ଅନୁସାରେ ଶନିବାର ରାତିରେ ବିଦ୍ୟାଳୟ ପରିସର ବାହାରେ ଏକ ଜମିରେ ଥିବା ଗଛରୁ ତାଙ୍କ ମୃତଦେହ ଉଦ୍ଧାର କରାଯାଇଛି। ଦଲଦଲି ଗ୍ରାମରେ ମୋବାଇଲ ନେଟୱର୍କ ସୁବିଧା ନଥିବାରୁ ବିଦ୍ୟାଳୟ କର୍ତ୍ତୃପକ୍ଷ ରାତିରେ ଗ୍ରାମକୁ ଯାଇ ପରିବାର ସଦସ୍ୟଙ୍କୁ ଘଟଣା ସମ୍ପର୍କରେ ସୂଚନା ଦେଇଥିଲେ। ଏନେଇ ପରିବାର ଲୋକଙ୍କ ପକ୍ଷରୁ ଉମରକୋଟ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତି କରି ପୁଲିସ ଘଟଣାସ୍ଥଳରେ ପହଞ୍ଚି ଥିଲେ। ଘଟଣା ସ୍ଥଳରେ ସାଇଣ୍ଟିଫିକ୍ ଟିମ ପହଞ୍ଚି ତଦନ୍ତ କରିଥିଲେ। ମୃତ ଛାତ୍ରୀଙ୍କ ପରିବାର ସଦସ୍ୟ, ଗ୍ରାମବାସୀ, କଂଗ୍ରେସ ଓ ବିଜେଡି ଦଳର ସ୍ଥାନୀୟ ନେତାମାନେ ମୃତଦେହକୁ ଆଶ୍ରମ ବିଦ୍ୟାଳୟ ଫାଟକ ସମ୍ମୁଖରେ ରଖି ଧାରଣାରେ ବସିଥିଲେ। କଂଗ୍ରେସର ଜିଲ୍ଲା ସଭାପତି ଡ.ଲିପିକା ମାଝୀ, ସନରାଜ ଗଣ୍ଡ, ସାଇ ନାରାୟଣ ପାଢ଼ୀ ଓ ବିଜେଡିର ପୂର୍ବତନ ସାଂସଦ ରମେଶ ମାଝୀ ମଧ୍ୟ ଧାରଣାରେ ସାମିଲ ହୋଇଥିଲେ। ଧାରଣାକାରୀମାନେ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ଅବହେଳାକୁ ଦାୟୀ କରିବା ସହ ଘଟଣାର ନିରପେକ୍ଷ ଓ ଉଚ୍ଚସ୍ତରୀୟ ତଦନ୍ତ ଏବଂ ମୃତ ଛାତ୍ରୀଙ୍କ ପରିବାରକୁ ଉପଯୁକ୍ତ କ୍ଷତିପୂରଣ ପ୍ରଦାନ ଦାବି କରିଥିଲେ। ଏହାକୁ ନେଇ କିଛି ସମୟ ପର୍ଯ୍ୟନ୍ତ ଘଟଣାସ୍ଥଳରେ ଉତ୍ତେଜନା ଲାଗି ରହିଥିଲା। ଘଟଣାର ଗୁରୁତ୍ୱକୁ ଦୃଷ୍ଟିରେ ରଖି ଜିଲ୍ଲା ମଙ୍ଗଳ ଅଧିକାରୀ ରବୀନ୍ଦ୍ର ପାଲାକା, ଉମରକୋଟ ଏସଡିପିଓ ଶୁଭେନ୍ଦୁ ଶବର ଓ ତହସିଲଦାର ମେଘବାନ ବାଗ ଘଟଣାସ୍ଥଳରେ ପହଞ୍ଚି ପରିସ୍ଥିତିର ସମୀକ୍ଷା କରିବା ସହ ପରିବାର ସଦସ୍ୟ ଓ ଗ୍ରାମବାସୀଙ୍କ ସହ ଆଲୋଚନା କରିଥିଲେ। ଜିଲ୍ଲା ମଙ୍ଗଳ ଅଧିକାରୀ ସୂଚନା ଦେଇଥିଲେ ଯେ, ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ ଘଟଣାର ଉଚ୍ଚସ୍ତରୀୟ ତଦନ୍ତ ପାଇଁ ପିଏ-ଆଇଟିଡିଏ,



ମେଡିକାଲ ଅଫିସର, ଏଡିଡବ୍ଲ୍ୟୁଓ ଓ ଡିଡବ୍ଲ୍ୟୁଓଙ୍କୁ ନେଇ ଏକ ତଦନ୍ତ କମିଟି ଗଠନ କରାଯାଇଛି। ଏଥିସହ ମଙ୍ଗଳ ବିଭାଗ ପକ୍ଷରୁ ମୃତ ଛାତ୍ରୀଙ୍କ ପରିବାରକୁ ୨ ଟଙ୍କା ଲକ୍ଷ କ୍ଷତିପୂରଣ ପ୍ରଦାନ କରାଯିବ ବୋଲି ସେ କହିଥିଲେ। ତଦନ୍ତ ରିପୋର୍ଟରେ ଯାହାଙ୍କ ଅବହେଳା କିମ୍ବା ଦାୟିତ୍ୱହୀନତା ପ୍ରମାଣିତ ହେବ, ସେମାନଙ୍କ ବିରୋଧରେ କଠୋର ପ୍ରଶାସନିକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରଶାସନ ପକ୍ଷରୁ ପ୍ରତିଶ୍ରୁତି ଦିଆଯିବା ପରେ ମୃତ ଛାତ୍ରୀଙ୍କ ପରିବାର ଓ ଗ୍ରାମବାସୀ ଆନ୍ଦୋଳନରୁ ହଟିଥିଲେ।

# ରକ୍ତଦାନ ଶିବିରକୁ ଲିଫଲେଟ୍ ନାହିଁ; ମନ୍ତ୍ରୀଙ୍କ ପ୍ରଚାର ହୋର୍ଡିଂରେ କୋଟି କୋଟି ଖର୍ଚ୍ଚ

## ୨ବର୍ଷ ହେଲା ସରକାରୀ ରକ୍ତଭଣ୍ଡାରରେ ଲିଫଲେଟ୍ ବନ୍ଦ

ଭୁବନେଶ୍ୱର,୨୬।୭(ସମିସ): ରାଜ୍ୟରେ ସରକାରୀ କାର୍ଯ୍ୟକ୍ରମ, ସଭାସମିତି ପାଇଁ ଯାବତୀୟ ପ୍ରଚାର ହେଉଛି। ମନ୍ତ୍ରୀମାନଙ୍କ ଗସ୍ତ କାଳରେ ଗଳିକନ୍ଦିରେ ହୋଡର୍ଂ, ବ୍ୟାନର, କଟଆଉଟ୍ ଲଗାଯାଉଛି। ଜାତୀୟସ୍ତରର ନେତାମାନେ ଓଡ଼ିଶା ଆସିଲେ ବା ଜାତୀୟସ୍ତରୀୟ କାର୍ଯ୍ୟକ୍ରମ ପାଇଁ ବହୁ ହୋଡର୍ଂ ଲାଗୁଥିବା ଦେଖାଯାଉଛି। ମାତ୍ର ରୋଗୀଙ୍କ ପାଇଁ ରକ୍ତଦାନ ଶିବିର ଆୟୋଜନ କରିବା ଓ ଏଥିପାଇଁ ସଚେତନତା ଶିବିର ଆୟୋଜନ ପାଇଁ ବିଭିନ୍ନ ରକ୍ତଦାନ ଶିବିରରେ ଲିଫ୍ଲେଟ୍‌ଟିଏ ପହଞ୍ଚି ପାରୁନାହିଁ। ବିଭିନ୍ନ ସ୍ଥାନରେ ରକ୍ତଦାନ ଶିବିର ଆୟୋଜନ ନେଇ ରକ୍ତଦାନ ଶିବିର ଓ ଅନ୍ୟାନ୍ୟ ସ୍ଥାନରେ ଏହାକୁ ବଣ୍ଟନ କରାଯାଇଥାଏ। ମାତ୍ର ଦୀର୍ଘ ୨ବର୍ଷ ହେବ ଏହି ଲିଫଲେଟ୍ ଛପାଯାଇନଥିବା ସୂଚନା ମିଳିଛି। ଗୋଟେପଟେ ସରକାର ଅନାବଶ୍ୟକ କାର୍ଯ୍ୟ ପାଇଁ ରାଜକୋଷରୁ ଲକ୍ଷଲକ୍ଷ ଟଙ୍କା ଖର୍ଚ୍ଚ କରୁଥିବା ବେଳେ ରକ୍ତଦାନ ଭଳି ଏକ ସେନସିଟିଭ ମେଡିସିନ୍ ଆୱାରନେସ୍ ପାଇଁ ଆବଶ୍ୟକୀୟ ଲିଫଲେଟ୍ ପାଇଁ ସର୍ବନିମ୍ନ ଖର୍ଚ୍ଚ କରିବାକୁ ଅସମର୍ଥ ହୋଇଥିବା ଏବଂ ଏଭଳି ଏକ ଗୁରୁତ୍ୱପୂର୍ଣ୍ଣ ଦିଗକୁ ସରକାର ଗୁରୁତ୍ୱ ଦେଉନଥିବା ଅଭିଯୋଗ ହୋଇଛି।

ରାଜଧାନୀରେ କ୍ୟାପିଟାଲ ବ୍ଲଡ଼ ବ୍ୟାଙ୍କ, ସେଣ୍ଟ୍ରାଲ ରେଡକ୍ରସ୍ ଏବଂ ଏସସିବି ବ୍ଲଡ ସେଣ୍ଟର ସାରା ରାଜ୍ୟରୁ ରକ୍ତ ସଂଗ୍ରହ କରି ରୋଗୀଙ୍କୁ ଯୋଗାଇଥାନ୍ତି। ଓଡ଼ିଶାର କୋଣ ଅନୁକୋଣରେ ରହିଥିବା ଘରୋଇ ଓ ସରକାରୀ ହସ୍ପିଟାଲ ଏହି ଦୁଇ ବ୍ଲଡ ସେଣ୍ଟରକୁ ଭରସା କରିଥାନ୍ତି। ସୂଚନା ଅନୁସାରେ ସରକାରଙ୍କର ୫୬ଟି, ରେଡକ୍ରସ୍‌ର ୨ଟି ଏବଂ ଏମସ୍‌ର ଗୋଟିଏକୁ ମିଶାଇ ରାଜ୍ୟରେ ମୋଟ୍ ୫୯ଟି ବ୍ଲଡବ୍ୟାଙ୍କ ରହିଛି। ତେବେ ଜୀବନ ପାଇଁ ସଂଘର୍ଷ କରୁଥିବା ରାଜ୍ୟରେ ପ୍ରାୟ ୧୭ହଜାର ଥାଲାସେମିଆ ରୋଗୀଙ୍କ ପାଇଁ ମାସିକ ୫୦ହଜାର ୟୁନିଟ୍ ରକ୍ତର ଆବଶ୍ୟକତା ହେଉଥିବା ବେଳେ ବର୍ଷକୁ ପ୍ରାୟ ୬ଲକ୍ଷ ୟୁନିଟ୍ ରକ୍ତର ଆବଶ୍ୟକତା ପଡ଼ିଥାଏ।




ପୂର୍ବରୁ ବିଜେଡି ପକ୍ଷରୁ କାର୍ଯ୍ୟକାରୀ ହେଉଥିବା ଜୀବନବିନ୍ଦୁ ରକ୍ତଦାନ ଶିବିରରୁ ବାର୍ଷିକ ପ୍ରାୟ ୪ଲକ୍ଷ ୟୁନିଟ୍ ରକ୍ତ ଯୋଗାଇ ଦିଆଯାଉଥିବା ବେଳେ ବିଭିନ୍ନ ସଂଗଠନ ପକ୍ଷରୁ ଶିବିର କରାଯାଇ ବଳକା ରକ୍ତ ସଂଗ୍ରହ କରାଯାଇଥାଏ। ହେଲେ ବର୍ତ୍ତମାନ ଅନ୍ୟ ସମୟରେ ନିୟମିତ ରକ୍ତଦାନ ଶିବିରର ଆୟୋଜନ ହେଉନଥିବାରୁ ରାଜ୍ୟରେ ରକ୍ତର ସଙ୍କଟ ଦେଖାଦେଇଛି। ଲୋକଙ୍କ ମଧ୍ୟରେ ରକ୍ତଦାନ ନେଇ ସଚେତନତା ସୃଷ୍ଟି କରିବାକୁ କ୍ୟାମ୍ପ ଗୁଡ଼ିକରେ ଲିଫଲେଟ୍ ରକ୍ତଦାତାମାନଙ୍କୁ ମଧ୍ୟ ପ୍ରଦାନ କରାଯାଇଥାଏ। ଏଥିରେ ରକ୍ତଦାନ କରିବାର ବୟସ ସୀମା, ରାଜ୍ୟର ବ୍ଲଡବ୍ୟାଙ୍କ ଗୁଡ଼ିକରେ ମିଳୁଥିବା ବିଭିନ୍ନ ବ୍ଲଡଗ୍ରୁପ୍ ରକ୍ତର ସବିଶେଷ ତଥ୍ୟ ରହିଥାଏ। ରକ୍ତଦାନ କରିବା ଦ୍ୱାରା ଜଣେ ବ୍ୟକ୍ତିଙ୍କୁ କି ପ୍ରକାର ଉପକାର ମିଳିଥାଏ, ଥରକେ ଜଣେ କେତେ ପରିମାଣରେ ରକ୍ତଦାନ କରିପାରିବେ, ରକ୍ତଦାନ କରିବାର ବ୍ୟବଧାନ କେତେ ରହିବା ଆବଶ୍ୟକ, ପ୍ରତିଟି ସଂଗୃହୀତ ରକ୍ତମୁଣି ପାଇଁ ରକ୍ତଭଣ୍ଡାରରେ କିକି ପରୀକ୍ଷା କରାଯାଏ, ରରକ୍ତଦାନ ଦ୍ୱାରା ଏଡସ୍ ରୋଗ ସଂକ୍ରମିତ ହୋଇଥାଏ କି ନାହିଁ, କେତେଦିନ ଯାଏ ରକ୍ତ ଭଣ୍ଡାରରେ ରକ୍ତ ସଂରକ୍ଷଣ କରାଯାଇଥାଏ ସମ୍ପର୍କରେ ତଥ୍ୟ ଲୋକମାନଙ୍କୁ ସଚେତନ କରିବାକୁ ସକ୍ଷମ ହୋଇଥାଏ। ଲୋକମାନଙ୍କୁ ମଧ୍ୟ ରକ୍ତଦାନ ପାଇଁ ଅନୁପ୍ରେରିତ କରିବାକୁ ଏହା ଏକ ମାଧ୍ୟମ ରୂପେ ବିବେଚନା କରାଯାଉଥିଲା। ହେଲେ ବିଗତ ୨ବର୍ଷ ମଧ୍ୟରେ ସାରା ରାଜ୍ୟରେ ରକ୍ତଦାନ ଶିବିର ଆୟୋଜନ କମିଥିବା ବେଳେ ଏଥିପାଇଁ ଲୋକଙ୍କ ମଧ୍ୟରେ ସଚେତନତା କରାଯାଉ ନଥିବା ଅଭିଯୋଗ ହୋଇଛି।

ଏନେଇ ଫେଡେରେସନ୍ ଅଫ୍ ବ୍ଲଡ ଡୋନର ଅର୍ଗାନାଇଜେସନ୍ ଅଫ୍ ଓଡ଼ିଶାର ସଭାପତି ଅକ୍ଷୟ କୁମାର ରାଉତ କହିଛନ୍ତି ଯେ ଲୋକମାନଙ୍କ ପାଖରେ ସୂଚନା ରହିଲେ ସେମାନେ ଶିବିରରେ ପହଞ୍ଚିବା ସହଜ ହୋଇଥାଏ। କେବଳ ସେତିକି ନୁହେଁ, ଲିଫଲେଟ୍‌ରେ ରକ୍ତଦାନ ସମ୍ପର୍କରେ ଲେଖା ରହିଥିବା ଅନେକ ଗୁରୁତ୍ୱପୂର୍ଣ୍ଣ ବିଷୟରେ ସମସ୍ତେ ଜାଣିବା ଓ ସଚେତନ ହେବା ଆବଶ୍ୟକ। ତେବେ କେବଳ ରାଜଧାନୀ ହସ୍ପିଟାଲ ନୁହେଁ କଟକ ଏସସିବି, ଏମକେସିଜି ହସ୍ପିଟାଲ ବ୍ଲଡବ୍ୟାଙ୍କରେ ମଧ୍ୟ ଲିଫଲେଟ ଉପଲବ୍ଧ ନାହିଁ। ପୂର୍ବରୁ ଏହି ଲିଫଲେଟ୍ ପ୍ରତିଟି ଶିବିରରେ ଯୋଗାଇ ଦିଆଯାଉଥିବା ବେଳେ ପ୍ରାୟ ୨ବର୍ଷ ହେବ ତାହା ଉପଲବ୍ଧ ନ ଥିବା ସୂଚନା ରହିଛି ବୋଲି ଶ୍ରୀ ରାଉତ କହିଛନ୍ତି।

**ବର୍ଷେ ପରେ ଜେନ୍-ଜୀ ନେତା ବାଛିଲା କଂଗ୍ରେସ**

# ବିଭୂତି ଓଡ଼ିଶା ଛାତ୍ର କଂଗ୍ରେସ ଆଡ୍-ହକ୍ ସଭାପତି ନିଯୁକ୍ତ

ଭୁବନେଶ୍ୱର,୨୬।୭(ସମିସ): ପିସିସି ମୁଖପାତ୍ର ତଥା ଛାତ୍ର କଂଗ୍ରେସ ନେତା ବିଭୂତି ଭୂଷଣ ମହାପାତ୍ରଙ୍କୁ ଛାତ୍ର କଂଗ୍ରେସର (ଏନ୍ଏସୟୁଆଇ) ଆଡ୍-ହକ୍ ସଭାପତି ଭାବେ ନିଯୁକ୍ତି ମିଳିଛି। ଅଖିଳ ଭାରତୀୟ କଂଗ୍ରେସ କମିଟି (ଏଆଇସିସି) ସଭାପତି ବିଭୂତିଙ୍କ ନିଯୁକ୍ତି ସୁପାରିସକୁ ଅନୁମୋଦନ ଦେବା ପରେ ଦଳ ପକ୍ଷରୁ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇଛି। କଟକ ସ୍ଥିତ ଭୁବନାନନ୍ଦ ଓଡ଼ିଶା ଯାନ୍ତ୍ରିକ ବିଦ୍ୟାଳୟରୁ ଛାତ୍ର ରାଜନୀତି ଆରମ୍ଭ କରିଥିବା ବିଭୂତି ଭୂଷଣ ମହାପାତ୍ର ଦୀର୍ଘଦିନ ଧରି ରାଜ୍ୟର ବିଭିନ୍ନ ନିଯୁକ୍ତି ଦୁର୍ନୀତି ଓ ପରୀକ୍ଷା ପ୍ରକ୍ରିୟାରେ ହେଉଥିବା ଅନିୟମିତତା ବିରୋଧରେ ସକ୍ରିୟ ଭୂମିକା ନେଇଆସିଛନ୍ତି। ଆରଆଇଅମିନ ନିଯୁକ୍ତି ଦୁର୍ନୀତି, ପୁଲିସ ଏସଆଇ ନିଯୁକ୍ତି ପ୍ରସଙ୍ଗ, ବନ ବିଭାଗରେ ନିଯୁକ୍ତି ଅନିୟମିତତା ଏବଂ ସିଭିଲ ଜେଇ ପ୍ରଶ୍ନପତ୍ର ଲିକ୍ ଭଳି ବହୁ ଚର୍ଚ୍ଚିତ ପ୍ରସଙ୍ଗରେ ସେ ଛାତ୍ରଛାତ୍ରୀ ଓ ଚାକିରି ଆଶାୟୀଙ୍କ ସ୍ୱରକୁ ସରକାରଙ୍କ ସମ୍ମୁଖରେ ଦୃଢ଼ତାର ସହ ଉପସ୍ଥାପନ କରିଛନ୍ତି।



ଏହି ସମସ୍ତ ପ୍ରସଙ୍ଗରେ ସେ ବିଭିନ୍ନ ଗଣଆନ୍ଦୋଳନ, ବିକ୍ଷୋଭ, ଧାରଣା, ପଦଯାତ୍ରା ଏବଂ ସ୍ମାରକପତ୍ର ପ୍ରଦାନ ଭଳି କାର୍ଯ୍ୟକ୍ରମର ନେତୃତ୍ୱ ନେଇ ସ୍ୱଚ୍ଛ, ନିରପେକ୍ଷ ଓ ଦୁର୍ନୀତିମୁକ୍ତ ନିଯୁକ୍ତି ପ୍ରକ୍ରିୟା ପାଇଁ ଦାବି ଉଠାଇଥିଲେ। ବିଭୂତି ଭୂଷଣ ମହାପାତ୍ର ବର୍ତ୍ତମାନ ରାଜ୍ୟ କଂଗ୍ରେସର ମୁଖପାତ୍ର ଭାବେ ମଧ୍ୟ କାର୍ଯ୍ୟ କରୁଛନ୍ତି। ଜଣେ ଦକ୍ଷ ବକ୍ତା ଓ ସକ୍ରିୟ ଛାତ୍ର ସଙ୍ଗଠକ ଭାବେ ସେ ସକ୍ରିୟ ଅଛନ୍ତି। ତାଙ୍କ ନିଯୁକ୍ତିକୁ ରାଜ୍ୟର ଛାତ୍ର କଂଗ୍ରେସ କର୍ମୀ ଓ ନେତୃବୃନ୍ଦ ସ୍ୱାଗତ କରିଛନ୍ତି। ଅନ୍ୟପଟେ ବିଭୂତିଙ୍କ ନିଯୁକ୍ତି ପରେ ବର୍ଷେ ହେବ ଖାଲି ପଡ଼ିଥିବା ଛାତ୍ର କଂଗ୍ରେସ ସଭାପତି ପଦ ପୂର୍ଣ୍ଣ ହୋଇଛି। ସାରା ଦେଶରେ ଏବେ ଜେନ୍-ଜୀ ଆନ୍ଦୋଳନ ଓ ଛାତ୍ରଙ୍କ ଭୂମିକା ଚର୍ଚ୍ଚାର ପ୍ରସଙ୍ଗ ପାଲଟିଛି। ହେଲେ ପୂର୍ବତନ ଛାତ୍ର କଂଗ୍ରେସ ସଭାପତିଙ୍କ ପଦ ଛାଡ଼ିବା ପରଠାରୁ ବର୍ଷେ କାଳ ବିନା ଛାତ୍ର କଂଗ୍ରେସ ସଭାପତିରେ ଏହି ସଂଗଠନ ଚାଲିଥିଲା। ଏବେ ବିଭୂତିଙ୍କୁ ନୂଆ ଦାୟିତ୍ୱ ମିଳିବା ପରେ ଛାତ୍ର ଆନ୍ଦୋଳନକୁ ନେଇ କଂଗ୍ରେସର କିଛି ନୂତନ ରଣନୀତି ଥିବା ଚର୍ଚ୍ଚା ହେଉଛି।

■ ଦୁଇଟି ଅନ୍ତଃନଦୀ ଜଳାଶୟ ପ୍ରକଳ୍ପକୁ ପ୍ରଶାସନିକ ମଞ୍ଜୁରୀ

# ଖର୍ଚ୍ଚ ହେବ ୧୬୫ କୋଟି

ଭୁବନେଶ୍ୱର,୨୬।୭(ସମିସ): ସୁନ୍ଦରଗଡ଼ ଓ ମୟୂରଭଞ୍ଜ ଜିଲ୍ଲାରେ ଦୁଇଟି ଅନ୍ତଃନଦୀ ଜଳାଶୟ ପ୍ରକଳ୍ପ(ଇନଷ୍ଟ୍ରିମ ଷ୍ଟୋରେଜ ଷ୍ଟ୍ରକଚର) ନିର୍ମାଣ ପାଇଁ ପ୍ରଶାସନିକ ଅନୁମତି ପ୍ରଦାନ କରିଛି ଜଳସମ୍ପଦ ବିଭାଗ। ଏହି ଦୁଇଟି ପ୍ରକଳ୍ପ ପାଇଁ ମୋଟ ୧୬୫ କୋଟି ୭୯ ଲକ୍ଷ ଟଙ୍କା ଖର୍ଚ୍ଚ ହେବ। ବିଭାଗ ପକ୍ଷରୁ ବିଭାଗୀୟ ସର୍ବୋଚ୍ଚ ଯନ୍ତ୍ରୀଙ୍କୁ ଚିଠି ଲେଖାଯାଇ ଏନେଇ ଅବଗତ କରାଯାଇଛି। ଚିଠି ଅନୁଯାୟୀ ମୟୂରଭଞ୍ଜର କାଂଶପାଳ ଗ୍ରାମ ନିକଟରେ କତ୍ରା ନଦୀ ଉପରେ ଏକ ପ୍ରକଳ୍ପ ନିର୍ମାଣ କରାଯିବ। ଏଥିପାଇଁ ମୋଟ ୭୬ କୋଟି ୫୨ ଲକ୍ଷ ଟଙ୍କା ଖର୍ଚ୍ଚ ହେବ। ସେହିପରି ଦ୍ୱିତୀୟ ପ୍ରକଳ୍ପଟି ସୁନ୍ଦରଗଡ଼ ଜିଲ୍ଲା ଲେଫ୍ରିପଡ଼ା ବ୍ଲକ ଅନ୍ତର୍ଗତ ଭରତପୁର ଗ୍ରାମ ନିକଟରେ ଇଛା ନଦୀ ଉପରେ ନିର୍ମିତ ହେବ। ଏଥିପାଇଁ ୮୯ କୋଟି ୨୭ ଲକ୍ଷ ଟଙ୍କା ଖର୍ଚ୍ଚ ଅଟକଳ ରଖାଯାଇଛି। ଉଭୟ ପ୍ରକଳ୍ପ ରାଜ୍ୟ ପାଣ୍ଠିରୁ ନିର୍ମାଣ କରାଯିବ ବୋଲି ସୂଚନା ପ୍ରଦାନ କରାଯାଇଛି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଅଧରପଣା ପାଇ...

ତିଥିରେ ତିନିରଥରେ ମଧ୍ୟାହ୍ନ ଧୂପ ବଢ଼ିବା ପରେ ଆରମ୍ଭ ହୋଇଥିଲା ଅଧରପଣା ପାଇଁ ପ୍ରସ୍ତୁତି। ସିଂହଦ୍ୱାର ସମ୍ମୁଖ ଛାଉଣୀ ମଠ କୂଅରୁ ପାଣିଆ ଆପଟ ସେବକମାନେ ଗରାରେ ଜଳ ଆଣି ରଥ ଉପରେ ରହିଥିବା ପିତ୍ତଳ ହଣ୍ଡାରେ ଭର୍ତ୍ତି କରିଥିଲେ। ମଠ ଏବଂ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଅଧରପଣା ପାଇଁ ଅଣାଯାଇଥିବା ଛେନା, ଛାଚି, ସର, କଦଳୀ, ଗୋଲମରିଚ, କର୍ପୁର, ଜାଇଫଳ ରଥ ଉପରେ ରଖାଯାଇଥିଲା। ମହାପ୍ରଭୁଙ୍କ ଶ୍ରୀଅଧର ଉଚ୍ଚତାର ମାଟିରେ ନିର୍ମିତ ତିନୋଟି ଲେଖାଏ ହାଣ୍ଡି ପ୍ରତି ରଥ ଉପରେ ଶ୍ରୀବିଗ୍ରହଙ୍କ ସମ୍ମୁଖରେ ରଖାଯାଇଥିଲା। ଭୋଗ ପୂର୍ବରୁ ଶ୍ରୀଅଧର ଆଗରେ ଖଣ୍ଡେ ଖଣ୍ଡେ ନୂଆ ଗାମୁଛା ଟେରା ବନ୍ଧା ଯାଇଥିଲା। ଏହାପରେ ମହାସୁଆରମାନେ ଛେନା, ଛାଚି, ସର, କଦଳୀ, ଗୋଲମରିଚ, ଜାଇଫଳ ଆଦି ପକାଇ ଅଧରପଣା ପ୍ରସ୍ତୁତ କରିଥିଲେ। ପୂଜାପଣ୍ଡା ସାମନ୍ତ ପଞ୍ଚୋପଚାରରେ ପୂଜା ଶେଷ କରିବା ପରେ ଅଧର ହାଣ୍ଡିକୁ ଭଙ୍ଗାଯାଇଥିଲା। ହାଣ୍ଡି ଭାଙ୍ଗିବା ପରେ ପଣା ସବୁ ରଥ ତଳକୁ ବୋହିଯାଇଥିଲା। ଏହି ପଣାକୁ ଦେବଦେବୀ, ଭୂତପ୍ରେତ, କିନ୍ନର, ରାକ୍ଷସମାନେ ପାଇଥାନ୍ତି ବୋଲି ବିଶ୍ୱାସ ରହିଛି। ରାତି ୮ଟା ସୁଦ୍ଧା ଅଧରପଣା ନୀତି ଶେଷ ହେବାକୁ ଥିବାବେଳେ ରାତି ୯ଟା ୪୨ରେ ସରିଥିଲା। ତେବେ ପ୍ରଥମେ ତାଳଧ୍ୱଜ ରଥରେ ରାତି ୯ଟା ୧୮ରେ ଅଧରପଣା ହାଣ୍ଡି ଭଙ୍ଗାଯାଇଥିଲା। ଏହାପରେ ଦେବଦଳନ ରଥରେ ୯ଟା ୨୮ରେ ଏବଂ ଶେଷରେ ନନ୍ଦିଘୋଷ ରଥରେ ରାତି ୯ଟା ୪୨ରେ ଅଧରପଣା ହାଣ୍ଡି ଭଙ୍ଗାଯାଇଥିଲା। ଏହି ନୀତି ପାଇଁ ଆବଶ୍ୟକ ସମସ୍ତ ସାମଗ୍ରୀ ବଡ଼ଓଡ଼ିଆ ମଠ, ରାଘବ ଦାସ ମଠ ଏବଂ ଶ୍ରୀମନ୍ଦିର ପ୍ରଶାସନ ଯୋଗାଇ ଦେଇଥିଲେ।

### ଚମକିଲେ ଜ୍ୟୋତିର୍ମୟୀ...

ସଙ୍ଗୀତ ପ୍ରତିଭାକୁ ଜାତୀୟ ସ୍ତରରେ ଆହୁରି ସୁଦୃଢ଼ ପରିଚୟ ଦେଇଛି। ଜ୍ୟୋତିର୍ମୟୀଙ୍କ ଏହି ସଫଳତାକୁ ନେଇ ସମଗ୍ର ରାଜ୍ୟରେ ଉତ୍ସବର ପରିବେଶ ସୃଷ୍ଟି ହୋଇଛି। ସାମାଜିକ ଗଣମାଧ୍ୟମରେ ତାଙ୍କୁ ଶୁଭେଚ୍ଛାର ସୁଅ ଛୁଟିଥିବା ବେଳେ ବିଭିନ୍ନ ମହଲରୁ ଅଭିନନ୍ଦନ ଜଣାଯାଇଛି। ବିଜେତା ଭାବେ ଜ୍ୟୋତିର୍ମୟୀଙ୍କୁ ଟ୍ରଫି ସହ ୨୦ ଲକ୍ଷ ଟଙ୍କାର ନଗଦ ପୁରସ୍କାର ପ୍ରଦାନ କରାଯାଇଛି। ମଧ୍ୟପ୍ରଦେଶର ତନିଷ୍କ ଶୁକ୍ଳା ପ୍ରଥମ ରନର୍ସଅପ୍ ଏବଂ ମନରାଜବୀର ସିଂହ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ଗ୍ରାଣ୍ଡ ଫାଇନାଲେରେ ଜ୍ୟୋତିର୍ମୟୀଙ୍କ ଭାବପୂର୍ଣ୍ଣ ଏବଂ ସୁମଧୁର ପରିବେଷଣ ସମସ୍ତଙ୍କ ପ୍ରଶଂସା ସାଉଁଟିଥିଲା। ବିଚାରକ ଶ୍ରେୟା ଘୋଷାଲ, ବିଶାଲ୍ ଦଦ୍‌ଲାନୀ ଓ ବାଦଶାହଙ୍କ ସମେତ ଉପସ୍ଥିତ ଅତିଥିମାନେ ତାଙ୍କ ସଙ୍ଗୀତ ପ୍ରତିଭାର ଭୂୟସୀ ପ୍ରଶଂସା କରିଥିଲେ। ଖ୍ୟାତନାମା କଣ୍ଠଶିଳ୍ପୀ ଉଦିତ୍ ନାରାୟଣଙ୍କ ପୁଅ ଆଦିତ୍ୟ ନାରାୟଣ ମଞ୍ଚ ସଞ୍ଚାଳନ କରିଥିଲେ।

### ଗଠନ ହେଲା...

ନ୍ୟାସନାଲ ଟେଷ୍ଟିଂ ଏଜେନ୍ସି (ଏନ୍‌ଟିଏ)ର ପରୀକ୍ଷା ପ୍ରକ୍ରିୟାରେ ବୈଷୟିକ ଏବଂ ଗଠନମୂଳକ ସଂସ୍କାର ଆଣିବା ପାଇଁ ଏହି ବହୁମୁଖୀ ବିଶେଷଜ୍ଞ ଦଳ କାର୍ଯ୍ୟ କରିବ। ଟାସ୍କଫୋର୍ସରେ ନିଲେକାନିଙ୍କ ବ୍ୟତୀତ ଇସ୍ରୋର ପୂର୍ବତନ ଅଧ୍ୟକ୍ଷ ଏସ୍. ସୋମନାଥ, ପୂର୍ବତନ ଆଇବି ନିର୍ଦ୍ଦେଶକ ତପନ ଡେକା, ଆଇଆଇଟି ମାଡ୍ରାସ ନିର୍ଦ୍ଦେଶକ ଭି. କାମାକୋଟି, ପୂର୍ବତନ ଶିକ୍ଷା ସଚିବ ଅନିତା କରୱାଲ ଏବଂ ଲଜିଷ୍ଟିକ୍ସ ବିଶେଷଜ୍ଞ ଅମୃତ ଲାଲ ମୀନା ପ୍ରମୁଖ ସଦସ୍ୟ ଭାବେ ରହିଛନ୍ତି। ସାମାଜିକ ଗଣମାଧ୍ୟମ ଏକ୍ସରେ ଭିଡିଓ ବାର୍ତ୍ତା ଜରିଆରେ ପ୍ରଧାନମନ୍ତ୍ରୀ କହିଛନ୍ତି ଯେ, ପରୀକ୍ଷା ପରିଚାଳନା ପ୍ରକ୍ରିୟାକୁ ସଂପୂର୍ଣ୍ଣ ଭାବେ ବିଶ୍ୱସନୀୟ କରିବାକୁ ଏହି ଟାସ୍କ ଫୋର୍ସ ଖୁବ୍‌ଶୀଘ୍ର ସୁପାରିସ ଦାଖଲ କରିବ ଏବଂ ସେହି ଆଧାରରେ ସରକାର ପରବର୍ତ୍ତୀ ପଦକ୍ଷେପ ନେବେ। ସୂଚନାଯୋଗ୍ୟ, ପ୍ରଶ୍ନପତ୍ର ଲିକ୍‌କୁ ନେଇ ପ୍ରାୟ ୭ ସପ୍ତାହ ଧରି ଚାଲିଥିବା ଛାତ୍ର ଆନ୍ଦୋଳନ ପରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ନିଜ ପଦରୁ ଇସ୍ତଫା ଦେବାର ମାତ୍ର ଗୋଟିଏ ଦିନ ପରେ ଏହି ଟାସ୍କ ଫୋର୍ସ ଗଠନ କରାଯାଇଛି। ଏହା ସହିତ ସରକାର ଆସନ୍ତାକାଲି ଲୋକସଭାରେ 'ସର୍ବସାଧାରଣ ପରୀକ୍ଷା (ଅସାଧୁ ଉପାୟ ପ୍ରତିରୋଧ) ସଂଶୋଧନ ବିଲ୍, ୨୦୨୬' ଆଗତ କରିବାକୁ ଯାଉଛନ୍ତି। ଏହି ନୂତନ ଆଇନରେ ପରୀକ୍ଷାରେ ଜାଲିଆତି କରୁଥିବା ବ୍ୟକ୍ତିଙ୍କ ପାଇଁ କଠୋର ଦଣ୍ଡ, ସମୟବଦ୍ଧ ତଦନ୍ତ ଏବଂ ଶୀଘ୍ର ନ୍ୟାୟ ପ୍ରଦାନ ପାଇଁ ସ୍ୱତନ୍ତ୍ର ଫାଷ୍ଟ-ଟ୍ରାକ୍ କୋର୍ଟ ପ୍ରତିଷ୍ଠା କରିବାର ବ୍ୟବସ୍ଥା ରହିଛି। ପ୍ରସ୍ତାବିତ ବିଲ୍‌ରେ ପେପର ଲିକ୍ ଓ ପରୀକ୍ଷାରେ ଅନିୟମିତତା ପାଇଁ ଦଣ୍ଡକୁ ଅଧିକ କଠୋର କରାଯାଇଛି। ଦୋଷୀ ସାବ୍ୟସ୍ତ ହେଲେ ସର୍ବନିମ୍ନ ୫ ବର୍ଷରୁ ସର୍ବାଧିକ ୧୦ ବର୍ଷ ଜେଲ୍ ସହ ୫୦ ଲକ୍ଷ ପର୍ଯ୍ୟନ୍ତ ଜରିମାନା ହେବ। ସଂଗଠିତ ଅପରାଧ କ୍ଷେତ୍ରରେ ୭ରୁ ୧୦ ବର୍ଷ ଜେଲ୍ ଓ ୧୦ କୋଟି ପର୍ଯ୍ୟନ୍ତ ଜରିମାନାର ବ୍ୟବସ୍ଥା ରହିଛି। ପରୀକ୍ଷା ପରିଚାଳନା ସହ ଜଡ଼ିତ ସେବା ପ୍ରଦାନକାରୀ ସଂସ୍ଥା ଦୋଷୀ ସାବ୍ୟସ୍ତ ହେଲେ ୫ କୋଟି ପର୍ଯ୍ୟନ୍ତ ଜରିମାନା, ପରୀକ୍ଷା ଖର୍ଚ୍ଚ ଆଦାୟ ଏବଂ ୮ ବର୍ଷ ପର୍ଯ୍ୟନ୍ତ ସରକାରୀ ପରୀକ୍ଷା ପ୍ରକ୍ରିୟାରୁ ବାଦ ଦେବାର ପ୍ରସ୍ତାବ ରହିଛି। ବିଲ୍‌ରେ ସ୍ୱଶାଳ୍ ଟାସ୍କ ଫୋର୍ସ ଗଠନ, ଦୁଇ ମାସ ମଧ୍ୟରେ ତଦନ୍ତ ଶେଷ, ଫାଷ୍ଟ ଟ୍ରାକ୍ କୋର୍ଟରେ ଦୈନିକ ଶୁଣାଣି ଏବଂ ଚାର୍ଜସିଟ୍ ଦାଖଲର ତିନି ମାସ ମଧ୍ୟରେ ବିଚାର ଶେଷ କରିବାର ବ୍ୟବସ୍ଥା ମଧ୍ୟ ରହିଛି। ସ୍ୱଶାଳ୍ ଫାଷ୍ଟ ଟ୍ରାକ୍ କୋର୍ଟର ରାୟ ବିରୋଧରେ ୩୦ ଦିନ ମଧ୍ୟରେ ହାଇକୋର୍ଟରେ ଅପିଲ୍ କରିହେବ, ଯାହାକୁ ବିଶେଷ ପରିସ୍ଥିତିରେ ୯୦ ଦିନ ପର୍ଯ୍ୟନ୍ତ ବଢ଼ାଯାଇପାରିବ।

### ସରକାରଙ୍କୁ ଘେରିବାକୁ...

ଗ୍ରହଣ କରାଯିବା ଉଚିତ। ଅନ୍ୟପଟେ ରାଜ୍ୟସଭାରେ ମଧ୍ୟ ତୃଣମୂଳ କଂଗ୍ରେସ (ଟିଏମ୍‌ସି) ଏହି ପ୍ରସଙ୍ଗରେ ଆଲୋଚନା ପାଇଁ ନୋଟିସ୍ ଦେଇଛି। ରାଜ୍ୟସଭାରେ ଟିଏମସିର ଉପ-ନେତା ସାଗରିକା ଘୋଷ ଗୃହର ସମସ୍ତ କାର୍ଯ୍ୟ ବନ୍ଦ କରି ଏହି ଘଟଣା ଉପରେ ତୁରନ୍ତ ଆଲୋଚନା କରିବାକୁ ଦାବି କରିଛନ୍ତି। ସେ ଅଭିଯୋଗ କରିଛନ୍ତି ଯେ, ସୁରକ୍ଷା ବାହିନୀ ସହିତ କିଛି ସାଧାରଣ ପୋଷାକଧାରୀ ବ୍ୟକ୍ତି ମଧ୍ୟ ଛାତ୍ରଛାତ୍ରୀଙ୍କୁ ମାଡ଼ ମାରୁଥିବାର ଦେଖିବାକୁ ମିଳିଛି। ଉଲ୍ଲେଖଯୋଗ୍ୟ, ଦିଲ୍ଲୀ ପୁଲିସ ପେଲେଟ୍ ଗନ୍ ବ୍ୟବହାରକୁ ଅସ୍ୱୀକାର କରିଥିଲେ ମଧ୍ୟ ବିରୋଧୀ ଏହି ପ୍ରସଙ୍ଗରେ ସରକାରଙ୍କ ଉପରେ ଚାପ ପ୍ରୟୋଗ ଜାରି ରଖିଛନ୍ତି। ଇତିମଧ୍ୟରେ ମିଳିଥିବା ଖବର ଅନୁଯାୟୀ ଆନ୍ଦୋଳନକାରୀଙ୍କ ବିରୋଧରେ ଏଫଆଇଆର ପ୍ରତ୍ୟାହାର ପାଇଁ ସରକାର ପ୍ରତିଶ୍ରୁତି ଦେଇଥିଲେ ମଧ୍ୟ ସରକାରୀ ଆଦେଶ ଦିଲ୍ଲୀ ପୁଲିସରେ ପହଞ୍ଚିନାହିଁ। କେନ୍ଦ୍ର ଗୃହ ବିଭାଗରୁ ଆଦେଶ ପହଞ୍ଚିଲା ପରେ ପୁଲିସ ଏଦିଗରେ ପଦକ୍ଷେପ ଗ୍ରହଣ କରିବ ବୋଲି କହିଛି। ଦିଲ୍ଲୀର ଯନ୍ତରମନ୍ତରରେ ଆନ୍ଦୋଳନକାରୀଙ୍କ ବିରୋଧରେ ପୁଲିସର ଅମାନୁଷିକ କାର୍ଯ୍ୟାନୁଷ୍ଠାନ ସମ୍ପର୍କରେ ଆସିଥିବା ପିଟିସନ୍ ଉପରେ ସୁପ୍ରିମ୍‌କୋର୍ଟ ଆସନ୍ତାକାଲି ଶୁଣାଣି କରିବେ।

### ଆହୁରି ୪୮ ଘଣ୍ଟା...

ପାଣିପାଗ କେନ୍ଦ୍ର ସୂଚନା ଅନୁସାରେ ଉତ୍ତର ପଶ୍ଚିମ ବଙ୍ଗୋପସାଗରରେ ଲଘୁଚାପଟି ଆଜି ସକାଳେ ଅବପାତରେ ପରିଣତ ହୋଇଛି ଓ ଉତ୍ତର ଓଡ଼ିଶା -ପଶ୍ଚିମବଙ୍ଗ ଉପକୂଳରେ ସକ୍ରିୟ ରହିଛି। ଏହା ଉତ୍ତର ପଶ୍ଚିମ ଦିଗକୁ ଗତି କରି ଆସନ୍ତା ୨୪ ଘଣ୍ଟାରେ ଆହୁରି ଅଧିକ ଘନୀଭୂତ ହୋଇ ଗଭୀର ଅବପାତରେ ପରିଣତ ହେବ ଓ ସୋମବାର ସକାଳ କିମ୍ବା ମଧ୍ୟାହ୍ନ ସୁଦ୍ଧା ଉତ୍ତର ଓଡ଼ିଶା ଓ ପଶ୍ଚିମବଙ୍ଗ ଉପକୂଳରେ ପାରାଦୀପ ଓ ସାଗର ଦୀପ ମଧ୍ୟ ଦେଇ ସ୍ଥଳଭାଗ ଅତିକ୍ରମ କରିବ। ଏହା ପ୍ରଭାବରେ ଆଗାମୀ ୪୮ ଘଣ୍ଟା ଯାଏ ଭୀଷଣ ବର୍ଷା ସମ୍ଭାବନା ରହିଛି। ସୋମବାର କେନ୍ଦୁଝର, ମୟୂରଭଞ୍ଜ ଓ ସୁନ୍ଦରଗଡ ଜିଲ୍ଲାରେ ଅତି ପ୍ରବଳ ବର୍ଷା ପାଇଁ ଏହି ୩ ଜିଲ୍ଲାକୁ ରେଡ୍ ଆଲର୍ଟ ଜାରି ହୋଇଥିବା ବେଳେ ଜଗତସିଂହପୁର, କେନ୍ଦ୍ରାପଡ଼ା, କଟକ, ଭଦ୍ରକ, ବାଲେଶ୍ୱର, ଯାଜପୁର, ବୌଦ୍ଧ, କନ୍ଧମାଳ, ସୁବର୍ଣ୍ଣପୁର, ସମ୍ବଲପୁର, ବରଗଡ଼, ଦେବଗଡ଼ ଓ ଝାରସୁଗୁଡ଼ା ଆଦି ଜିଲ୍ଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ପାଇଁ ଅରେଞ୍ଜ ୱର୍ଣ୍ଣିଂ ଜାରି କରାଯାଇଛି। ସେହିପରି ଖୋର୍ଦ୍ଧା, ପୁରୀ, ଗଞ୍ଜାମ, ଗଜପତି, ନୟାଗଡ଼, ରାୟଗଡ଼ା, କୋରାପୁଟ, ମାଲକାନଗିରି, ନବରଙ୍ଗପୁର, ବଲାଙ୍ଗିର, ନୂଆପଡ଼ା, କଳାହାଣ୍ଡି ପରି ଜିଲ୍ଲାରେ ପ୍ରବଳ ବର୍ଷାକୁ ନେଇ ୟେଲୋ ୱର୍ଣ୍ଣିଂ ଜାରି କରାଯାଇଛି।

ଲଗାଣ ବର୍ଷା କାରଣରୁ ମହାନଦୀ, ବ୍ରାହ୍ମଣୀ ଏବଂ ବୈତରଣୀ ଉପର ମୁଣ୍ଡରେ ଜଳସ୍ତର ବୃଦ୍ଧି ପାଇବାରେ ଲାଗିଥିବା ବେଳେ ଅନେକ ନଦୀ ମଧ୍ୟ ଫୁଲିବାରେ ଲାଗିଛି। ତଳିଆ ଅଞ୍ଚଳରେ ବନ୍ୟା ଓ ସହରରେ କୃତ୍ରିମ ବନ୍ୟାର ଆଶଙ୍କା ସୃଷ୍ଟି ହୋଇପାରେ ବୋଲି ପାଣିପାଗ କେନ୍ଦ୍ର ଆକଳନ କରି ସତର୍କ ରହିବାକୁ ପରାମର୍ଶ ଦେଇଛି। ଉତ୍ତର ଓଡ଼ିଶା ଉପକୂଳରେ ୪୦-୬୦ କିମି ବେଗରେ ପବନ ବହିବାର ସମ୍ଭାବନା ଥିବାରୁ ସମୁଦ୍ର ଅଶାନ୍ତ ରହିଛି। ତେଣୁ ଆସନ୍ତା ୨୯ ତାରିଖ ଯାଏ ସମୁଦ୍ର ମଧ୍ୟକୁ ନ ଯିବାକୁ ମତ୍ସ୍ୟଜୀବୀମାନଙ୍କୁ ପରାମର୍ଶ ଦିଆଯାଇଛି। ଅନ୍ୟପଟେ ଗତ ୨୪ ଘଣ୍ଟାରେ ଅନେକ ସ୍ଥାନରେ ବର୍ଷା ହୋଇଥିବା ବେଳେ ଜଗତସିଂହପୁର ଓ ସମ୍ବଲପୁରରେ ଅତି ପ୍ରବଳ ବର୍ଷା ରେକର୍ଡ କରାଯାଇଛି। ୪ଟି ସ୍ଥାନରେ ଅତି ପ୍ରବଳ ବର୍ଷା ସହ ୫୩ଟି ସ୍ଥାନରେ ପ୍ରବଳ ବର୍ଷା ରେକର୍ଡ କରାଯାଇଛି। ଗତ ୨୪ ଘଣ୍ଟାରେ ଜଗତସିଂହପୁରର ବିରିଡିରେ ସର୍ବାଧିକ ୩୨୮ ମିମି ବର୍ଷା ରେକର୍ଡ ହୋଇଛି।

### ବଜ୍ରପାତ ନେଲା...

ସ୍ଥାନୀୟ ଲୋକ ଉଭୟଙ୍କୁ ତୁରନ୍ତ କାମାକ୍ଷାନଗର ମେଡିକାଲରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ଉଭୟଙ୍କୁ ମୃତ ଘୋଷଣା କରିଥିଲେ। ସେହିପରି ବାଲେଶ୍ୱର ଜିଲ୍ଲା ନୀଳଗିରି ବ୍ଲକ୍ ରାଜବରହମପୁର ଥାନା ଚତୁରିପଡ଼ା ଗ୍ରାମର କହ୍ନେଇ କିସ୍କୁଙ୍କ ପୁଅ ବୁଦ୍ଧିଆ (୫୫) ଅପରାହ୍ଣ ପ୍ରାୟ ସାଢ଼େ ୪ ସମୟର ବଜ୍ରପାତ ହେବାରୁ ବିଲରେ ଟଳି ପଡ଼ିଥିଲେ। ଖବରପାଇ ପରିବାର ଲୋକେ ତୁରନ୍ତ ବରହମପୁର ମେଡିକାଲ ନେଇଥିଲେ ହେଁ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

### ସିଜେପି ପରେ...

ବିକଳ୍ପ ଦିଆଯିବା ଉଚିତ। ଯେହେତୁ ପେଟ୍ରୋଲ ପମ୍ପଗୁଡିକରେ ଏବେ କେବଳ ଇ-୨୦ ପେଟ୍ରୋଲ ବିକ୍ରି କରାଯାଉଛି, ଉପଭୋକ୍ତାମାନେ କହିଛନ୍ତି ଯେ ସେମାନଙ୍କୁ ନିଜ ପସନ୍ଦର ଇନ୍ଧନ ବିକଳ୍ପ ବାଛିବାରୁ ବଞ୍ଚିତ କରାଯାଇଛି। ଇ-୨୦ ଜନତା ପାର୍ଟି ଇଥାନଲ୍ ମିଶ୍ରିତ ପେଟ୍ରୋଲ ପ୍ରସଙ୍ଗରେ ଜନସାଧାରଣଙ୍କ ହତାଶାଭାବକୁ ଏକ ବୃହତ ଆନ୍ଦୋଳନରେ ପରିଣତ କରିବାକୁ ଚାହୁଁଛି। ଇଜେପି ଆଶା କରୁଛି ଯେ ବ୍ୟଙ୍ଗ ଏବଂ ଗଣ ପ୍ରତିବାଦ ପୁଣି ଥରେ ସରକାରଙ୍କ ଯୋଜନାକୁ ଦୋହଲାଇପାରିବ। ସୋସିଆଲ ମିଡିଆରେ ଏକ ଲମ୍ବା ପୋଷ୍ଟ ଅନୁଯାୟୀ, ଇ-୨୦ ଜନତା ପାର୍ଟି ହେଉଛି ଏକ ନାଗରିକ-ନେତୃତ୍ୱାଧୀନ ଗ୍ରାହକ ଅଧିକାର ଆନ୍ଦୋଳନ। ପୋଷ୍ଟରେ କୁହାଯାଇଛି, ଗ୍ରାହକମାନଙ୍କ ପାଇଁ ଇନ୍ଧନ ନୀତିରେ ସ୍ୱଚ୍ଛତା, ସୂଚନାପ୍ରଦ ପସନ୍ଦ ଏବଂ ଦାୟିତ୍ୱ ରହିବା ଉଚିତ। ଯେପରି କି ନାଗରିକମାନଙ୍କର ଅନ୍ୟ ଅନେକ ଉତ୍ପାଦରେ ପସନ୍ଦ ଅଛି, ସେହିପରି ସେମାନଙ୍କର ପସନ୍ଦର ଇନ୍ଧନ କିଣିବାର ସ୍ୱାଧୀନତା ମଧ୍ୟ ରହିବା ଉଚିତ। ଦଳର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଦାବି ମଧ୍ୟରୁ ଗୋଟିଏ ହେଉଛି ପ୍ରତ୍ୟେକ ଭାରତୀୟଙ୍କୁ ପେଟ୍ରୋଲ ପମ୍ପରେ ଇଥାନଲ୍ ମିଶ୍ରିତ ଇନ୍ଧନ ବିକଳ୍ପ ସମେତ ୧୦୦% ଶୁଦ୍ଧ ପେଟ୍ରୋଲ ବାଛିବା ଏବଂ କ୍ରୟ କରିବାର ସ୍ୱାଧୀନତା ମିଳିବା ଉଚିତ। ଇଜେପି ସବସିଡି, ମାଗଣା ଇନ୍ଧନ କିମ୍ବା ଇଥାନଲ୍ ମିଶ୍ରିତ ଇନ୍ଧନ ପ୍ରତ୍ୟାହାର କରିବାକୁ ଦାବି କରୁନାହୁଁ। ସୋସିଆଲ ମିଡିଆ ପୋଷ୍ଟ ଅନୁଯାୟୀ, ଅନେକ ଗାଡ଼ି ମାଲିକ ମାଇଲେଜ୍, ଇଞ୍ଜିନ୍ ସୁସଙ୍ଗତତା, ରକ୍ଷଣାବେକ୍ଷଣ ଖର୍ଚ୍ଚ ଏବଂ ଦୀର୍ଘକାଳୀନ କାର୍ଯ୍ୟଦକ୍ଷତାକୁ ନେଇ ଚିନ୍ତା ପ୍ରକଟ କରିଛନ୍ତି। ଏହା ବ୍ୟତୀତ, ଇ-୨୦ ଜନତା ଦଳର ଅନ୍ୟ ଦାବିଗୁଡ଼ିକ ମଧ୍ୟରେ ଇନ୍ଧନ ଲେବଲିଂରେ ସ୍ୱଚ୍ଛତା ସୁନିଶ୍ଚିତ କରିବା, ବିଭିନ୍ନ ଇନ୍ଧନ ମିଶ୍ରଣର ମୂଲ୍ୟ, ଲାଭ ଏବଂ ପ୍ରଭାବଶାଳୀତା ଉପରେ ସ୍ପଷ୍ଟ ଏବଂ ସହଜରେ ଉପଲବ୍ଧ ତଥ୍ୟ ପ୍ରକାଶ କରିବା ଏବଂ ମାଇଲେଜ୍, ଇଞ୍ଜିନ୍ କାର୍ଯ୍ୟଦକ୍ଷତା, ନିର୍ଗମନ ଏବଂ ରକ୍ଷଣାବେକ୍ଷଣ ଖର୍ଚ୍ଚ ଉପରେ ସ୍ୱାଧୀନ ଅଧ୍ୟୟନ କରିବା ଏବଂ ଫଳାଫଳକୁ ସାର୍ବଜନୀନ କରିବା ଅନ୍ତର୍ଭୁକ୍ତ। ଏହା ମଧ୍ୟ ଦାବି କରାଯାଇଛି ଯେ, ନାଗରିକମାନଙ୍କୁ ଗୋଟିଏ ବିକଳ୍ପରେ ସୀମିତ ରହିବା ପରିବର୍ତ୍ତେ ସୂଚନାଭିତ୍ତିକ ପସନ୍ଦ ଚୟନ କରିବାର ସ୍ୱାଧୀନତା ଦିଆଯାଉ। ବଜାର ବିଶେଷଜ୍ଞଙ୍କ ମତରେ ଇ-୨୦ ଗାଡ଼ିର ମାଇଲେଜ୍ ୮-୧୫% ହ୍ରାସ କରିଛି, ପୁରୁଣା ଯାନର ଇଞ୍ଜିନ୍‌ରେ ତ୍ରୁଟି ଏବଂ ମରାମତି ଖର୍ଚ୍ଚ ବୃଦ୍ଧି କରିଛି। ଏଥିରେ କେନ୍ଦ୍ରମନ୍ତ୍ରୀ ନୀତିନ ଗଡକରୀଙ୍କ ପରିବାର ଉପରେ ସ୍ୱାର୍ଥର ଦ୍ୱନ୍ଦ୍ୱ ଅଭିଯୋଗ ଆସିଛି, ଯାହାକୁ ମନ୍ତ୍ରୀ ଅସ୍ୱୀକାର କରିଛନ୍ତି।

### ଚାଉଳ ପୋକମରା...

ବୁବୁନା ଅଚେତ ହୋଇପଡ଼ିଥିଲା। ତାଙ୍କୁ ଭାପୁର ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରେ ଶନିବାର ସକାଳେ ତାଙ୍କ ମୃତ୍ୟୁ ହୋଇଛି। ପରେ ୬ ବର୍ଷର ଝିଅ ପାୟଲ ଅସୁସ୍ଥ ହେବାରୁ ତାଙ୍କୁ ଭାପୁର ଓ ପରେ ଭୁବନେଶ୍ୱରର ଏକ ଘରୋଇ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଶନିବାର ବିଳମ୍ବିତ ରାତିରେ ପାୟଲଙ୍କ ମୃତ୍ୟୁ ହୋଇଛି। ଏହି ଦୁଖଦ ଘଟଣା ଅଞ୍ଚଳରେ ଶୋକର ଛାୟା ଖେଳାଇଦେଇଛି।

### କାହା ସ୍ୱାର୍ଥରେ...

ସାମାଜିକ ଗଣମାଧ୍ୟମରେ ଓଏଚପିସି ପ୍ରକାଶ କରିଥିବା ତଥ୍ୟ ଅନୁସାରେ ଦୁଇଟି ଜଳଭଣ୍ଡାରକୁ ବ୍ୟବହାର କରି ପ୍ରକଳ୍ପଟି କାର୍ଯ୍ୟ କରିବ। ଉପର ବେସିନ୍‌ରେ ଥିବା ଇନ୍ଦ୍ରାବତୀ ଜଳଭଣ୍ଡାରକୁ ସଦୁପଯୋଗ କରି ତଳମୁଣ୍ଡରେ ଏକ ଉତ୍ସର୍ଗୀକୃତ ନିମ୍ନ ଜଳଭଣ୍ଡାର ନିର୍ମାଣ ହେବ। ଜଳଭଣ୍ଡାର ପାଣିକୁ ଏକ ଭୂତଳ ବିଦ୍ୟୁତ୍ ଷ୍ଟେସନ୍ ଦ୍ୱାରା ପରିଚାଳନା କରାଯିବ। ପ୍ରକଳ୍ପଟିର ବିଶେଷତ୍ୱ ହେଉଛି ରାଜ୍ୟର ସର୍ବୋଚ୍ଚ ବିଦ୍ୟୁତ ଚାହିଦା ସମୟରେ ବିଦ୍ୟୁତ୍ ଉତ୍ପାଦନ କରିବ ଏବଂ ସର୍ବନିମ୍ନ ଚାହିଦା ସମୟରେ ଉତ୍ପାଦନ ବନ୍ଦକରି ତଳ ଜଳଭଣ୍ଡାରରୁ ଉପର ଜଳଭଣ୍ଡାରକୁ ପାଣି ଉଠାଇବ।

ଶକ୍ତି ସମୀକ୍ଷକମାନଙ୍କ ଅଭିଯାଗ ଅନୁସାରେ ସୁରକ୍ଷା ତଥା ଡିଜାଇନରେ ଗୁରୁତର ତ୍ରୁଟି କାରଣରୁ ମେଘା ଇଞ୍ଜିନିୟରିଂକୁ କେନ୍ଦ୍ର ସରକାରଙ୍କ ଜାତୀୟ ରାଜପଥ କର୍ତ୍ତୃପକ୍ଷ ୨୦୨୫ ମସିହାରେ ଏକବର୍ଷ ପାଇଁ କୌଣସି ଟେଣ୍ଡର ପ୍ରକ୍ରିୟାରେ ଅଂଶଗ୍ରହଣ କରିବାକୁ ବାରଣ କରିଥିଲେ। ସେହିପରି ନିମ୍ନମାନର କାର୍ଯ୍ୟ ପାଇଁ ମହାରାଷ୍ଟ୍ର ସରକାର ୯୫ କୋଟିର ଜରିମାନା ଆଦାୟ କରିଥିବା ବେଳେ ତେଲାଙ୍ଗାନା ଏବଂ ଛତିଶଗଡ଼ରେ କମ୍ପାନୀର କାର୍ଯ୍ୟକଳାପକୁ ନେଇ ବିବାଦ ସୃଷ୍ଟି ହୋଇଥିଲା। ସେହିପରି ଦୁର୍ନୀତି ଅପରାଧରେ ସିବିଆଇ ମେଘା ଇଞ୍ଜିନିୟରିଂ ବିରୁଦ୍ଧରେ ମାମଲା ରୁଜୁକରି ତଦନ୍ତ କରିଛି। ଭାରତର ସର୍ବୋଚ୍ଚ ନ୍ୟାୟଳୟ ଫେବ୍ରୁୟାରୀ ୨୦୨୪ରେ ଅସିଦ୍ଧ ଘୋଷଣା କରିଥିବା ନିର୍ବାଚନୀ ବଣ୍ଡ ସ୍କିମରେ ମେଘା ଇଞ୍ଜିନିୟରିଂ କମ୍ପାନୀ ଓ ଏହାର ସହଯୋଗୀ ସଂସ୍ଥା ସମୁଦାୟ ୧୧୮୬ କୋଟିଟଙ୍କା ନିବେଶ କରିଥିବାବେଳେ ଏକ ନିର୍ଦ୍ଦିଷ୍ଟ ରାଜନୈତିକ ଦଳକୁ ୬୬୪ କୋଟି ଟଙ୍କା ଚାନ୍ଦା ଦେଇଛନ୍ତି। ତେଣୁ ପ୍ରକଳ୍ପ ନିର୍ମାଣ ପାଇଁ ଏପରି ବିବାଦୀୟ ଓ ଦୁର୍ନୀତିଗ୍ରସ୍ତ କମ୍ପାନୀ ସହିତ ଓଏଚପିସି କାହିଁକି ଚୁକ୍ତିନାମା ସ୍ୱାକ୍ଷର କରିଛି ବୋଲି ଅନେକ ପ୍ରଶ୍ନ ଉଠାଇଛନ୍ତି।

ଶକ୍ତି ସମୀକ୍ଷକ ଆନନ୍ଦ ମହାପାତ୍ର କହିଛନ୍ତି ପ୍ରକଳ୍ପର ସମୁଦାୟ ନିର୍ମାଣ ଖର୍ଚ୍ଚ ୪ ହଜାର କୋଟିଟଙ୍କାରୁ ଅଧିକ ସ୍ଥିର ହୋଇ ମେଘା ଇଞ୍ଜିନିୟରିଂ ସହିତ ଚୁକ୍ତିନାମା ସ୍ୱାକ୍ଷରିତ ହୋଇଛି। ପ୍ରକଳ୍ପରୁ ଉତ୍ପାଦିତ ବିଦ୍ୟୁତ ମୂଲ୍ୟ ୟୁନିଟ ପିଛା ୮ ଟଙ୍କାରୁ ଅଧିକ ରହିବ, ଯାହା ଓଡ଼ିଶା ପାଇଁ ଅନ୍ୟାନ ସୂତ୍ରରୁ ଗ୍ରୀଡକୋ କ୍ରୟ କରୁଥିବା ବିଦ୍ୟୁତ ମୂଲ୍ୟଠାରୁ ଢେର ଅଧିକ। ତେଣୁ ପିଏସପି ପ୍ରକଳ୍ପ ପାଇଁ ଓଡ଼ିଶା ଉପଭୋକ୍ତା ଅଧିକ ବିଦ୍ୟୁତ ମୂଲ୍ୟ ପରିଶୋଧ କରିବେ। ପିଏସପି ପ୍ରକଳ୍ପକୁ ବାଦ ଦେଇ ଶସ୍ତାରେ ମିଳୁଥିବା ପବନ କଳ, ବ୍ୟାଟେରୀ ଏନର୍ଜି ଷ୍ଟୋରେଜ ସିଷ୍ଟମ ପରି ପ୍ରକଳ୍ପ ନିର୍ମାଣ କଲେ ରାଜ୍ୟସ୍ୱାର୍ଥ ସୁରକ୍ଷିତ ହେବ ବୋଲି ସେ ମତବ୍ୟକ୍ତ କରିଛନ୍ତି।


**AFFIDAVIT**

By virtue of an affidavit sworn before the Executive Magistrate, Nabarangpur, Vide no- 780, dated 20.07.2026, I, DIBYAMANJARI HARIJAN, Daughter of - Jimuta Bahana Harijan & Kabita Harijan, permanent resident of Village - Bikrampur, PO - Bikrampur, PS - Nabarangpur, Dist - Nabarangpur, Odisha, Pin - 764059, declare that I have changed my name from DIVYA MANJURI HARIJAN to DIBYAMANJARI HARIJAN. Henceforth, I shall be known as DIBYAMANJARI HARIJAN for all purposes.

Sd/- Dibyamanjari Harijan

**AFFIDAVIT**

By virtue of an affidavit sworn before the Executive Magistrate, Nabarangpur, Vide no - 1062, dated 14-07-2026, I, DHANA NAYAK, S/o - Harischandra Nayak, permanent resident of Village - Palpur, PO - Sirisi, PS - Papadahandi, Dist - Nabarangpur, Odisha, Pin - 764071, declare that I have changed the name of my Daughter from SUMATIREKHA NAYAK to SUSMITA REKHA NAYAK. Henceforth, she shall be known as SUSMITA REKHA NAYAK for all purposes.

Sd/- Dhana Nayak

## ଜଳବନ୍ଦୀରେ ପାରାଦୀପ ଗଡ଼ ଗାଁ

# ହାଣ୍ଡି, ମାଠିଆ ଧରି ଘରୁ କରୁଛନ୍ତି ଜଳ ନିଷ୍କାସନ

ପାରାଦୀପ,୨୬।୭ (ସମିସ):



ପାରାଦୀପ ଗଡ ଗ୍ରାମ ପଞ୍ଚାୟତ ଅଧୀନ ପାରାଦୀପ ଗଡ଼ ଗାଁ ଏବେ ଜଳ ବନ୍ଦୀରେ ରହିଛି। ଲଗାଣ ବର୍ଷା ସାଙ୍ଗକୁ ଜଳ ନିଷ୍କାସନ ବାଟ ବନ୍ଦ ହୋଇ ପଡ଼ିଥିବାରୁ ପାଣି ଗାଁ ଭିତରେ ଲହଡ଼ି ମାରୁଛି। ଲୋକେ ହାଣ୍ଡି, ମାଠିଆ ଓ ବାଲଟି ଧରି ଦାଣ୍ଡରୁ ପାଣି ବୁହାଉଛନ୍ତି। ଏଭଳି ଦୃଶ୍ୟ ଏବେ ସମସ୍ତଙ୍କ ପାଇଁ ଚିନ୍ତାର କାରଣ ହୋଇଛି। ଯଦି ଏଭଳି ପୁଣି ଲଗାଣ ବର୍ଷା ଏଭଳି ହେବ ତେବେ ଗ୍ରାମବାସୀଙ୍କ ଅବସ୍ଥା ମୁସ୍କିଲ ହୋଇ ପଡିବ ବୋଲି ଗ୍ରାମବାସୀ ଅନୁମାନ କରୁଛନ୍ତି।

ବିଶେଷକରି ପାରାଦୀପ ଗଡ ଗ୍ରାମ ପଞ୍ଚାୟତର ୮ ଓ ୯ ନମ୍ବର ୱାର୍ଡର ବାସିନ୍ଦା ଜଳବନ୍ଦୀରେ ବହୁ କ୍ଷତିଗ୍ରସ୍ତ ହୋଇଛନ୍ତି। ୮ ନମ୍ବର ୱାର୍ଡର ବାଲିସାହି, ୯ ନମ୍ବର ୱାର୍ଡର ଦଳେଇ ସାହି, ମଳିକ ସାହି, ହାଇସ୍କୁଲ ପଡିଆ ପାଖର୍ ଓ ଗାଁର ପିଲାମାନେ ସ୍କୁଲକୁ ଯିବା ବାଟ ମଧ୍ୟ ପାଣି ବୁଡି ରହିଛି। ଏ ସ୍ଥାନରୁ ପାଣି ନିଷ୍କାସନ ପାଇଁ କୌଣସି ବାଟ ନଥିବାରୁ ଏହା ସମ୍ପୂର୍ଣ୍ଣ ବୁଡି ରହିଛି। ଏଠାରୁ ପାଣିକୁ କୌଣସି ବାଟରେ ନିଷ୍କାସନ କରାଯାଇ ପାରିଲେ ଗ୍ରାମର ଲୋକେ ସୁରୁଖୁରୁରେ ଯାତାୟାତ କରି ପାରିବେ। ନଚେତ ପୂର୍ବ ବର୍ଷ ମାନଙ୍କ ଭଳି ପାଣି ଜମିଲେ ଲୋକେ ସେଠାରେ ଥିବା ନଳକୂପରୁ ପିଇବା ପାଣି ସଂଗ୍ରହ କରି ବ୍ୟବହାର କଲେ ଡାଇରିଆ ଭଳି ମାରିକ ରୋଗରେ ପିଡିତ ହେବେ। ଯାହା ପୂର୍ବ ବର୍ଷ ମାନଙ୍କରେ ଘଟିଥିଲା। ତେବେ ପାରାଦୀପ ଗଡ ଗ୍ରାମରେ ଏଭଳି ଜଳ ବନ୍ଦୀ ଯେ କେବଳ ଚଳିତ ବର୍ଷ ହୋଇ ନାହିଁ, ଦୀର୍ଘ ଦିନ ହେବ ଏହିଭଳି ଜଳବନ୍ଦୀ ରେ ଗ୍ରାମର ବହୁ ପଡା ରହି ଆସୁଛି, ଚଳିତ ବର୍ଷ ମଧ୍ୟ ଲୋକଙ୍କୁ ସେହି ଅବସ୍ଥା ଭୋଗିବାକୁ ପଡିବ ବୋଲି ଲୋକେ ଏବେଠୁ ଅନୁଭବ କରିଲେଣି। ସରକାର ବଦଳିବା ପରେ ବର୍ଷା ଦିନେ ଏହି ପାରାଦୀପ ଗଡ ପଞ୍ଚାୟତର କୌଣସି ଅବସ୍ଥା ସୁଧୁରୀ ନଥିବା ସ୍ଥାନୀୟ ବାସିନ୍ଦା ଅଭିଯୋଗ କରିଛନ୍ତି। ସ୍ଥାନୀୟ ଜନ ପ୍ରତିନିଧି ସମସ୍ୟା ର କୌଣସି ସମାଧାନ କରୁ ନଥିବା ପଡା ବାସୀ ଅଭିଯୋଗ କରିଛନ୍ତି। ତେବେ ତୁରନ୍ତ ଏହି ସମସ୍ୟା ପ୍ରତି ଧ୍ୟାନ ଦେବାକୁ ସାଧାରଣ ରେ ଦାବୀ ହେଉଛି। ନଚେତ ରାଜରାସ୍ତାକୁ ଓହ୍ଲାଇବା ନେଇ ଚେତାବନୀ ଦେଇଛନ୍ତି।

## ଆଜି ସ୍କୁଲ ଓ ଅଙ୍ଗନବାଡ଼ି ଛୁଟି

ଜଗତସିଂହପୁର,୨୬।୭ (ସମିସ): ଲଘୁଚାପ ପ୍ରଭାବରେ ସାରା ରାଜ୍ୟରେ ତୁହାକୁ ତୁହା ବର୍ଷା ଲାଗିରହିଛି। ଭାରତ ପାଣିପାଗ ବିଭାଗ ତଥ୍ୟ ଅନୁଯାୟୀ ଉତ୍ତର ପଶ୍ଚିମ ବଙ୍ଗୋପ ସାଗର ଓ ଏହାର ଆଖପାଖ ଅଞ୍ଚଳରେ ଲଘୁଚାପ ସୃଷ୍ଟି ହୋଇଛି। ଏହା ପୁନଃ ଘନୀଭୂତ ହୋଇ ଉତ୍ତର ପଶ୍ଚିମ ଦିଗରେ ଗତି କରିବା ସହ ଗଭୀର ଅବପାତର ରୂପ ନେଇପାରେ।ଏହି ଅବପାତ ଉତ୍ତର ଓଡ଼ିଶା ଓ ପଶ୍ଚିମବଙ୍ଗ ତଟ ଦେଇ ଆସନ୍ତାକାଲି ପାରାଦୀପ ଓ ସାଗର ଦ୍ୱୀପ ଅତିକ୍ରମ କରିପାରେ। ଏହାର ପ୍ରଭାବରେ ଜଗତସିଂହପୁର ଜିଲ୍ଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଏହାକୁ ଦୃଷ୍ଟିରେ ରଖି ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ ତା ୨୭-୭-୨୬, ସୋମବାର ଜଗତସିଂହପୁର ଜିଲ୍ଲାର ସମସ୍ତ ସରକାରୀ, ବେସରକାରୀ, ସରକାରୀ ଅନୁଦାନପ୍ରାପ୍ତ, ତଥା ଓଡିଶା ଆଦର୍ଶ ବିଦ୍ୟାଳୟ, କେନ୍ଦ୍ରୀୟ ବିଦ୍ୟାଳୟ ଏବଂ ଜିଲ୍ଲାର ସମସ୍ତ ଅଙ୍ଗନୱାଡି କେନ୍ଦ୍ର ଗୁଡିକୁ ଛୁଟି ଘୋଷଣା କରିଛନ୍ତି। ଜିଲ୍ଲାରେ ଲଗାଣ ବର୍ଷା ଯୋଗୁଁ ଛାତ୍ରଛାତ୍ରୀ ଓ ଶିଶୁମାନଙ୍କ ସୁରକ୍ଷାକୁ ଆଖି ଆଗରେ ରଖି ଜିଲ୍ଲାପ୍ରଶାସନ ପକ୍ଷରୁ ଏହି ସତର୍କତାମୂଳକ ପଦକ୍ଷେପ ନିଆଯାଇଛି।

## ଦେବୀ ନଦୀ ବନ୍ଧ ଓ ବନ୍ୟା ସ୍ଥିତିର ଅନୁଧ୍ୟାନ

ବାଲିକୁଦା,୨୬।୭ (ସମିସ): ଲଘୁଚାପ ଜନିତ ଲଗାଣ ବର୍ଷାକୁ ଦୃଷ୍ଟିରେ ରଖି ଜଗତସିଂହପୁର ଜିଲ୍ଲା ପ୍ରଶାସନ ସତର୍କ ହୋଇପଡ଼ିଛି। ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ ବାଲିକୁଦା ତହସିଲଦାର ବିକାଶ ରଞ୍ଜନ ଓ ଅତିରିକ୍ତ ତହସିଲଦାର ଜଗତଜ୍ୟୋତି ପଟ୍ଟନାୟକ ରବିବାର ମାଛଗାଁଠାରୁ ମରିଚପୁର ପଞ୍ଚାୟତର ବନ୍ଧର ପର୍ଯ୍ୟନ୍ତ ଦେବୀ ନଦୀ ବନ୍ଧ ଓ ବନ୍ୟା ସ୍ଥିତିର ସ୍ଥଳ ପରିଦର୍ଶନ କରି ଅନୁଧ୍ୟାନ କରିଛନ୍ତି। ଦେବୀ ନଦୀ କୂଳରେ ଅବସ୍ଥିତ ପ୍ରାୟ ୮ଟି ପଞ୍ଚାୟତ ବନ୍ୟା ଆଶଙ୍କାପ୍ରବଣ ଅଞ୍ଚଳ ହୋଇଥିବାରୁ ସେଠାରେ ବନ୍ଧର ସ୍ଥିତି, ନଦୀର ଜଳସ୍ତର ଓ ସମ୍ଭାବ୍ୟ ବିପଦ ସମ୍ପର୍କରେ ପ୍ରଶାସନ ପକ୍ଷରୁ ତଦାରଖ କରାଯାଉଛି। ବର୍ଷା ଆହୁରି ବୃଦ୍ଧି ପାଇଲେ କୌଣସି ଅଘଟଣ ନ ଘଟେ, ସେଥିପାଇଁ ପୂର୍ବ ପ୍ରସ୍ତୁତିକୁ ଗୁରୁତ୍ୱ ଦିଆଯାଉଛି। ତହସିଲଦାର ବିକାଶ ରଞ୍ଜନ କହିଛନ୍ତି ଯେ, ଜିଲ୍ଲାପାଳଙ୍କ ନିର୍ଦ୍ଦେଶ ଅନୁସାରେ ଦେବୀ ନଦୀ ବନ୍ଧର ସ୍ଥିତି ଅନୁଧ୍ୟାନ କରାଯାଉଛି। ଲଘୁଚାପ ପ୍ରଭାବରେ ଜଗତସିଂହପୁର ଜିଲ୍ଲାରେ ଲଗାଣ ବର୍ଷା ଜାରି ରହିଥିବାରୁ ସତର୍କତାମୂଳକ ପଦକ୍ଷେପ ସ୍ୱରୂପ ଆସନ୍ତାକାଲି ଜିଲ୍ଲାର ସମସ୍ତ ଶିକ୍ଷାନୁଷ୍ଠାନ



ବନ୍ଦ ରଖିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି।ପ୍ରଶାସନ ପକ୍ଷରୁ ଦେବୀ ନଦୀ କୂଳବର୍ତ୍ତୀ ଅଞ୍ଚଳ ଉପରେ ସତତ ନଜର ରଖାଯାଇଥିବା ବେଳେ ଆବଶ୍ୟକ ପଡ଼ିଲେ ଜରୁରୀ ପଦକ୍ଷେପ ଗ୍ରହଣ ପାଇଁ ସମସ୍ତ ସମ୍ପୃକ୍ତ ବିଭାଗକୁ ସଜାଗ ରହିବାକୁ କୁହାଯାଇଛି। ବନ୍ୟା ସ୍ଥିତିକୁ ଦୃଷ୍ଟିରେ ରଖି ନଦୀ କୂଳବର୍ତ୍ତୀ ଲୋକଙ୍କୁ ସତର୍କ ରହିବା ସହ ପ୍ରଶାସନର ପରାମର୍ଶ ପାଳନ କରିବାକୁ ଅନୁରୋଧ କରାଯାଇଛି।ଅନ୍ୟପଟେ ବାଲିକୁଦା ବ୍ଲକର ଥାଇଲ, ଇଚ୍ଛାପୁର, ବାହାରଣା,ଅଳାବୋଳ ସମେତ ଅନ୍ୟ ପଞ୍ଚାୟତ ଗୁଡିକର ତଳିଆ ଅଞ୍ଚଳରେ ବର୍ଷା ଜଳ ଭର୍ତ୍ତି ହୋଇ ଜନସାଧାରଣ ଙ୍କ ପାଇଁ ସମସ୍ୟା ସୃଷ୍ଟି କରିଛି ଏଣୁ ଆମେ ଏହାର ମଧ୍ୟ ତଦାରଖ କରୁଛୁ ଓ ଆବଶ୍ୟକ ପଡିଲେ ତଳିଆ ଅଞ୍ଚଳର ଜନସାଧାରଣ ମାନଙ୍କୁ ସ୍ଥାନାନ୍ତର ପାଇଁ ବ୍ୟବସ୍ଥା ଗ୍ରହଣ କରାଯିବ।

## ଅଳକା ଆଶ୍ରମରେ ମାଳତୀ ଚୌଧୁରୀଙ୍କ ଜୟନ୍ତୀ

ଜଗତସିଂହପୁର,୨୬।୭ (ସମିସ): ଜଗତସିଂହପୁର ସହରର ଚାଟ୍ରା ସ୍ଥିତ ଅଳକା ଆଶ୍ରମ ପରିସରରେ ମହାନ ସ୍ୱାଧୀନତା ସଂଗ୍ରାମୀ ମାଳତୀ ଚୌଧୁରୀଙ୍କ ଜୟନ୍ତୀ ପାଳିତ ହୋଇଯାଇଛି।



ଅବସର ପ୍ରାପ୍ତ ଅଧ୍ୟାପକ ଭଗବାନ ଦାଶଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଶିକ୍ଷାବିତ ବିଜୟ କୁମାର ବିଶ୍ୱାଳ, ରବୀନ୍ଦ୍ର ନାଥ ନାୟକ, ରବୀନ୍ଦ୍ର ନାଥ ମିଶ୍ର ଏବଂ ପରିବେଶବିତ ଉତ୍କଳ ରଞ୍ଜନ ମହାନ୍ତି ଯୋଗଦେଇ ମାଳତୀ ଦେବୀଙ୍କ ଦେଶପ୍ରେମ, ତ୍ୟାଗ ଏବଂ ଜୀବନାଦର୍ଶ ସମ୍ପର୍କରେ ଆଲୋଚନା କରିଥିଲେ। ଭାରତର ସ୍ୱାଧୀନତା ସଂଗ୍ରାମରେ ମାଳତୀ ଚୌଧୁରୀ ଏବଂ ପୂରା ଚୌଧୁରୀଙ୍କ ପରିବାରର ଭୂମିକା ଏବଂ ବିଶେଷ କରି ନାରୀଶକ୍ତିକୁ ଜାଗ୍ରତ କରିବାରେ ତାଙ୍କର ଅବଦାନ ସମ୍ପର୍କରେ ସଭାରେ ଆଲୋଚନା କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ସଂଗଠକ ଜ୍ୟୋତି ରଞ୍ଜନ ପ୍ରଧାନ, ସାମ୍ବାଦିକ ଶଶାଙ୍କ ଶେଖର ପଣ୍ଡା, ଅଧ୍ୟାପକ ପ୍ରତାପ ଲେଙ୍କା, ସୋମନାଥ ପଣ୍ଡା, ପ୍ରଭାସିନୀ ମହାରଣା, ଉମେଶ ନାୟକ, ରାକେଶ ସାହୁ, ନିହାର ରଞ୍ଜନ ସ୍ୱାଇଁ ଓ ଚିତ୍ତରଞ୍ଜନ ପ୍ରମୁଖ ଏଥିରେ ଯୋଗଦେଇ ମାଳତୀ ଦେବୀଙ୍କ ସଂଗ୍ରାମୀ ଜୀବନ ଏବଂ ସମାଜରେ ଚାଲିଥିବା କୁସଂସ୍କାର ତଥା ଅନ୍ଧବିଶ୍ୱାସର ବିଲୋପ ପାଇଁ ତାଙ୍କର ବଳିଷ୍ଠ ଭୂମିକା ବିଷୟରେ ଆଲୋଚନା କରିଥିଲେ। ଶେଷରେ ଶିକ୍ଷାବିତ ବିଜୟ କୁମାର ରଥ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

## ପ୍ରଫୁଲ୍ଲ ପାଠାଗାରର ବାର୍ଷିକୋତ୍ସବ



ଜଗତସିଂହପୁର,୨୬।୭ (ସମିସ): ଜଗତସିଂହପୁର ସଦର ବ୍ଲକ ଅନ୍ତର୍ଗତ ଓଡିଶାଗଡ଼ ସ୍ଥିତ ପ୍ରଫୁଲ୍ଲ ପାଠାଗାରର ୩୩ତମ ବାର୍ଷିକୋତ୍ସବ ଶିକ୍ଷାବିତ ରବୀନ୍ଦ୍ରନାଥ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ପାଳିତ ହୋଇଯାଇଛି। ଏହି ଉତ୍ସବରେ ସ୍ୱାମୀ ବିବେକାନନ୍ଦ ସ୍ମାରକୀ ମହାବିଦ୍ୟାଳୟ ଅଧ୍ୟକ୍ଷା ଡ. ସୁଜାତା ଓଝା ମୁଖ୍ୟଅତିଥି, ମନୋଜ କୁମାର ନନ୍ଦୀ ଅଧ୍ୟକ୍ଷ, ଓଡ଼ିଶା ଆଦର୍ଶ ବିଦ୍ୟାଳୟ, ଶାଳଜଙ୍ଗ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ଏହି ଉତ୍ସବରେ ଶିକ୍ଷାବିତ ବଂଶୀଧର ଆଚାର୍ଯ୍ୟ ସ୍ୱାଗତ ଭାଷଣ ପ୍ରଦାନ ପରେ ଶିକ୍ଷାବିତ ବିଜୟକୁମାର ପତି ଅତିଥିମାନଙ୍କର ପରିଚୟ ପ୍ରଦାନ କରିଥିଲେ। ସମ୍ପାଦକ ସୁରେନ୍ଦ୍ରକୁମାର ରାୟ ବାର୍ଷିକ ବିବରଣୀ ପାଠ କରିଥିଲେ। ମୁଖ୍ୟବକ୍ତା ମନୋଜ କୁମାର ନନ୍ଦୀ ତାଙ୍କ ଛାତ୍ରଛାତ୍ରୀଙ୍କୁ ନେଇ ପାଠାଗାରରେ କର୍ମଶାଳା ଆୟୋଜନ କରିବା ପାଇଁ କହିଥିଲେ। ନିରଞ୍ଜନ ଦାଶ, ସମାଜସେବୀ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏହି ଉତ୍ସବରେ ପ୍ରଧାନ ଶିକ୍ଷକମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବରିଷ୍ଠ ସାମ୍ବାଦିକ ଦୁର୍ଯ୍ୟୋଧନ ମହାରଣା ଏବଂ ଶଶାଙ୍କ ଶେଖର ପଣ୍ଡାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଛାତ୍ରଛାତ୍ରୀଙ୍କ ମଧ୍ୟରେ ପ୍ରବନ୍ଧ, ବକ୍ତୃତା, ନୃତ୍ୟ, ସଙ୍ଗୀତ, ଚିତ୍ରାଙ୍କନ ଏବଂ ମହିଳା ମାନଙ୍କ ମଧ୍ୟରେ ଶଙ୍ଖ, ହୁଳହୁଳି, ଫୁଲ ତୋଡ଼ା, ରନ୍ଧା ଖାଦ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ କୃତିତ୍ୱ ହାସଲ କରିଥିବା ପ୍ରତିଯୋଗୀ ମାନଙ୍କୁ ମୁଖ୍ୟ ଅତିଥିଙ୍କ ଦ୍ୱାରା ସାର୍ଟିଫିକେଟ ଏବଂ ଟ୍ରଫି ପ୍ରଦାନ କରାଯାଇଥିଲା। ଅଧ୍ୟାପକ ଲକ୍ଷ୍ମୀଧର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

## ଲୁଣା ଜଙ୍ଗଲ ସୁରକ୍ଷା ଦିବସ

ଏରସମା,୨୬।୭ (ସମିସ): ଆନ୍ତର୍ଜାତିକ ଲୁଣା ଜଙ୍ଗଲ ସଂରକ୍ଷଣ ଦିବସ ଅବସରରେ ଏରସମା ବ୍ଲକ ଅନ୍ତର୍ଗତ ପଦ୍ମପୁର ଗ୍ରାମ ପଞ୍ଚାୟତସ୍ଥିତ ଶିଆଳି ଓଟିଡିସି ଗୃହରେ ଦୋଳଗୋବିନ୍ଦଜୀଉ କ୍ଲବ, ଶିଆଳି ପକ୍ଷରୁ ଏକ ପରିବେଶ ସଚେତନତା ଓ ସଂକଳ୍ପ ସଭା ଅନୁଷ୍ଠିତ ହୋଇଯାଇଛି। କ୍ଲବର ସଭାପତି ସୁକାନ୍ତ କୁମାର ସାମନ୍ତଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସଭାରେ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେଇ ଲୁଣା ଜଙ୍ଗଲର ସୁରକ୍ଷା ଏବଂ ଉପକୂଳ ପରିବେଶ ସଂରକ୍ଷଣ ଉପରେ ମତ ରଖିଥିଲେ। ମୁଖ୍ୟ ଅତିଥି ଭାବେ ବାଲିକୁଦା-ଏରସମା ବିଧାୟକ ସାରଦା ପ୍ରସନ୍ନ ଜେନା ଯୋଗଦେଇ କହିଥିଲେ ଯେ, ଲୁଣା ଜଙ୍ଗଲ ଉପକୂଳବର୍ତ୍ତୀ ଅଞ୍ଚଳକୁ ସୁରକ୍ଷା ପ୍ରଦାନ କରିବା



ସହ ପରିବେଶର ସନ୍ତୁଳନ ରକ୍ଷାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥାଏ। ବନି, ଗୁଆଁ, ହେନ୍ତାଳ ଓ ତାଳ ଭଳି ଉପକୂଳୀୟ ବୃକ୍ଷରୋପଣ ଓ ସେଗୁଡ଼ିକର ସୁରକ୍ଷା ପାଇଁ ବ୍ୟାପକ ଜନସଚେତନତା ସୃଷ୍ଟି କରିବାକୁ ସେ ଆହ୍ୱାନ ଦେଇଥିଲେ। ସମୁଦ୍ର ଅବକ୍ଷୟ ରୋକିବା ପାଇଁ ପଥର ବନ୍ଧ ନିର୍ମାଣ ପ୍ରସଙ୍ଗକୁ ଓଡ଼ିଶା ବିଧାନସଭାରେ ଉଠାଇବା ସହ ଏହା ନେଇ ସରକାରଙ୍କ ଦୃଷ୍ଟିଆକର୍ଷଣ କରିବାକୁ ସେ ପ୍ରତିଶ୍ରୁତି ଦେଇଥିଲେ। ସମ୍ମାନିତ ଅତିଥି ଭାବେ ରିଲାଏନ୍ସ ଗ୍ରୁପର ସାମାଜିକ କର୍ମୀ ଜ୍ୟୋତିର୍ମୟ ବିଶ୍ୱାଳ ଯୋଗଦେଇ ଲୁଣା ଜଙ୍ଗଲ ସୃଷ୍ଟି, ଏହାର ସଂରକ୍ଷଣ ଓ ରକ୍ଷଣାବେକ୍ଷଣର ଆବଶ୍ୟକତା ସମ୍ପର୍କରେ ଆଲୋକପାତ କରିଥିଲେ। ଅନ୍ୟତମ ଅତିଥି ଭାବେ ବିଶିଷ୍ଟ ଶିକ୍ଷାବିତ୍ ଓ ପରିବେଶବିତ୍ ନିମାଇଁ ଚରଣ ମଲ୍ଲିକ, ସରପଞ୍ଚ ପ୍ରତିନିଧି ଉପେନ୍ଦ୍ର ସାମନ୍ତ, ପୂର୍ବତନ ସରପଞ୍ଚ କେଶବ ଚରଣ ପାତ୍ର ଓ ପଦ୍ମପୁର ସେବା ସମବାୟ ସମିତିର ସଭାପତି ଅରୁଣ କୁମାର ବେହେରା ଯୋଗଦେଇ ପରିବେଶ ସୁରକ୍ଷା ଓ ଲୁଣା ଜଙ୍ଗଲର ଗୁରୁତ୍ୱ ଉପରେ ବକ୍ତବ୍ୟ ରଖିଥିଲେ। ଏହି ସଭାରେ ପଞ୍ଚାୟତର ଶତାଧିକ ମହିଳା ଓ ସ୍ଥାନୀୟ ବାସିନ୍ଦା ଅଂଶଗ୍ରହଣ କରିଥିଲେ। ଦୋଳଗୋବିନ୍ଦ ଜୀଉ କ୍ଲବ, ଶିଆଳିର ସମସ୍ତ ସଦସ୍ୟଙ୍କ ସକ୍ରିୟ ସହଯୋଗ ଓ ଉଦ୍ୟମରେ କାର୍ଯ୍ୟକ୍ରମଟି ସଫଳତାର ସହ ସମ୍ପନ୍ନ ହୋଇଥିଲା।

## ଦୋକାନ ଉପରେ ପଡ଼ିଲା ଚାକୁଣ୍ଡା ଗଛ

# ଅଳ୍ପକେ ବର୍ତ୍ତିଲେ ଯୁବତୀ

କୁଜଙ୍ଗ,୨୬।୭ (ସମିସ): କୁଜଙ୍ଗ ବ୍ଲକ ଅନ୍ତର୍ଗତ କଟକ ପାରାଦୀପ ରାସ୍ତାର ଅଗପାଳ ପଞ୍ଚାୟତ ଅଧୀନ ବଡପାଳ ଛକ ନିକଟ କଳଦୀପରେ ଲଗାଣ ବର୍ଷା ଯୋଗୁ ତାଳଦଣ୍ଡା କେନାଲ ବନ୍ଧରେ ଥିବା ଏକ ପୁରୁଣା ଚକୁଣ୍ଡା ଗଛ ଏକ ଦୋକାନ ଘର ଉପରେ ଉପୁରି ପଡ଼ିଛି। ଏହି ଘଟଣାରେ ଦୋକାନ ଚଳାଉଥିବା ଜଣେ ବାପ ଛେଉଣ୍ଡ ଝିଅ ରୋଜାଲିନ ନାୟକ (୧୮) ଗୁରୁତର ଆହତ ହେବା ସହ ସୌଭାଗ୍ୟ ବଶତଃ ବଞ୍ଚି ଯାଇଛନ୍ତି। ସକାଳୁ ସକାଳୁ ଲଗାଣ ବର୍ଷା ସତ୍ତ୍ୱେ ସ୍ୱର୍ଗତ ନିର୍ଭୟ ନାୟକଙ୍କ ଝିଅ ରୋଜାଲିନ ଚା' ତିଆରି କରୁଥିଲେ। ହଠାତ୍ ଏକ ବଡ଼ ପୁରୁଣା ଗଛ ତାଙ୍କ ଦୋକାନ ଉପରେ ଅଜାଡ଼ି ହୋଇ ପଡ଼ିଥିଲା। ମାତ୍ର ଦଉଡ଼ି ବାହାରକୁ ଆସିବାକୁ ଉଦ୍ୟମ କରି ସେ ବିଫଳ ହୋଇ ଗଛ ମଧ୍ୟରେ ଚାପି ହୋଇ ଯାଇଥିଲେ। ସ୍ଥାନୀୟ ଲୋକେ ଉଦ୍ଧାର କରି ତାଙ୍କୁ ଗୁରୁତର ଅବସ୍ଥାରେ ମଣିଜଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଇ ଥିଲେ। ତାଙ୍କ ଗୋଡ ଓ ଛାତିରେ ଗଭୀର ଆଘାତ ଲାଗିଛି। ଏହି ସମୟରେ ଖୋଲାଥିବା ଗ୍ୟାସ ଲିକ୍ ହେବା ସହ ବାହାରକୁ ବାହାରି ଚାଲିଥିଲା। ମାତ୍ର ବର୍ଷା ପବନ ଯୋଗୁ ଅଗ୍ନିକାଣ୍ଡ ଘଟି ନଥିଲା। ଦୀର୍ଘ ଏକ ଘଣ୍ଟା ରାସ୍ତାରେ ଗଛ ପଡ଼ିବା ଯୋଗୁ ଯାତାୟାତରେ ବାଧା ଦେଖା ଦେଇଥିଲା। ଖବର ପାଇ କୁଜଙ୍ଗ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ



ପହଞ୍ଚି ଗଛ କୁ କଟର ସାହାଯ୍ୟରେ କାଟି ସଫା କରିଥିଲେ। ପ୍ରକାଶ ଯେ ଏହି ରାସ୍ତାର ପଙ୍କପାଳରୁ ତାଳଦଣ୍ଡା ମଧ୍ୟରେ ଏହି କେନାଲ ଉପରେ ଶହେରୁ ଉର୍ଦ୍ଧ୍ୱ ପୁରୁଣା ବଡ ଗଛ ରାସ୍ତା ଉପରେ ଶୋଇ ରହୁଛି। ଏହାର ଡାଳ କିମ୍ବା ଗଣ୍ଡିରୁ ଓଜନିଆ ଡାଳ କାଟି ସଫା ନକଲେ ଏହି ରାସ୍ତା ରେ ଯାତାୟାତ କରୁଥିବା ହଜାର ହଜାର ଗାଡ଼ି ବସ ଯାତ୍ରୀଙ୍କ ଜୀବନ ବିପଦଜ୍ଜନକ ବୋଲି ପଙ୍କପାଳ ର ପୂର୍ବତନ ସରପଞ୍ଚ ଡ ଶରତ ଚନ୍ଦ୍ର ମହାପାତ୍ର, ଶିକ୍ଷାବିତ୍ ପ୍ରଫୁଲ୍ଲ ଚନ୍ଦ୍ର ମହାପାତ୍ର, ସ୍ଥାନୀୟ ବ୍ୟବସାୟୀ ନିବାରଣ ପରିଡ଼ା ପ୍ରମୁଖ ଆଶଙ୍କା ପ୍ରକାଶ କରିବା ସହ ଜିଲ୍ଲା ପ୍ରଶାସନ ଓ ପରିବହନ ବିଭାଗ ସହ ଜଳ ସମ୍ପଦ ବିଭାଗର ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ବହୁତ୍ ସମୟ ରେ ବର୍ଷା ହେଉଥିଲେ ବିପଦ ସଙ୍କୁଳ ଅବସ୍ଥାରେ ଏହି ଗଛ ମୂଳେ ବାଟୋଇ, ଗୋ ସମ୍ପଦ ମଧ୍ୟ ଆଶ୍ରୟ ନେଉଥିବା ବେଳେ ଆଗାମୀ ଦିନରେ ଧନ ଜୀବନ ହାନି ହେବାର ଆଶଙ୍କା ରହିଛି ବୋଲି କହିଛନ୍ତି ସ୍ଥାନୀୟ ସରପଞ୍ଚ ବିପିନ କୁମାର ବିଶ୍ୱାଳ। ଏହି ଘଟଣାରେ ରୋଜାଲିନଙ୍କ ବିଧବା ମା' ଓ ସାନ ଭାଇ ଭାଙ୍ଗି ପଡିଛନ୍ତି। ପରିବାରର ଏକମାତ୍ର ରୋଜଗାର ଉତ୍ସ ନଷ୍ଟ ହେବା ସହ ପ୍ରାୟ ୭୦ ହଜାର ଟଙ୍କାର ଦୋକାନ ସାମଗ୍ରୀ ନଷ୍ଟ ହୋଇ ଯାଇଛି ବୋଲି ପରିବାର ପକ୍ଷରୁ ଅଭିଯୋଗ କରାଯାଇଛି। ତାଙ୍କୁ ଚିକିତ୍ସା ସହାୟତା ପ୍ରଦାନ ସହ ଆର୍ଥିକ ସହାୟତା ପାଇଁ ସାଧାରଣରେ ଦାବି ହୋଇଛି।


## ଜଗତସିଂହପୁର ଆର୍ଯ୍ୟ ସମାଜର ବାର୍ଷିକ ଉତ୍ସବ

ଜଗତସିଂହପୁର,୨୬।୭ (ସମିସ): ଜଗତସିଂହପୁର ସହରର ସାରଦା ମଣ୍ଡପ ଠାରେ ଆର୍ଯ୍ୟ ସମାଜ, ଜଗତସିଂହପୁରର ବାର୍ଷିକ ଉତ୍ସବ ଓ ସତ୍‌ସଙ୍ଗ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ଏକାଦଶ କୁଣ୍ଡିୟ ବୈଦିକ ଦେବ ଯଜ୍ଞ ଓ ବୈଦିକ ପ୍ରବଚନ ଅନୁଷ୍ଠିତ ହୋଇଥିଲା।



ବ୍ରହ୍ମଚାରୀ ଶ୍ରୀକାନ୍ତ ଓ ପଣ୍ଡିତ ସମୀର ରଞ୍ଜନ ଦାଶ ଯଜ୍ଞ ପୁରୋହିତ ହୋଇଥିବା ବେଳେ, ସୋମନାଥ ମହାରଣା, ମଧୁସୂଦନ ସାହୁ, ପଦରାଜ ଉମାକାନ୍ତ ନାୟକ, ଦିଲ୍ଲୀପ ସାହୁ, ନିହାର ସ୍ୱାଇଁ, ବିଜୟ ମହାନ୍ତି, ସୁନୀଲ ସ୍ୱାଇଁ, ସାରଦା ଆଚାର୍ଯ୍ୟ, ଅରୁଣ ବିହାରୀ ଆଦି ଯଜମାନ ହୋଇଥିଲେ। ବୈଦିକ ପ୍ରବଚନ କାର୍ଯ୍ୟକ୍ରମରେ ଡେରାଡୁନ କନ୍ୟା ଗୁରୁକୁଳ ମହାବିଦ୍ୟାଳୟର ଅଧ୍ୟକ୍ଷା ତଥା ବେଦ ବିଦୁଷୀ ଡ. ଅନ୍ନପୂର୍ଣ୍ଣା ନନ୍ଦ ମୁଖ୍ୟ ପ୍ରବକ୍ତା ଭାବେ ଯୋଗଦେଇଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଉତ୍କଳ ଆର୍ଯ୍ୟ ପ୍ରତିନିଧି ସଭାର ସମ୍ପାଦକ ଦୁଷ୍ମନ୍ତ ସ୍ୱାଇଁ, ଶ୍ରୁତିନ୍ୟାସର ଆଚାର୍ଯ୍ୟ ଶ୍ରୀବସ୍ତ ଶ୍ରୁତିପାଥିକ, ବ୍ରହ୍ମଚାରୀ ଶ୍ରୀକାନ୍ତ, ଉତ୍ତରାଖଣ୍ଡରୁ ଆସିଥିବା ଆଚାର୍ଯ୍ୟା ସୁଲକ୍ଷ୍ୟଣା ଆଦି ଆର୍ଯ୍ୟ ସମାଜ ଓ ବୈଦିକ ଚିନ୍ତାଧାରା ସମ୍ପର୍କରେ ତାତ୍ତ୍ୱିକ ଆଲୋଚନା କରିଥିଲେ। ଏଥିରେ କିଶୋର ସାହୁଙ୍କୁ ପ୍ରତିଭା ସମ୍ମାନରେ ସମ୍ମାନିତ କରାଯାଇଥିଲା। ଅନ୍ୟ ମାନଙ୍କ ମଧ୍ୟରେ କ୍ଷେତ୍ର ମୋହନ ବନପ୍ରସ୍ତି, ଶୁଭ୍ରାଂଶୁ ମହାନ୍ତି, ଅଦ୍ୱୈତ୍ୱ ବସ୍ତିଆ, ବିଶ୍ୱମ୍ଭର ସାମନ୍ତରାୟ ଆଦିଙ୍କୁ ସମ୍ମାନିତ କରାଯାଇଥିଲା। ଆର୍ଯ୍ୟ ସମାଜର ନୂତନ କାର୍ଯ୍ୟକର୍ତ୍ତା ମଣ୍ଡଳୀ ପ୍ରଧାନ ଭାବେ ରଞ୍ଜନ ବିଦ୍ୟାର୍ଥୀ, ଉପପ୍ରଧାନ ଭାବେ ନାରାୟଣ ମହାରଣା, ମନ୍ତ୍ରୀ ବା ସମ୍ପାଦକ ଭାବେ ଚନ୍ଦ୍ରଜିତ ପରିଜା, ସହ ସଂପାଦିକା ଭାବେ ସୁଚିତ୍ରା ମହାରଣା, କୋଷାଧ୍ୟକ୍ଷ ଭାବେ ସନାତନ ବେହେରା ଆଦି ସମ୍ମାନିତ ହୋଇ ଦାୟିତ୍ୱ ଗ୍ରହଣ କରିଥିଲେ। କାର୍ଯ୍ୟକ୍ରମକୁ ପୂର୍ବତନ କର୍ମକର୍ତ୍ତା ରଶ୍ମୀ ରଞ୍ଜନ ମିଶ୍ର, ସୋମନାଥ ମହାରଣା, ବିଜୟ ରଥ, ସୁଶ୍ରୀ ଆଞ୍ଜୁଷା, ବାଣୀ ମହାନ୍ତି, ଅଞ୍ଜଳି ପରିଜା, ଉତ୍କଳ ସେବାନିବୃତ୍ତ ସେନାନୀ ସଙ୍ଘ ଜଗତସିଂହପୁର ସଦସ୍ୟ, ଏନଜେଡବ୍ଲୁ ର ସଦସ୍ୟ ଆଦି ପରିଚାଳନା କରିଥିଲେ। ବର୍ଷା ସତ୍ତ୍ୱେ ଶତାଧିକ ଆର୍ଯ୍ୟ ସଜ୍ଜନ ଛାତ୍ରଛାତ୍ରୀ, ବୁଦ୍ଧିଜୀବୀ ଆଦି ଯୋଗଦାନ କରି ପ୍ରସାଦ ସେବନ କରିଥିଲେ। ଭବିଷ୍ୟତରେ ଏଇଭଳି ସଂସ୍କାର ମୂଳକ କାର୍ଯ୍ୟକ୍ରମ ଚାଲୁ ରହିବ ବୋଲି ସମ୍ପାଦକ ଶ୍ରୀ ପରିଜା ପ୍ରକାଶ କରିଛନ୍ତି।

## ବ୍ରହ୍ମ ଜଗନ୍ନାଥ ମିଶନ ପକ୍ଷରୁ ସାରସ୍ୱତ ସଭା



କୁଜଙ୍ଗ,୨୬।୭ (ସମିସ): କୁଜଙ୍ଗ ବ୍ଲକ ଅନ୍ତର୍ଗତ ତାଳଦଣ୍ଡାସ୍ଥିତ ବ୍ରହ୍ମ ଜଗନ୍ନାଥ ମିଶନ ତରଫରୁ ସାରସ୍ୱତ ସଭା ଅନୁଷ୍ଠିତ ହୋଇଛି। ଏଥିରେ ମୁଖ୍ୟଅତିଥି ରୂପେ ରାଜ୍ୟସଭା ସାଂସଦ ମନମୋହନ ସାମଲ ଯୋଗଦେଇଥିଲେ। ଏହି ଅବସରରେ ବ୍ରହ୍ମ ଜଗନ୍ନାଥ ମିଶନ ତରଫରୁ ମନମୋହନ ସାମଲଙ୍କୁ "ଇନ୍ଦ୍ରଦ୍ୟୁମ୍ନ ସମ୍ମାନ' ପ୍ରଦାନ କରାଯାଇଥିଲା। ଶିଳ୍ପ ଶିଳ୍ପମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଯୋଗ ଦେଇ କୁଜଙ୍ଗକୁ ଜଗନ୍ନାଥ ସଂସ୍କୃତି ସ୍ମୃତିର ମାଟି ବୋଲି କହିଥିଲେ। ବିଜେପି ଜିଲ୍ଲା ସଭାପତି ପ୍ରତାପ କୁମାର ମିଶ୍ର, ବିଜୁ ପଟ୍ଟନାୟକ ଫିଲ୍ମ ପ୍ରତିଷ୍ଠାନ ଅଧ୍ୟକ୍ଷ ହିମାଂଶୁ ଖଟୁଆ, ବିଶିଷ୍ଟ ସ୍ଥପତି ପଦ୍ମଶ୍ରୀ ଅଦୈତ ଗଡ଼ନାୟକ, ବିଜେପି ସମ୍ପାଦକ ସରୋଜ କୁମାର କର, କଟକ ମହାନଗର ନିଗମ ମୁଖ୍ୟ ଯନ୍ତ୍ରୀ ଇଂ. ଅତନୁ କୁମାର ସାମନ୍ତ, ନାରୀ ନେତ୍ରୀ ସୀମନ୍ତିନୀ ଜେନା ପ୍ରମୁଖ ଯୋଗ ଦେଇଥିଲେ। ବ୍ରହ୍ମ ଜଗନ୍ନାଥ ମିଶନ ପ୍ରମୁଖ କ୍ୟାପ୍ଟେନ ଡ. ସଞ୍ଜୀବ କୁମାର ମୁଦୁଲି ସ୍ୱାଗତ ଭାଷଣ ସହ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ କୃତୀ ଶିକ୍ଷକ, କୃଷକ, ସୈନିକ ଓ ସେବକଙ୍କୁ ସମ୍ମାନିତ କରାଯାଇଥିଲା।

## ଅଚିହ୍ନା ଯୁବକଙ୍କ ଶବ ଉଦ୍ଧାର

ପାରାଦୀପ,୨୬।୭ (ସମିସ): ପାରାଦୀପ ଆଦର୍ଶ ଥାନା ଅଧୀନ ବାଉରିଆ ପାଳନ୍ଦା ନିକଟ ଟ୍ରେନ ଲାଇନ୍‌ରୁ ଜଣେ ଯୁବକଙ୍କ ଶବ ଉଦ୍ଧାର କରାଯାଇଛି। ଯୁବକଙ୍କ ଶରୀର ପାଖାପାଖି ୧୦ ଖଣ୍ଡ ହେବ ଟ୍ରେନ୍‌ଲାଇନରେ କଟି ପଡିଥିବା ଦେଖିବାକୁ ମିଳିଛି। ଗତକାଲି ସନ୍ଧ୍ୟାରେ ଟ୍ରେନ୍ ଧାରଣାରେ ଜଣେ ଯୁବକଙ୍କର ଏଭଳି ଶରୀରର ଖଣ୍ଡ ଖଣ୍ଡ ପଡିଥିବା ଦେଖି ଲୋକେ ପୁଲିସକୁ ଜଣାଇଥିଲେ। ପୁଲିସ ପହଞ୍ଚି ଶବକୁ ଜବତ କରିବା ସହ ଖଣ୍ଡ ଖଣ୍ଡ ଶରୀର ଅଙ୍ଗ ପ୍ରତ୍ୟଙ୍ଗକୁ ରଖାଯାଇଛି। ତେବେ କେଉଁ ପରିସ୍ଥିତିରେ ଯୁବକଙ୍କ ଏଭଳି ଘଟିଲା ପୁଲିସ ତଦନ୍ତ ଆରମ୍ଭ କରିଛି।

## ସାହିତ୍ୟ ପରିଷଦ ପକ୍ଷରୁ ଆଷାଢ଼ ସାହିତ୍ୟ ଆସର

ଜଗତସିଂହପୁର,୨୬।୭ (ସମିସ): ଜଗତସିଂହପୁର ସାହିତ୍ୟ ପରିଷଦ ପକ୍ଷରୁ ସ୍ଥାନୀୟ ଅଳକା ଆଶ୍ରମ, ଚାଟରା, ଜଗତସିଂହପୁରଠାରେ ଆଷାଢ଼ ସାହିତ୍ୟ ଆସର ପରିଷଦର ସଭାପତି ତଥା ବିଶିଷ୍ଟ କଥାଶିଳ୍ପୀ ଇଂ.ବିଷ୍ଣୁ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ କବି



ଅଜୟ କୁମାର ବେହେରା, ନାଟ୍ୟକାର କୈଳାସ ମଲ୍ଲିକ, କବି ବଂଶୀଧର ବେହେରା, ନାଟ୍ୟକାର ଗଣେଶ ମହାନ୍ତି ପ୍ରମୁଖ ଯୋଗଦେଇ ସାହିତ୍ୟର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। ପରିଷଦର ପ୍ରତିଷ୍ଠାତା ଅଜୟ କୁମାର ବେହେରାଙ୍କ ପରିଚାଳନାରେ ଅନୁଷ୍ଠିତ ଏହି ଆସରରେ କବି ପରିକ୍ଷିତ ମହାନ୍ତି, ରବୀନ୍ଦ୍ରନାଥ ବେହେରା, ରମେଶ ଚନ୍ଦ୍ର ବହିରା, ସୀତାଂଶୁ ଜେନା ଓ ପଞ୍ଚାନନ ପୋଲାଇ ପ୍ରମୁଖ ସାମ୍ପ୍ରତିକ ସାହିତ୍ୟର ସ୍ଥିତି ସମ୍ବନ୍ଧୀୟ ଆଲୋଚନା କରିଥିଲେ। କବି ସୀତାଂଶୁ ଜେନା ଓ ଜୟଶ୍ରୀ ମିଶ୍ରଙ୍କ ସଂଯୋଜନାରେ ପରୀକ୍ଷିତ ମହାନ୍ତି, ଶେଷଦେବ ଛୋଟରାୟ, ରବୀନ୍ଦ୍ରନାଥ ବେହେରା, ହୃଦାନନ୍ଦ ବାରିକ, ପଞ୍ଚାନନ ପୋଲାଇ, ସନ୍ତୋଷ ଦାସ, ସବ୍ୟସାଚୀ ତ୍ରିପାଠୀ, ଆଶୁତୋଷ ପରିଡା ପ୍ରମୁଖ ସ୍ୱରଚିତ କବିତା ଓ କ୍ଷୁଦ୍ରଗଳ୍ପ ପାଠ କରିଥିଲେ। ପ୍ରାରମ୍ଭରେ କବି ରମେଶ ଚନ୍ଦ୍ର ବହିରା ଅତିଥି ଆମନ୍ତ୍ରଣ କରିବା ସହ କବିତା ଗୁଡିକର ସମୀକ୍ଷା କରିଥିଲେ। ପରିଶେଷରେ ଶେଷଦେବ ଛୋଟରାୟ ଧନ୍ୟବାଦ ଅର୍ପଣ କରିଥିଲେ।

## ଚାଷୀଙ୍କ ମୁଣ୍ଡରେ ଚଡ଼କ

# ଚାଷ ଜମି ସବୁ ପାଣି ଘେରରେ

ରଘୁନାଥପୁର,୨୬।୭ (ସମିସ):



ଜଗତସିଂହପୁର ଜିଲ୍ଲା ରଘୁନାଥପୁର ବ୍ଲକ ଅନ୍ତର୍ଗତ ତାରପୁର ପଞ୍ଚାୟତର ତାରପୁର, ଅଚ୍ଛୁତପୁର, ଗୋକୁଳପୁର, ଖଣ୍ଡାତରୀ, ବର୍ତ୍ତୀ, କୁର୍ତ୍ତାଙ୍ଗ, ଚିକିଣିଆ ଓ କଳାଧାରୀ ଗ୍ରାମର ଏକର ଏକର ଚାଷଜମି ସବୁ ଥିବା ବେଳେ ବର୍ଷା ପାଣି ନିଷ୍କାସନ ପାଇଁ ବର୍ତ୍ତୀ ଠାରୁ ଖଣ୍ଡତରି ପର୍ଯ୍ୟନ୍ତ ଥିବା ସଫେଇ ନାଳରେ ବର୍ଷା ପାଣି ନିଷ୍କାସିତ ହୋଇପାରୁ ଥିଲା। ଯାହାଦ୍ୱାରା ଚାଷୀମାନେ ତଳି ପକାଇବା ସହ ଚାଷ କାର୍ଯ୍ୟରେ ଅବହେଳା ସୃଷ୍ଟି ହେଉ ନଥିଲା। କାଳକ୍ରମେ ଏହି ସଫେଇ ନାଳ ବା ଜଳାଶ୍ରୟକୁ କିଛି ବ୍ୟକ୍ତି ଜବର ଦଖଲ କରି ପୋଖରି, କଦଳୀ ବାରି, ଆମ୍ବ, ପଣସ ଓ ବାଉଁଶ ବାରି କରିଦେବା ଦ୍ୱାରା ବର୍ତ୍ତମାନ ଜମିରୁ ପାଣି ଯାତାୟତରେ ବ୍ୟାଘାତ ସୃଷ୍ଟି ହେଉଛି। ଯାହାଦ୍ୱାରା ଚାଷ ଜମିରେ ଚାଷ କରିବା ଦୂରେ ଥାଉ ତଳି ଗଣ୍ଡେ ବି ଉଭାରି ହେଉନି। ସେହିପରି ଡ୍ରେନେଜ ବିଭାଗ ଚାଷ କାମ ପୂର୍ବରୁ ଏହି ସଫେଇ କାର୍ଯ୍ୟ ସଠିକ ଭାବେ ନକରି କିଛି ଜବର ଦଖଲକାରୀଙ୍କୁ ହାତେଇ ନେଇ ମିଥ୍ୟା ବିଲ କରି ନେଉଥିବାର ଅଭିଯୋଗ ଚାଷିଙ୍କ ପକ୍ଷରୁ ଆସିଛି। କିଛି ଚାଷୀ ଏହି ସଫେଇ ଦେଇ ତାଙ୍କ ପୂର୍ବପୁରୁଷରୁ ଚାଷ କାମ କରି ଆସୁଥିବା ବେଳେ ପାଣି ନିଷ୍କାସନ ହୋଇ ହଂସୁଆ ନଦୀରେ ମିଶି ଯାଉଥିଲା, ହେଲେ ଏହି ଅବରୋଧ କାରୀଙ୍କ ଯୋଗୁ ଚାଷ କାର୍ଯ୍ୟରେ ବ୍ୟାଘାତ ସୃଷ୍ଟି ହେଉଥିବାରୁ ଏ ନେଇ ରଘୁନାଥପୁର ତହସିଲଦାର ରାଜଲକ୍ଷ୍ମୀ ନାୟକଙ୍କୁ ଡାକି ଏ ଘଟଣା ସବୁର ଅନୁଧ୍ୟାନ କରିବା ପାଇଁ ଚାଷୀମାନେ ନିବେଦନ କରିଥିଲେ। ରବିବାର ଛୁଟିଦିନ ଥାଇବି ଚାଷୀଙ୍କ ଠାରୁ ଖବର ପାଇ ତହସିଲଦାର ଘଟଣା ସ୍ଥଳରେ ପହଞ୍ଚି, ଚାଷୀଙ୍କ ଠାରୁ ସମସ୍ତ କଥା ଶୁଣି ଡ୍ରେନେଜ ବିଭଗ ଅଧିକାରୀଙ୍କୁ ଡାକି ଘଟଣାସ୍ଥଳକୁ ଯାଇ ଅନୁଧ୍ୟାନ କରିବା ସହ ଚାଷ ଜମି ପାଣି ଯାତାୟତ ସ୍ଥଳରେ କେହି ଅବରୋଧ କରିପାରିବେ ନାହିଁ କହିବା ସହିତ ଏ ସମ୍ପର୍କରେ ଜିଲ୍ଲାପାଳଙ୍କ ସହିତ କଥା ହୋଇ ତୁରନ୍ତ ପଦକ୍ଷେପ ନେବେ ବୋଲି କହିଥିଲେ। ତହସିଲଦାରଙ୍କ ଏହି ଆଲୋଚନା ସମୟରେ ଚାଷୀଙ୍କ ପକ୍ଷରୁ ସୁଦର୍ଶନ ନାୟକ, ଲକ୍ଷ୍ମଣ ଦାଶ, କ୍ଷିତିଶ ଦାଶ, ସରୋଜ କୁମାର ଦାଶ, ତ୍ରିଲୋଚନ ପଣ୍ଡା, ପ୍ରଭାକର ମଲ୍ଲିକ, ନରେନ୍ଦ୍ର ସାହୁ, ଗୋଲଖ ନାୟକ, ଅଶୋକ ଦାଶ, ତ୍ରିଲୋଚନ ନାୟକ, ଟୁଲିଆ ନାୟକ, ଅଜିତ ଓଝା, ତ୍ରିଲୋଚନ ସାହୁ, ବିଜୟ କୁମାର ଦାଶ, ମିକୁ ନାୟକ ଓ ବାବୁ ଦାଶ ପ୍ରମୁଖ ଉପସ୍ଥିତ ରହି ଯଥାଶୀଘ୍ର ଚାଷ ଜମି ବୁଡି ରହିଥିବା ପାଣି ଯିବାର ବ୍ୟବସ୍ଥା କରିବାକୁ ନିବେଦନ କରିଥିଲେ। ଯଦି ଏହି ଚାଷ ସମୟରେ ପାଣି ହଂସୁଆ ନଦୀ କୁ ଯିବାର ସୁ ବ୍ୟବସ୍ଥା କରାନଯାଏ ତେବେ ତିନି ପଞ୍ଚାୟତ ଚାଷୀ ଏକତ୍ର ହୋଇ ରାଜରାସ୍ତାକୁ ଓଲହାଇବେବୋଲି ଗଣମାଧ୍ୟମ ଆଗରେ ପ୍ରକାଶ କରିଛନ୍ତି।

## ବ୍ରାଉନସୁଗର ଜବତ

ପାରାଦୀପ, ୨୬।୭ (ସମିସ): ପାରାଦୀପ ଲକଥାନା ଅଧୀନ ବିଶ୍ୱାଳି ଓଭରବ୍ରିଜ ନିକଟରୁ ଆଜି ସନ୍ଧ୍ୟାରେ ଜଣେ ବ୍ରାଉନସୁଗର ବେପାରୀକୁ ପୁଲିସ ଗିରଫ କରିଛି। ଗିରଫ ବ୍ୟବସାୟୀ ହେଲେ ବିଶ୍ୱାଳି ଗ୍ରାମର ରାଜକିଶୋର ପାଣି। ତା' ନିକଟରୁ ୧୧.୩୪ ଗ୍ରାମର ବ୍ରାଉନସୁଗର ସହ ଏକ ମୋବାଇଲ ଫୋନ ଜବତ କରାଯାଇଛି। ଆସନ୍ତାକାଲି ତାକୁ କୋର୍ଟଚାଲାଣ କରାଯିବ। ଏନେଇ ଥାନାରେ ଏକ ମାମଲା ରୁଜୁ କରାଯାଇଛି।

# ବାରହା ଆକ୍ରମଣରେ ମହିଳା ମୃତ, ୧୦ରୁ ଊର୍ଦ୍ଧ୍ୱ ଆହତ






ଢେଙ୍କାନାଳ,୨୬ ।୭ (ସମିସ)

ଢେଙ୍କାନାଳ ବନାଞ୍ଚଳ ଓଡ଼ାପଡ଼ା ବ୍ଲକ ଗଦାଶିଳା ଫରେଷ୍ଟ ରେଞ୍ଜ ଇନ୍ଦିପୁର ଗ୍ରାମରେ ବାରହା ଆକ୍ରମଣରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଥିବା ବେଳେ ୧୦ରୁ ଊର୍ଦ୍ଧ୍ୱ ଆହତ ହୋଇ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଛନ୍ତି । ମୃତକ ହେଲେ ଗ୍ରାମର ଡମ୍ବରୁଧର ନାଏକଙ୍କ ସ୍ତ୍ରୀ ବଚନ ନାଏକ (୬୪) । ସେହିପରି ଗ୍ରାମର ଅଧି ନାଏକ, ରଞ୍ଜନ ନାଏକ (୫୪), ମମତା ନାଏକ (୩୯), ଅଧିକାରୀ ନାଏକ(୬୫), ବିରଞ୍ଚି ବେହେରା (୬୫), ବେଣୁଧର ବେହେରା (୬୧), ତାଙ୍କ ପୁଅ ରାକେଶ ବେହେରା (୪୫) ପ୍ରମୁଖ ଗୁରୁତର ଆହତ ହୋଇଛନ୍ତି । ଏହି ଘଟଣାକୁ ନେଇ ଗ୍ରାମରେ କୋକୁଆ ଭୟ ସୃଷ୍ଟି ହୋଇଛି । ବନ ବିଭାଗ ପକ୍ଷରୁ ବାରହାକୁ କାବୁ କରିବାକୁ ପ୍ରୟାସ ଜାରି ରହିଥିବା ବେଳେ ଗ୍ରାମାବାସୀ ଟାଟିକବାଟ ବନ୍ଦ ରଖିଛନ୍ତି ।

ରବିବାର ଭୋର ୫ଟାରେ ଇନ୍ଦିପୁର ଗ୍ରାମ ତଳନୂଆ ସାହି ହରିଜନ ସାହିରେ ଏକ ବାରହା ପଶିଯାଇଥିଲା । ବାରହା ପ୍ରଥମେ ବାହାରେ ବନ୍ଧା ହୋଇଥିବା ଏକ ଗାଇକୁ ଆକ୍ରମଣ କରିଥିଲା । ଗାଇଟି ରଡ଼ି କରିବାରୁ ବଚନ ନାଏକ ବାହାରକୁ ଆସି ଚିତ୍କାର କରି ସମସ୍ତଙ୍କୁ ଡାକିଥିଲେ । ଏହି ସମୟରେ ବାରହା ବଚନଙ୍କୁ ଆକ୍ରମଣ କରି ତାଙ୍କ ଅନ୍ତବୁଜୁଳା ବାହାର କରିଦେଇଥିଲା । ସେହିପରି ନିକଟରେ ଥିବା ଅଧି ନାଏକଙ୍କୁ ଆକ୍ରମଣ କରିବା ସହ ତାଙ୍କ ଜଙ୍ଘକୁ କାମୁଡ଼ି ମାଂସ ଛିଣ୍ଡାଇ ଦେଇଥିଲା । ଏଥିସହ ତାଙ୍କ ହାତ ଓ ମୁଣ୍ଡକୁ କାମୁଡ଼ି ଗଭୀର କ୍ଷତ କରିଛି । ପରେ ରଞ୍ଜନ ନାଏକ, ମମତା ନାଏକଙ୍କ ଗୋଡ଼କୁ ଆକ୍ରମଣ କରି ରକ୍ତାକ୍ତ କରିଦେଇଥିଲା । ପୁଣି ଅଧିକାରୀ ନାଏକ, ବିରଞ୍ଚି ବେହେରା, ବେଣୁଧର ବେହେରା, ରାକେଶ ବେହେରାଙ୍କ ହାତ ପାପୁଲି, ଜଙ୍ଘ, ଅଣ୍ଟା ଓ ମୁଣ୍ଡକୁ କାମୁଡ଼ି ରକ୍ତାକ୍ତ କରିଥିଲା । ବଚନ ନାଏକଙ୍କୁ ଅତ୍ୟନ୍ତ ସଙ୍କଟାପନ୍ନ ଅବସ୍ଥାରେ କଟକ ଏସ୍‌ସିବି ମେଡିକାଲ ସ୍ଥାନାନ୍ତର କରାଯାଇଥିଲା । ସେଠାରେ ତାଙ୍କ ମୃତ୍ୟୁ ହୋଇଛି । ଅନ୍ୟମାନଙ୍କୁ ଢେଙ୍କାନାଳ ଜିଲ୍ଲା ମୁଖ୍ୟ ଡାକ୍ତରଖାନାରେ ଚିକିତ୍ସା କରାଯାଉଛି । ମୃତାହତଙ୍କ ପରିବାରକୁ କ୍ଷତିପୂରଣ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି । ନଚେତ ସେମାନେ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି ।

ଏ ସମ୍ପର୍କରେ ବନଖଣ୍ଡ ଅଧିକାରୀଙ୍କୁ ପଚାରିବାରେ ସେ କୁହନ୍ତି, ବନ କର୍ମଚାରୀ ସେହି ଅଞ୍ଚଳରେ ହାତୀ ଓ ବାରହା ଉପରେ ନଜର ରଖିଛନ୍ତି । ପାଟ୍ରୋଲିଂ ମଧ୍ୟ ଜାରି ରହିଛି । ବାରହା ନିକଟସ୍ଥ ଜଙ୍ଗଲରେ ରହିଛି । ଦରକାର ପଡ଼ିଲେ ବାରହାକୁ ଟ୍ରାଙ୍କୁଲାଇଜ କରାଯିବ । ଇନ୍ଦିପୁର ପରେ ବାରହା ଡେଙ୍ଗବୋରେଇ ଓ କାଣ୍ଡବିନ୍ଧା ଗ୍ରାମରେ ପଶିଥିବା ଦେଖିବାକୁ ମିଳିଛି । ଗ୍ରାମଟି ଜଙ୍ଗଲ ନିକଟରେ ଥିବାରୁ ବହୁ ସଂଖ୍ୟକ ବାରହା ଏବେ ପଲପଲ ହୋଇ ନିକଟସ୍ଥ ଅଞ୍ଚଳକୁ ଆସୁଛନ୍ତି । ଏ ଦିଗରେ ବନବିଭାଗ ପଦକ୍ଷେପ ନେବା ସହ ବାରହାକୁ କାବୁ କରିବାରୁ ଗ୍ରାମବାସୀ ଦାବି କରିଛନ୍ତି । ଏହି ଅଞ୍ଚଳରେ ହାତୀ ପରେ ଏବେ ବାରହା ଆକ୍ରମଣ ଦେଖିବାକୁ ମିଳିଛି । ବାରହା ଭୟରେ ଗ୍ରାମବାସୀ ଏକାଠି ହୋଇ ଜଗି ରହିଥିବା ବେଳେ ବନବିଭାଗ ମଧ୍ୟ ସଜାଗ ରହିଛି ।

## ଘରୋଇ ସ୍କୁଲରେ ପିତାମାତା ଦିବସ ପାଳିତ

**ଢେଙ୍କାନାଳ,୨୬ ।୭ (ସମିସ):** ସ୍ଥାନୀୟ ସତ୍ୟମ ଇଣ୍ଟରନ୍ୟାସନାଲ ସ୍କୁଲ ପକ୍ଷରୁ ରବିବାର 'ପିତାମାତା ଦିବସ' ଆଡ଼ମ୍ବରପୂର୍ଣ୍ଣ ଭାବେ ପାଳିତ ହୋଇଯାଇଛି । ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଗତିକୃଷ୍ଣ ରାଉତ କାର୍ଯ୍ୟକ୍ରମର ଉଦଘାଟନ କରିଥିଲେ । ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜିଲ୍ଲା ବିଜ୍ଞାନ ଅଧିକାରୀ ମଥୁରୀ ମୋହନ ରାଉତ କହିଥିଲେ ଯେ, "ପିତାମାତାଙ୍କ ତ୍ୟାଗ, ପରିଶ୍ରମ ଓ ସଂସ୍କାର ହିଁ ସନ୍ତାନଙ୍କ ଉଜ୍ଜ୍ୱଳ ଭବିଷ୍ୟତର ମୂଳଦୁଆ ।" ସେ ପିତାମାତାଙ୍କୁ ସନ୍ତାନମାନଙ୍କ ସର୍ବାଙ୍ଗୀଣ ବିକାଶରେ ସକ୍ରିୟ ସହଯୋଗ ପାଇଁ ଆହ୍ୱାନ ଜଣାଇଥିଲେ । ଏହି ଅବସରରେ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ନୃତ୍ୟ, ସଙ୍ଗୀତ, ଶ୍ଳୋକ ଆବୃତି, ନାଟକ, ଏକାଙ୍କିକା ଓ ବିଭିନ୍ନ କଳାତ୍ମକ ପରିବେଷଣ ମାଧ୍ୟମରେ ଉପସ୍ଥିତ ଦର୍ଶକ ଓ ଅଭିଭାବକଙ୍କ ମନମୋହି ନେଇଥିଲେ । ପିତାମାତା ଓ ଅଭିଭାବକମାନଙ୍କ ପାଇଁ କୁଇଜ୍ ପ୍ରତିଯୋଗିତା, କ୍ରୀଡ଼ା, ସାଧାରଣ ଜ୍ଞାନ ପରୀକ୍ଷା ଏବଂ ଅନ୍ୟାନ୍ୟ ମନୋରଞ୍ଜନଧର୍ମୀ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ବିଦ୍ୟାଳୟର ଶିକ୍ଷକ-ଶିକ୍ଷୟିତ୍ରୀମାନଙ୍କ ତତ୍ତ୍ୱାବଧାନରେ ଛାତ୍ରଛାତ୍ରୀମାନେ ସୁନ୍ଦର ଭାବେ ନିଜ ଦକ୍ଷତାର ପ୍ରଦର୍ଶନ କରିଥିଲେ । ଏଭଳି ସୃଜନଶୀଳ, ଶିକ୍ଷଣୀୟ ଓ ଅଭିନବ ଆୟୋଜନ ପାଇଁ ବିଦ୍ୟାଳୟର ପ୍ରଧାନଶିକ୍ଷକ ଗତିକୃଷ୍ଣ ରାଉତ ଓ ସମଗ୍ର ଶିକ୍ଷକମଣ୍ଡଳୀଙ୍କୁ ବିଭିନ୍ନ ମହଲରୁ ପ୍ରଶଂସା କରାଯାଇଛି । ସ୍କୁଲ ତରଫରୁ ଉତ୍ସର୍ଗୀକୃତ ଅବଦାନ ପାଇଁ ଶ୍ରେଷ୍ଠ ଅଭିଭାବକ ହିସାବରେ ଅନିଲ କୁମାର ଏବଂ ଜୟନ୍ତୀ ଦେବତା ଙ୍କୁ ସତ୍ୟମ ସ୍କୁଲ ତରଫରୁ ସମ୍ମାନିତ କରାଯାଇଥିଲା ।

## ଭୁବନରେ ମହାପ୍ରଭୁଙ୍କ ସୁନାବେଶ



**ଭୁବନ,୨୬ ।୭ (ସମିସ):** ଭୂବନରେ ତୃତୀୟା ଜୀଉଙ୍କ ସୁନାବେଶ ଶ୍ରଦ୍ଧା ଭକ୍ତି ଓ ଆନନ୍ଦ ଉଲ୍ଲାସ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି । ସଂକୀର୍ତନ ମଣ୍ଡଳୀ, ଘଣ୍ଟୁଆ ଓ ଶହ ଶହ ଶ୍ରଦ୍ଧାଳୁ ଭକ୍ତ ଯୋଗଦେଇଥିଲେ । । ସନ୍ଧ୍ୟା ୬ ଘଟିକା ସମୟରେ ଜଗନ୍ନାଥ ମନ୍ଦିରରେ ପରିସରରେ ଆରମ୍ଭ ହୋଇଯାଇଛି ।ଏହି ଉପଲକ୍ଷେ ଭୁବନେଶ୍ୱରୁ ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ଓଡ଼ିଶା ସରକାରଙ୍କ ସାହାଯ୍ୟ ସହଯୋଗ କ୍ରମେ ପ୍ରଭୁ ଭଜନ ଦରବାରରେ ଅନୁଷ୍ଠିତ ହୋଇଯାଇଛି । ସୁନାବେଶ ଦେଖିବାକୁ ଆଖପାଖ ବହୁ ଭକ୍ତ ଉଉପସ୍ଥିତଥିଲେମନ୍ଦିର ପରିଚାଳନା କମିଟି ସଭାପତି ସମେତ ସମସ୍ତ ଶୁଭେନ୍ଦୁ କୁମାର ସାହୁ କର୍ମକର୍ତା, ସେବାୟତ, ମାତୃ ମଣ୍ଡଳୀ, ସଙ୍କୀର୍ତନ ମଣ୍ଡଳୀ, ଭୁବନ ଥାନା ଆରକ୍ଷୀ ନିରୀକ୍ଷକ ରେଣୁବାଳା ସାହୁଙ୍କ ତତ୍ତ୍ୱାବଧାନରେ ପୁଲିସ କର୍ମଚାରୀ ଏହି ପବିତ୍ର ସୁନାବେଶରେ ସାମିଲ ହୋଇ କର୍ତବ୍ୟ ସମ୍ପାଦନ କରିଥିଲେ ।

## ପୋଖରୀରେ ବୁଡ଼ି ଯୁବକ ମୃତ

**କାମାକ୍ଷାନଗର,୨୬ ।୭ (ସମିସ):** ତୁମୁସିଂହା ଥାନା ଜକା ଗ୍ରାମରେ ପୋଖରୀରେ ବୁଡ଼ି ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି । ମୃତକ ହେଲେ ସେହି ଗାଁର ଗୌରାଙ୍ଗ ଦେହୁରୀ (୪୫) । ଗୌରାଙ୍ଗ ବିଲକୁ କାମ କରିବାକୁ ଯାଇ ପୋଖରୀରେ ଗାଧୋଉଥିବା ବେଳେ ଗୋଡ଼ଖସି ଯିବାରୁ ବୁଡ଼ିଯାଇଥିଲେ । ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି କାମାକ୍ଷାନଗର ମେଡିକାଲରେ ଭର୍ତ୍ତି କରିଥିଲେ । ତେବେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଛନ୍ତି ।

## ସମସ୍ୟା ଭିତରେ ଧନିଆନାଳି କମାରଶାଳ

**ଗଁଦିଆ,୨୬ ।୭ (ସମିସ):** ଢେଙ୍କାନାଳ ଜିଲ୍ଲା ଗଁଦିଆ ବ୍ଲକର ମଠତେନ୍ତୁଳିଆ ପଞ୍ଚାୟତର ଧନିଆନାଳୀ କମାରଶାଳ ସମସ୍ୟା ଭିତରେ ଗତି କରୁଛି । ଗ୍ରାମର ବ୍ରହ୍ମା କମାର, ରୀନା କମାର ନିତିଦିନ ଲୁହାରେ ଶାବଳ, କଟୁରି, ଦାଆ, ଟାଙ୍ଗିଆ, କୋଡ଼ି ଆଦି ତିଆରି କରନ୍ତି । ପ୍ରତ୍ୟେକ ଦିନ ସକାଳୁ ସନ୍ଧ୍ୟା ପର୍ଯ୍ୟନ୍ତ ପଲିଥିନ ପକାଇଥିବା କମାରଶାଳରେ କାମ କରି ପରିବାର ପ୍ରତିପୋଷଣ କରନ୍ତି । ଦୁଇ ଝିଅ ଡମଶାଳରେ ଥିବା



ଆଶ୍ରମ ବିଦ୍ୟାଳୟରେ ପାଠ ପଢୁଥିବା ବେଳେ ପୁଅକୁ ବାଲେଶ୍ୱରର ଏକ ଇଞ୍ଜିନିୟରିଂ କଲେଜରେ ଡିପ୍ଲୋମା ପଢ଼ାଉଛନ୍ତି । ତେବେ ହାତତିଆରି ସରଞ୍ଜାମ ଆଗ ଭଳି ବିକ୍ରି ହୋଇ ପାରୁନାହିଁ । ଫଳରେ ଚଳିବାରେ ଅସୁବିଧା ହେଉଛି । ବର୍ଷାଦିନେ ବର୍ଷା ଯୋଗୁଁ ଭଲ ଭାବରେ କାମ କରିପାରୁନାହାନ୍ତି । ଏଣୁ କମାରଶାଳ ନିର୍ମାଣ ପାଇଁ ସରକାରୀ ସହାୟତା ମିଳିଲେ ସେମାନଙ୍କ ଜୀବିକା ଚାଲିପାରିବ ବୋଲି ପ୍ରକାଶ କରିଛନ୍ତି ।

## ରାସ୍ତା ଉପରେ ପଡ଼ିଲା ଗଛ; ଯାତାୟାତ ବାଧାପ୍ରାପ୍ତ



**ଗଁଦିଆ,୨୬ ।୭ (ସମିସ):** ଗଁଦିଆ ବ୍ଲକର ମଧ୍ୟ ସ୍ଥଳ ଦେଇ ଢେଙ୍କାନାଳ ସଦର ମହକୁମା ଠାରୁ ଷଡ଼ଙ୍ଗୀ ଛକ ଦେଇ ଯାଜପୁର ଜିଲ୍ଲାର ଚଡେଇଧରା ଛକକୁ ସଂଯୋଗ କରୁଥିବା ମୁଖ୍ୟ ରାସ୍ତା ଉପରେ ଲଗାଣ ବର୍ଷାରେ କାଶୀପୁର ଗ୍ରାମ ପଞ୍ଚାୟତର ନବକାଶୀପୁର ଠାରେ ରାସ୍ତା କଡରେ ଥିବା ଏକ ବହୁତ ଦିନର ଶୁଖିଲା ବର ଗଛ ମୂଳରୁ ଉପୁଡି ପଡି ରାସ୍ତା ଉପରେ ସମ୍ପୂର୍ଣ ଭାବରେ ପଡିଯିବା ଦ୍ୱାରା ଦୀର୍ଘ ସମୟ ଧରୀ ଯାନବାହାନ ଚଳା ଚଳ କ୍ଷେତ୍ରରେ ବାଧା ଉପୁଜିଥିଲା ଓ ଯାଅ ଆସ ସମ୍ପୂର୍ଣ ବନ୍ଦ ହୋଇଯାଥିଲା ଖବର ପାଇ ଗଁଦିଆ ଅଗ୍ନିଶମ ବାହିନୀର ଭାରପ୍ରାପ୍ତ ଅଧିକାରୀ ଦିଲୀପ କୁମାର ସାହୁଙ୍କ ନେତୃତ୍ୱରେ କାର୍ଯ୍ୟରତ କର୍ମଚାରୀ ରାଜକିଶୋର ସାହୁ, ଦେବଦତ ଦାସ, ମନୋଜ କୁମାର ସିଂହ ଓ ରାକେଶ କୁମାର ପଣ୍ଡା ୫ଘଣ୍ଟା ଧରୀ ଅକ୍ଳାନ୍ତ ପରିଶ୍ରମ କରି ଉକ୍ତ ଗଛକୁ ରାସ୍ତା ଉପରୁ ହଟାଇବା ସହିତ ରାସ୍ତାକୁ ସଫା କରିଥିଲେ ଓ ଏହାପରେ ଉକ୍ତ ରାସ୍ତା ଉପରେ ଯାତାୟତ ସ୍ୱାଭାବିକ ହୋଇଥିଲା ।

## ଭୁବନ ଶିଶୁ ମନ୍ଦିର ପକ୍ଷରୁ ଜ୍ଞାନବିଜ୍ଞାନ ମେଳା

**ଭୁବନ,୨୬ ।୭ (ସମିସ):** ଭୁବନ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପକ୍ଷରୁ ବିଦ୍ୟାଳୟ ସ୍ତରୀୟ ଜ୍ଞାନବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି । ଏହି ମେଳା ଦ୍ୱାରା ପ୍ରଥମ ଶ୍ରେଣୀରୁ ଅଷ୍ଟମ ଛାତ୍ରଛାତ୍ରୀଙ୍କୁ ମିଳୁଥିବା ବିଶେଷ ଜ୍ଞାନ ଦ୍ୱାରା ସେମାନଙ୍କର ବୌଦ୍ଧିକ କ୍ଷେତ୍ରରେ ବିକାଶ ହୋଇଥିବା ବେଳେ ବିଦ୍ୟାଳୟର କୁନିକୁନି ବୈଜ୍ଞାନିକ ମାନେ ବିଭିର୍ଣ୍ଣ ପ୍ରକଳ୍ପ ପ୍ରଦର୍ଶନ କରିଛନ୍ତି । ତେବେ



ବିଦ୍ୟାଳୟ ସ୍ତରୀୟ ଏହି ପ୍ରତିଯୋଗିତାରେ ଉନ୍ନତି କରିଥିବା ଛାତ୍ରଛାତ୍ରୀ ମାନେ ପରେ ସଂକୁଳ, ସଂଭାଗ ଓ ରାଜ୍ୟ ସ୍ତରରେ ଭାଗନେବେ ବୋଲି ବିଦ୍ୟାଳୟ ପକ୍ଷରୁ ପ୍ରକାଶ ପାଇଛି । ପ୍ରଧାନ ଆଚାର୍ଯ୍ୟ, ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ଭୁବନ ସନ୍ତୋଷ କୁମାର ସାହୁ ସମେତ ସମସ୍ତେ ଗୁରୁଜୀ ଓ ଗୁରୁମା ସହଯୋଗ କରିଥିଲେ ।

## ସୁନାବେଶ ଦର୍ଶନ କଲେ ଦିବ୍ୟାଙ୍ଗ ଓ ବରିଷ୍ଠ ନାଗରିକ



**ଢେଙ୍କାନାଳ,୨୬ ।୭ (ସମିସ):** ବାହୁଡା ଯାତ୍ରାର ସୁନାବେଶ ଦର୍ଶନ କଲେ କୋଟି ଜନ୍ମର ପୁଣ୍ୟଫଳ ମିଳିଥାଏ ବୋଲି କଥା ରହିଅଛି । ଏହି ଦୁର୍ଲଭ ସୁନାବେଶ ଦେଖିବା ପାଇଁ ତମାମ ଅପେକ୍ଷାରେ ଥାନ୍ତି ଶ୍ରଦ୍ଧାଳୁ ଓ ଭକ୍ତମାନେ । ସୁନାବେଶ ଦିନ ବହୁ ସଂଖ୍ୟାରେ ଶ୍ରଦ୍ଧାଳୁ ଓ ଭକ୍ତଙ୍କ ସମାଗମକୁ ଦୃଷ୍ଟିରେ ରଖି ଜିଲ୍ଲା ପ୍ରଶାସନ ଓ ପୁଲିସ୍ ପ୍ରଶାସନ ପକ୍ଷରୁ ଗଣେଶ ବଜାର ଛକ ଓ ଏଏନ୍‌ଏମ ଟ୍ରେନିଂ ସେଣ୍ଟର ଛକ ଠାରୁ ରଥ ପର୍ଯ୍ୟନ୍ତ ଯାନବାହାନ ଚଳାଚଳ ନିଷେଧ କରାଯାଏ । ଯାହାଫଳରେ ଦିବ୍ୟାଙ୍ଗ ଓ ବରିଷ୍ଠ ନାଗରିକମାନେ ଚାଲି ଚାଲି ସୁନାବେଶ ଦର୍ଶନ କରିପାରନ୍ତି ନାହିଁ । ଏହାକୁ ଦୃଷ୍ଟିରେ ରଖି ସ୍ୱେଚ୍ଛାସେବୀ ଅନୁଷ୍ଠାନ ବଜରଙ୍ଗ କ୍ଲବ ପକ୍ଷରୁ ଦିବ୍ୟାଙ୍ଗ ଓ ବରିଷ୍ଠ ନାଗରିକମାନେ କିଭଳି ମହାପ୍ରଭୁଙ୍କ ସୁନାବେଶ ଦର୍ଶନ କରିପାରିବେ ଏଥି ନିମନ୍ତେ ଏଏନ୍‌ଏମ ଟ୍ରେନିଂ ସେଣ୍ଟର ଛକ ଠାରୁ ରଥ ପର୍ଯ୍ୟନ୍ତ ଦୁଇ ଗୋଟି ବ୍ୟାଟେରୀ ଚାଳିତ ଗାଡ଼ିର ବ୍ୟବସ୍ଥା ଏବଂ ରଥ ନିକଟରେ ହ୍ୱିଲ୍ ଚେୟାରର ବ୍ୟବସ୍ଥା କରାଯାଇଥିଲା । କ୍ଲବର ସ୍ୱେଚ୍ଛାସେବୀମାନେ ଦିବ୍ୟାଙ୍ଗ ଓ ବରିଷ୍ଠ ନାଗରିକ ମାନଙ୍କୁ ନେଇ ଶୃଙ୍ଖଳିତ ଭାବେ ସୁନାବେଶ ଦର୍ଶନ କରାଇବା ସହ ପ୍ରତ୍ୟାବର୍ତନ କରିବାରେ ସହଯୋଗ କରିଥିଲେ । ଏହି କାର୍ଯ୍ୟକ୍ରମରେ ସହ ସହ ସଂଖ୍ୟାରେ ଶ୍ରଦ୍ଧାଳୁ, ଦିବ୍ୟାଙ୍ଗ ଓ ବରିଷ୍ଠ ନାଗରିକ ସୁନାବେଶ ଦର୍ଶନ କରି, ଆତ୍ମସନ୍ତୋଷ ଲାଭ କରିଥିଲେ । ଏହି କାର୍ଯ୍ୟକ୍ରମରେରେ ବଜରଙ୍ଗ କ୍ଲବର ସଦସ୍ୟ ବବୁଲ୍ ଦାସ, ଜ୍ୟୋତିପ୍ରକାଶ ବେହେରା, ଦୀପ୍ତିରଞ୍ଜନ ମିଶ୍ର, କିର୍ତୀ ପ୍ରଧାନ, ଅମିତ, ସନ୍ତୋଷ ପରିଡ଼ା, ମୋହିତ, ଦେବ ନାୟକ, ବ୍ରହ୍ମାନଂଦ ପଣ୍ଡା, ମୁନା, ଟାଟୁଲ ବ୍ରହ୍ମ, ବାବୁନା ଦାସ, ରାଘବେନ୍ଦ୍ର ଏବଂ ମହିଳା ଶାଖାର ସଦସ୍ୟା ନେହା, ଶୁଭଶ୍ରୀ ଦାସ, ମାତୃଶକ୍ତି ରଣା, ସସ୍ମିତା ମାଝୀ, ନୀତା ପଣ୍ଡା ଏବଂ ସମୀକ୍ଷା ଦାଶ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ବଜରଙ୍ଗ କ୍ଲବ ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମକୁ ଢେଙ୍କାନାଳର ଜନସାଧାରଣଙ୍କ ପକ୍ଷରୁ ପ୍ରଶଂସା କରାଯାଇଛି ।

## ଲଗାଣ ବର୍ଷାରେ ଭାଙ୍ଗିଲା ପୋଲ

**ଗଁଦିଆ,୨୬ ।୭ (ସମିସ):** ଢେଙ୍କାନାଳ ଜିଲ୍ଲା ସଦର ମହକୁମାରୁ ଗଁଦିଆ ବ୍ଲକକୁ ସଂଯୋଗ କରୁଥିବା ମୁଖ୍ୟ ରାସ୍ତାରେ ବଣିଆପଡ଼ା ଛକରେ ଥିବା ପୋଲର କିଛି ଅଂଶ ଲଗାଣ ବର୍ଷାରେ ଧୋଇଯିବା ଦ୍ୱାରା ଯାତାୟାତ ବାଧାପ୍ରାପ୍ତ ହେଉଛି । ପୂର୍ତ୍ତ ବିଭାଗ ଦ୍ୱାରା ଉକ୍ତ ରାସ୍ତାଟିର ନବୀକରଣ କାର୍ଯ୍ୟ ହୋଇଥିଲେ ସୁଦ୍ଧା ଉକ୍ତ ପୁରୁଣା ପୋଲର ନବୀକରଣ ନ ହେବା ଫଳରେ ବର୍ଷା ବେଳେ ଗୁଣ୍ଡୁରାପସୀ ପ୍ରୋଜେକ୍ଟ ଓ ଜଙ୍ଗଲ ପାଣି ପ୍ରବଳ ମାତ୍ରାରେ ମାଡ଼ିଆସିବା ଦ୍ୱାରା ପୋଲ ଭାଙ୍ଗିଯାଇଛି । ଉକ୍ତ ଛକ ଏକ ଜନଗହଳି ପୂର୍ଣ୍ଣ ସ୍ଥାନ ହୋଇଥିବାରୁ ଅନେକ ସମୟରେ ଛୋଟ ବଡ଼ ଦୁର୍ଘଟଣା ଘଟୁଛି । ୩ଦିନ ତଳେ ଗଁଦିଆ ତହସିଲ କାର୍ଯ୍ୟାଳୟର ଜଣେ କର୍ମଚାରୀ ସନ୍ଧ୍ୟାରେ ବାଇକରେ ଆସୁଥିବା ସମୟରେ ଏହି ପୋଲଠାରେ ଦୁର୍ଘଟଣାର ଶିକାର ହୋଇଥିଲେ । ତାଙ୍କ ବାମ ଗୋଡ଼ରେ ଆଘାତ ଲାଗି ଦୁଇ ଜାଗାରୁ ଭାଙ୍ଗିଯାଇଛି । ଏଥିସହ ଅନେକ ବ୍ୟକ୍ତି ମଧ୍ୟ ଏଠାରେ ଦୁର୍ଘଟଣାର ଶିକାର ହୋଇ ଖଣ୍ଡିଆଖାବର ହେଉଥିବା ଦେଖିବାକୁ ମିଳୁଛି । ଉକ୍ତ ପୋଲକୁ ସଫା କରି ଜମି ରହିଥିବା ବର୍ଷା ପାଣିକୁ ନିଷ୍କାସନ କରିବା ସହ ଜନସାଧାରଣଙ୍କ ଯାତାୟାତ ପାଇଁ ତୁରନ୍ତ ଅସ୍ଥାୟୀ ବ୍ୟବସ୍ଥା ଓ ପୋଲ ନିର୍ମାଣ କରିବାସୁ ସଧାରଣରେ ଦାବି ହେଉଛି ।



## ଦେଓଗାଁରେ ଭଜନ ସନ୍ଧ୍ୟା କାର୍ଯ୍ୟକ୍ରମ



**ଗଁଦିଆ,୨୬ ।୭ (ସମିସ):** ପବିତ୍ର ବାହୁଡା ଏକାଦଶୀ ଓ ସୁନାବେଶ ଉପଲକ୍ଷେ କପିଳାସ ଦେଓଗାଁ ଶ୍ରୀ ଶ୍ରୀ ବଳଦେବଜୀଉ ଭଜନ କମିଟି ଦ୍ୱାରା ଆୟୋଜିତ ଭଜନ ସମାରୋହ ବହୁ ଆଡମ୍ବରରେ ଅନୁଷ୍ଠିତ ହେଇଯାଇଛି । ଏହି କାର୍ଯ୍ୟକ୍ରମରେ ଓଡ଼ିଶାର ସୁନାମ ଧନ୍ୟ କଣ୍ଠଶିଳ୍ପୀ, ବସନ୍ତ ଶତପଥୀ, ବାଦଲ କୁମାର ଆଚାର୍ଯ୍ୟ, ମାନସୀ ପାତ୍ର, ସନତ୍ ପାଣିଗ୍ରହୀ, ଅଶୋକ କୁମାରଙ୍କୁ ନେଇ ଭଜନ ପରିବେଷଣ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଢେଙ୍କାନାଳର ପୂର୍ବତନ ବିଧାୟକ ସୁଧୀର ସାମଲ, ଢେଙ୍କାନାଳ ଜିଲ୍ଲା ପରିଷଦ ଅଧକ୍ଷା ଅର୍ଚ୍ଚନାପୁହାଣ, ଏବଂ ଦେଓଗାଁ ସରପଞ୍ଚ ବିଜୟ କୁମାର ଦେହୁରୀ ପ୍ରଥମେ ମଞ୍ଚ ଉପରେ ମହାପ୍ରଭୁଙ୍କ ପାଖରେ ପ୍ରଦୀପ ପ୍ରଜ୍ୱଳନ କରିବା ପରେ ଶ୍ରୀ ଶ୍ରୀ ବଳଦେବ ଭଜନ କମିଟିର ବରିଷ୍ଠ ସଦସ୍ୟ ଦୁଷ୍ମନ୍ତ ମହାନ୍ତି, ବିଜୟ ବିଜୟ ମହାପାତ୍ର, ଦେବରାଜ ମହାନ୍ତି, ସହଯୋଗୀ ଗୌରହରି ପଣ୍ଡା, ସୁମନ୍ତ ମହାନ୍ତି ଏବଂ ଦେଓଗାଁ ଗ୍ରାମ୍ୟ କମିଟିର ସମ୍ପାଦକ ଗୁରୁଚରଣ ମହାପାତ୍ର, ସମସ୍ତ କଳାକାର ମାନଙ୍କୁ ପୁଷ୍ପଗୁଚ୍ଛ ଓ ଉତରୀୟ ଦେଇ ସମାନ୍ନିତ କରିବା ପରେ କାର୍ଯ୍ୟକ୍ରମକୁ ଆଗେଇନେଇଥିଲେ । ପରିଶେଷରେ ଶ୍ରୀ ଶ୍ରୀ ବଳଦେବଜୀଉ ଭଜନ କମିଟିର ସଦସ୍ୟ ସହଯୋଗରେ ଭଜନ ସମାରୋହ କାର୍ଯ୍ୟକ୍ରମ ବହୁତ ଭଲ ଏବଂ ଶୃଙ୍ଖଳିତ ଭାବରେ ସମାପନ କରାଯାଇଥିଲା ।

## ଅସହାୟ ବୃଦ୍ଧବୃଦ୍ଧାଙ୍କୁ ବସ୍ତ୍ର ପ୍ରଦାନ

**ଗଁଦିଆ,୨୬ ।୭ (ସମିସ):** ଢେଙ୍କାନାଳ ଜିଲା ଗଁଦିଆ ଏନ୍‌ଏସି ଅନ୍ତର୍ଗତ ଗଁଦିଆ ପାଟଣାସ୍ଥିତ ଗିରିଧାରୀ ଆଶ୍ରମରେ ପାଳନ ହେଉଥିବା ବାହୁଡା ଯାତ୍ରାରେ ଅଞ୍ଚଳର ଅସହାୟ, ନିରୀହ ଓ ବୃଦ୍ଧାବୃଦ୍ଧମାନଙ୍କୁ ବସ୍ତ୍ର ବଣ୍ଟନ କରାଯାଇଥିଲା । ଏହି ମହତ୍ କାର୍ଯ୍ୟକ୍ରମରେ ସମାଜ ପ୍ରତି ସେବାଭାବ, ମାନବିକତା ଓ ସହୃଦୟତାର ଏକ ସୁନ୍ଦର ବାର୍ତା ପ୍ରଦାନ କରାଯାଇଥିଲା । ସ୍ୱର୍ଗତ ପଙ୍କଜ ଲୋଚନ ସାହୁଙ୍କ ବଡ଼ ପୁଅ ପଦ୍ମଲୋଚନ ସାହୁ ଓ ତାଙ୍କ ତାଙ୍କ ସ୍ତ୍ରୀ ପୁଷ୍ପାଲତା ସାହୁ, ସାନ ପୁଅ ପ୍ରଭାସ କୁମାର ସାହୁ ଓ ସ୍ତ୍ରୀ ଅମିତା ସାହୁଙ୍କ ସମେତ ସାହୁ ପରିବାରର ସମସ୍ତ ସଦସ୍ୟ ଆଶ୍ରମରେ ପହଞ୍ଚି ବୃଦ୍ଧାବୃଦ୍ଧମାନଙ୍କୁ ବସ୍ତ୍ର ବଣ୍ଟନ କରିଥିଲେ । ସେମାନଙ୍କ ସହ କିଛି ସମୟ ଅତିବାହିତ କରି ସେମାନଙ୍କ ସୁଖଦୁଃଖ ବୁଝିବା ସହ ଆଶୀର୍ବାଦ ଗ୍ରହଣ କରିଥିଲେ । ଏହି ସେବା କାର୍ଯ୍ୟକ୍ରମରେ ଗଁଦିଆ ପାଟଣା ଗ୍ରାମର ବହୁ ଗ୍ରାମବାସୀ ସହଯୋଗକରିଥିଲେ । କାର୍ଯ୍ୟକ୍ରମକୁ ଆଞ୍ଚଳିକ ସେବା ସଂଗଠନର ସଭାପତି ଅଜିତ ପ୍ରସାଦ ରାଉତଙ୍କ ନେତୃତ୍ୱରେ ସଂଗଠନର ସମ୍ପାଦକ ଅଭିମନ୍ୟୁ ଦାସ, କୋଷାଧ୍ୟକ୍ଷ ପ୍ରଭାସ କୁମାର ସାହୁ, ତାପସ କୁମାର ରାଉତ, ବିକାଶ ମିଶ୍ର ଓ ଶତ୍ରୁଘ୍ନ ମିଶ୍ର ପ୍ରମୁଖ ସୁଚାରୁ ଭାବେ ପରିଚାଳନା କରିଥିଲେ । ଏଭଳି ସମାଜସେବାମୂଳକ ପଦକ୍ଷେପକୁ ଅଞ୍ଚଳବାସୀ ପ୍ରଶଂସା କରିଥିବା ବେଳେ ପବିତ୍ର ବାହୁଡା ଯାତ୍ରା ପର୍ବରେ ଅସହାୟ ବୃଦ୍ଧାବୃଦ୍ଧମାନଙ୍କ ମୁହଁରେ ହସ ଫୁଟାଇବାର ଏହି ପ୍ରୟାସ ସମାଜ ପାଇଁ ଏକ ପ୍ରେରଣା ଦାୟକ ଉଦାହରଣ ବୋଲି ମତ ପ୍ରକାଶ ପାଇଛି । ଆଗାମୀ ଦିନରେ ମଧ୍ୟ ଏଭଳି ଜନହିତକର ଓ ସେବାମୂଳକ କାର୍ଯ୍ୟ ନିରନ୍ତର ଜାରି ରଖିବାକୁ ଆହ୍ୱାନ ଦିଆଯାଇଛି ।



## କଂଗ୍ରେସ ପକ୍ଷରୁ ପର୍ଯ୍ୟବେକ୍ଷକ ନିଯୁକ୍ତ

**ଢେଙ୍କାନାଳ,୨୬ ।୭ (ସମିସ):** ଢେଙ୍କାନାଳ ଜିଲ୍ଲାର ପ୍ରଦେଶ କଂଗ୍ରେସ କମିଟି ତରଫରୁ ନୂତନ ପର୍ଯ୍ୟବେକ୍ଷକ ନିଯୁକ୍ତି କରାଯାଇଛି । ପିସିସି ସଭାପତିଙ୍କ ଅନୁମୋଦନ ଅନୁସାରେ ଢେଙ୍କାନାଳ ବିଧାନସଭା କ୍ଷେତ୍ର ପାଇଁ ଜୟନ୍ତ ସାହୁଙ୍କୁ ନିଯୁକ୍ତି ମିଳିଥିବା ବେଳେ ହିନ୍ଦୋଳ ସଂରକ୍ଷିତ ଆସନ ପାଇଁ ସୁରଭି ଦାସ, କାମାକ୍ଷାନଗର ପାଇଁ ପ୍ରିୟବ୍ରତ ଗଡନାୟକ ଏବଂ ପରଜଙ୍ଗ ପାଇଁ ସମସିଦା ତୟାବଙ୍କୁ ନିଯୁକ୍ତି ପ୍ରଦାନ କରାଯାଇଛି । ନୂତନ କର୍ମକର୍ତାଙ୍କୁ ନେଇ କର୍ମୀମାନଙ୍କ ମଧ୍ୟରେ ଉତ୍ସାହ ଦେଖିବାକୁ ମିଳିଛି ।

# ଢେଙ୍କାନାଳ ଜିଲ୍ଲା ସଂଗ୍ରହାଳୟ ଅବହେଳିତ

ଢେଙ୍କାନାଳ,୨୬ ।୭ (ସମିସ)

ଢେଙ୍କାନାଳ ଜିଲ୍ଲା ସଂଗ୍ରହାଳୟ ଏବେ ଅବହେଳିତ ଅବସ୍ଥାରେ ରହିଯାଇଛି । ପ୍ରଚାରପ୍ରସାର ଅଭାବରୁ ଛାତ୍ରଛାତ୍ରୀଙ୍କଠାରୁ ଆରମ୍ଭ କରି ଗବେଷକମାନେ ମଧ୍ୟ ଜିଲ୍ଲାରେ ଏକ ସଂଗ୍ରହାଳୟ ଥିବା ଭଳି ମନେକରୁ ନ ଥିବା ଅନୁଭୂତ ହେଉଛି । ଢେଙ୍କାନାଳ ଜିଲ୍ଲା ସଂଗ୍ରହାଳୟରେ ରାଜାରାଜୁଡ଼ା ଅମଳର ଭଳିକି ଭଳି ଅସ୍ତ୍ରଶସ୍ତ୍ରଠାରୁ ନେଇ ଯୁଦ୍ଧରେ ବ୍ୟବହୃତ ତୋପ, ବାଘ ଚମଡ଼ା, ହରିଣ ମୁଣ୍ଡ ସବୁକିଛି ଶୋଭାପାଉଛି । ଢେଙ୍କାନାଳର ଐତିହ୍ୟ, ଗୌରବମୟ ଇତିହାସ ଓ ପ୍ରାଚୀନ ସଂସ୍କୃତିର ପରିଚାୟକ ଭାବେ ପରିଚିତ ଏହି ସଂଗ୍ରହାଳୟ ଅବହେଳିତ ହୋଇପଡ଼ିଛି । ନା ହେଉଛି ପ୍ରଚାର ପ୍ରସାର ନା ରକ୍ଷଣାବେକ୍ଷଣ । ଜିଲ୍ଲା ସଂସ୍କୃତି ବିଭାଗର ସ୍ଥାଣୁତାରୁ ସଂଗ୍ରହାଳୟ ସମସ୍ତଙ୍କ ଦୃଷ୍ଟି ଆଢୁଆଳରେ ପଡ଼ିରହିଛି । କୌଣସି କାମରେ ଲାଗି ପାରୁନାହିଁ ।

ଭାଗୀରଥିସାଗର କୂଳରେ ଥିବା ଜିଲ୍ଲା ସଂସ୍କୃତି ଭବନ ପରିସରରେ ଜିଲ୍ଲା ସଂଗ୍ରହାଳୟ ରହିଛି । ରାଜ୍ୟ ସଂସ୍କୃତି ବିଭାଗ ଓ ରାଜ୍ୟ ସଂଗ୍ରହାଳୟ ପକ୍ଷରୁ ୨୦୧୭ ମସିହାରେ




ଏହ ଏହାର ନବୀକରଣ କାର୍ଯ୍ୟ କରାଯାଇଥିଲା । ସଂସ୍କୃତି ଭବନର ପ୍ରଥମ ମହଲାରେ ସଂଗ୍ରହାଳୟ ରହିବା ସହ ଉପର ମହଲାରେ ସଂସ୍କୃତି କାର୍ଯ୍ୟାଳୟ ଚାଲିଛି । ଏହି କୋଠା ସମ୍ମୁଖରେ ପୁରୁଣା କାଳର ତୋପ ସ୍ଥାପନ କରାଯାଇଛି । ସଂଗ୍ରହାଳୟରେ ଢେଙ୍କାନାଳର ରାଜା, ରାଣୀଙ୍କ ଫଟୋଚିତ୍ର ରହିବା ସହ ସୈନ୍ୟ ବ୍ୟବହାର କରୁଥିବା ବିଭିନ୍ନ ପ୍ରକାର ଖଣ୍ଡା, ତରୱାଲ, ବର୍ଚ୍ଛ, ଭାଲ, ଢାଲ ଆଦି ଯୁଦ୍ଧାସ୍ତ୍ର ରହିଛି । ବିଭିନ୍ନ ପ୍ରକାର ପାରମ୍ପରିକ ଗହଣା, ଆଦିବାସୀଙ୍କ ପୋଷାକପତ୍ର, ବ୍ୟବହୃତ ସାମଗ୍ରୀ, ପ୍ରାଚୀନ ପଥରରେ ନିର୍ମିତ ସାମଗ୍ରୀ, ପଟ୍ଟଚିତ୍ର, ବାଘର ଚମଡ଼ା, ହରିଣ ସିଙ୍ଗ ଆଦି ସଂଗ୍ରହାଳୟରେ ରଖାଯାଇଛି । ମାତ୍ର ସାମଗ୍ରୀଗୁଡ଼ିକର ନାମ ଓ ସେ ସମ୍ପର୍କିତ ସୂଚନା, ତଥ୍ୟ ଲେଖା ଯାଇନାହିଁ । ଯାହାଫଳରେ ଆସୁଥିବା ପରିଦର୍ଶକ କେବଳ ଦେଖୁଥିବା ବେଳେ କୌଣସି ସୂଚନା ପାଇପାରୁ ନାହାନ୍ତି । ସଂଗ୍ରହାଳୟ ରହିଥିବାର କୌଣସି ସୂଚନା ଫଳକ ଲଗାଯାଇନାହିଁ । କାର୍ଯ୍ୟାଳୟ ଭିତରକୁ ପ୍ରବେଶ କରିବା ପରେ ଛୋଟ ଫଳକଟିଏ ରହିଛି । କାର୍ଯ୍ୟାଳୟ ବାହାରେ ଲୋକଙ୍କୁ ସୂଚନା ଦେବା ଭଳି କୌଣସି ଫଳକ କିମ୍ବା ରହିଥିବା ସାମଗ୍ରୀଗୁଡ଼ିକର ଫଟୋ ଲଗା ଯାଇନାହିଁ । ଯାହାଫଳରେ ସ୍କୁଲ ପିଲା, ପର୍ଯ୍ୟଟକ କିମ୍ବା ସହରବାସୀ ତାହା ଜାଣି ପାରୁନାହାନ୍ତି । ସ୍କୁଲ, କଲେଜ ଛାତ୍ରଛାତ୍ରୀ କିଭଳି ଆସି ବୁଲି ଦେଖିପାରିବେ ସେ ଦିଗରେ ମଧ୍ୟ ସଂସ୍କୃତି ବିଭାଗ କୌଣସି ପଦକ୍ଷେପ ନେଉନାହିଁ । ବିଭାଗୀୟ ଅଧିକାରୀଙ୍କ ଉଦାସୀନତା କରଣରୁ ସଂଗ୍ରହାଳୟ ଏଭଳି ଦୃଷ୍ଟି ଆଢୁଆଳରେ ପଡ଼ିରହିଛି । ଏ ଦିଗରେ ପ୍ରଶାସନ ତରଫରୁ ପଦକ୍ଷେପ ନେବାକୁ ଦାବୀ ହେଉଛି ।

## ଅବସରପ୍ରାପ୍ତ ସୈନିକ ସଂଘ ପକ୍ଷରୁ କାରଗିଲ ବିଜୟ ଦିବସ

**ଢେଙ୍କାନାଳ,୨୬ ।୭ (ସମିସ):** ସ୍ଥାନୀୟ ଦକ୍ଷିଣକାଳୀ ଅଞ୍ଚଳରେ ଅବସ୍ଥିତ ସହିଦ ମିନାରଠାରେ ଜିଲାର ଅବସରପ୍ରାପ୍ତ ସୈନିକ ସଂଘ ପକ୍ଷରୁ ଦିବଂଗତ ଅମର ସହିଦ ଯବାନଙ୍କ ସ୍ମୃତିରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି । ଉକ୍ତ କାର୍ଯ୍ୟକ୍ରମ ପୂର୍ବତନ ସୈନିକ ସଂଘର ଉପସଭାପତି ବିଭୁତି ଭୁଷଣ ନନ୍ଦ ଅଧ୍ୟକ୍ଷତା କରିଥିଲେ । ସଂପାଦକ ସୁବାସ ଚନ୍ଦ୍ର ହୋତା, କୋଷାଧ୍ୟକ୍ଷ ଅଖିଳ କୁମାର ରାଉତ, ଉପଦେଷ୍ଟା ଭ୍ରମରବର ଦଳାଇ ଏବଂ ଶ୍ୟାମସୁନ୍ଦର ରଣାଙ୍କ ସମେତ ୫୦ରୁ ଉର୍ଦ୍ଧ୍ୱ ସଦସ୍ୟ ଯୋଗଦେଇଥିଲେ । କାରଗିଲ ଯୁଦ୍ଧରେ ଅଂଶଗ୍ରହଣ କରିଥିବା ବୀର ଯୋଦ୍ଧା ମାନଙ୍କୁ ଉପସଭାପତି ଶ୍ରୀ ନନ୍ଦ ଏବଂ ଉପଦେଷ୍ଟା ଭ୍ରମର ବର ଦଳାଇଙ୍କୁ ଉତରୀୟ ପ୍ରଦାନ କରି ସମ୍ମାନୀତ କରିଥିଲେ । ସେହି ଯୋଦ୍ଧାମାନେ ହେଲେ ସୁବେଦାର ମେଜର ଘନଶ୍ୟାମ ମହାରଣା, ହାବିଲଦାର ସୁବାସ ଚନ୍ଦ୍ର ହୋତା, କୁମୁଦ ସାହୁ, ଭଜମନ ବେହେରା, ନାଏବ ସୁବେଦାର ସୁଧାକର ସାମଲ, ହାବିଲଦାର ଗିରିଧାରୀ ସାହୁ ଏବଂ କୁମର ମହାରଣା ।

**ମୁଦ୍ରା ବିନିମୟ ମୂଲ୍ୟ**



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)

- ଡଲାର ୯୬.୫୭ • ପାଉଣ୍ଡ ୧୨୯.୭୦
- ୟୁରୋ ୧୧୦.୯୬ • ୟେନ୍ ୦.୫୯

**ସୁନା, ରୁପା ଦର (ଟଙ୍କାରେ)**



୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)

- ସୁନା: ୧,୩୨,୮୫୦ (ଭୁବନେଶ୍ୱର)
- ରୁପା : ୨,୪୦,୦୦୦ (କେଜି)



**ଷ୍ଟକ୍ ମାର୍କେଟ୍**

ବଜାର କାରବାର (ପଏଣ୍ଟରେ)


- ସେନ୍‌ସେକ୍ସ ୭୬,୦୫୯.୦୦
- ନିଫ୍ଟି ୨୩,୭୬୭.୦୦



**ପେଟ୍ରୋଲ-ଡିଜେଲ୍**

ଲିଟର ପିଛା (ଟଙ୍କାରେ)

- ପେଟ୍ରୋଲ୍- ୧୦୯.୧୫ (ଭୁବନେଶ୍ୱର)
- ଡିଜେଲ୍ - ୧୦୦.୮୦



# ଜଙ୍କ୍‌ଫୁଡ୍‌ରେ ଲାଗିବ ସ୍ୱାସ୍ଥ୍ୟ କର

## ସରକାର କରିଛନ୍ତି ସୁପାରିସ ■ ପ୍ରତି ତିନି ଜଣରେ ଜଣେ ଶିଶୁ ଜଙ୍କ୍‌ଫୁଡ୍‌ର ଶିକାର

**ନୂଆଦିଲ୍ଲୀ,୨୬।୭(ଏଜେନ୍ସି):** ଜଙ୍କ ଫୁଡ୍ ଏବଂ ମିଠା ପାନୀୟ ଶିଶୁମାନଙ୍କ ସ୍ୱାସ୍ଥ୍ୟ ପାଇଁ ବିପଦ। ଚିପ୍ସ, ପିଜା, ବର୍ଗର, ଫ୍ରେଞ୍ଚ ଫ୍ରାଏଜ୍, ପ୍ୟାକେଜ୍ ସ୍ନାକ୍ସ, ଥଣ୍ଡା ପାନୀୟ, ମୋମୋ ଏବଂ ମିଠା ପାନୀୟ ଭଳି ଜଙ୍କ ଫୁଡ୍ ଦେଶରେ ପିଲାମାନଙ୍କ ସ୍ୱାସ୍ଥ୍ୟ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ବିପଦ ସୃଷ୍ଟି କରୁଛି। ପରିସ୍ଥିତି ଏପରି ହୋଇଛି ଯେ ବର୍ତ୍ତମାନ ଦେଶରେ ୫-୧୯ ବର୍ଷ ବୟସର ଲକ୍ଷ ଲକ୍ଷ ଶିଶୁ ମେଦବହୁଳତା, ପୂର୍ବ ମଧୁମେହ, ମଧୁମେହ ଏବଂ ଉଚ୍ଚ ରକ୍ତଚାପ ଭଳି ସମସ୍ୟାରେ ପୀଡିତ। ପାଞ୍ଚ ପ୍ରତିଶତ କିଶୋର ଉଚ୍ଚ ରକ୍ତଚାପରେ ପୀଡିତ। ଏହାର ଅର୍ଥ ହେଉଛି ପ୍ରତି ତିନି ଜଣ ଶିଶୁରେ ଜଣେ କୌଣସି ଗମ୍ଭୀର ସ୍ୱାସ୍ଥ୍ୟ ସମସ୍ୟାରେ ପୀଡିତ। ଏହାକୁ ନଜରରେ ରଖି କେନ୍ଦ୍ର ସରକାର ଆଗାମୀ ଦିନରେ ଜଙ୍କ ଫୁଡ୍‌ରେ ଲାଗିବ ସ୍ୱାସ୍ଥ୍ୟ କର ଲାଗୁ କରିବାକୁ ବିଚାର କରୁଛନ୍ତି। ସରକାରଙ୍କୁ ପ୍ରଦାନ କରାଯାଇଥିବା ଏହାର ରିପୋର୍ଟରେ, ଭାରତୀୟ ଚିକିତ୍ସା ଗବେଷଣା ପରିଷଦ (ଆଇସିଏମ୍‌ଆର୍)ର ଜାତୀୟ



ପୁଷ୍ଟିକର ପ୍ରତିଷ୍ଠାନ (ଏନ୍‌ଆଇଏନ୍) ଏପରି ଖାଦ୍ୟ ଏବଂ ଚିନି ପାନୀୟ ଉପରେ ସ୍ୱାସ୍ଥ୍ୟ କର ଲାଗୁ କରିବାକୁ କିମ୍ବା ପ୍ରଚଳିତ ଟିକସରେ ବୃଦ୍ଧି କରିବାକୁ ସୁପାରିଶ କରିଛି।

ଜଙ୍କ ଫୁଡ୍‌କୁ ଏଚ୍‌ଏଫ୍‌ଏସ୍‌ଏସ୍ (ଉଚ୍ଚ ଚର୍ବି, ଉଚ୍ଚ ଚିନି ଏବଂ ଉଚ୍ଚ ଲୁଣ) ଖାଦ୍ୟ କୁହାଯାଏ। ଏହି ଖାଦ୍ୟଗୁଡ଼ିକରେ ପ୍ରାୟତଃ ଟ୍ରାନ୍ସ ଫ୍ୟାଟ୍, ସାଚୁରେଟେଡ୍ ଫ୍ୟାଟ୍, ରିଫାଇନ୍ ମଇଦା, କୃତ୍ରିମ ସ୍ୱାଦ ଏବଂ ବିଭିନ୍ନ ମିଶ୍ରଣ ରହିଥାଏ। ଏଗୁଡ଼ିକରେ ପୋଷଣ କମ୍ ଏବଂ କ୍ୟାଲୋରି ଅଧିକ ଥାଏ। ଏହି କାରଣରୁ ଏହି ଖାଦ୍ୟର ନିୟମିତ ବ୍ୟବହାର ଦ୍ରୁତ ଓଜନ ବୃଦ୍ଧି ଏବଂ ଅନେକ ରୋଗର ବିକାଶ କରିଥାଏ। ନିରନ୍ତର ସେବନ ପିଲା ଏବଂ କିଶୋରମାନଙ୍କ ମଧ୍ୟରେ ସ୍ଥୂଳତା ବୃଦ୍ଧି କରେ, ଯାହା ମଧୁମେହ, ହୃଦରୋଗ, ଉଚ୍ଚ ରକ୍ତଚାପ ଏବଂ କର୍କଟ ଭଳି ଅଣ-

**ଆଇସିଏମ୍‌ଆର୍-ଏନ୍‌ଆଇଏନ୍ ରିପୋର୍ଟ**

ସଂକ୍ରାମକ ରୋଗ ଆଶଙ୍କା ବଢ଼ାଇଥାଏ। ରିପୋର୍ଟ ଅନୁସାରେ, ଭାରତରେ ଅଲ୍ଟ୍ରା-ପ୍ରକ୍ରିୟାକୃତ ଖାଦ୍ୟ (ୟୁପିଏଫ୍) ର ବଜାର ଦ୍ରୁତ ଗତିରେ ବୃଦ୍ଧି ପାଇଛି। ୨୦୦୬ରେ ୦.୯ ବିଲିୟନ ଡଲାର ମୂଲ୍ୟର ଏହି ବଜାର ୨୦୧୯ ସୁଦ୍ଧା ୩୭.୯ ବିଲିୟନ ଡଲାରକୁ ବୃଦ୍ଧି ପାଇଛି। ୨୦୦୯ରୁ ୨୦୨୩ ମଧ୍ୟରେ ଏପରି ଉତ୍ପାଦର ବିକ୍ରି ପ୍ରାୟ ୧୫୦ ପ୍ରତିଶତ ବୃଦ୍ଧି ପାଇଛି। ଟେଲିଭିଜନ, ମୋବାଇଲ୍ ଫୋନ୍, ସୋସିଆଲ ମିଡିଆ, କ୍ରିକେଟ୍ ମ୍ୟାଚ୍, ସ୍କୁଲ ପରିସରରେ ଏବଂ ପ୍ରଭାବଶାଳୀ ମାର୍କେଟିଂ ମାଧ୍ୟମରେ ପିଲାମାନେ ନିରନ୍ତର ଜଙ୍କଫୁଡ୍ ବିଜ୍ଞାପନ ଦ୍ୱାରା ପ୍ରୋତ୍ସାହିତ। ରିପୋର୍ଟ ଅନୁଯାୟୀ, ପିଲାମାନଙ୍କ ଟିଭି ଚ୍ୟାନେଲରେ ପ୍ରାୟ ୯୦ ପ୍ରତିଶତ ବିଜ୍ଞାପନ ଏପରି ଖାଦ୍ୟ ପାଇଁ କରାଯାଉଛି। ୯୨.୬ ପ୍ରତିଶତ ଅଭିଭାବକ ରିପୋର୍ଟ କରିଛନ୍ତି ଯେ ସ୍କୁଲ ଏବଂ କଲେଜ ପାଖରେ ଏପରି ଖାଦ୍ୟ ସହଜରେ ଉପଲବ୍ଧ। ପ୍ରମୁଖ କ୍ରିକେଟ୍ ଇଭେଣ୍ଟ ସମୟରେ ୮୦ ପ୍ରତିଶତରୁ ଅଧିକ ବିଜ୍ଞାପନ ଅସ୍ୱାସ୍ଥ୍ୟକର ଖାଦ୍ୟ ଏବଂ ମିଠା ପାନୀୟର ହିଁ ଦେଖିବାକୁ ମିଳୁଛି।

ଭାରତରେ ପୂର୍ବରୁ ଜଙ୍କଫୁଡ୍ ବିକ୍ରି ଏବଂ ପ୍ରଚାରକୁ ନିୟନ୍ତ୍ରଣ କରୁଥିବା ଅନେକ ନିୟମ ରହିଛି, କିନ୍ତୁ କଠୋର ପ୍ରବର୍ତ୍ତନ ଅଭାବରୁ, ଏହି ନିୟମଗୁଡ଼ିକର ସକାରାତ୍ମକ ପ୍ରଭାବ ଲୋକଙ୍କ ଉପରେ ପଡୁନାହିଁ। ତମାଖୁ ଏବଂ ମଦ ଭଳି ଚର୍ବି, ଲୁଣ ଏବଂ ଚିନି ଅଧିକ ଥିବା ଖାଦ୍ୟ ଏବଂ ପାନୀୟ ଉପରେ କର ବୃଦ୍ଧି କରାଯାଇପାରେ। ଲକ୍ଷ୍ୟ ହେଉଛି ଜଙ୍କ ଫୁଡ୍ ଅଧିକ ମହଙ୍ଗା ଏବଂ ପୁଷ୍ଟିକର ଖାଦ୍ୟକୁ ଅପେକ୍ଷାକୃତ ଶସ୍ତା କରିବା।

### କମୁଛି ବିମାନ ସିଟ୍ ସାଇଜ୍

# ୪୦ ବର୍ଷରେ ସିଟ୍ ୪ ଇଞ୍ଚ୍ କମିଛି

**ନୂଆଦିଲ୍ଲୀ, ୨୬।୭ (ଏଜେନ୍ସି):** ଯଦି ଆପଣ ଭାବୁଛନ୍ତି ଯେ ଇକୋନୋମି-କ୍ଲାସ୍ ବିମାନ ସିଟ୍‌ରେ ଆପଣଙ୍କ ଗୋଡ଼ ବିସ୍ତାର କରିବା କଷ୍ଟକର ହେଉଛି, ତେବେ ଏହା କେବଳ ଆପଣଙ୍କର ଭୁଲ ଧାରଣା ନୁହେଁ। ଗତ ଚାରି ଦଶନ୍ଧି ଧରି, ସାରା ବିଶ୍ୱରେ ବିମାନ କମ୍ପାନୀଗୁଡ଼ିକ ଧୀରେ ଯାତ୍ରୀ ସିଟ୍ ଆକାରକୁ ସଙ୍କୁଚିତ କରିଛନ୍ତି। ଆଶ୍ଚର୍ଯ୍ୟଜନକ ଭାବରେ, ଏହି ସମୟ ମଧ୍ୟରେ ଲୋକଙ୍କ ହାରାହାରି ଉଚ୍ଚତା ଏବଂ ଓଜନ ମଧ୍ୟ ବୃଦ୍ଧି ପାଇଛି। ଫଳସ୍ୱରୂପ ଆଜି ଜଣେ ସାଧାରଣ ଯାତ୍ରୀଙ୍କୁ ସମାନ ବିମାନରେ ପୂର୍ବ ଅପେକ୍ଷା ଯଥେଷ୍ଟ କମ୍ ସ୍ଥାନରେ ଯାତ୍ରା କରିବାକୁ ପଡୁଛି। ବିମାନ ଶିଳ୍ପ ତଥ୍ୟ ଏବଂ ବିମାନ ସିଟ୍ ମାନଚିତ୍ର ଦର୍ଶାଉଛି ଯେ ଏହି ସଂକୋଚନ କେବଳ ଆରାମର ବିଷୟ



ନୁହେଁ, ବରଂ ବର୍ତ୍ତମାନ ଏକ ସ୍ୱାସ୍ଥ୍ୟ ଏବଂ ସୁରକ୍ଷା ସମସ୍ୟା ପାଲଟିଛି।

୧୯୮୦ ଏବଂ ୧୯୯୦ ଦଶକରେ, ଇକୋନୋମି କ୍ଲାସରେ ସିଟ୍ ପିଚ୍ କିମ୍ବା ଦୁଇଟି ସିଟ୍ ମଧ୍ୟରେ ଦୂରତା ସାଧାରଣତଃ ୩୪-୩୫ ଇଞ୍ଚ ଥିଲା। ବର୍ତ୍ତମାନ ସମୟରେ ଅଧିକାଂଶ ପ୍ରମୁଖ ଏୟାରଲାଇନ୍ସରେ ସିଟର ଆକାର ୩୦-୩୧ ଇଞ୍ଚ ହ୍ରାସ ପାଇଛି, ଯେତେବେଳେ କି ଭାରତ ସମେତ ବିଶ୍ୱବ୍ୟାପୀ କମ୍ ମୂଲ୍ୟର ଏୟାରଲାଇନ୍ସରେ, ଏହି ଆକାର ୨୮-୨୯ ଇଞ୍ଚକୁ ହ୍ରାସ ପାଇଛି। ଏହାର ଅର୍ଥ ହେଉଛି, ହାରାହାରି ପ୍ରତ୍ୟେକ ଯାତ୍ରୀ ପୂର୍ବ ତୁଳନାରେ ୪ ରୁ ୭ ଇଞ୍ଚ କମ୍ ଲେଗ୍ ରୁମ୍ ପାଉଛନ୍ତି। ଏହି ସମୟ ମଧ୍ୟରେ ସିଟ୍ ପ୍ରଶସ୍ଥ ମଧ୍ୟ ୧୮-୧୯ ଇଞ୍ଚରୁ ପ୍ରାୟ ୧୬.୫-୧୭ ଇଞ୍ଚକୁ ହ୍ରାସ ପାଇଛି। ପୂର୍ବରୁ ସିଟ୍‌ଗୁଡ଼ିକରେ ମୋଟା କୁଶନ ଥିଲା, କିନ୍ତୁ ବର୍ତ୍ତମାନ ସ୍ଲିମ୍‌ଲାଇନ୍ ଡିଜାଇନ୍ ସାଧାରଣ ହୋଇଯାଇଛି, ଯାହା ଦ୍ୱାରା ଏୟାରଲାଇନ୍ସଗୁଡ଼ିକ ସମାନ ସ୍ଥାନରେ ଅଧିକ ସିଟ୍ ଫିଟ୍ କରିପାରିବେ। ଆଶ୍ଚର୍ଯ୍ୟଜନକ ଭାବରେ, ସିଟ୍ ସଙ୍କୁଚିତ ହେବା ସହିତ ମାନବ ଶରୀର ମଧ୍ୟ ବୃଦ୍ଧି ପାଇଛି।

ଏହି ପରିବର୍ତ୍ତନ କେବଳ ସିଟ୍ ପର୍ଯ୍ୟନ୍ତ ସୀମିତ ନୁହେଁ, ବରଂ ବିମାନ ଭିତରେ ଥିବା ସିଟ୍ ସଂଖ୍ୟାରେ ମଧ୍ୟ ସ୍ପଷ୍ଟ। ବୋଇଂ ୭୩୭ରେ ପୂର୍ବରୁ ୧୨୦-୧୩୦ ସିଟ୍ ଥିଲା, କିନ୍ତୁ ବର୍ତ୍ତମାନ ବିମାନ କମ୍ପାନୀଗୁଡ଼ିକ ସମାନ ବିମାନରେ ୧୮୦-୧୯୦ ସିଟ୍ ଯୋଡୁଛନ୍ତି। ସେହିପରି, ଏୟାରବସ୍ ଏ୩୨୦ ଯାହା ପୂର୍ବରୁ ସର୍ବାଧିକ ୧୫୦ ସିଟ୍ ଥିଲା, ଏବେ ୧୮୦-୧୮୬ ସିଟ୍‌ରେ

**ଭଡ଼ା ବଢୁଛି; ଯାତ୍ରୀଙ୍କୁ କମ୍ ଆରାମ**

**ଦୀର୍ଘ ଯାତ୍ରା ପାଇଁ ଅସହଜ ହେଉଛି ଉଡ଼ାଣ**

**ସୃଷ୍ଟି କରୁଛି ସ୍ୱାସ୍ଥ୍ୟ ଏବଂ ସୁରକ୍ଷା ସମସ୍ୟା**

ପହଞ୍ଚିଛି। ସ୍ପଷ୍ଟ ଭାବରେ, ବିମାନର ଗଠନ ପ୍ରାୟତଃ ସମାନ ରହିଛି, କିନ୍ତୁ ଏଥିରେ ଯାତ୍ରୀଙ୍କ ସଂଖ୍ୟା ଯଥେଷ୍ଟ ବୃଦ୍ଧି ପାଇଛି।

### ଅଧିକ ଲେଗ୍‌ରୁମ୍ ଏକ ପ୍ରିମିୟମ୍ ବୈଶିଷ୍ଟ୍ୟ

ଆଜି ଅଧିକ ଲେଗ୍‌ରୁମ୍ କିମ୍ବା ପସନ୍ଦିତ ସିଟ୍ ରହିବା ଆଉ ଏକ ମାଗଣା ସୁବିଧା ନୁହେଁ, ବରଂ ଅତିରିକ୍ତ ଆୟର ଏକ ଉତ୍ସ। ଭାରତରେ, ଘରୋଇ ବିମାନରେ ଏକ ଏକ୍ସଏଲ୍ କିମ୍ବା ଅତିରିକ୍ତ-ଲେଗ୍‌ରୁମ୍ ସିଟ୍ ପାଇଁ ଯାତ୍ରୀମାନଙ୍କୁ ଅତିରିକ୍ତ ୫୦୦ ରୁ ୨,୦୦୦ ଟଙ୍କା ଦେବାକୁ ପଡ଼େ। ଆନ୍ତର୍ଜାତୀୟ ବିମାନରେ, ରୁଟ୍ ଏବଂ ଚାହିଦା ଉପରେ ନିର୍ଭର କରି, ଅନେକ ଏୟାରଲାଇନ୍ସ ଏଥିପାଇଁ ୩,୦୦୦ ରୁ ୧୦,୦୦୦ ଟଙ୍କା ପର୍ଯ୍ୟନ୍ତ ଶୁଳ୍କ ନିଅନ୍ତି।

**ଏଆଇରେ ପ୍ରଚୁର ନିବେଶ, ଆମେରିକା ପାଇଁ ମହଙ୍ଗା ପଡିବ**

# ପ୍ରତିଯୋଗିତା ବଢୁଛି; ରିଟର୍ଣ୍ଣ ଶୂନ୍

**ନୂଆଦିଲ୍ଲୀ,୨୬।୭(ଏଜେନ୍ସି):** କୃତ୍ରିମ ବୁଦ୍ଧିମତ୍ତା (ଏଆଇ)କୁ ବିଶ୍ୱର ପରବର୍ତ୍ତୀ ପ୍ରମୁଖ ପ୍ରଯୁକ୍ତିବିଦ୍ୟା ବିପ୍ଳବ ଭାବରେ ବିବେଚନା କରାଯାଏ। ମାଇକ୍ରୋସଫ୍ଟ, ଗୁଗଲ୍,ଆମାଜନ୍ ଏବଂ ମେଟା ଭଳି ଆମେରିକୀୟ କମ୍ପାନୀଗୁଡ଼ିକ ଡାଟା ସେଣ୍ଟର ଏଆଇ ଚିପ୍ସ ଏବଂ କ୍ଲାଉଡ୍ ଭିତ୍ତିଭୂମିରେ ଶହ ଶହ ବିଲିୟନ ଡଲାର ଖର୍ଚ୍ଚ କରୁଛନ୍ତି। ନିବେଶକମାନେ ବିଶ୍ୱାସ କରନ୍ତି ଯେ ଏହି ନିବେଶ ଆଗାମୀ ବର୍ଷଗୁଡ଼ିକରେ ଏହି କମ୍ପାନୀଗୁଡ଼ିକର ରୋଜଗାରକୁ ନୂତନ ଉଚ୍ଚତାରେ ପହଞ୍ଚାଇବ। ତଥାପି, ଏଆଇରେ ଏତେ ବଡ଼ ନିବେଶ ପ୍ରକୃତରେ କମ୍ପାନୀଗୁଡିକୁ ଏ ଯାଏ ରିଟର୍ଣ୍ଣ ପ୍ରଦାନ କରିନାହିଁ। ନିବେଶକମାନଙ୍କ ମଧ୍ୟରେ ଏହି ଚିନ୍ତା ବର୍ତ୍ତମାନ ପ୍ରତିଫଳିତ ହେଉଛି। ଏଆଇକୁ ଆମେରିକୀୟ ବଜାରରେ ସବୁଠାରୁ ବଡ଼ ବିପ୍ଳବ ଭାବରେ ବିବେଚନା କରାଯାଏ, କିନ୍ତୁ ଏବେ ଚୀନ୍ ପକ୍ଷରୁ ପ୍ରତିଯୋଗିତାର ସଙ୍କେତ ମିଳୁଛି। ହେଲେ ଆମେରିକା ଏଆଇରେ ଯେଉଁଭଳି ଭାବେ ଅର୍ଥ ନିବେଶ କରିଛି, ସେଥିରେ ରିଟର୍ଣ୍ଣ ନ ମିଳିଲେ ତାହା ଦେଶ ପାଇଁ ମହଙ୍ଗା ସାବ୍ୟସ୍ତ ହେବ।

ଏହି ବିତର୍କ ମଧ୍ୟରେ, ଗ୍ଲୋବାଲ୍ ବ୍ରୋକେରେଜ୍ ଜେଫେରିଜ୍‌ର ଗ୍ଲୋବାଲ୍ ହେଡ୍ ଅଫ୍ ଇକ୍ୱିଟି ଷ୍ଟ୍ରାଟେଜି କ୍ରିସ୍ ଉଡ୍ ଏକ ଗମ୍ଭୀର ଚେତାବନୀ ଦେଇଛନ୍ତି। ସେ ଯୁକ୍ତି ଦର୍ଶାଇଛନ୍ତି ଯେ ଆମେରିକାରେ ଏଆଇ ଭିତ୍ତିଭୂମିରେ ବିପୁଳ ନିବେଶ ଭବିଷ୍ୟତରେ ପୁଞ୍ଜିର ବ୍ୟାପକ ଅପଚୟ ଆଣିପାରେ। ଏହା ମୁଖ୍ୟତଃ ଚୀନ୍‌ର ଦ୍ରୁତ ବର୍ଦ୍ଧିତ ଏଆଇ କ୍ଷମତା ଏବଂ ସେଠାରେ ବିକଶିତ ହେଉଥିବା କମ୍ ମୂଲ୍ୟର, ମୁକ୍ତ-ଉତ୍ସ ଏଆଇ ମଡେଲ୍‌ଗୁଡ଼ିକୁ ହେତୁ ହେବ। କ୍ରିସ୍ ଉଡ୍ ଉଲ୍ଲେଖ କରିଛନ୍ତି ଯେ ଆମେରିକାର ଟେକ୍ କମ୍ପାନୀଗୁଡ଼ିକ ରେକର୍ଡ ସ୍ତରରେ ଏଆଇରେ ନିବେଶ କରୁଛନ୍ତି। କେବଳ ମାଇକ୍ରୋସଫ୍ଟ, ଗୁଗଲ୍,ଆମାଜନ୍ ଏବଂ ମେଟା କେବଳ ୨୦୨୬ରୁ ୨୦୨୭ ମଧ୍ୟରେ ପ୍ରାୟ ୧.୫୭ ଟ୍ରିଲିୟନ ଡଲାରର ମିଳିତ ପୁଞ୍ଜି ବ୍ୟୟ ହେବାର ଆକଳନ କରାଯାଇଛି। ଏଠାରେ ପ୍ରଶ୍ନ ହେଉଛି ଏହି କମ୍ପାନୀଗୁଡ଼ିକ ଏହି ନିବେଶ ସହିତ ସମାନ ରାଜସ୍ୱ ସୃଷ୍ଟି କରିବେ କି ନାହିଁ। ଯଦି ଏହା ନ ହୁଏ, ତେବେ ନିବେଶକଙ୍କ ଆଶା ଭାଙ୍ଗିଯାଇପାରେ ଏବଂ ଷ୍ଟକ୍ ବଜାରରେ ଏକ ଗୁରୁତ୍ୱପୂର୍ଣ୍ଣ ସଂଶୋଧନ ଦେଖାଯାଇପାରେ।

କିଛି ବର୍ଷ ପୂର୍ବେ, ଏହା ବିଶ୍ୱାସ କରାଯାଉଥିଲା ଯେ ଏଆଇରେ ଆମେରିକାର ପ୍ରାଧାନ୍ୟ ଦୀର୍ଘ ସମୟ ଧରି ଜାରି ରହିବ, କିନ୍ତୁ ବର୍ତ୍ତମାନ ଚୀନ୍ ଏହି ବ୍ୟବଧାନକୁ ଦ୍ରୁତ ଗତିରେ ହ୍ରାସ କରିଛି। ଯଦି ସାରା ବିଶ୍ୱରେ କମ୍ପାନୀଗୁଡ଼ିକ କମ୍ ମୂଲ୍ୟର ଚୀନ୍ ମଡେଲଗୁଡ଼ିକୁ ଗ୍ରହଣ କରନ୍ତି, ତେବେ ଆମେରିକୀୟ କମ୍ପାନୀଗୁଡ଼ିକର ମହଙ୍ଗା ଏଆଇ ନିବେଶରୁ ସମ୍ଭାବ୍ୟ ଲାଭ ହ୍ରାସ ପାଇପାରେ। ଏହି ବିପଦକୁ କ୍ରିସ୍ ଉଡ୍ ଇଙ୍ଗିତ କରୁଛନ୍ତି। ଏଆଇ ବ୍ୟବସାୟ କେବଳ ଭଲ ମଡେଲ ନିର୍ମାଣ କରିବାରେ ସୀମିତ ନୁହେଁ; ଏଥିପାଇଁ ବଡ଼ ଡାଟା ସେଣ୍ଟର, ଅତ୍ୟାଧୁନିକ ଚିପ୍ସ, ଶକ୍ତି, ନେଟୱାର୍କ ଏବଂ କ୍ଲାଉଡ୍ ଭିତ୍ତିଭୂମି ଉପରେ ଯଥେଷ୍ଟ ଖର୍ଚ୍ଚ ଆବଶ୍ୟକ। ବର୍ତ୍ତମାନ, ଆମେରିକୀୟ ଟେକ୍ କମ୍ପାନୀଗୁଡ଼ିକ ଏହି ଆଶାରେ କୋଟି କୋଟି ଡଲାର ଖର୍ଚ୍ଚ କରୁଛନ୍ତି ଯେ ଭବିଷ୍ୟତରେ ଏଆଇ ସେବାରୁ ସେମାନଙ୍କର ରାଜସ୍ୱ ବହୁଗୁଣିତ ହେବ।

**ଇ-ଫାଇଲିଂ ସାଇଟ୍ ବନ୍ଦ**

# କରଦାତାଙ୍କ ପାଇଁ ବଢୁଛି ସମସ୍ୟା

**ନୂଆଦିଲ୍ଲୀ,୨୬।୭(ଏଜେନ୍ସି):** ଆୟକର ରିଟର୍ଣ୍ଣ ଦାଖଲ କରିବାର ଶେଷ ତାରିଖ ଜୁଲାଇ ୩୧। ଫଳସ୍ୱରୂପ, ଅନେକ କରଦାତା ଏବଂ ସିଏ ଆୟକର ବିଭାଗର ଇ-ଫାଇଲିଂ ପୋର୍ଟାଲରେ ସିଷ୍ଟମ୍ ସମସ୍ୟା ବିଷୟରେ ଅଭିଯୋଗ କରିଛନ୍ତି। ବହୁ ସଂଖ୍ୟକ ଲୋକ ସୋସିଆଲ ମିଡିଆ ପ୍ଲାଟଫର୍ମ ଏକ୍ସ'ରେ ପୋଷ୍ଟ କରିଛନ୍ତି ଯେ ପୋର୍ଟାଲ ଠିକ୍ ଭାବରେ କାମ କରୁନାହିଁ, ଯାହା ଫଳରେ ସେମାନଙ୍କର ଆଇଟିଆର୍‌ଦାଖଲ ଏବଂ ଜମା କରିବାରେ ସମସ୍ୟା ହେଉଛି।

ଉପଭୋକ୍ତାଙ୍କ ଅନୁଯାୟୀ, ଅନେକ ପୋର୍ଟାଲରେ ଲଗ୍ ଇନ୍ କରିବାରେ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। କେତେକ ସମସ୍ୟା କିଛି ଘଣ୍ଟା ଧରି ଜାରି ରହିଛି ବୋଲି ରିପୋର୍ଟ କରିଛନ୍ତି, ଯେତେବେଳେ କି ଅନ୍ୟମାନେ ରିପୋର୍ଟ କରିଛନ୍ତି ଯେ ପୋର୍ଟାଲ ସମ୍ପୂର୍ଣ୍ଣ ଭାବରେ ବନ୍ଦ ଅଛି, ଯାହା ଫଳରେ ଆଇଟିଆର୍ ଦାଖଲ ଏବଂ ଜମା କରିବାରେ ସମସ୍ୟା ହେଉଛି।




**ସାଢ଼େ ତିନି କୋଟିରୁ ଅଧିକ ଆଇଟିଆର୍ ଦାଖଲ**

ଜଣେ ବ୍ୟବହାରକାରୀ ଏକ୍ସ'ରେ ଲେଖିଛନ୍ତି, ଆୟକର ପୋର୍ଟାଲ ଦୁଇ ଘଣ୍ଟା ଧରି ବନ୍ଦ ଅଛି। ସେଥିରେ ଆଇଟିଆର୍ ଫାଇଲିଂ ଏବଂ ଜମା ଫି' ପ୍ରକ୍ରିୟାକରଣ ହେଉନାହିଁ। ଅତି କମ୍‌ରେ ଆୟକର ଦିବସରେ ପୋର୍ଟାଲ ଠିକ୍ ଭାବରେ କାମ କରିବା ଉଚିତ ଥିଲା। ଆଉ ଜଣେ ବ୍ୟବହାରକାରୀ ଲେଖିଛନ୍ତି ଯେ ଇ-ଫାଇଲିଂ ପୋର୍ଟାଲ ଦୀର୍ଘ ସମୟ ଧରି ବନ୍ଦ ଥିଲା, ଯାହା ଫଳରେ କୌଣସି ରିଟର୍ଣ୍ଣ ଫାଇଲ୍ ହେଉନଥିଲା କିମ୍ବା ଜମା କରାଯାଉ ନ ଥିଲା। ଅପରପକ୍ଷେ ସୋସିଆଲ ମିଡିଆରେ ଅନେକ ଲୋକ ଏହା ମଧ୍ୟ ପରାମର୍ଶ ଦେଇଛନ୍ତି ଯେ ଯଦି ଏହି ସମସ୍ୟା ଶୀଘ୍ର ସମାଧାନ ନହୁଏ, ତେବେ ଜୁଲାଇ ୩୧ ଆଇଟିଆର୍ ଫାଇଲିଂ ଶେଷ ତାରିଖକୁ ବୃଦ୍ଧି କରାଯିବା ଉଚିତ। ତଥାପି, ସରକାର କିମ୍ବା ଆୟକର ବିଭାଗ ଏ ପର୍ଯ୍ୟନ୍ତ ଶେଷ ତାରିଖ ବୃଦ୍ଧି କରିବା ସମ୍ପର୍କରେ କୌଣସି ମତାମତ ଦେଇନାହାଁନ୍ତି।

ଆୟକର ବିଭାଗର ୱେବସାଇଟ୍ ଅନୁଯାୟୀ, ୨୦୨୬-୨୭ ବର୍ଷ ପାଇଁ ସାଢ଼େ ତିନି କୋଟି ନିୟୁତରୁ ଅଧିକ ଆଇଟିଆର୍ ଦାଖଲ କରାଯାଇଛି। ପ୍ରତିବର୍ଷ, ଶେଷ ତାରିଖ ପାଖେଇ ଆସିଲେ ବହୁ ସଂଖ୍ୟକ ଲୋକ ସେମାନଙ୍କର ରିଟର୍ଣ୍ଣ ଫାଇଲ୍ କରନ୍ତି, ଯାହା କାରଣରୁ ପୋର୍ଟାଲ ପ୍ରାୟତଃ ସମସ୍ୟାର ସମ୍ମୁଖୀନ ହୁଏ। ତେବେ ଆୟକର ବିଭାଗ ପକ୍ଷରୁ ପୋର୍ଟାଲର ସମସ୍ୟା ବିଷୟରେ କୌଣସି ମନ୍ତବ୍ୟ ଦିଆଯାଇନାହିଁ। ବର୍ତ୍ତମାନ ପାଇଁ, ପୋର୍ଟାଲ ବ୍ୟବହାର କରିବାରେ ଅସୁବିଧାର ସମ୍ମୁଖୀନ ହେଉଥିବା କରଦାତାମାନଙ୍କୁ ଏହାର ସମାଧାନ ପାଇଁ ଅପେକ୍ଷା କରିବାକୁ ପଡିବ।

# ଟ୍ରେନରେ ଆଉ ମିଳିବନି ମଇଳା ବେଡ୍‌ସିଟ୍

**ନୂଆଦିଲ୍ଲୀ,୨୬।୭(ଏଜେନ୍ସି):** ଯାତ୍ରୀମାନେ ଟ୍ରେନରେ ପ୍ରାୟତଃ ମଇଳା କିମ୍ବା ଦାଗଯୁକ୍ତ ଚାଦର ଦିଆଯାଇଥିବା ଅଭିଯୋଗ କରିଥାନ୍ତି। ରେଳବାଇ ଏବେ ଏକ ଉଚ୍ଚ-ପ୍ରଯୁକ୍ତି ସମାଧାନ ସହିତ ଏହି ସମସ୍ୟାର ସମାଧାନ କରିବ। ଏଣିକି ଏଆଇ-ସକ୍ଷମ କ୍ୟାମେରାଗୁଡ଼ିକ ଏସି ଟ୍ରେନ କୋଚରେ ଚାଦର ଏବଂ ତକିଆର ସ୍ୱଚ୍ଛତା ଯାଞ୍ଚ କରିବ। କେନ୍ଦ୍ର ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ସଂସଦରେ ଏହି ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ ଲଣ୍ଡ୍ରିରେ ଧୋଇଥିବା ଚାଦର ଏବଂ ତକିଆର ସଫାତା ଯାଞ୍ଚ କରିବା ପାଇଁ ମଧ୍ୟ ଏଆଇ ବ୍ୟବହାର କରାଯିବ। ଏଥିପାଇଁ, ରେଳବାଇ ସ୍ୱତନ୍ତ୍ର ଏଆଇ-ସକ୍ଷମ କ୍ୟାମେରା ବ୍ୟବହାର କରି ଟ୍ରେନରେ ଯାତ୍ରୀମାନଙ୍କୁ ଯୋଗାଇ ଦିଆଯାଉଥିବା ଚାଦର ଏବଂ ତକିଆ ସଠିକ୍ ଭାବରେ ସଫା ହୋଇଛି କି ନାହିଁ ତାହା ସତର୍କତାର ସହ ଯାଞ୍ଚ କରିବ।

ରିପୋର୍ଟ ଅନୁଯାୟୀ, ପୁଣେ, ଜୟପୁର ଏବଂ ଯୋଧପୁର ଡିଭିଜନର ଲଣ୍ଡ୍ରିରେ ଏଆଇ କ୍ୟାମେରା ବ୍ୟବହାର କରି ଦାଗ

**ରେଳବାଇ ଲଣ୍ଡ୍ରିରେ ଲାଗିଛି ଏଆଇ କ୍ୟାମେରା**

**ମାତ୍ର କିଛି ସେକେଣ୍ଡରେ କରିବ ଦାଗ ଚିହ୍ନଟ**

ଚିହ୍ନଟ କରିବା ପାଇଁ ଏକ ପାଇଲଟ୍ ପ୍ରୋଜେକ୍ଟ ଆରମ୍ଭ କରାଯାଇଛି। ଯାହା ଦ୍ୱାରା ଟ୍ରେନରେ ବ୍ୟବହୃତ କପଡାର ଗୁଣବତ୍ତା ଏବଂ ପରିଷ୍କାରତା ସୁନିଶ୍ଚିତ କରାଯାଇପାରିବ। ଏହା ବ୍ୟତୀତ, ଯାନ୍ତ୍ରିକ ଲଣ୍ଡ୍ରିରେ କପଡାର ଧଳାତା ଏବଂ ଉଜ୍ଜ୍ୱଳତା ମାପିବା ପାଇଁ ହ୍ୱିଟୋ-ମିଟର ବ୍ୟବହାର କରାଯାଉଛି। ଏହା ଏକ ଉପକରଣ ଯାହା କପଡାର ଧଳାତା ଏବଂ ପରିଷ୍କାରତା ମାପିପାରିବ। ପ୍ରକ୍ରିୟାକୁ ନିରୀକ୍ଷଣ କରିବା ପାଇଁ ଲଣ୍ଡ୍ରିରେ ସିସିଟିଭି କ୍ୟାମେରା ମଧ୍ୟ ସ୍ଥାପନ କରାଯାଇଛି। ଏଆଇ କ୍ୟାମେରା ସହିତ କପଡାର ପରିଷ୍କାରତା ଯାଞ୍ଚ କରିବା ପାଇଁ, ଧୋଇବା ଏବଂ ଫିନିସିଂ ଲାଇନରେ କ୍ୟାମେରା ସ୍ଥାପନ କରାଯିବ। ସଫା କରିବା ପରେ, ଯେତେବେଳେ ଚାଦର କିମ୍ବା ତକିଆ କଭର ବେଲ୍ଟ ଦେଇ ଯାଏ, ଏହି କ୍ୟାମେରାଗୁଡ଼ିକ ପ୍ରତ୍ୟେକ ପୋଷାକର ଉଚ୍ଚ-ରିଜୋଲ୍ୟୁସନ୍ ଚିତ୍ର ନେଇଥାଏ। ପରବର୍ତ୍ତୀ କାର୍ଯ୍ୟ ଏଆଇ ଦ୍ୱାରା କରାଯିବ, ହଜାର ହଜାର ସଫା ଏବଂ ଦାଗଯୁକ୍ତ ପୋଷାକରୁ ତଥ୍ୟ ଉପରେ ତାଲିମପ୍ରାପ୍ତ।

# ମାରୁତି ସୁଜୁକି ବ୍ରିଜା ଟର୍ବୋ ବୁଷ୍ଟରଜେଟ୍ ବଜାରରେ

**ନୂଆଦିଲ୍ଲୀ,୨୬।୭:** ମାରୁତି ସୁଜୁକି ଇଣ୍ଡିଆ ଲିମିଟେଡ (ମାରୁତି ସୁଜୁକି) ପକ୍ଷରୁ ନୂଆ ବ୍ରିଜା ଟର୍ବୋ ବୁଷ୍ଟରଜେଟର ଶୁଭାରମ୍ଭ କରାଯାଇଛି ଯାହା ଯୁବ ଭାରତୀୟଙ୍କୁ ଉତ୍ସାହଜନ ଚାଳନା କାର୍ଯ୍ୟକ୍ଷତା ପ୍ରଦାନ କରିଥାଏ। ନୂଆ ବ୍ରିଜା ଟର୍ବୋ ବୁଷ୍ଟରଜେଟ ମାତ୍ର ୭୩୯,୯୦୦ ଟଙ୍କାର ପ୍ରାରମ୍ଭିକ ମୂଲ୍ୟରେ ଉପଲବ୍ଧ ହେବ। ଏହା ପ୍ରଗତିଶୀଳ ସ୍ମାର୍ଟ ହାଇବ୍ରିଡ ଟେକ୍ନୋଲୋଜି ସହିତ ପ୍ରମାଣିତ ଓ ପରିଭାଷିତ କେ୧୫ସି ଡୁଆଲ ଜେଟ ଡୁଆଲ ଭିଭିଟି ଇଞ୍ଜିନରେ ଉପଲବ୍ଧ ହେବ। ନୂଆ ବ୍ରିଜା କେ୧୫ସିରେ ଏକ ନୂତନ -ସ୍ପିଡ ମାନୁଆଲ ଟ୍ରାନ୍ସମିଶନ ସହ ଷ୍ଟିଅରି-ମାଉଣ୍ଟେଡ୍ ପ୍ୟାଡେଲ ସିଫ୍ଟର ରହିଛି। ବ୍ରିଜା ଟର୍ବୋ ବୁଷ୍ଟରଜେଟ ୨୦.୪୭ କିମି/ଲିଟରର ଇନ୍ଧନ ଦକ୍ଷତା ରହିଛି ଯାହା ଏକ ଶକ୍ତିଶାଳୀ କାର୍ଯ୍ୟଦକ୍ଷତା ଦେଇଥାଏ। ଏହି ନୂତନ କାର୍ ଭିଭାସିଅସ ଅରେଞ୍ଜ ଓ ଲଷ୍ଟ୍ରସ ବିଜ୍ କଲର ସମେତ ପର୍ଲ ବ୍ଲୁଇଶ ବ୍ଲାକ, ମାଗ୍ମା ଗ୍ରେ, ସିଜ୍‌ଲିଂ ରେଡ, ସ୍ପେଲଣ୍ଡିଡ ସିଲଭର ଓ ପର୍ଲ ଆର୍କଟିକ ହ୍ୱାଇଟ ଭଳି ଏକାଧିକ ରଙ୍ଗ ବିକଳ୍ପରେ ଉପଲବ୍ଧ ହେଉଛି। ନୂଆ ବ୍ରିଜା ବ୍ଲୁଇଶ ବ୍ଲାକ ରୁମ୍ ସହ ଲଷ୍ଟ୍ରସ ବିଜ, ବ୍ଲୁଇଶ ବ୍ଲାକ ରୁଫ୍ ସହ ଆର୍କଟିକ ହ୍ୱାଇଟ ଓ ବ୍ଲୁଇଶ ବ୍ଲାକ ରୁଫ୍ ସହ ସିଜ୍‌ଲିଙ୍ଗ ରେଡ ଭଳି ଡୁଆଲ-ଟୋନ କଲରରେ ମଧ୍ୟ ଉପଲବ୍ଧ।

# ସଞ୍ଚୟ ଖାତା ସୁଧ ଉପରେ ବି ଲାଗୁଛି ଟିକସ

**ନୂଆଦିଲ୍ଲୀ, ୨୬।୭ (ଏଜେନ୍ସି):** ଲୋକମାନେ ସାଧାରଣତଃ ସେମାନଙ୍କର କଷ୍ଟ ଅର୍ଜିତ ଟଙ୍କାକୁ ସୁରକ୍ଷିତ ରଖିବା ଏବଂ ସେମାନଙ୍କର ଦୈନନ୍ଦିନ ଆବଶ୍ୟକତା ପୂରଣ କରିବା ପାଇଁ ବ୍ୟାଙ୍କ କିମ୍ବା ଡାକ ଘରେ ସଞ୍ଚୟ ଖାତା ଖୋଲିଥାନ୍ତି। ବ୍ୟାଙ୍କଗୁଡ଼ିକ ତ୍ରୈମାସିକ କିମ୍ବା ଅର୍ଦ୍ଧବାର୍ଷିକ ଆଧାରରେ ଏହି ସଞ୍ଚୟ ଖାତାରେ ଜମା ଉପରେ ସୁଧ ଦିଅନ୍ତି। ଅଧିକାଂଶ କରଦାତାଙ୍କ ମଧ୍ୟରେ ଏକ ସାଧାରଣ ଭୁଲ ଧାରଣା ହେଉଛି ଯେ ସଞ୍ଚୟ ଖାତାରେ ଅର୍ଜିତ ସୁଧ ସମ୍ପୂର୍ଣ୍ଣ କରମୁକ୍ତ, କିନ୍ତୁ ଆୟକର ଆଇନ ଅନୁଯାୟୀ ଏହା ନୁହେଁ। ଆୟକର ଆଇନ ଅନୁଯାୟୀ, ଆପଣଙ୍କ ସଞ୍ଚୟ ଖାତାରେ ଅର୍ଜିତ ସୁଧ ଆୟ ସମ୍ପୂର୍ଣ୍ଣ ଭାବରେ ଆପଣଙ୍କ ବାର୍ଷିକ ଆୟରେ ଯୋଡା ଯାଇଥାଏ ଏବଂ ଆପଣଙ୍କ ଟିକସ ସ୍ଲାବ ଅନୁଯାୟୀ କର ଲାଗୁ ହୋଇଥାଏ। ତଥାପି, ଆୟକର ବିଭାଗ ସାଧାରଣ ନାଗରିକ ଏବଂ ବରିଷ୍ଠ ନାଗରିକ ଉଭୟଙ୍କୁ ଏହି ସୁଧ ଆୟ ଉପରେ ଆଶ୍ୱସ୍ତି ପ୍ରଦାନ କରିବା ପାଇଁ ବିଭିନ୍ନ ଧାରା ଅଧୀନରେ କର ଛାଡ଼ କରେ।

ସାଧାରଣ କରଦାତାଙ୍କ ପାଇଁ (୬୦ ବର୍ଷରୁ କମ୍ ବୟସ୍କ), ସଞ୍ଚୟ ଖାତା ସୁଧ ଉପରେ କର ଛାଡ଼ ଆୟକର ଆଇନର ଧାରା ୮୦ଟିଟିଏ ଅନୁଯାୟୀ ଉପଲବ୍ଧ। ଏହି ଧାରା ଅନୁଯାୟୀ, ଏକ ଆର୍ଥିକ ବର୍ଷରେ ବ୍ୟାଙ୍କ, ସମବାୟ ବ୍ୟାଙ୍କ କିମ୍ବା ପୋଷ୍ଟ ଅଫିସରେ ଥିବା ସଞ୍ଚୟ ଖାତାରୁ ଉପାର୍ଜନ କରାଯାଇଥିବା ମୋଟ ସୁଧ




ଉପରେ ୧୦ ହଜାର ଟଙ୍କା ପର୍ଯ୍ୟନ୍ତ ରିଆତି ଦାବି କରାଯାଇପାରିବ। ଏହାର ସରଳ ଅର୍ଥ ହେଉଛି ଯଦି ଆପଣଙ୍କର ସମସ୍ତ ସଞ୍ଚୟ ଖାତାରୁ ସମଗ୍ର ବର୍ଷ ପାଇଁ ଅର୍ଜିତ ମୋଟ ସୁଧ ୧୦ ହଜାର ଟଙ୍କା କିମ୍ବା ତା'ଠାରୁ କମ୍ ହୋଇଥାଏ, ତେବେ ଆପଣଙ୍କୁ ଏଥିରେ କୌଣସି ଟିକସ ଦେବାକୁ ପଡ଼ିବନାହିଁ। ତଥାପି, ଯଦି ଆପଣଙ୍କର ସଞ୍ଚୟ ଖାତାରୁ ସୁଧ ଆୟ ୧୦ ହଜାର ଟଙ୍କା ସୀମା ଅତିକ୍ରମ କରେ, ତେବେ ଅତିରିକ୍ତ ପରିମାଣ 'ଅନ୍ୟ ଉତ୍ସରୁ ଆୟ'ରେ ଯୋଡା ଯାଏ ଏବଂ ଆପଣଙ୍କ ଟିକସ ସ୍ଲାବ ଅନୁଯାୟୀ ଟିକସ ଲଗାଯାଏ। ଧାରା ୮୦ ଟିଟିଏ ଅନୁଯାୟୀ ଏହି ଛାଡ଼ କେବଳ ସଞ୍ଚୟ ଖାତାରୁ ଅର୍ଜିତ ସୁଧ ଉପରେ ଉପଲବ୍ଧ, ସ୍ଥାୟୀ ଜମା (ଏଫ୍‌ଡି) କିମ୍ବା ଆର୍‌ଡି ଉପରେ ନୁହେଁ।

ବରିଷ୍ଠ ନାଗରିକମାନଙ୍କୁ (୬୦ ବର୍ଷ କିମ୍ବା ତା'ଠାରୁ ଅଧିକ ବୟସର) ଆଶ୍ୱସ୍ତି ଦେବା ପାଇଁ ଆୟକର ବିଭାଗ ଧାରା ୮୦ ଟିଟିବି ପ୍ରଚଳନ କରିଛି, ଯାହା ସାଧାରଣ ନାଗରିକଙ୍କ ପାଇଁ ଉପଲବ୍ଧ ଅପେକ୍ଷା ଯଥେଷ୍ଟ ଅଧିକ ଛାଡ଼ ପ୍ରଦାନ କରେ। ଧାରା ୮୦ ଟିଟିବି ଅନୁଯାୟୀ, ବରିଷ୍ଠ ନାଗରିକମାନେ ଏକ ଆର୍ଥିକ ବର୍ଷରେ ୫୦ ହଜାର ଟଙ୍କା ପର୍ଯ୍ୟନ୍ତ ସୁଧ ଆୟ ଉପରେ ଟିକସ ଛାଡ଼ ଦାବି କରିପାରିବେ। ବରିଷ୍ଠ ନାଗରିକମାନଙ୍କ ପାଇଁ ସବୁଠାରୁ ବଡ଼ ସୁବିଧା ହେଉଛି ଏହି ୫୦ ହଜାର ଟଙ୍କାର ସୀମାରେ କେବଳ ସଞ୍ଚୟ ଆକାଉଣ୍ଟରୁ ସୁଧ ନୁହେଁ, ବରଂ ସ୍ଥାୟୀ ଜମା (ଏଫ୍‌ଡି), ପୁନରାବୃତ୍ତି ଜମା (ଆର୍‌ଡି) ଏବଂ ପୋଷ୍ଟ ଅଫିସ ଯୋଜନାରୁ ସୁଧ ମଧ୍ୟ ଅନ୍ତର୍ଭୁକ୍ତ। ଏହାର ଅର୍ଥ ହେଉଛି ଯଦି ଜଣେ ବୟସ୍କ ବ୍ୟକ୍ତିଙ୍କ ସମସ୍ତ ଜମା ଯୋଜନାରୁ ବାର୍ଷିକ ସୁଧ ଆୟ ୫୦ ହଜାର ଟଙ୍କା ପର୍ଯ୍ୟନ୍ତ ହୋଇଥାଏ, ତେବେ ସେମାନଙ୍କୁ ଏହା ଉପରେ କୌଣସି ଟିକସ ଦେବାକୁ ପଡ଼ିବ ନାହିଁ ଏବଂ ବ୍ୟାଙ୍କଗୁଡ଼ିକ ଏହା ଉପରେ ଟିଡିଏସ୍ କାଟିବେ ନାହିଁ।

## ଆଜିର ରାଶିଫଳ

**ମେଷ:** ଦୀର୍ଘଦିନରୁ ଚାଲିଥିବା ପାରିବାରିକ ମତଭେଦ ଦୂର ହେବ। କର୍ମଚଞ୍ଚଳ ରହିବେ। ବିଦ୍ୟାର୍ଥୀ ପ୍ରତିଯୋଗିତା ପରୀକ୍ଷାରେ କୃତକାର୍ଯ୍ୟ ହେବେ। ଜୀବନସାଥୀଙ୍କଠାରୁ ଉପହାର ପାଇବେ।

**ବୃଷ:** ପାରିବାରିକ ଜୀବନ ସୁଖମୟ ହେବ। ବ୍ୟବସାୟକୁ ନେଇ ଦୂର ସ୍ଥାନକୁ ଯାତ୍ରା କରିବେ। ସନ୍ଧ୍ୟାରେ ବନ୍ଧୁଙ୍କ ସହ ବୁଲିବାକୁ ଯିବେ। ନୂଆ ବ୍ୟବସାୟ ଆରମ୍ଭ କରିବେ।

**ମିଥୁନ:** କ୍ୟାରିୟରକୁ ନେଇ ଚିନ୍ତାରେ ରହିବେ। ପରିବାର ପାଇଁ ସମୟ ବାହାର କରିବେ। ପ୍ରେମିକ-ପ୍ରେମିକାଙ୍କ ମଧ୍ୟରେ ମତଭେଦ ସୃଷ୍ଟି ହେବ। ନିବେଶ କରିବା ପାଇଁ ଉପଯୁକ୍ତ ସମୟ।

**କର୍କଟ:** ଅଫିସ୍‌ରେ ପଦୋନ୍ନତି ସମ୍ଭାବନା ଅଛି। ନୂଆ କାମ ଆରମ୍ଭ କରିବା ପୂର୍ବରୁ ଗୁରୁଜନଙ୍କ ପରାମର୍ଶ ନେବେ। ଛାତ୍ରଛାତ୍ରୀ ଖେଳକୁଦରେ ସମୟ ଅତିବାହିତ କରିବେ।

**ସିଂହ:** ବ୍ୟବସାୟ ପାଇଁ ଚିନ୍ତାରେ ରହିବେ। ଅର୍ଥ ନିବେଶରୁ ଦୂରେଇ ରହିବେ। ନୂଆ କାମ ପାଇଁ ଉପଯୁକ୍ତ ସମୟ। କୋର୍ଟ କଚେରୀ ମାମଲାରେ ବିଜୟ ଲାଭ କରିବେ। ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେବ।

**କନ୍ୟା:** ଆର୍ଥିକ ସମସ୍ୟା ଦେଖା ଦେବ। ଚିନ୍ତାରେ ରହିବେ ଏବଂ ପେଟଜନିତ ସମସ୍ୟା ଦେଖା ଦେବ। ଧାର୍ମିକ କାର୍ଯ୍ୟ ଆୟୋଜନ କରିବେ। ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ଭୁଲ୍ ବୁଝାମଣା ଦେଖାଦେବ।

**ତୁଳା:** ମନ ପ୍ରସନ୍ନ ରହିବ। ଦିନଟି ଶୁଭଫଳ ପ୍ରଦାନ କରିବ। ବ୍ୟବହାରରେ ସଂଯମତା ରକ୍ଷା କରିବେ। ମନରୁ ନକାରାତ୍ମକ ଚିନ୍ତାଧାର ଦୂର ହେବ। ନୂଆ ଲୋକଙ୍କ ସଂସ୍ପର୍ଶରେ ଆସିବେ।

**ବିଛା:** ଜମିବାଡ଼ିକୁ ନେଇ ବିବାଦ ଦେଖା ଦେବ। ଅଯଥା ଖର୍ଚ୍ଚରୁ ଦୂରେଇ ରହିବେ। ଉଚ୍ଚଶିକ୍ଷା ପାଇଁ ବିଦେଶ ଯାତ୍ରା ଯୋଗ ଅଛି। ଦାମ୍ପତ୍ୟ ଜୀବନରେ ତିକ୍ତତା ଆସିବ।

**ଧନୁ:** ସନ୍ତାନଙ୍କ ଭବିଷ୍ୟତ ପାଇଁ ନୂଆ ଯୋଜନା କରିବେ। ଜୀବନସାଥୀଙ୍କ ସହ ଦୂର ସ୍ଥାନକୁ ଯାତ୍ରା କରିବେ। ବିଦ୍ୟାର୍ଥୀ କଠିନ ପରିଶ୍ରମ କରିବେ। ସମସ୍ତ ଇଚ୍ଛା ପୂରଣ ହେବ।

**ମକର:** ବିବାଦୀୟ କାର୍ଯ୍ୟରୁ ଦୂରେଇ ରହିବେ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। ଭଗବାନ ଶିବଙ୍କୁ ପୂଜା କରିବେ। ପରିବାର ସଦସ୍ୟଙ୍କ ସହ ହସଖୁସିରେ ସମୟ ଅତିବାହିତ କରିବେ।

**କୁମ୍ଭ:** ନୂଆ କାର୍ଯ୍ୟ ଆରମ୍ଭରୁ ଦୂରେଇ ରହିବେ। ଅଫିସ୍‌ରେ ସହକର୍ମୀଙ୍କ ସାହାଯ୍ୟ ମିଳିବ। ପଡ଼ୋଶୀଙ୍କ ସହ ମତାନ୍ତର ଦୂର ହେବ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

**ମୀନ:** ବ୍ୟବସାୟରେ ବାଧା ଆସିବ। ଗୀତ, ନାଚରେ ସମୟ ଅତିବାହିତ କରିବେ। ସ୍ୱାସ୍ଥ୍ୟ ସମସ୍ୟା ଦୂର ହେବ। ବନ୍ଧୁ ମିଳନ କାର୍ଯ୍ୟକ୍ରମରେ ଯୋଗ ଦେବେ। ଅସହାୟଙ୍କୁ ସାହାଯ୍ୟ କରିବେ।

## ଆଜିର ଇତିହାସ

- ୧୭୧୩- ରୁଷ୍ ଓ ତୁର୍କୀ ଶାନ୍ତି ସନ୍ଧିରେ ସ୍ୱାକ୍ଷର କଲେ।
- ୧୮୯୭- ବାଲ୍ ଗଙ୍ଗାଧର ତିଳକଙ୍କୁ ପ୍ରଥମ ଥର ପାଇଁ ଗିରଫ କରାଗଲା।
- ୧୯୩୯- କେନ୍ଦ୍ରୀୟ ରିଜର୍ଭ ପୁଲିସ୍ ବଳର ସ୍ଥାପନା।
- ୧୯୮୭- ଟାଇଟାନିକ୍ ଜାହାଜର ପ୍ରଥମ ଥର ଧ୍ୱଂସାବଶେଷ ଠାବ କରାଗଲା।
- ୧୯୯୪- ଯଶପାଲ ରାଣା ସୁଟିଂ ଚାମ୍ପିୟନ୍‌ସିପ୍‌ରେ ସ୍ୱର୍ଣ୍ଣପଦକ ଜିତିଲେ।
- ୨୦୦୨- ୟୁକ୍ରେନ୍‌ରେ ଏକ ବିମାନ ଦୁର୍ଘଟଣାରେ ୭୦ ଲୋକଙ୍କ ପ୍ରାଣହାନି।

## ଚେହେରା ଲୁଚାଇଲେ ରଣବୀର



ବଲିଉଡ୍‌ର ଲୋକପ୍ରିୟ ଅଭିନେତା ରଣବୀର ସିଂହ 'ଧୂରନ୍ଧର ୨'ର ଜବରଦସ୍ତ ସଫଳତା ପରେ ଏବେ ବକ୍ସ ଅଫିସ୍‌କୁ ପୁଣି ଏକ ବ୍ଲକ୍‌ବଷ୍ଟର୍ ଫିଲ୍ମ ଦେବା ପ୍ରସ୍ତୁତିରେ ଲାଗିପଡ଼ିଛନ୍ତି। ରଣବୀର ଏବେ ତାଙ୍କ ଆଗାମୀ ଫିଲ୍ମ 'ପ୍ରଳୟ'କୁ ନେଇ ଚର୍ଚ୍ଚାରେ ଅଛନ୍ତି। ନିକଟରେ ସେ ଫିଲ୍ମ ନିର୍ମାତା ହଂସଲ ମେହେଟାଙ୍କ ଅଫିସ୍ ବାହାରେ ଦେଖା ଯାଇଥିଲେ। ଏହିସମୟରେ ସେ ଆଖିରେ ଚଷମା, ମୁହଁରେ ମାସ୍କ ଏବଂ କ୍ୟାପ୍ ପିନ୍ଧି ନିଜର ନୂଆ ଲୁକ୍‌କୁ ଲୁଚାଇ ରଖିବାକୁ ଚେଷ୍ଟା କରିଥିଲେ। ରଣବୀର 'ପ୍ରଳୟ' ଫିଲ୍ମ ପାଇଁ ଏକ ନୂଆ ଲୁକ୍ ଆପଣାଉଛନ୍ତି, ଯାହାକୁ ସେ ଫିଲ୍ମର ଅଫିସିଆଲ୍ ଘୋଷଣା ପୂର୍ବରୁ ଲୋକଲୋଚନକୁ ଆଣିବାକୁ ଚାହୁଁ ନାହାନ୍ତି। ସେଥିପାଇଁ ସେ ଆଖିରେ ଚଷମା, ମୁହଁରେ ମାସ୍କ ଏବଂ ମୁଣ୍ଡରେ କ୍ୟାପ୍ ପିନ୍ଧି ମୁହଁକୁ ଗଣମାଧ୍ୟମଠାରୁ ଲୁଚାଉଥିବା ଚର୍ଚ୍ଚା ହେଉଛି। ସେ ଅଗଷ୍ଟରୁ 'ପ୍ରଳୟ'ର ସୁଟିଂ ଆରମ୍ଭ କରିବେ। ଫିଲ୍ମର ସୁଟିଂ ଦୀପାବଳି ପର୍ଯ୍ୟନ୍ତ ଚାଲିବ। ଏହି ଫିଲ୍ମର ଏକ ବଡ଼ ଅଂଶର ସୁଟିଂ ଅଷ୍ଟ୍ରେଲିଆରେ କରାଯିବ। ଅଭିନେତ୍ରୀ କଲ୍ୟାଣୀ ପ୍ରିୟଦର୍ଶନ ଏଥିରେ ରଣବୀରଙ୍କ ସହ ମୁଖ୍ୟ ଭୂମିକାରେ ନଜର ଆସିବେ। ଏହା ତାଙ୍କର ପ୍ରଥମ ହିନ୍ଦୀ ଫିଲ୍ମ ମଧ୍ୟ ହେବ। ଫିଲ୍ମର ବଜେଟ୍ ରହିଛି ୩୦୦ କୋଟି। ଏହା ରଣବୀରଙ୍କ କ୍ୟାରିୟରର ସବୁଠାରୁ ବ୍ୟୟବହୁଳ ସୋଲୋ ଫିଲ୍ମ ହେବାକୁ ଯାଉଛି। ବିଶେଷ କଥା ହେଉଛି, ରଣବୀର ଏହି ଫିଲ୍ମକୁ ନିଜ ପ୍ରଡକ୍ସନ ହାଉସ୍ ଅଧୀନରେ କୋ-ପ୍ରଡ୍ୟୁସ ମଧ୍ୟ କରୁଛନ୍ତି।

## ରସଗୋଲା ଦିବସ



ଆଜି ରସଗୋଲା ଦିବସ। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନୀଳାଦ୍ରି ବିଜେ ଅବସରରେ ଏହି ଦିନ ପାଳନ କରାଯାଏ। ଏହି ଦିନ ମହାପ୍ରଭୁ ଶ୍ରୀଜଗନ୍ନାଥ ଶ୍ରୀଗୁଣ୍ଡିଚା ମନ୍ଦିରରୁ ଫେରି ଶ୍ରୀମନ୍ଦିରକୁ ବିଜେ କରନ୍ତି। ଏହି ତିଥିରେ ପୁରୀ ବଡ଼ଦେଉଳର ଜୟ ବିଜୟ ଦ୍ୱାରରେ ମହାଲକ୍ଷ୍ମୀଙ୍କ କ୍ରୋଧ ଭାଙ୍ଗିବା ପାଇଁ ଶ୍ରୀଜଗନ୍ନାଥଙ୍କ ପକ୍ଷରୁ ରସଗୋଲା ଅର୍ପଣ କରାଯାଏ। ତା' ପରେ ଠାକୁରମାନେ ମନ୍ଦିରରେ ପ୍ରବେଶ କରନ୍ତି। ଦ୍ୱାଦଶ ଶତାବ୍ଦୀରୁ ନୀଳାଦ୍ରି ବିଜେ ସମୟରେ ମହାଲକ୍ଷ୍ମୀଙ୍କୁ ରସଗୋଲା ଭେଟି ପରମ୍ପରା ଚାଲି ଆସୁଛି ବୋଲି ଐତିହାସିକ ଓ ଗବେଷକମାନେ ମତ ଦିଅନ୍ତି। ଏହି ପରମ୍ପରା ଓଡ଼ିଆ ସଂସ୍କୃତିରେ ରସଗୋଲାର ମହତ୍ତ୍ୱକୁ ଦର୍ଶାଏ। ଓଡ଼ିଶାର ରସଗୋଲାକୁ ଆହୁରି ପ୍ରସାର ପ୍ରଚାର କରିବା ପାଇଁ ରସଗୋଲା ଦିବସ ପାଳନ ହେଉଛି। ୨୦୧୫ ଜୁଲାଇ ୩୦ ନୀଳାଦ୍ରି ବିଜେ ଦିନ ଏହା ପ୍ରଥମେ ସୋସିଆଲ ମିଡିଆରୁ ଆରମ୍ଭ ହୋଇଥିଲା। ରସଗୋଲାକୁ ନେଇ ପଶ୍ଚିମବଙ୍ଗ ଓ ଓଡ଼ିଶା ମଧ୍ୟରେ 'ମିଠାଯୁଦ୍ଧ' ଆରମ୍ଭ ହୋଇଥିଲା। ପଶ୍ଚିମବଙ୍ଗ 'ରସଗୁଲ୍ଲା' ତାଙ୍କର ବୋଲି ଦାବି କରିଥିଲା। ୧୮୬୮ ମସିହାରେ କଲିକତାରେ ନବୀନ ଚନ୍ଦ୍ର ଦାସ ପ୍ରଥମେ 'ରସଗୁଲ୍ଲା' ତିଆରି କରିଥିଲେ ବୋଲି ଯୁକ୍ତି ବାଢ଼ିଥିଲା ପଶ୍ଚିମବଙ୍ଗ। ଓଡ଼ିଶା ପକ୍ଷରୁ ତଥ୍ୟ ପ୍ରମାଣ ସହ ରସଗୋଲାର ଉତ୍ପତ୍ତି ଓଡ଼ିଶାରୁ ବୋଲି ସ୍ପଷ୍ଟ କରାଯାଇଥିଲା। ଶେଷରେ ୨୦୧୯ ମସିହା ଜୁଲାଇ ୨୯ ତାରିଖରେ ଓଡ଼ିଶାର ରସଗୋଲାକୁ ଜିଆଇ ଟ୍ୟାଗ୍ ମିଳିଥିଲା। ବିକଳାନନ୍ଦ କରଙ୍କ ସାଲେପୁର ରସଗୋଲା ଓ ପାହାଳରେ ପ୍ରସ୍ତୁତ ରସଗୋଲା ଦେଶ ତଥା ବିଦେଶରେ ବି ପରିଚିତ। ରସଗୋଲା ଦିବସ ପାଇଁ ପାହାଳ ଓ ସାଲେପୁରରେ ପ୍ରବଳ ଭିଡ଼ ଜମେ। ମିଠା ବ୍ୟବସାୟୀମାନେ ବିଭିନ୍ନ ଆକାରର ଏବଂ ନୂଆ ନୂଆ ସ୍ୱାଦର ରସଗୋଲା ପ୍ରସ୍ତୁତ କରିଥାନ୍ତି। ପାହାଳ ରସଗୋଲା ଆକାରରେ ସାମାନ୍ୟ ଛୋଟ, ଅତି ନରମ ଏବଂ ଏହାକୁ ସାରା ଦିନ ଗରମ ସିରାରେ ରଖାଯାଇଥାଏ। ଏହାକୁ ତତଲା ଖାଇବାକୁ ଲୋକେ ପସନ୍ଦ କରନ୍ତି। ସେହିପରି ସାଲେପୁର ରସଗୋଲା ଆକାରରେ ବଡ଼ ଏବଂ ସାମାନ୍ୟ ଶକ୍ତ ହୋଇଥାଏ। ଏହାର ସ୍ୱାଦ ଦୀର୍ଘ ଦିନ ପର୍ଯ୍ୟନ୍ତ ଖରାପ ହୁଏନାହିଁ ଏବଂ ଏହାକୁ ପ୍ୟାକେଟ୍ କରି ବାହାରକୁ ପଠାଯାଏ।

## ଆଜି ବାହୁଡ଼ିଥିଲେ

### ମିସାଇଲ୍ ମ୍ୟାନ୍

### ଏପିଜେ ଅବଦୁଲ କଲାମ



ଭାରତର ପୂର୍ବତନ ଲୋକପ୍ରିୟ ରାଷ୍ଟ୍ରପତି ତଥା 'ମିସାଇଲ୍ ମ୍ୟାନ୍' ଭାବେ ପରିଚିତ ଏପିଜେ ଅବଦୁଲ କଲାମଙ୍କର ଆଜି ପୁଣ୍ୟତିଥି। ଭାରତରେ କ୍ଷେପଣାସ୍ତ୍ର କାର୍ଯ୍ୟକ୍ରମକୁ ସଫଳତାର ଶିଖରରେ ପହଞ୍ଚାଇଥିବା ବ୍ୟକ୍ତି ହେଉଛନ୍ତି କଲାମ। ଏପରିକି ଭାରତକୁ ପରମାଣୁ ଶକ୍ତି ସମ୍ପନ୍ନ ରାଷ୍ଟ୍ର କରିବାରେ ତାଙ୍କର ପ୍ରମୁଖ ଭୂମିକା ରହିଥିଲା। ତାମିଲନାଡୁର ରାମେଶ୍ୱରମ୍‌ରେ ୧୯୩୧ ମସିହା ଅକ୍ଟୋବର ୧୫ ତାରିଖରେ ସେ ଏକ ଗରିବ ମୁସଲିମ୍ ପରିବାରରେ ଜନ୍ମଗ୍ରହଣ କରିଥିଲେ। ପିଲାଟିବେଳୁ ସଂଘର୍ଷରେ ଜୀବନ ଅତିବାହିତ କରିଥିବା କଲାମ ପରବର୍ତ୍ତୀ ସମୟରେ ଭାରତୀୟ ବିଜ୍ଞାନ ଜଗତର ମହାନାୟକ ପାଲଟି ଯାଇଥିଲେ। ସେ ତିରୁଚିଲାପଲ୍ଲୀର ସେଣ୍ଟ ଜୋସେଫ୍ କଲେଜରୁ ପଦାର୍ଥ ବିଜ୍ଞାନରେ ସ୍ନାତକ କରିବା ପରେ ୧୯୬୦ରେ ମାଡ୍ରାସ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜିରୁ ମହାକାଶ ଇଞ୍ଜିନିୟରିଂରେ ଡିଗ୍ରୀ ହାସଲ କରିଥିଲେ। ଏହାପରେ ସେ ଡିଆରଡିଓରେ ଜଣେ ବୈଜ୍ଞାନିକ ଭାବେ ଯୋଗ ଦେଇଥିଲେ। ୧୯୬୯ରେ ସେ ଇଣ୍ଡିଆନ୍ ସ୍ପେସ୍ ରିସର୍ଚ୍ଚ ଅର୍ଗାନାଇଜେସନ୍ ବା ଇସ୍ରୋକୁ ବଦଳି ହୋଇଯାଇଥିଲେ। ସେବେଠୁ ସେ ରଚି ଚାଲିଲେ ଗୋଟିଏ ପରେ ଗୋଟିଏ ଇତିହାସ। ୧୯୯୮ ଐତିହାସିକ ପୋଖରାନ୍ ଆଣବିକ ବୋମା ପରୀକ୍ଷଣର ସେ ଥିଲେ ମୁଖ୍ୟ ପୁରୋଧା। ତାଙ୍କର ପ୍ରଚେଷ୍ଟା ଓ ଗବେଷଣା ବଳରେ ଅଗ୍ନି, ତ୍ରିଶୂଳ, ପୃଥ୍ୱୀ, ଆକାଶ, ଓ ବ୍ରହ୍ମୋସ୍ କ୍ଷେପଣାସ୍ତ୍ରକୁ ବିକଶିତ କରାଯାଇଛି। ତେଣୁ ତାଙ୍କୁ ଭାରତୀୟ କ୍ଷେପଣାସ୍ତ୍ରର ଜନକ ବୋଲି କୁହାଯାଏ। ୨୦୦୨ରୁ ୨୦୦୭ ପର୍ଯ୍ୟନ୍ତ ସେ ଭାରତର ଏକାଦଶ ରାଷ୍ଟ୍ରପତି ଥିଲେ। ରାଷ୍ଟ୍ରପତି ହେବା ପରେ ମଧ୍ୟ ସେହିଭଳି ସାଧାରଣ ଜୀବନଯାପନ କରୁଥିଲେ କଲାମ। ସଭାସମିତିରେ ଚାକଚକ୍ୟ ଆସନ ଅଳଙ୍କୃତ କରିବା ତ ଦୂରର କଥା, କାହାରିଠାରୁ ଫୁଲତୋଡ଼ାଟିଏ ଗ୍ରହଣ କରିବାକୁ ସେ କୁଣ୍ଠାବୋଧ ପ୍ରକାଶ କରୁଥିଲେ। ଏହି ସମୟ ମଧ୍ୟରେ ବିଭିନ୍ନ ଶିକ୍ଷାନୁଷ୍ଠାନକୁ ଯାଇ ବିଜ୍ଞାନକୁ ଅତି ସରଳ ଭାବେ ଛାତ୍ରମାନଙ୍କୁ ବୁଝାଇ ସେମାନଙ୍କ ସହ ସମୟ ଅତିବାହିତ କରୁଥିଲେ। କଲାମ ତାଙ୍କ ଜୀବନ କାଳରେ ଅନେକ ପୁସ୍ତକ ମଧ୍ୟ ଲେଖିଛନ୍ତି। ତାଙ୍କ ଆତ୍ମଜୀବନୀ 'ୱିଙ୍ଗସ୍ ଅଫ୍ ଫାୟାର୍', 'ଭିଜନ୍ ୨୦୨୦', 'ଇଗ୍‌ନାଇଟେଡ୍ ମାଇଣ୍ଡସ୍' ଆଦି ପୁସ୍ତକ ଯୁବପିଢ଼ିଙ୍କ ପାଇଁ ପ୍ରେରଣାର ଉତ୍ସ ହୋଇଛି। ମହାକାଶ ବିଜ୍ଞାନ ଏବଂ ପ୍ରତିରକ୍ଷା ବିଜ୍ଞାନରେ ଅତୁଳନୀୟ ଅବଦାନ ପାଇଁ ତାଙ୍କୁ ୧୯୯୭ ମସିହାରେ 'ଭାରତ ରତ୍ନ'ରେ ସମ୍ମାନିତ କରାଯାଇଥିଲା। ଏହାପୂର୍ବରୁ ୧୯୮୧ରେ ଭାରତ ସରକାର ତାଙ୍କୁ ପଦ୍ମ ଭୂଷଣରେ ସମ୍ମାନିତ କରିଥିଲେ। ୧୯୯୦ରେ ତାଙ୍କୁ ପ୍ରଦାନ କରାଯାଇଥିଲା ପଦ୍ମ ବିଭୂଷଣ। ୪୦ ଗୋଟି ବିଶ୍ୱବିଦ୍ୟାଳୟରୁ ସେ ସମ୍ମାନଜନକ ଡକ୍ଟରେଟ୍ ଉପାଧି ପାଇଥିଲେ। ୨୦୧୫ ଆଜିର ଦିନରେ ସିଲଂର ଆଇଆଇଏମ୍ ଇନଷ୍ଟିଚ୍ୟୁଟ୍‌ରେ ଭାଷଣ ଦେଉଥିବାବେଳେ ହୃଦ୍‌ଘାତରେ ତାଙ୍କର ମୃତ୍ୟୁ ହୋଇଥିଲା।

## ସ୍ୱସ୍ତି

## କେଉଁ ଅଙ୍ଗୁଳି ପାଇଁ କେଉଁ ଗ୍ରହ ମୁଦି

**ଜ୍ୟୋତିଷ ଶାସ୍ତ୍ରରେ ପ୍ରତ୍ୟେକ ଅଙ୍ଗୁଳିର ସମ୍ବନ୍ଧ କୌଣସି ଗ୍ରହ ସହିତ ସମ୍ବନ୍ଧିତ। ଏଣୁ କୌଣସି ଗ୍ରହର ମୁଦି ବା ଧାତୁ ଧାରଣ କରିବା ବେଳେ ଠିକ୍ ଅଙ୍ଗୁଳିରେ ପିନ୍ଧିବା ଉଚିତ।**



**ତର୍ଜନୀ:** ସୁନା ମୁଦି ତର୍ଜନୀ ଅଙ୍ଗୁଳିରେ ପିନ୍ଧିବା ଉଚିତ। ଏହା ସୂର୍ଯ୍ୟ ଗ୍ରହ ସହିତ ସମ୍ବନ୍ଧିତ। ଆତ୍ମବିଶ୍ୱାସ, ନେତୃତ୍ୱ ନେବାର କ୍ଷମତା, ସମ୍ମାନ ସହିତ ଏହା ଜଡ଼ିତ ବୋଲି ବିବେଚନା କରାଯାଏ।

**ମଧ୍ୟମା:** ଲୁହା ମୁଦି ଶନି ଗ୍ରହ ସହିତ ସମ୍ବନ୍ଧିତ। ଏହାକୁ ଧାରଣ କରିବା ପୂର୍ବରୁ ଜ୍ୟୋର୍ତିବିଦ୍‌ଙ୍କ ପରାମର୍ଶ ନେବା ଉଚିତ। ଏହାକୁ ମଧ୍ୟମା ଅଙ୍ଗୁଳିରେ ପିନ୍ଧିବା ଭଲ।

**ଅନାମିକା:** ତମ୍ବା ବା ସୁନା ସୂର୍ଯ୍ୟ ଗ୍ରହ ସହିତ ଜଡ଼ିତ। ଏହା ଯଶ, ପ୍ରତିଷ୍ଠା ଏବଂ ସକାରାତ୍ମକ ଶକ୍ତିର ପ୍ରତୀକ। ଅନାମିକା ଅଙ୍ଗୁଳିରେ ଏହାକୁ ଧାରଣ କରିବା ଭଲ।

**କନିଷ୍ଠା:** ରୂପା ମୁଦି ବୁଧ ଗ୍ରହ ସହିତ ଜଡ଼ିତ। ବାଣୀ, ବୁଦ୍ଧି, ସଂଚାର କୌଶଳ ସହିତ ଏହା ଜଡ଼ିତ। ଉକ୍ତ ମୁଦିକୁ କନିଷ୍ଠା ଅଙ୍ଗୁଳିରେ ପିନ୍ଧିବା ଭଲ।

**ବୁଢ଼ା ଅଙ୍ଗୁଳି:** ଶୁକ୍ର ଗ୍ରହ ସହିତ ରୂପା ଜଡ଼ିତ। ଆକର୍ଷଣ, ସୃଜନଶୀଳତା ଏବଂ ସୌନ୍ଦର୍ଯ୍ୟର ଏହା ପ୍ରତୀକ। ଏହାକୁ ବୁଢ଼ା ଅଙ୍ଗୁଳିରେ ପିନ୍ଧିବା ଉଚିତ।

## ନୀଳାଦ୍ରି ବିଜେ




**ରଥଯାତ୍ରାର ଅନ୍ତିମ ପର୍ବ ହେଉଛି ନୀଳାଦ୍ରି ବିଜେ। ଏହିଦିନ ମହାପ୍ରଭୁ ରତ୍ନବେଦୀକୁ ବାହୁଡ଼ିବେ। ତିନି ଠାକୁର ରତ୍ନ ସିଂହାସନରେ ବିଜେ କରିବେ। ତେବେ ଅଧରପଣା ପରଦିନ ରଥାରୂଢ଼ ଚତୁର୍ଦ୍ଧାମୂର୍ତ୍ତି ରତ୍ନ ସିଂହାସନକୁ ପ୍ରତ୍ୟାବର୍ତ୍ତନ କରନ୍ତି। ଏହାକୁ 'ନୀଳଦ୍ରି ବିଜେ' ବା 'ନୀଳାଦ୍ରି ବିଜୟ' କୁହାଯାଏ। ସନ୍ଧ୍ୟାଧୂପ ନୀତି ପରେ ଗୋଟି ପହଣ୍ଡିରେ ଶ୍ରୀବିଗ୍ରହମାନେ ନୀଳାଦ୍ରି ବିଜେ କରନ୍ତି। ଏହିଦିନ ମହାପ୍ରଭୁଙ୍କ ପାଖରେ ରସଗୋଲା ଭୋଗ ଲାଗି କରାଯାଏ।**

ଏହିଦିନ ରଥରେ ଚାରମାଳ ବନ୍ଧା ଯାଇଥାଏ। ଏହା ପରେ ବିଜେ କାହାଳୀ ବାଜେ। ତା'ପରେ ବନ୍ଦାପନା ଓ ଡୋରି ଲାଗି ନୀତି ହୋଇଥାଏ। ତେବେ ପ୍ରଥମେ ମଦନମୋହନ ଓ ରାମକୃଷ୍ଣ ବିଗ୍ରହଙ୍କୁ ଦକ୍ଷିଣୀ ଘରକୁ ବିଜେ କରାଯାଏ। ଏହା ପରେ ଗୋଟି ପହଣ୍ଡିରେ ସୁଦର୍ଶନ, ଶ୍ରୀବଳଭଦ୍ର, ଦେବୀ ସୁଭଦ୍ରା ଓ ଶ୍ରୀ ଜଗନ୍ନାଥ ରତ୍ନସିଂହାସନକୁ ବିଜେ କରନ୍ତି। ଏହି ସମୟରେ ଭକ୍ତଙ୍କ ହରିବୋଲ, ହୁଳହୁଳି, ଘଣ୍ଟ, ଘଣ୍ଟି, ଶଙ୍ଖ ନାଦରେ ସିଂହଦ୍ୱାର ପ୍ରକମ୍ପିତ ହୁଏ।

ଶ୍ରୀଜଗନ୍ନାଥ ପହଣ୍ଡି ବିଜେ କରିବା ପରେ ଲକ୍ଷ୍ମୀଠାକୁରାଣୀ ଭେଟ ମଣ୍ଡପକୁ ଆସିଥାନ୍ତି। ଜଗନ୍ନାଥ ଓ ଲକ୍ଷ୍ମୀ ଠାକୁରାଣୀ ପରସ୍ପର ଭେଟ ହୋଇଥାନ୍ତି। ପରମ୍ପରା ଅନୁସାରେ, ମହାପ୍ରଭୁ ସିଂହଦ୍ୱାର ନିକଟରେ ପହଞ୍ଚିବା ବେଳେ ସାମୟିକ ଭାବେ ଦ୍ୱାର ବନ୍ଦ ହୋଇଥାଏ। ତା'ସହ ଏହା କିଛି କ୍ଷଣ ପରେ ଖୋଲି ଯାଏ। ପୁଣି ମହପ୍ରଭୁ ଜୟ ବିଜୟ ଦ୍ୱାର ନିକଟରେ ବିଜେ କରିବା ସମୟରେ ଆଉ ଥରେ ଉକ୍ତ ଦ୍ୱାର ଭିତର ପଟୁ ବନ୍ଦ କରାଯାଏ। ଏଠାରେ ଜଗନ୍ନାଥ ଓ ଲକ୍ଷ୍ମୀଙ୍କ ମଧ୍ୟରେ କଳି ହୋଇଥାଏ। ରଥଯାତ୍ରାରେ ବଡ଼ ଭାଇ ଓ ସାନ ଭଉଣୀଙ୍କୁ ସାଙ୍ଗରେ ନେଇ ମାଉସୀ ଘରକୁ ଯାତ୍ରା କରିଥିଲେ। ସାଙ୍ଗରେ ଲକ୍ଷ୍ମୀ ମା' ଯାଇ ନ ଥିବାରୁ ସେ ଅଭିମାନ କରିଥିଲେ। ମହାପ୍ରଭୁ ତାଙ୍କ ମାନଭଞ୍ଜନ କରନ୍ତି। ତେଣୁ ମହାପ୍ରଭୁଙ୍କ ସହଚର ଓ ମା' ଲକ୍ଷ୍ମୀଠାକୁରାଣୀଙ୍କ ସହଚରୀଙ୍କ ମଧ୍ୟରେ ଲୋକ ପାରମ୍ପରିକ ବଚନିକା ପରେ ଜୟ ବିଜୟ ଦ୍ୱାର ଖୋଲେ।

ନୀଳାଦ୍ରି ବିଜେର ଅନ୍ୟତମ ବିଶେଷତ୍ୱ ହେଲା ରସଗୋଲା ଭୋଗ। ଶ୍ରୀମନ୍ଦିରରେ ପ୍ରବେଶ ପୂର୍ବରୁ ମହାପ୍ରଭୁ ରସଗୋଲା ଖୁଆଇ ଲକ୍ଷ୍ମୀଙ୍କ ମାନ ଭଞ୍ଜନ କରନ୍ତି। ମହାପ୍ରଭୁଙ୍କ ମାନବୀୟ ଲୀଳାରେ ଦାମ୍ପତ୍ୟ ଭାବନାର ଏହା ଅନନ୍ୟ ନିଦର୍ଶନ। ବର୍ଷକୁ ଗୋଟିଏ ଦିନ ଶ୍ରୀମନ୍ଦିର ଭିତରେ ନୀଳାଦ୍ରି ବିଜେ ସମୟରେ ଜଗନ୍ନାଥ ମହାପ୍ରଭୁଙ୍କୁ ରସଗୋଲା ଭୋଗ କରାଯାଏ। ଅନ୍ୟପଟେ ଏହିଦିନକୁ ରସଗୋଲା ଦିବସ ଭାବେ ମଧ୍ୟ ପାଳନ କରାଯାଏ।

## ଗୁରୁ ମନ୍ତ୍ରର ମହତ୍ତ୍ୱ



ଗୁରୁ-ଶିଷ୍ୟ ସମ୍ପର୍କର ଏକ ନିଆରା ଉତ୍ସବ ହେଉଛି ଗୁରୁ ପୂର୍ଣ୍ଣିମା। ଜୁଲାଇ ୨୯ ତାରିଖରେ ଏହାକୁ ପାଳନ କରାଯିବ। ଗୁରୁ ପୂର୍ଣ୍ଣିମା ଭଳି ଏକ ଶୁଭ ଅବସରରେ ଶିଷ୍ୟ ନିଜ ଗୁରୁଙ୍କ ପୂଜା କରି କୃତଜ୍ଞତା ଜ୍ଞାପନ କରନ୍ତି। ଏହାସହ ଏହି ଅବସରରେ ବହୁ ସଂଖ୍ୟକ ଲୋକ ଗୁରୁ ମନ୍ତ୍ର ନିଅନ୍ତି।

- ଗୁରୁ ମନ୍ତ୍ର ଦେବାର ବିଶେଷ ବିଧି ଅଛି। ଶିଷ୍ୟଙ୍କୁ ଗୁରୁ ମନ୍ତ୍ର ସହ ଜଡ଼ିତ ନିୟମକୁ ପାଳନ କରିବାକୁ ପଡ଼ିଥାଏ। ସେହିପରି ଗୁରୁ ଆଜ୍ଞା ସବୁବେଳେ ପାଳନ କରିବାକୁ ପଡ଼ିଥାଏ। ଯେଉଁ ବ୍ୟକ୍ତି ଗୁରୁଙ୍କ ଆଦେଶରେ ଜୀବନ ଅତିବାହିତ କରନ୍ତି, ଭଲ ଆଚରଣ ଏବଂ ଭଗବାନଙ୍କ ଭକ୍ତି କରନ୍ତି, ତାଙ୍କ ଜୀବନ ସଫଳ ହୁଏ।
- ଗୁରୁ ଯେତେବେଳେ ନିଜ ଶିଷ୍ୟଙ୍କୁ ଦୀକ୍ଷା ଦିଅନ୍ତି, କାନରେ ମନ୍ତ୍ର କୁହନ୍ତି। ହିନ୍ଦୁ ଧର୍ମରେ ଶରୀରର ଡାହାଣ ଭାଗକୁ ଅଧିକ ପବିତ୍ର ବୋଲି କୁହାଯାଏ। ତେଣୁ ଗୁରୁ ଶିଷ୍ୟର ଡାହାଣ କାନରେ ମନ୍ତ୍ର କହନ୍ତି। ମନ୍ତ୍ରକୁ ଧୀରେ ଧୀରେ କାନରେ କହିବା ପଛରେ କାରଣ ଅଛି। ଏହି ପ୍ରକ୍ରିୟା ଯେଭଳି ଗୁପ୍ତ ଓ ଏହାର ପ୍ରଭାବ ଅଧିକ ରହିବ। ମନ୍ତ୍ରର ଶକ୍ତି କେବଳ ଗୁରୁ ଓ ଶିଷ୍ୟ ପର୍ଯ୍ୟନ୍ତ ହିଁ ସୀମିତ ରହିବା ଉଚିତ।
- ସେହିପରି ଗୁରୁ ଶିଷ୍ୟଙ୍କ କାନରେ ମନ୍ତ୍ର କହୁଥିବା ବେଳେ ଶିଷ୍ୟ ମଧ୍ୟ ଏହାକୁ ସବୁଦିନ ପାଇଁ ନିଜ ଭିତରେ ହିଁ ସୀମିତ ରଖନ୍ତି। ଏହାର ଅର୍ଥ ଗୁରୁ ମନ୍ତ୍ର କାହାକୁ କୁହାଯାଏ ନାହିଁ। କୁହାଯାଏ ମନ୍ତ୍ର ଅନ୍ୟ କାହାରିକୁ କହିବା ଦ୍ୱାରା ଏହାର ଶକ୍ତି କମ୍ ହୋଇଯାଏ। ଶିଷ୍ୟର ମନ୍ତ୍ର ଜପକୁ ନେଇ ଏକାଗ୍ରତା କମ୍ ହୋଇଯାଏ। ଏହା ଦ୍ୱାରା ଗୁରୁ ମନ୍ତ୍ରର ଲାଭ ପ୍ରାପ୍ତ ହୁଏ ନାହିଁ।
- ଧାର୍ମିକ ମାନ୍ୟତାନୁସାରେ, ଗୁରୁ ମନ୍ତ୍ର ସାଧକଙ୍କୁ ଆଧ୍ୟାତ୍ମିକ ଅନୁଶାସନ, ଏକାଗ୍ରତା, ଆତ୍ମଚିନ୍ତନର ମାର୍ଗ ଦେଖାଏ। ଗୁରୁ ମାର୍ଗଦର୍ଶନରେ ନିୟମିତ ମନ୍ତ୍ର ଜପ କରିବା ଦ୍ୱାରା ସାଧକ ମନ ଶାନ୍ତ ରହେ। ତା'ସହ ସେ ନିଜ ଇଷ୍ଟଙ୍କ ପ୍ରତି ଭକ୍ତି ଓ ସାଧନାରେ ଅଧିକ ଏକାଗ୍ର ହୋଇପାରେ। ଅବଶ୍ୟ ଗୁରୁ ମନ୍ତ୍ର ଓ ସାଧନା ସହିତ ଜଡ଼ିତ ନିୟମ ଅଲଗା ଅଲଗା ସଂପ୍ରଦାୟ ଏବଂ ଗୁରୁ ପରମ୍ପରାରେ ଅଲଗା ହୋଇପାରେ।

## ଚତୁର୍ମାସରେ ବିଷ୍ଣୁ ପୂଜାର ନିୟମ

ହରିଶୟନ ଏକାଦଶୀରୁ ଆରମ୍ଭ ହୋଇଛି ଚତୁର୍ମାସ। ଏହା ଚାରିମାସ ଧରି ବଳବତ୍ତର ରହିବ। କାଳ ଅଶୁଦ୍ଧି ହେତୁ ଏହି ସମୟରେ କୌଣସି ପ୍ରକାର ମାଙ୍ଗଳିକ କାର୍ଯ୍ୟ ପାଇଁ ବାରଣ କରାଯାଇଥାଏ। ଚତୁର୍ମାସରେ ସୃଷ୍ଟିର ପାଳନ କର୍ତ୍ତା ଭଗବାନ ବିଷ୍ଣୁ ଯୋଗନିଦ୍ରାରେ ଥାନ୍ତି। ଏହି ସମୟରେ ବିଷ୍ଣୁଙ୍କୁ ପୂଜା କରିବା ଦ୍ୱାରା ସମସ୍ତ ମନୋକାମନା ପୂରଣ ହେଉଥିବା ବିଶ୍ୱାସ ଅଛି। ବିଷ୍ଣୁଙ୍କୁ ପ୍ରସନ୍ନ କରିବା ପାଇଁ ଏହି ମାସରେ କିଭଳି ପୂଜା ନିୟମ ପାଳନ କରିବା ଦରକାର, ସେ ସମ୍ପର୍କରେ ଜାଣିବା।



- ଏହି ମାସରେ ଭଗବାନ ବିଷ୍ଣୁଙ୍କୁ ଦୀପଦାନ ଏବଂ ଧ୍ୱଜା ଦାନ କରିବା ଉଚିତ।
- ଗାଈଙ୍କୁ ଘାସ ଖାଇବାକୁ ଦେବା ଉତ୍ତମ।
- ଚତୁର୍ମାସରେ କରାଯାଉଥିବା ପୂଜାପାଠ ଅନ୍ୟ ସମୟ ତୁଳନାରେ ୧୦ ଗୁଣ ଅଧିକ ଫଳଦାୟୀ ହୋଇଥାଏ।
- ଶାଳଗ୍ରାମ ପାଖରେ ଘିଅ ଦୀପ ଜାଳିଲେ ଶ୍ରୀହରିଙ୍କ କୃପା ଦୃଷ୍ଟି ପଡ଼ିଥାଏ।
- ଏହି ମାସରେ ଶ୍ରୀମଦ୍ ଭଗବତ ଗୀତା ଏବଂ ବିଷ୍ଣୁ ସହସ୍ରନାମ ପାଠ, ଶ୍ରୀ ରାମକଥା ବଚନ ପଢ଼ିବା ଉଚିତ।
- ଏହି ମାସରେ ଭଗବାନ ବିଷ୍ଣୁଙ୍କ ନରସିଂହ ଅବତାରକୁ ପୂଜା କରାଯାଏ। ଏହି ରୂପକୁ ଆରାଧନା କରିବା ଦ୍ୱାରା ସମସ୍ତ ପାପରୁ ମୁକ୍ତି ମିଳିବା ସହ ବୈକୁଣ୍ଠ ପ୍ରାପ୍ତି ହୁଏ।
- ଚତୁର୍ମାସରେ ଭଗବାନ ବିଷ୍ଣୁଙ୍କ ସହ ମା' ଲକ୍ଷ୍ମୀଙ୍କୁ ପୂଜା କଲେ ଧନ ଆଗମନ ହୁଏ।
- ଦକ୍ଷିଣାବର୍ତ୍ତୀ ଶଙ୍ଖରେ ଅଭିଷେକ କରିବା ଦ୍ୱାରା ଭଗବାନ ବିଷ୍ଣୁ ପ୍ରସନ୍ନ ହୋଇଥାନ୍ତି।

## ଭାରତକୁ ଡବଲ୍ ବିଶ୍ୱକପ୍ ଯୋଗ୍ୟତା

**ଯୁଥ୍ ୫-ଏ ସାଇଡ୍ ହକି**

ମସ୍କାଟ,୨୬।୭ (ଏଜେନ୍ସି): ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନକୁ ୩-୧ ଗୋଲରେ ପରାସ୍ତ କରି ଭାରତୀୟ ବାଳକ ଦଳ ଏଠାରେ ଅନୁଷ୍ଠିତ ଏସୀୟ ୟୁଥ୍ ୫-ଏ ସାଇଡ୍ ହକିରେ ଚାମ୍ପିଅନ ହୋଇଛି। ସେହିପରି ବାଳିକା ବିଭାଗରେ ଚୀନ୍‌ଠାରୁ ୨-୪ ଗୋଲରେ ପରାଜିତ ହୋଇ ବାଳିକା ଦଳ ରନର୍ସ ଅପ୍‌ରେ ସନ୍ତୁଷ୍ଟ ହୋଇଛି। ଫଳରେ ଭାରତର ଉଭୟ ଦଳ ଆଗାମୀ ଏଫ୍‌ଆଇଏଚ୍ ୟୁଥ୍ ୫-ଏ ସାଇଡ୍ ବିଶ୍ୱକପ୍ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଛି। ଏହି ବିଜୟ ଫଳରେ ହକି ଇଣ୍ଡିଆ ପକ୍ଷରୁ ସ୍ୱର୍ଣ୍ଣ ବିଜେତା ବାଳକ ଦଳର ପ୍ରତ୍ୟେକ ଖେଳାଳିଙ୍କୁ ୨ ଲକ୍ଷ ଲେଖାଏଁ, ସପୋର୍ଟ ଷ୍ଟାଫ୍‌ଙ୍କୁ ୧ ଲକ୍ଷ ଲେଖାଏଁ, ରନର୍ସଅପ୍ ବାଳିକା ଦଳର ପ୍ରତ୍ୟେକ ଖେଳାଳିଙ୍କୁ ୧ ଲକ୍ଷ ଲେଖାଏଁ ଓ ସପୋର୍ଟ ଷ୍ଟାଫ୍‌ଙ୍କୁ ୫୦ ହଜାର ଲେଖାଏଁ ଟଙ୍କା ପୁରସ୍କାର ପ୍ରଦାନ କରିବାକୁ ଘୋଷଣା କରାଯାଇଛି। ଭାରତର ଉଭୟ ଦଳକୁ ହକି ଇଣ୍ଡିଆ ସଭାପତି ଦିଲୀପ ତିର୍କୀ ଅଭିନନ୍ଦନ ଜଣାଇଛନ୍ତି।

## ମାଷ୍ଟର ଶକ୍ତିଉତ୍ତୋଳକଙ୍କୁ ୫ ପଦକ

ଭୁବନେଶ୍ୱର, ୨୬।୭ (ସମିସ): ମହାରାଷ୍ଟ୍ରରେ ଅନୁଷ୍ଠିତ ଜାତୀୟ ମାଷ୍ଟର ଶକ୍ତିଉତ୍ତୋଳନ ପ୍ରତିଯୋଗିତାରେ ଓଡ଼ିଶାର ମାଷ୍ଟରମାନେ ୫ଟି ପଦକ ଜିତିବାରେ ସଫଳ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ମାଷ୍ଟର-୨'ରେ କୃଷ୍ଣଚନ୍ଦ୍ର ସାହୁ ରୌପ୍ୟ, ଉମାକାନ୍ତ ବେହେରା, ମୋହନ ନାଗ, ବାବୁଲା ସାମଲ ଓ ବିଟିଭି ରମଣମୂର୍ତ୍ତି କାଂସ୍ୟ ପଦକ ହାସଲ କରିଛନ୍ତି। ଏମାନଙ୍କ ବ୍ୟତୀତ ବେଞ୍ଚପ୍ରେସ୍‌ରେ ମହିଳାମାନେ ଦମ୍ ଦେଖାଇ କାଂସ୍ୟ ବିଜୟରେ ଗୁରୁତ୍ୱ ଦେଇଥିଲେ। ସେମାନଙ୍କ ମଧ୍ୟରେ ରୀତା ଘୋଷ, ପ୍ରତିମା ରଥ, ଗୀତାଞ୍ଜଳି ନାୟକ ଓ ମୌସୁମୀ ଟକରି କାଂସ୍ୟ ପଦକ ନେଇ ଫେରିଥିଲେ। ରାକେଶ ଶତପଥୀଙ୍କ ପ୍ରଶିକ୍ଷଣ ଏମାନଙ୍କୁ ପଦକ ଜିତାଇବାରେ ସହାୟତା କରିଥିଲା। ଏହି ସଫଳ ପ୍ରତିଯୋଗୀଙ୍କୁ ଡଃ ହରିପ୍ରସାଦ ପଟ୍ଟନାୟକ, ଇଂ ଚିତ୍ତରଞ୍ଜନ ସ୍ୱାଇଁ, ଗୌରୀ ମହାନ୍ତି ଓ ପ୍ରଦୀପ ପାତ୍ର ଅଭିନନ୍ଦନ ଜଣାଇଛନ୍ତି।

## କେଭି ଜାତୀୟ ସୁଟିଂରେ ସତ୍ୟମ୍‌ଙ୍କୁ ରୌପ୍ୟ



ଭୁବନେଶ୍ୱର, ୨୬।୭ (ସମିସ): ପଞ୍ଜାବର ଫଗୱାରାଠାରେ ଶେଷ ହୋଇଥିବା କେନ୍ଦ୍ରୀୟ ବିଦ୍ୟାଳୟ ସଂଗଠନର ୫୫ତମ ବାର୍ଷିକଜାତୀୟ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି। ଏଥିରେ ଭୁବନେଶ୍ୱର ମଞ୍ଚେଶ୍ୱରସ୍ଥିତ କେନ୍ଦ୍ରୀୟ ବିଦ୍ୟାଳୟ ନଂ-୩'ର ୮ମ ଶ୍ରେଣୀ ଛାତ୍ର ସତ୍ୟମ ବିଷୋୟୀ ରୌପ୍ୟ ପଦକ ବିଜୟୀ ହୋଇଛନ୍ତି। ସେ ୧୦ ମିଟର ଏୟାର ରାଇଫଲ ପିପ୍ ସାଇଟ୍ ଇଭେଣ୍ଟର ୧୭ ବର୍ଷରୁ କମ୍ ବାଳକ ବିଭାଗରେ ଏହି ସଫଳତା ପାଇଛନ୍ତି। କଳିଙ୍ଗ ଷ୍ଟାଡିୟମରେ ପ୍ରଶିକ୍ଷଣ ନେଉଥିବା ସତ୍ୟମଙ୍କ ନିଜ ଘର ବେଗୁନିଆରେ। ତାଙ୍କର ଏହି ସଫଳତା ଲାଗି କେଭି-୩'ର ପ୍ରିନ୍ସିପାଲ, ଶିକ୍ଷକମାନେ ତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

## ଓଡ଼ିଶା ବାହୁକୁସ୍ତି ସଂଘର କର୍ମକର୍ତ୍ତା ନିର୍ବାଚନ

ଭୁବନେଶ୍ୱର,୨୬।୭ (ସମିସ): ସ୍ଥାନୀୟ ଉତ୍କଳ କରାଟେ ସ୍କୁଲ ପରିସରରେ ଓଡ଼ିଶା ବାହୁକୁସ୍ତି ସଂଘର ବାର୍ଷିକ ସାଧାରଣ ପରିଷଦ ବୈଠକ ଓ ଆସନ୍ତା ୪ ବର୍ଷ ଲାଗି ନୂଆ କର୍ମକର୍ତ୍ତା ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସୁନୀଲ ରାଜ ସଭାପତି ଓ ହରିପ୍ରସାଦ ପଟ୍ଟନାୟକ ସମ୍ପାଦକ ଭାବେ ପୁନଃନିର୍ବାଚିତ ହୋଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ କାର୍ଯ୍ୟକାରୀ ସଭାପତି ବିଜୟ କୁମାର ଶର୍ମା, ଉପସଭାପତି ଭାବେ ସୁଶାନ୍ତ କୁମାର ପାତ୍ର ଓ ସଞ୍ଜୀବ କୁମାର ଚିନାରା, ଯୁଗ୍ମ ସମ୍ପାଦକ ସାଗର ନାୟକ ଓ ଗୌରାଙ୍ଗ ପାତ୍ର, ସହସମ୍ପାଦକ ଭାବେ ଶଶିକାନ୍ତ ଜେନା ଓ କୋଷାଧ୍ୟକ୍ଷ ଭାବେ ଗୋପାଳଚନ୍ଦ୍ର ନାୟକ ଆସନ୍ତା ୪ ବର୍ଷ ଲାଗି ମନୋନୀତ ହୋଇଛନ୍ତି।



**FOR RENT**

Warehouse/Shed Available for Rent. A **9,000 sq. ft.** shed built on a **20,000 sq.ft.** plot is available for rent on the **Panikoili National Highway.** Ideal for a Warehouse, Industrial Unit, Logistics Operations, Showroom or other Commercial purposes. Interested parties may contact:

**8249526803**

ସକାଳ
THE SAKALA
www.thesakala.in

The Sakala require the following post for Head Office urgently.

**ADVERTISEMENT EXECUTIVE**

Qualification: MBA with 5 yrs. experience.

Send your CV by 31.07.2026 to
Asst. Manager HR
Email: hr@thesakala.com
Mob.: 8249526803

THE SAKALA
(A unit of Nandighosha Network Pvt. Ltd.)
Plot No.: 90 & 91, Bhagabanpur I/E, Bhubaneswar

**ଗ୍ଲାସ୍‌ଗୋ ରାଜ୍ୟଗୋଷ୍ଠୀ କ୍ରୀଡ଼ା**

# ରେକର୍ଡ ସହ ରିଷିକାନ୍ତଙ୍କୁ ରୌପ୍ୟ

ଗ୍ଲାସ୍‌ଗୋ,୨୬।୭ (ଏଜେନ୍ସି)

ରିଷିକାନ୍ତ ସିଂ ଏଠାରେ ଚାଲିଥିବା ୨୩ତମ ରାଜ୍ୟ ଗୋଷ୍ଠୀ କ୍ରୀଡ଼ାରେ ଭାରତ ଲାଗି ରୌପ୍ୟ ପଦକ ବିଜୟୀ ହୋଇଛନ୍ତି।



ରବିବାର ଅନୁଷ୍ଠିତ ପୁରୁଷ ୬୦ କିଲୋଗ୍ରାମ ଭାରୋତ୍ତୋଳନରେ ରିଷିକାନ୍ତ ସ୍ନାଚ୍‌ରେ ରାଜ୍ୟଗୋଷ୍ଠୀ ରେକର୍ଡ ପ୍ରତିଷ୍ଠା କରିବା ପରେ ଓଭରଅଲ ପୋଜିସନରେ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲେ। ସେହିଭଳି ରବିବାର ରାତିରେ ମୀରାବାଇ ଚାନୁ ଦେଶ ପାଇଁ ସ୍ୱର୍ଣ୍ଣିମ ସଫଳତା ଆଣିଥିଲେ। ଏହା ପୂର୍ବରୁ ପାରା ଭାରୋତ୍ତୋଳନରେ ଝାଣ୍ଟୁ କୁମାର ପ୍ରଥମ ପଦକ ଭାବେ କାଂସ୍ୟ ହାସଲ କରିଥିଲେ। ରବିବାର ଭାରତୀୟ ଖେଳାଳିଙ୍କ ପ୍ରଦର୍ଶନ ନିରାଶାଜନକ ହୋଇଥିଲାବେଳେ ରିଷିକାନ୍ତଙ୍କ ରେକର୍ଡ ଓ ଶ୍ରୀହରି ନଟରାଜଙ୍କ ନେତୃତ୍ୱରେ ଭାରତର ୪ ଗୁଣା ୨୦୦ ମିଟର ଫ୍ରିଷ୍ଟାଇଲ ସନ୍ତରଣ ରିଲେ ଟିମ୍ ଫାଇନାଲରେ ପ୍ରବେଶ କରିବା ଉଲ୍ଲେଖନୀୟ ହୋଇଥିଲା।

ପୂର୍ବରୁ ପୁରୁଷ ୬୦ କିଲୋଗ୍ରାମ୍ ଶ୍ରେଣୀର ଫାଇନାଲରେ ରିଷିକାନ୍ତ ସିଂ ସ୍ନାଚ୍‌ର ତୃତୀୟ ପ୍ରୟାସରେ ୧୨୧ କେଜି ଓଜନ ଉଠାଇ ରାଜ୍ୟଗୋଷ୍ଠୀ ରେକର୍ଡ ଭାଙ୍ଗିଦେଇଥିଲେ। ଏହି ପ୍ରଦର୍ଶନ ପରେ ସେ ପଦକ ତାଲିକାରେ ଦ୍ୱିତୀୟ ସ୍ଥାନକୁ ଚାଲିଆସିଥିଲେ। ପ୍ରଥମ ସ୍ଥାନରେ ଥିବା ମାଲେସିଆର ମହମ୍ମଦ୍ ଅନିକ୍ ବିନ୍ କାସଦନ ଓ ରିଷିକାନ୍ତଙ୍କ ମଧ୍ୟରେ କ୍ଲିନ୍ ଆଣ୍ଡ ଜର୍କରେ ଜୋରଦାର ଲଢ଼େଇ ହୋଇଥିଲା। ଏଥିରେ ପ୍ରଥମ ଆଟେମ୍ପଟରେ ରିଷିକାନ୍ତ ୧୪୩ କେଜି ଓଜନ ଉଠାଇଥିଲେ ଅନ୍ୟ ଦୁଇଟିରେ ଫେଲ ମାରିଥିଲେ। ଅନ୍ୟ ପକ୍ଷରେ ଦ୍ୱିତୀୟ ପ୍ରୟାସରେ ଅନିକ୍ ୧୪୫ କେଜି ଉଠାଇ ପ୍ରଥମ ସ୍ଥାନ ହାସଲ କରିନେଇଥିଲେ। ଉଭୟ ସ୍ନାଚ୍‌ରେ ୧୨୧ କେଜି ଓଜନ ଉଠାଇ ରେକର୍ଡ କରିଥିଲାବେଳେ ଅନିକ୍ ମୋଟରେ ୨୬୬ କେଜି ଓଜନ ଉଠାଇ ସ୍ୱର୍ଣ୍ଣ ପଦକ ଓ ରିଷିକାନ୍ତ ୨୬୪ କେଜି ଓଜନ ଉଠାଇ ରୌପ୍ୟ ଜିତିଥିଲେ।

### ଓଡ଼ିଶାର ତପନଙ୍କୁ ୧୫ତମ ସ୍ଥାନ

ଓଡ଼ିଶାର ଯୁବ ଜିମ୍ନାଷ୍ଟ ତପନ ମହାନ୍ତିଙ୍କୁ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ନିରାଶ ହେବାକୁ ପଡ଼ିଛି। ରବିବାର ଅନୁଷ୍ଠିତ ପୁରୁଷ ଆର୍ଟିଷ୍ଟିକ ଜିମ୍ନାଷ୍ଟିକ୍ସ ଅଲ୍‌ରାଉଣ୍ଡର ଫାଇନାଲରେ ତପନ ୧୫ତମ ସ୍ଥାନରେ ରହି ଅଭିଯାନ ଶେଷ କରିଛନ୍ତି। ପୁରୀର ୨୪ ବର୍ଷୀୟ ତପନ ଏହି ଇଭେଣ୍ଟରେ ଛଅଟି ଯାକ ଡିସିପ୍ଲିନରେ ମୋଟ୍ ୭୦.୧୦୦ ପଏଣ୍ଟ ରଖିଥିଲେ। ସେ ଫ୍ଲୋରରେ ୧୧.୮୫୦, ପୋମେଲ ହର୍ସରେ ୯.୫୦୦, ରିଙ୍ଗ୍‌ସରେ ୧୨.୦୦୦, ଭଲ୍ଟରେ ୧୨.୭୦୦, ପାରାଲାଲ ବାର୍ସରେ ୧୨.୪୫୦ ଓ ହୋରିଜଣ୍ଟାଲ ବାର୍‌ରେ ୧୧.୬୦୦ ସ୍କୋର ରଖିଥିଲେ। ଏଥିପୂର୍ବରୁ ଆର୍ଟିଷ୍ଟିକ ଟିମ୍ ଇଭେଣ୍ଟରେ ଭାରତ ୧୨୩ ପଏଣ୍ଟ ପାଇ ପଞ୍ଚମ ସ୍ଥାନରେ ରହିଥିଲା।

### ସନ୍ତରଣ ରିଲେ ଟିମ୍‌ର ଦମ୍‌ଦାର ପ୍ରଦର୍ଶନ

ଭାରତୀୟ ସନ୍ତରଣ ଦଳ ପୁରୁଷ ୪ ଗୁଣା ୨୦୦ ଫ୍ରିଷ୍ଟାଇଲ ରିଲେ ଟିମ୍ ଇଭେଣ୍ଟର ଫାଇନାଲରେ ପ୍ରବେଶ କରି ଦମ୍‌ଦାର ପ୍ରଦର୍ଶନ କରିଛି। ଶ୍ରୀହରି ନଟରାଜ, ଆର୍ଯ୍ୟନ ନେହେରା, ଅନୀସ ଗୌଡ ଓ ଦକ୍ଷନ ଶଶିକୁମାର ଏହି ରିଲେ ଟିମ୍‌ର ସଦସ୍ୟ ରହିଥିଲେ। ଆଜି ଅନୁଷ୍ଠିତ ଦ୍ୱିତୀୟ ହିଟ୍‌ସରେ ଭାରତୀୟ ରିଲେ ଟିମ୍ ୭.୩୯.୪୮ ସେକେଣ୍ଡ ସମୟ ନେଇ ତୃତୀୟ ସ୍ଥାନରେ ରହିଥିଲେ। ଫଳରେ ଦଳ ଫାଇନାଲକୁ ଯୋଗ୍ୟତା ଅର୍ଜନ କରିଥିଲା। ରବିବାର ବିଳମ୍ବିତ ରାତିରେ ହେବାକୁ ଥିବା ଫାଇନାଲରେ ଏହି ରିଲେ ଟିମ୍ ଭଲ ପ୍ରଦର୍ଶନ କରିବ ବୋଲି ଭାରତୀୟ ଦଳ ଆଶା ରଖିଛି।

ସେହିଭଳି ବ୍ୟକ୍ତିଗତ ଭଲ୍ଟରେ ପ୍ରତିଷ୍ଠା ସାମନ୍ତ ଫାଇନାଲରେ ପ୍ରବେଶ କରିଛନ୍ତି। କିନ୍ତୁ କଳିଙ୍ଗ ଷ୍ଟାଡିୟମରେ ପ୍ରଶିକ୍ଷଣ ନେଉଥିବା ବେଙ୍ଗଲର ପ୍ରଣତି ନାୟକ ବ୍ୟକ୍ତିଗତ ଭଲ୍ଟରେ ୭ମ ସ୍ଥାନରେ ରହି ନିରାଶ କରିଛନ୍ତି।

**ଜିମ୍ବାୱେର ହ୍ୟାଟ୍ରିକ ପରାଜୟ**

## ଭାରତର ସିରିଜ କ୍ଲିନ୍‌ସୁଇପ୍

ହରାରେ, ୨୬।୭ (ଏଜେନ୍ସି)

ଓପନର୍ ବୈଭବ ସୂର୍ଯ୍ୟବଂଶୀଙ୍କ ବିସ୍ଫୋରକ ଅର୍ଦ୍ଧଶତକ ବଳରେ ଏଠାରେ ରବିବାର ଅନୁଷ୍ଠିତ ଅନ୍ତିମ ତଥା ତୃତୀୟ ଟି-୨୦ ମ୍ୟାଚରେ ଭାରତ ୩୫ ରନରେ ଘରୋଇ ଜିମ୍ବାୱେକୁ ହରାଇଦେଇଛି। ଫଳରେ ତିନି ମ୍ୟାଚବିଶିଷ୍ଟ ସିରିଜକୁ ଶ୍ରେୟସ ଆୟରଙ୍କ ଦଳ ୩-୦ରେ କ୍ଲିନସୁଇପ୍ କରିନେଇଛି। ପୂର୍ବରୁ ପ୍ରଥମ ଦୁଇଟି ମ୍ୟାଚକୁ ଭାରତ ଯଥାକ୍ରମେ ୭ ୱିକେଟ୍ ଓ ୯୦ ରନରେ ବିଜୟୀ ହୋଇଥିଲା। ଭାରତ ଏବେ ଶ୍ରୀଲଙ୍କା ଗସ୍ତରେ ଯାଇ ସେଠାରେ ଘରୋଇ ଦଳ ବିପକ୍ଷରେ ଅଗଷ୍ଟ ୧୫ରୁ ଦୁଇ ମ୍ୟାଚ୍‌ବିଶିଷ୍ଟ ଟେଷ୍ଟ ସିରିଜ ଖେଳିବାର କାର୍ଯ୍ୟସୂଚୀ ରହିଛି।



**ସୂର୍ଯ୍ୟବଂଶୀଙ୍କ ଦ୍ୱିତୀୟ ଅର୍ଦ୍ଧଶତକ**

ରବିବାର ଅନୁଷ୍ଠିତ ତୃତୀୟ ଟି-୨୦ରେ ଟସ୍ ଜିତି ବ୍ୟାଟିଂ କରିଥିବା ଭ୍ରମଣକାରୀ ଭାରତୀୟ ଦଳ ୫ ୱିକେଟରେ ୧୯୨ ରନର ବିଶାଳ ସ୍କୋର କରିଥିଲା। ସିରିଜରେ ଦ୍ୱିତୀୟ ଅର୍ଦ୍ଧଶତକ ହାସଲ କରିଥିବା ଯୁବ ଓପନର ବୈଭବ ସୂର୍ଯ୍ୟବଂଶୀ ୪୯ ବଲରେ ୮୧ ରନ (୮ ଚୌକା ଓ ୪ ଛକା)ର ପାଳି ଖେଳିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଇଶାନ କିଶାନ ୨୯, ଅଧିନାୟକ ଶ୍ରେୟସ ଆୟର ୨୭, ରିଙ୍କୁ ସିଂ ୨୫, ତିଲକ ବର୍ମା ୧୧* ଓ ଅଭିଷେକ ଶର୍ମା ୨ ରନ କରିଥିଲେ। ଜିମ୍ବାୱେର ବ୍ରାଡ୍ ଇଭାନ୍ସଙ୍କୁ ୨ଟି ୱିକେଟ୍ ମିଳିଥିଲା। ଜବାବରେ ଜିମ୍ବାୱେ ର୍ୟାନ ବର୍ଲ (୪୩ ବଲରେ ୫୪ ରନ)ଙ୍କ ଅପରାଜିତ ଅର୍ଦ୍ଧଶତକ ସତ୍ତ୍ୱେ ୭ ୱିକେଟରେ ୧୫୭ ରନ କରିବାକୁ ସମର୍ଥ ହୋଇଥିଲା। ମୟଙ୍କ ଯାଦବ ୩ଟି ଓ ଯଶ ଠାକୁରଙ୍କୁ ୨ଟି ୱିକେଟ୍ ମିଳିଥିଲା। ସୂର୍ଯ୍ୟବଂଶୀ ମ୍ୟାଚର ଶ୍ରେଷ୍ଠ ଖେଳାଳି ହୋଇଥିଲେ।

**■ ଆଇସିସି ଟି-୨୦ ର୍ୟାଙ୍କିଙ୍ଗ୍**

### ଭାରତ ପୁଣି ନଂ-୧

ଦୁବାଇ,୨୬।୭ (ଏଜେନ୍ସି): ଆଇସିସି ଦ୍ୱାରା ସଦ୍ୟ ପ୍ରକାଶିତ ଟି-୨୦ ର୍ୟାଙ୍କିଙ୍ଗ୍‌ରେ ଭାରତ ପୁଣିଥରେ ନଂ-୧ ସ୍ଥାନକୁ ଫେରିଛି। ଜିମ୍ବାୱେ ବିପକ୍ଷ ସିରିଜ୍‌ର ପ୍ରଥମ ଦୁଇଟି ମ୍ୟାଚ୍‌ରେ ଦମ୍‌ଦାର ବିଜୟ ହାସଲ କରି ଭାରତ ୧୫ଦିନ ପରେ ଶୀର୍ଷ ସ୍ଥାନକୁ ଫେରିଥିଲା। ଜିମ୍ବାୱେ ସିରିଜ୍ ପୂର୍ବରୁ ଭାରତ ୨-୦ରେ ଆୟର୍ଲାଣ୍ଡଠାରୁ ଓ ୪-୦ରେ ଇଂଲଣ୍ଡଠାରୁ ହାରିଯିବା ପରେ ଦୀର୍ଘ ୧୬୦୫ ଦିନ ପରେ ନଂ-୧ ପୋଜିସନ ହରାଇଥିଲା। ଇଂଲଣ୍ଡ ନୂଆ ନଂ-୧ ଟିମ୍ ହୋଇଥିଲା। ଜିମ୍ବାୱେ ବିପକ୍ଷ ପ୍ରଥମ ଦୁଇଟି ମ୍ୟାଚ୍ ପରେ ଉଭୟ ଦଳର ରେଟିଂ ପଏଣ୍ଟ ସମାନ ୨୬୮ ରହିଛି। କିନ୍ତୁ ରେଟିଂ ଡେସିମାଲରେ ଭାରତ ଆଗରେ ଥିବାରୁ ନଂ-୧ ସ୍ଥାନ ପୁଣିଥରେ ହାସଲ କରିନେଇଛି।

**● ରାଜ୍ୟ ଜୁନିଅର ଭାରୋତ୍ତୋଳନ**

## ଭୁବନେଶ୍ୱର, ଗଞ୍ଜାମର ପ୍ରାଧାନ୍ୟ ଅବ୍ୟାହତ




ଭୁବନେଶ୍ୱର,୨୬।୭ (ସମିସ): ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମ୍‌ରେ ଚାଲିଥିବା ରାଜ୍ୟ ୧୨ ଓ ୧୪ ବର୍ଷରୁ କମ୍ ଭାରୋତ୍ତୋଳନ ପ୍ରତିଯୋଗିତାରେ ଗଞ୍ଜାମ ଓ ଭୁବନେଶ୍ୱରର ପ୍ରତିଯୋଗୀମାନେ ପ୍ରାଧାନ୍ୟ ବିସ୍ତାର ଅବ୍ୟାହତ ରଖିଛନ୍ତି। ପ୍ରତିଯୋଗିତାର ତୃତୀୟ ଦିନରେ ୧୨ ବର୍ଷରୁ କମ୍ ବାଳିକା ବିଭାଗରେ ଦେବାଂଶୀ ପ୍ରିୟଦର୍ଶିନୀ ଓ ତପସ୍ୱୀନୀ ସିଂ, ୧୪ ବର୍ଷରୁ କମ୍ ବାଳିକା ବିଭାଗରେ ମଞ୍ଜିତା କଲାର, ମୋମି କବାସି ସ୍ୱର୍ଣ୍ଣପଦକ ବିଜୟୀ ହୋଇଛନ୍ତି। ସେହିପରି ୧୨ ବର୍ଷରୁ କମ୍ ବାଳକ ବିଭାଗରେ ବି ଜଗବନ୍ଧୁ ପାତ୍ର, ଗଗନଦୀପ ମହାନ୍ତ, ଆଦିତ୍ୟ କୁମାର ମଲ୍ଲିକ, ୧୪ ବର୍ଷରୁ କମ ବାଳକ ବିଭାଗରେ ଅନୁଭବ ରଣା, ଦୀପକ ସାଆନ୍ତା, ଘାସୀରାମ ନାଏକ ପ୍ରମୁଖ ସ୍ୱର୍ଣ୍ଣପଦକ ବିଜୟୀ ହୋଇଛନ୍ତି। ସୋମବାର ପ୍ରତିଯୋଗିତା ଉଦ୍‌ଯାପିତ ହେବ ବୋଲି ରାଜ୍ୟ ଭାରୋତୋଳନ ସଂଘ ସଭାପତି ଇଂ ଚିତ୍ତରଞ୍ଜନ ସ୍ୱାଇଁ ଜଣାଇଛନ୍ତି।

## ଗ୍ରୀକ୍ କ୍ଲବ୍ ପକ୍ଷରୁ ଖେଳିବେ ମନୀଷା

ନୂଆଦିଲ୍ଲୀ, ୨୬।୭ (ଏଜେନ୍ସି): ଭାରତୀୟ ମହିଳା ଫୁଟବଲ୍ ଦଳର ତାରକା ୱିଙ୍ଗର ମନୀଷା କଲ୍ୟାଣ ଗ୍ରୀକ୍ କ୍ଲବ ଏଇକେ ଏଥେନ୍ସ ପକ୍ଷରୁ ଖେଳିବାକୁ ଚୁକ୍ତି କରିଛନ୍ତି। ୨୪ ବର୍ଷୀୟା ମନୀଷା ଏହି ସୂଚନା ଦେଇଛନ୍ତି। ଫଳରେ ମନୀଷାଙ୍କ ଫୁଟବଲ୍ କ୍ୟାରିୟରରେ ଏହା ୪ର୍ଥ ବିଦେଶୀ କ୍ଲବ ହେବ। ମନୀଷା ଏଥିପୂର୍ବରୁ ପେରୁର ଆଲିଆଞ୍ଜା ଲିମା ଫେମେନିନୋ କ୍ଲବ ପକ୍ଷରୁ ଖେଳୁଥିଲେ। ସେହିଭଳି ୨୦୨୨ରେ ସେ ୟୁଫା ଓମେନ୍ସ ଚାମ୍ପିଅନ୍ସ ଲିଗରେ ସାଇପ୍ରସଭିତ୍ତିକ କ୍ଲବ ଆପୋଲୋନ ଲେଡିଜ ଏଫ୍‌ସି ପାଇଁ ପ୍ରତିନିଧିତ୍ୱ କରିଥିଲେ। ଫଳରେ ସେ ପ୍ରଥମ ଭାରତୀୟ ଫୁଟବଲର୍ ଭାବେ ୟୁଫା ମହିଳା ଚାମ୍ପିଅନ୍ସ ଲିଗ୍ ଖେଳିବାର ସୌଭାଗ୍ୟ ଲାଭ କରିଥିଲେ।

## ତନ୍‌ଭୀଙ୍କୁ ୫ ଲକ୍ଷ ଟଙ୍କା ପ୍ରୋତ୍ସାହନ ଦେଲା ଓସ୍‌ବା



ଭୁବନେଶ୍ୱର, ୨୬।୭ (ସମିସ): ଓଡ଼ିଶା ରାଜ୍ୟ ବ୍ୟାଡ୍‌ମିଣ୍ଟନ ସଂଘ (ଓସ୍‌ବା) ପକ୍ଷରୁ ରାଜ୍ୟର କୃତି ଖେଳାଳି ଓ କର୍ମକର୍ତ୍ତାଙ୍କୁ ରବିବାର ପୁରସ୍କୃତ ଓ ସମ୍ବର୍ଦ୍ଧିତ କରାଯାଇଛି। କଳିଙ୍ଗ ଷ୍ଟାଡିୟମ୍‌ରେ ଚାଲିଥିବା ଜାତୀୟ ର୍ୟାଙ୍କିଙ୍ଗ୍ ବ୍ୟାଡମିଣ୍ଟନ ଚାମ୍ପିଅନସିପ୍ ଅବସରରେ ଓସ୍‌ବା' ସାଧାରଣ ପରିଷଦର ବାର୍ଷିକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଗତବର୍ଷ ଏଠାରେ ଅନୁଷ୍ଠିତ ୧୯ ବର୍ଷରୁ କମ୍ ଜାତୀୟ ବ୍ୟାଡ୍‌ମିଣ୍ଟନ ଚାମ୍ପିଅନସିପ୍‌ରେ ଚାମ୍ପିଅନ ହୋଇଥିବା ତନ୍‌ଭୀ ପତ୍ରୀଙ୍କୁ ଓସ୍‌ବା ପକ୍ଷରୁ ୫ ଲକ୍ଷ ଟଙ୍କା, ପୁଷ୍ପଗୁଚ୍ଛ, ମାନପତ୍ର ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା।

ଏହା ବ୍ୟତୀତ ବାଳିକା ଯୁଗଳରେ ରନର୍ସ ଅପ୍ ହୋଇଥିବା ନିମିଶା ଓଝା ଓ ସ୍ୱାତୀ ନାୟକଙ୍କୁ ୧ଲକ୍ଷ ୨୫ ହଜାର ଏବଂ ବିକାଶ ଟପ୍ପୋଙ୍କୁ ମଧ୍ୟ ୧ ଲକ୍ଷ ୫୦ ହଜାର ଟଙ୍କାର ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଇଥିଲା। ଓଡ଼ିଶାରେ ୪ଟି ଜୋନାଲ ବ୍ୟାଡ୍‌ମିଣ୍ଟନ ଏକାଡେମୀ ପ୍ରତିଷ୍ଠା କରାଯିବାକୁ ଏହି ବୈଠକରେ ସ୍ଥିର କରାଯାଇଛି। ଏଥିରେ ଆଭାସୀ ମାଧ୍ୟମରେ ଓସ୍‌ବାର ସଭାପତି ତଥା ବରିଷ୍ଠ ଆଇଏଏସ୍ ଅଧିକାରୀ ରାଜେଶ ପ୍ରଭାକର ପାଟିଲ ଯୋଗଦେଇଥିଲେ। ବରିଷ୍ଠ ଉପସଭାପତି କାର୍ତ୍ତିକ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ସମ୍ପାଦକ ନୀଳିନ କୁମାର, କ୍ରୀଡ଼ା ଓ ଯୁବସେବା ବିଭାଗର ବରିଷ୍ଠ ଅଧିକାରୀ ସୋନାଲି ଚାନ୍ଦ ଉପସ୍ଥିତ ଥିଲେ।

**ଅରାତି ବିଜୟ ମହାନ୍ତି ସ୍ମାରକୀ ଚେସ୍**

## ଇଶାନି ଚାମ୍ପିଅନ, ଆହାନ ରନର୍ସଅପ୍



ଭୁବନେଶ୍ୱର,୨୬।୭ (ସମିସ): ଓଡ଼ିଶା ରାଜ୍ୟ ଚେସ ସଂଘ ଆନୁକୂଲ୍ୟରେ ରବିବାର ଅରାତି ବିଜୟ ମହାନ୍ତି ସ୍ମାରକୀ ଚେସ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଏଥିରେ କିଟ୍ ଇଣ୍ଟରନ୍ୟାସନାଲ ସ୍କୁଲର ଇଶାନି ଦାସ ଚାମ୍ପିଅନ ହୋଇଥିଲାବେଳେ ବ୍ଲୁଜମ୍ସ ସ୍କୁଲର ଆହାନ ଅଭିଜ୍ଞାନ ରନର୍ସ ଅପ୍‌ରେ ସନ୍ତୁଷ୍ଟ ହୋଇଛନ୍ତି। କଟକ ସିଡିଏ ଡିଏଭି ପବ୍ଲିକ୍ ସ୍କୁଲ୍‌ର ପ୍ରିୟଦର୍ଶନ ରାୟ ତୃତୀୟ, ୟୁନିଟ-୮ ଡିଏଭି ପବ୍ଲିକ୍ ସ୍କୁଲ୍‌ର ଆରିଶନନ୍ଦ ଗୋସ୍ୱାମୀ ଚତୁର୍ଥ ଓ ଭୁବନେଶ୍ୱର କେନ୍ଦ୍ରୀୟ ବିଦ୍ୟାଳୟ ନଂ-୧ର ଆଦର୍ଶ କୁମାର ରାଉତ ୫ମ ସ୍ଥାନ ଅଧିକାର କରିଥିଲେ। ଓମ୍ ଗୁରୁକୂଳ ପବ୍ଲିକ୍ ସ୍କୁଲ୍‌ରେ ଆୟୋଜିତ ଏହି ପ୍ରତିଯୋଗିତାକୁ ସ୍କୁଲ୍‌ର ଏମ୍‌ଡି ଲକ୍ଷ୍ମୀଧର ବେହେରା ଆନୁଷ୍ଠାନିକ ଉଦ୍‌ଘାଟନ କରିଥିଲେ। ପ୍ରିନ୍ସିପାଲ ମନୋରଞ୍ଜନ ବିଶ୍ୱାଳ ଓ ଦେବାଶିଷ ପାଣିଗ୍ରାହୀ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ।

ନନ୍ଦିଘୋଷ
NANDIGHOSHA TV
RECRUITMENT

Nandighosha TV, one of Odisha's leading media organizations, invites applications from qualified and experienced media professionals to join our Digital Team.

POSITION OPEN

1 COPY EDITOR
Educational Qualification:
Master's Degree / P.G. Diploma in Journalism
Experience:
Minimum 3 years of experience in Digital Media
Key Requirement:
• Basic understanding of Digital platform.

2 MULTIMEDIA PRODUCER
Educational Qualification:
Master's Degree / P.G. Diploma in Journalism
Experience:
Minimum 5 years of experience in Digital Media
Key Requirements:
• Experience in Video Production for social media platforms.
• Basic understanding of Digital algorithm.

HOW TO APPLY
Interested candidates may send their updated resume to: hr@nandighoshatv.com by 31st July 2026
Note: Only shortlisted candidates will be contacted for the selection process.

Contact No. 9437016499 HR Dept.

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS